ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଅକ୍ଟୋବର ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଖ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**Vol.- 8, October 2022, Issue No. VII**

**ISSN NO. 2583-147X(P)**

**RNI No. : ODIODI/2015/64435**

P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**

ଡକ୍ଟର ପାବକ କାନୁନ୍‌ଗୋ

ଡକ୍ଟର ମନ୍ଦାକିନୀ ଦାସ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**

**ସମୀକ୍ଷକ ମଣ୍ଡଳୀ**

**ପ୍ରଫେସର ବୈଷ୍ଣବ ଚରଣ ସାମଲ**

ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**

ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**

ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଶରତ କୁମାର ପଳିତା**

ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ସଂପାଦକ**

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

**ସମ୍ପାଦନା ସହଯୋଗୀ :**

**ପ୍ରାଚୀ ପ୍ରଯୁକ୍ତା**

**ସଂପାଦନା ମଣ୍ଡଳୀ**

**ଡକ୍ଟର ନାରାୟଣ ମହାନ୍ତି-**

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ

**ପ୍ରଫେସର ଅଞ୍ଜୁମନ ଆରା**

ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**

ମୁଖ୍ୟ, ଓଡ଼ିଆ ବିଭାଗ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**

ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,

ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ଦିପକ କୁମାର ଦାଶ**

ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,

ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**

ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**

ଅଧ୍ୟାପକ, ଓଡ଼ିଆ ବିଭାଗ,

ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**

ଅଧ୍ୟାପିକା, ଓଡ଼ିଆ ବିଭାଗ,

ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ସୁମନ୍ତ ସ୍ୱାଇଁ**

ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**

ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,

ପାରାଦୀପ କଲେଜ, ପାରାଦୀପ

ଡିଟିପି :

**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :

**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :

**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :

**ଅବିନାଶ ଦାଶ**

ବିତରଣ ଅଧିକାରୀ :

**ରାଜେନ୍ଦ୍ର ବାରିକ**

ମୁଦ୍ରଣ :

**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**

ନୂଆବଜାର, କଟକ - ୪


# ଏଇ ସଂଖ୍ୟାରେ...


ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ
ପଲ୍ଲୀ ଓ ନଗର ଜୀବନ ଚିତ୍ର

– ରୁବିନା ପାତ୍ର ୦୭

ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଦାଦନ ଚିତ୍ର

– ବିଭୂତି ଭୂଷଣ ପଧାନ ୧୪

ଗଳ୍ପରେ ଆଦିବାସୀ ଜୀବନାୟନ:ଗାଳ୍ପିକ ରଂଜନ ପ୍ରଧାନ

– ଡ଼. ଚିନ୍ମୟ କୁମାର ବେହେରା ୧୯

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ସାମାଜିକ ସମସ୍ୟା

– ମଙ୍ଗରାଜ ମହାପାତ୍ର ୨୮

କେନ୍ଦୁଝର ଗଣ୍ଡଜନଜାତିର ଠାକୁରାଣୀ ଓଷା : ଏକ ଅଧ୍ୟୟନ

– ଉଜସ୍ୱିନୀ ନାଏକ ୩୫

ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷାରେ ଲୋକସାହିତ୍ୟ
ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଙ୍କ
ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ

– ଡକ୍ଟର ସନ୍ତୋଷ କୁମାର ନାୟକ ୩୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ........................................................ ପିନ୍‌କୋର୍ଡ଼ ...............................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ...........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................
ବ୍ୟାଙ୍କ୍......................................... ସ୍ଥାନ...................................................
ତାରିଖ....................................... ଦସ୍ତଖତ...................................................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No. VII, October 2022
Bastabatara Pariprakash Prachee
*Peer Reviewed and Referred Research Journal*

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପଲ୍ଲୀ ଓ ନଗର ଜୀବନ ଚିତ୍ର

**ରୁବିନା ପାତ୍ର**

ଓଡ଼ିଆ ସାହିତ୍ୟକୁ ସ୍ୱଷ୍ଟ ଓ ଋଦ୍ଧିମନ୍ତ କରିଥିବା ଦିଗଟି ହେଉଛି ଉପନ୍ୟାସ । ଉପନ୍ୟାସ ଦ୍ୱାରା ସାହିତ୍ୟ ଜୀବନ୍ତ ହୋଇଉଠେ । ଉପନ୍ୟାସ ମନୁଷ୍ୟ ଜୀବନର ସୁଖ-ଦୁଃଖ, ହସ-କାନ୍ଦ, ଭଲ-ମନ୍ଦ, ଯନ୍ତ୍ରଣା, ନିସଙ୍ଗତା ଆଦି ସହିତ ଜଡ଼ିତ । ଜୀବନର ଏହି ନିଛକ୍ ପ୍ରତିଛବିକୁ ଔପନ୍ୟାସିକ ରୂପଦିଏ ତାର ଉପନ୍ୟାସରେ । ସମାଜ, ରାଜନୀତି, ସଂସ୍କୃତି, ଧର୍ମ ଆଦି ସବୁକୁ ନେଇ ଔପନ୍ୟାସିକ ଉପନ୍ୟାସ ସୃଷ୍ଟିକରେ । ଉପନ୍ୟାସକୁ ମାନବ ଜୀବନର ବଳିଷ୍ଠ ଗଦ୍ୟ ମହାକାବ୍ୟ ବୋଲି କୁହାଯାଇଛି ।

ସ୍ୱାଧୀନତା ପରବଂର୍ଗର୍ତ୍ତୀ ସମୟରେ ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବଂର୍ଗର୍ତ୍ତୀ ଓଡ଼ିଆ ଉପନ୍ୟାସ ଜଗତର ପରିସୀମା ବେଶ୍ ଲମ୍ବା । ସ୍ୱାଧୀନତା ପରେ ବହୁତ ଗୁଡ଼ିଏ ଘଟଣା ଘଟିଯାଇଛି । ଏହି ଘଟଣା ଗୁଡ଼ିକ ଔପନ୍ୟାସିକଙ୍କ ଉପରେ ପ୍ରଭାବ ପକାଇଛି । ସ୍ୱାଧୀନତା ପରବଂର୍ଗର୍ତ୍ତୀ ଉପନ୍ୟାସର ଘଟଣା ଗୁଡ଼ିକ ହେଉଛି - ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା, ବିଶ୍ୱବ୍ୟାପୀ ଶାନ୍ତି ପାଇଁ ପ୍ରଚେଷ୍ଟା ଚୀନ୍ ଏବଂ ପାକିସ୍ଥାନର ଆକ୍ରମଣ, ପରମାଣୁ ସଂଘର୍ଷ, ଦରଦାମ୍ ବୃଦ୍ଧି, ବେକାର ସମସ୍ୟା, ଖାଦ୍ୟାଭାବ ଜନିତ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଜାତୀୟତା ସଂଘର୍ଷ,ସାମ୍ପ୍ରତିକ,ପ୍ରଦାୟିକ ଦଙ୍ଗା, ଶିକ୍ଷା ଯୋଜନା, ପଲ୍ଲୀ ଓ ନଗର ଜୀବନରେ ପରିବଂର୍ଗର୍ତ୍ତନ, ଆଂଚଳିକ ସହଯୋଗ ଇତ୍ୟାଦି । ସ୍ୱାଧୀନତା ପରବଂର୍ଗର୍ତ୍ତୀ କାଳରେ ମହାତ୍ମାଗାନ୍ଧୀଙ୍କର ଚିନ୍ତାଧାର ଅଳ୍ପ କେଉଁଠି ଦେଖାଯାଇଛି କିନ୍ତୁ ଓଡ଼ିଆ ଉପନ୍ୟାସରେ ଅଧିକ ପରସର ମଣ୍ଡନ କରିଛନ୍ତି କାର୍ଲମାର୍କ୍ସ, ସିଗ୍‌ମଣ୍ଡ ୍ରଏଡ୍ । ପାଶ୍ଚାତ୍ୟ ଦେଶରେ ଯେଉଁସବୁ ଆନ୍ଦୋଳନ ଗଢ଼ିଉଠିଛି ତାହା କେତେକ ପରିମାଣରେ ଆମ ଲେଖକ ମାନଙ୍କର ଆଦର୍ଶ ହୋଇଯାଇଛି ।

ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସ ଜଗତ ବଡ଼ ବିଚିତ୍ର । ଉପନ୍ୟାସର କଥାବସ୍ତୁ ଏବଂ ଗଠନ ଶୈଳୀକୁ ନେଇ ନାନା ପ୍ରକାର ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି । ଉପନ୍ୟାସର ଭାବ, ଭାଷା, ରୂପ ବଦଳିଯାଇଛି । ସ୍ୱାଧୀନତା ପରବର୍ତ୍ତୀକାଳରେ ବହୁ ଔପନ୍ୟାସିକ ଆସିଛନ୍ତି । ସେମାନଙ୍କ ମ୍ଭରେ ସିଦ୍ଧିଲାଭ କରିଛନ୍ତି କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, କୃଷ୍ଣପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଗୋକୁଳାନନ୍ଦ ମହାପାତ୍ର, ଗୋବିନ୍ଦ ଦାସ, ଗଣେଶ୍ୱର ମିଶ୍ର, ବାମାଚରଣ ମିତ୍ର ଆଦି ପ୍ରମୁଖ ।

ପଲ୍ଲୀ ଏବଂ ନଗର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଗାଁ ମାନଙ୍କରେ ଅନେକ ସୁବିଧା ଉପଲବ୍ଧ ହୋଇଛି । ଗାଁ ଏବେ ଝଟକୁଛି ଏକ ସୁନ୍ଦର ସବୁଜିମା କୋଳରେ, ଯେଉଁଠି ସ୍କୁଲ୍ ଅଛି, ମେଡ଼ିକାଲ୍ ଅଛି, ଅଙ୍ଗନୱାଡ଼ି ଅଛି, ସରକାରଙ୍କ ଅନ୍ୟାନ୍ୟ ଯୋଜନା ଗାଁ ଲୋକଙ୍କୁ ମିଳୁଛି । ଏହିସବୁ ପଲ୍ଲୀ ଓ ନଗର ଚିତ୍ରକୁ ଔପନ୍ୟାସିକମାନେ ଉପନ୍ୟାସରେ  ଚିତ୍ରଣ କରିଥାନ୍ତି ।

## ପଲ୍ଲୀ ଓ ନଗର ଜୀବନ ଚିତ୍ର:

### (କ) ପଲ୍ଲୀ ଜୀବନ :

ଭାରତ ଗୋଟାଏ ସହରର ଦେଶ ନୁହେଁ, ଗାଁ ଗଣ୍ଡାର ଦେଶ । ଏଠାରେ ଶତକଡ଼ା ଅଶୀଭାଗ ଲୋକ ଗାଁ ଗହଳିରେ ବାସ କରନ୍ତି । ଭାରତୀୟ ସଭ୍ୟତା ଓ ସଂସ୍କୃତି ପଲ୍ଲୀ କୈନ୍ଦ୍ରିକ । ଗ୍ରାମ୍ୟ ପରିବେଶ ଆମ ସାଂସ୍କୃତିକ ଜୀବନଧାରାକୁ କରିଛି ସରସ, ସୁନ୍ଦର ଓ ମଧୁମୟ । ପଲ୍ଲୀ ପ୍ରକୃତି, ଜନ୍ମମାଟିର ଆକର୍ଷଣ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦିଏ ଅଫୁରନ୍ତ ଆନନ୍ଦ । ପଲ୍ଲୀଜୀବନରେ

ସ୍ୱାଧୀନତା ଆଣିଥିଲା ବିପୁଳ ପରିବର୍ତ୍ତନ ଓ ସମ୍ଭାବନା । ଗଣତନ୍ତ୍ର ଶାସନ, ପଂଚାୟତିରାଜ ବ୍ୟବସ୍ଥା, ପଂଚବାର୍ଷିକ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ସୁବିଧା ଗ୍ରାମ୍ୟ ଜୀବନକୁ କରିଛି ଉନ୍ନତ । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ପ୍ରଭାବ ଗ୍ରାମ୍ୟ ଜୀବନରେ ସୃଷ୍ଟି କରିଛି ନୂତନ ଦିଗନ୍ତ । କିନ୍ତୁ ସାଂପ୍ରତିକ କଳୁଷିତ ରାଜନୀତି ବାତାବରଣ ଗ୍ରାମ୍ୟଜୀବନକୁ କରିଛି ବିଷାକ୍ତ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ଗ୍ରାମ ଗ୍ରାମ ମଧ୍ୟରେ, ଜାତି ଜାତି ମଧ୍ୟରେ, ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ, ସଂଘର୍ଷ, ଅଶାନ୍ତି ଓ ଅସନ୍ତୋଷ । ଲୋକମାନଙ୍କ ପାରମ୍ପରିକ ବିଶ୍ୱାସ ଓ ସଂସ୍କୃତିରେ ସୃଷ୍ଟି ହୋଇଛି ନୂତନ ମୂଲ୍ୟବୋଧ । ଗ୍ରାମ୍ୟ ସଭ୍ୟତାରେ ପଡ଼ିଛି ସହରୀ ସଭ୍ୟତାର ଛାପ । ଫଳରେ ବ୍ୟକ୍ତି ଓ ସମାଜ ଜୀବନରେ ସୃଷ୍ଟି ହୋଇଛି ସଂକଟ । ପୂର୍ବର ସ୍ୱଚ୍ଛ, ସରଳ, ମଧୁମୟ ଜୀବନ ଧାରାରେ ଦେଖାଯାଇଛି ଜଟିଳ ସମସ୍ୟା ।

କାହ୍ନୁ ଚରଣ ମହାନ୍ତି ପଲ୍ଲୀଜୀବନର ଜଣେ ସଫଳ ସ୍ରଷ୍ଟାକାର । ପଲ୍ଲୀ ପରିବେଶ, ପଲ୍ଲୀପ୍ରକୃତି, ନରନାରୀଙ୍କୁ ନେଇ ସେ ସୃଷ୍ଟି କରିଛନ୍ତି ଅଜସ୍ର ଉପନ୍ୟାସ । ତାଙ୍କ ସର୍ଜନଶୀଳତାର ଉଜ୍ଜ୍ୱଳ ସ୍ୱାକ୍ଷର ଏହି ପଲ୍ଲୀ-ଭିତ୍ତିକ ଉପନ୍ୟାସ ହିଁ ବହନ କରିଥାଏ । ତାଙ୍କର 'ବଜ୍ରବାହୁ' ଉପନ୍ୟାସରେ ସ୍ୱାଧୀନତା ପରବର୍ତ୍ତୀ ଗ୍ରାମ୍ୟଜୀବନର ପ୍ରଗତିକଥା ବର୍ଣ୍ଣନା କରାଯାଇଛି । ଏଥିରେ ଗାନ୍ଧୀଙ୍କ କୁଟୀର ଶିଳ୍ପଠାରୁ ବିନୋବାଙ୍କ ଭୂଦାନ ଆନ୍ଦୋଳନର ଚିତ୍ର ରହିଛି । ଗ୍ରାମର ସାମୂହିକ ଉନ୍ନତି ପାଇଁ ସୁବ୍ରତ ବଜ୍ରବାହୁ ଲୋକଙ୍କ ସହିତ ମିଶି ରାସ୍ତାଘାଟ, କୂଅପୋଖରୀ, ଡ଼ାକ୍ତରଖାନା, ପଂଚାୟତ ସଭା, ସମବାୟ ସମିତି, ପଶୁପାଳନ, ଜାପାନୀ ଚାଷ ପ୍ରଣାଳୀ, ଜଳସେଚନ, ବିଦ୍ୟୁତ, ଶିକ୍ଷା, କୁଟୀରଶିଳ୍ପ ପ୍ରଭୃତିର ବିକାଶ ଓ ପ୍ରସାର ପାଇଁ କାର୍ଯ୍ୟ କରିଛି । ଉଚ୍ଚଶିକ୍ଷିତ ଜମିଦାର ପରିବାରର ଖାନଦାନୀରୁ ନିଜକୁ ମୁକ୍ତକରି ସୁବ୍ରତ ପିନ୍ଧିଛି ଖଦଡ଼ଲୁଗା ଓ ଗାନ୍ଧୀଟୋପି । ତାର କାର୍ଯ୍ୟ କଳାପରେ ପ୍ରଭାବିତ ହୋଇ ସୁରତ ରଣରଙ୍ଗା ଗ୍ରାମବାସୀଙ୍କ ସହିତ ମିଶି ବିଲରେ କାମ କରିଛି । ମନରେ ତା'ର ଗାନ୍ଧି ବିନୋବାଙ୍କ ପ୍ରଭାବପଡ଼ିଛି । ଗାଁ ମାଟି, ବିଲ, ପାଣିପବନରେ ସେ ଶାନ୍ତିରେ ରହିଛି । ତାଙ୍କର 'ଝଞ୍ଜା' ଉପନ୍ୟାସରେ ଗ୍ରାମରୁ ଜାତିଭେଦ ନିରାକରଣ, ଅରକ୍ଷମାନଙ୍କୁ ସହାୟତା, ସାମ୍ୟବାଦୀ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳିଥାଏ । ଗ୍ରାମ୍ୟ ପରିବେଶରେ ତୁଷାରକାନ୍ତି, କ୍ଷଣପ୍ରଭା ଓ ଦୁଷ୍ମନ୍ତ ନିଜକୁ ହଜାଇ ଦେଇଛନ୍ତି । ଗ୍ରାମ୍ୟ ପୁଷ୍କରିଣୀରେ କ୍ଷଣପ୍ରଭା ସ୍ନାନ କରିସାରିବାପରେ ମନ ତା'ର ହାଲୁକା ହୋଇଯାଇଛି । ସହର ପରିବେଶରେ ସେ ହୋଇପଡ଼ିଥିଲା ଅଣନିଃଶ୍ୱାସୀ ଲୋକଙ୍କ ଲୋଲୁପ ଦୃଷ୍ଟିରେ । ତାଙ୍କର 'ତୁଣ୍ଡବାଇଦ' ଓ 'କ୍ଷଣ କ୍ଷଣକେ ଆନ' ଉପନ୍ୟାସରେ ଗ୍ରାମ୍ୟନାରୀମାନଙ୍କ ସହଜ ସରଳ ସ୍ୱଭାବ ବିଷୟ ବର୍ଣ୍ଣନା କରାଯାଇଛି ।

ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ' ଗ୍ରାମ୍ୟ ଜୀବନର ଏକ ମାର୍ମିକ ଆଲେଖ୍ୟ । ଏହା କେବଳ ଓଡ଼ିଶାର ସ୍ୱାଧୀନତା ପରବର୍ତ୍ତୀ ଏକ ଗ୍ରାମ୍ୟଜୀବନର ଚିତ୍ର ନୁହେଁ, ଭାରତବର୍ଷର ଯେକୌଣସି ଅଂଚଳର ଗ୍ରାମର କାହାଣୀ । ଏହାରପ ରିକଳ୍ପନା ପ୍ରଥମ ପଂଚବାର୍ଷିକ ଯୋଜନାକାଳରୁ । ସ୍ୱାଧୀନତାପରେ ଦେଶଗଠନର ସ୍ୱପ୍ନ ଏଥିରେ ହୋଇଛି ସାକାର । ଉଚ୍ଚ ଶିକ୍ଷିତ ରବି ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ଦୂରୀଭୂତ କରି ସାମାଜିକ ଓ ଆର୍ଥନୀତିକ ବୈଷମ୍ୟ ବିଲୋପ ନିମନ୍ତେ ଗ୍ରାମ୍ୟ ପରିବେଶରେ କରିଛି ସାଧନା । ଗ୍ରାମର ଅସୁମାରି ଫରଚା ଆକାଶ, ଅକଳନ ପୃଥିବୀ, ହାଲୁକା ପବନ, ଚତୁଃପାର୍ଶ୍ୱରେ ଚିହ୍ନା ଚିହ୍ନା ବିଶ୍ୱାସୀ ଜୀବନ ଓ ମାଟି ମା'ର ଗନ୍ଧ ରବିକୁ କରିଛି ମୋହାବିଷ୍ଟ । ଗୋପୀନାଥଙ୍କ ଚରିତ୍ର ଭୂଇଁ ଫଟେଇ ଉଠିଛନ୍ତି । ତାଙ୍କର 'ଦୁଇପୁତ୍ର' ଉପନ୍ୟାସରେ ଗ୍ରାମ୍ୟ ଜୀବନରେ ଦେଖାଦେଇଥିବା ହିଂସା, ଦ୍ୱେଷ, ଈର୍ଷା, ହୀନମନ୍ୟତା, ସ୍ୱାର୍ଥପରତା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଛି ଅଜିତ୍ । ମାଟି,ପାଣି, ପବନ-ଏସବୁ ଈଶ୍ୱରଙ୍କ ଦାନ । ଆତିଥେୟତା, ଉଦାରତା ଓଡ଼ିଶାବାସୀଙ୍କ ସଂସ୍କୃତି । ଏହାର ଜନ୍ମ ଗାଁରୁ । ଗୋବିନ୍ଦା, ବୁରୁନ୍ଦା, ହଟିଆ, ମାଧିଆଙ୍କ ଜୀବନରୁ ଏହା ଜଣାଯାଇଥାଏ । ଗ୍ରାମଲୋକଙ୍କର ପକେଟରେ ଫାଉଣ୍ଟେନପେନ୍, ହାତରେ ଘଂଟା, ପ୍ୟାଂଟ ସାର୍ଟପିନ୍ଧା ଚପଲକୁ ଔପନ୍ୟାସିକ ଗ୍ରାମ୍ୟଜୀବନରେ ନୂତନ ସହରୀ ସଭ୍ୟତାର ଛାପ ବୋଲି କହିଛନ୍ତି । 'ଦିଗଦିହୁଡି'ରେ ମାୟାଦେବୀଙ୍କ ଗାଁ ମୁଣ୍ଡ ଛକରେ ଜଳଖିଆ ଦୋକାନ ଦେବା ପଲ୍ଲୀଜୀବନର ନାରୀର ଅର୍ଥନୀତିକ ଭୂମିକା ସୂଚିତକରେ । ଏତଦ୍ ବ୍ୟତିତ ଅସ୍ପୃଶ୍ୟ ହରିଜନ ବର୍ଣ୍ଣନା, ରାତ୍ରିକାଳୀନ ଗ୍ରାମ୍ୟଶୋଭା, ଗ୍ରାମ୍ୟ ଆଚାର ବିଚାର ଓ ଚାଲି ଚଳନ ସମ୍ବନ୍ଧରେ ବର୍ଣ୍ଣନା ବାସ୍ତବ ଧର୍ମୀ ହୋଇପାରିଛି ।

ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ 'ଏଇଗାଁ ଏଇମାଟି'ରେ ଗ୍ରାମ୍ୟ ଜୀବନରେ ପଂଚବାର୍ଷିକ ଯୋଜନାର ପ୍ରତିଫଳନଘଟିଛି ।

ଏଥିରେ ଜାତିଆଣ ଭାବ, ସବର୍ଣ୍ଣ ଅସବର୍ଣ୍ଣ ବିବାହ, ଲୋକଙ୍କ ଆର୍ଥିକ ଦୁରବସ୍ଥା, ଗ୍ରାମ ମହାଜନଙ୍କ ଗରିବ ଲୋକଙ୍କୁ ଶୋଷଣ, ବିବାହିତା ନାରୀମାନଙ୍କର ସ୍ୱଭାବ ଆଦି ଯଦୁନନ୍ଦନ, କେତକୀ, ଇନିସ୍ପେକ୍ଟର ଶରତ, ଦେବଦାସୀ, ଅନୁରାଧା, ଡ଼ାକ୍ତର ରଘୁମଣି, ପୃଷ୍ପାଙ୍କ ପ୍ରେମ ପ୍ରଣୟ ମଧ୍ୟରେ ରୂପାୟିତ ହୋଇଛି । ପ୍ରଗତି ନାମରେ ବିଶୃଙ୍ଖଳା, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାର, ଶିକ୍ଷାନାମରେ ଅପସଂସ୍କୃତି, ଆଇନ ଓ ନ୍ୟାୟ ନାମରେ ଭୟ ଓ ଶୋଷଣ, ସମାଜସେବା ନାମରେ ସ୍ୱାର୍ଥପର ଭାବନା ଗ୍ରାମର ସରଳ, ନିରୀହ ମଣିଷକୁ କରିଛି ପ୍ରତାରିତ ।

ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧଦିଗନ୍ତ' ଉପନ୍ୟାସରେ ଗ୍ରାମ୍ୟ ଜନ ଜୀବନର ପ୍ରତିଛବି ଅଙ୍କିତ ହୋଇଛି । ଆଇନ କାନୁନର ଭୟଦେଖାଇ ଗ୍ରାମବାସୀଙ୍କୁ ଶୋଷଣ କରିଛନ୍ତି ଜମିଦାର ଓ ଧନିକ ଶ୍ରେଣୀ । ଗ୍ରାମ୍ୟ ଜୀବନରେ ଟାଉଟର ଭରପୁର ହୋଇଛନ୍ତି । ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଉ ଗ୍ରାମରେ ସମ୍ମାନ ମିଳିନାହିଁ ରାଜନୀତିକ ଦଲାଲମାନଙ୍କ ଯୋଗୁଁ । ନିଧିଦାସ ଗାନ୍ଧି କଥା କହୁଥିଲେ ମଧ୍ୟ, ତାକୁ ଯୁବସଂପ୍ରଦାୟ ଗ୍ରହଣ କରିନାହାନ୍ତି । ଆଦର୍ଶ ଉପଦେଶ ହୋଇପଡ଼ିଛି ମୂଲ୍ୟହୀନ ।'କାଳାନ୍ତର' ଉପନ୍ୟାସରେ ଗ୍ରାମର ସାମନ୍ତବାଦୀ ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ, ଗ୍ରାମ୍ୟ ମାମଲତକାର ମାନଙ୍କର ପକ୍ଷପାତ ବିଚାର, ଠାକୁର ସଂପତ୍ତି ଆତ୍ମସାତ କରିବା, ବାବାଜୀର ଭେକ ଧରି ବିଧବା ବ୍ରାହ୍ମଣୀକୁ ଉପଭୋଗ କରିବା, ଲୋକ ନିନ୍ଦାରୁ ରକ୍ଷାପାଇବା ନିମିତ୍ତ ସଦ୍ୟ ଜନ୍ମିତ ଶିଶୁର ତଣ୍ଟିଚିପି ମାରି କିଆବାଡ଼ରେ ଫୋପାଡ଼ିଦେବା, ବିଧବାର ସଂପତ୍ତି ପାଇଁ ଲାଳାୟିତ ହେବା, ଶିକ୍ଷିତ ଯୁବକର ଚାକିରି ପାଇଯିବାପରେ ପିତୃ ସଂପତ୍ତିକୁ ବିକ୍ରି କରିଦେବା ସହିତ ଅଚ୍ୟୁତାନନ୍ଦଙ୍କ ମାଳିକାର ଭବିଷ୍ୟତବାଣୀ ପ୍ରତି ଧ୍ୟାନ ନଦେବା ସହିତ ବହୁ ଅନ୍ୟାୟ, ଅନୀତି ଓ ପାପାଚାର ମଧ୍ୟରେ ବୁଡ଼ିରହିଥିବା ଗ୍ରାମବାସୀଙ୍କୁ ପ୍ରକୃତି ଝଡ଼ ବର୍ଷା ମାଧ୍ୟମରେ ଉଚିତ୍ ଶିକ୍ଷାଦେବା ପ୍ରଭୃତି ଗ୍ରାମ୍ୟଜୀବନର ବାସ୍ତବ ଜୀବନଧାରା ଏ ଉପନ୍ୟାସରେ ରୂପପାଇଛି । ବର୍ଷା ତୋଫାନ ପରେ ଗ୍ରାମବାସୀ ପରସ୍ପର ହିଂସା, ଦ୍ୱେଷ, ଘୃଣା, ଅସୂୟା, ସ୍ୱାର୍ଥପର ଭାବ ଭୁଲିଯାଇ ଏକତ୍ର ସହାବସ୍ଥାନ କରିଛନ୍ତି । ନିୟତି ହିଁ ଅସଜଡ଼ା ବଦ୍ ପ୍ରକୃତିର ଲୋକଙ୍କୁ କରିଦେଇଛି ଶୁଭ୍ର ଓ ସୁନ୍ଦର ।

ଏତଦ୍ ବ୍ୟତୀତ ବସନ୍ତକୁମାରୀ ପଟ୍ଟନାୟକଙ୍କ 'ଅମଡ଼ାବାଟ', ଯଦୁନାଥ ଦାସମହାପାତ୍ରଙ୍କ 'ଗ୍ରାମ୍ୟନଦୀର ତୀରେ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ତିନୋଟି ରାତିର ସକାଳ' କଞ୍ଜବିହାରୀ ଦାଶଙ୍କ 'ମଶାରି ତୁଳସୀ', 'ମଣିମା ଶୁଣିମା ହେବ', ବ୍ରଜମୋହନ ମହାନ୍ତିଙ୍କ 'ନିସ୍ତବଧ ଆକାଶ', ଅନ୍ଧ ପୃଥିବୀ, ରତ୍ନାକର ଚଇନିଙ୍କ 'ରାତ୍ରିର ରଜନୀ ଗନ୍ଧା' ସମେତ ସ୍ୱାଧୀନତା ପରବର୍ତ୍ତୀ କାଳରେ ରଚିତ ଅନେକ ସାମାଜିକ ଉପନ୍ୟାସରେ ଗ୍ରାମ୍ୟଜୀବନର ଉଭୟ ଶାନ୍ତ ଓ ଅଶାନ୍ତ ଜୀବନଧାରାର, ଚିତ୍ର ଅଙ୍କିତ ହୋଇଛି । ରାଜନୀତିକ ସଚେତନତା ଯୋଗୁଁ ପଲ୍ଲୀ ଜୀବନରେ ଦ୍ରୁତ ପରିବର୍ତ୍ତନ ଦେଖା ଯାଉଛି । ସୁଖକର ଜୀବନ ବିତାଇବା ପାଇଁ ପଲ୍ଲୀ ହୋଇଛି ଅଧୁନା ସହରାଭିମୁଖୀ । ତଥାପି ସହରରେ ରହୁଥିବା ଶିକ୍ଷିତ– ମଧ୍ୟବିତ ଗୋଷ୍ଠୀଙ୍କର ପଲ୍ଲୀସହିତ ସମ୍ପର୍କ ସଂପୂର୍ଣ୍ଣ ଛିଣ୍ଡି ନାହିଁ ।

## ଖ) ନଗର ଜୀବନ ଚିତ୍ର :

ସ୍ୱାଧୀନତା ପରେ ଦେଶକୁ ଦୃତ ପ୍ରଗତିପଥରେ ଆଗେଇ ନେବା ପାଇଁ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି । ଶିଳ୍ପ-ସଭ୍ୟତା ହେଉଛି ନଗର-ଭିତ୍ତିକ ସଭ୍ୟତା । ପୁନଶ୍ଚ ରାଜ୍ୟଶାସନ ପାଇଁ ରାଜଧାନୀମାନ ପାଶ୍ଚାତ୍ୟ ଶୈଳୀରେ ନିର୍ମାଣ କରାଯାଇଛି । ଏଠାରେ ବହୁ ସରକାରୀ, ବେସରକାରୀ ଓ ବାଣିଜ୍ୟ ପ୍ରତିଷ୍ଠାମାନ ବହୁତଳ ବିଶିଷ୍ଟ ଅଟ୍ଟାଳିକା ମାନଙ୍କରେ ସେମାନଙ୍କ ଦପ୍ତର ଖୋଲିଛନ୍ତି । ଏତଦ୍ ବ୍ୟତୀତ ବହୁ ଆବାସିକ କଲୋନୀମାନ କର୍ମଚାରୀଙ୍କ ପାଇଁ ନିର୍ମିତ ହୋଇଛି । ସରକାରୀ, ବେସରକାରୀ ଓ ବିଭିନ୍ନ କଳକାରଖାନାକୁ ଚଳାଇବାପାଇଁ ଆବଶ୍ୟକ ହୁଏ ପ୍ରଚୁର ମାନବସମ୍ବଳ । ତେଣୁ ଗ୍ରାମାଞ୍ଚଳରୁ ଉଭୟ ଶିକ୍ଷିତ ଅଶିକ୍ଷିତ ନାରୀ ପୁରୁଷ କର୍ମସଂସ୍ଥାନ ପାଇଁ ଛୁଟି ଆସନ୍ତି ସହରାଞ୍ଚଳକୁ । ସହର ଓ ନଗରର ସୀମା ବଢ଼ି ବଢ଼ି ଚାଲେ । ନଗର କୈନ୍ଦ୍ରିକ ଜୀବନ ଯାପନରେ ଗ୍ରାମାଞ୍ଚଳର ଲୋକଟି ହୁଏ ଅଭ୍ୟସ୍ତ । ମାତ୍ର କିଛି ଦିନ ପରେ ସହର ଓ ନଗରର ଯାନ୍ତ୍ରିକ ଜୀବନ ତାକୁ କରେ ଯନ୍ତ୍ରଣା ଜର୍ଜରିତ । ଦ୍ୱନ୍ଦ୍ୱ, ଆଶାଙ୍କା, ଭୟ, ଅଶାନ୍ତ, ଅସନ୍ତୋଷ, ଛଳନା, କପଟତା, ହତାଶା, ନୈରାଶ୍ୟ ଓ ବୈଫଲ୍ୟ ସହରୀ ମନୁଷ୍ୟକୁ କରେ କବଳିତ । ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାର, ସ୍ୱାର୍ଥପରତା, ନିଃସଙ୍ଗତା, ଅନ୍ତର୍ଦ୍ୱନ୍ଦ୍ୱ, ଅସଫଳତାର ଗ୍ଲାନି ତାର ବିଳାସମୟ ଜୀବନକୁ କରେ ବେଦନାସିକ୍ତ । ତା'ଠାରେ ଦେଖାଦିଏ ଅବକ୍ଷୟର

ମୁଦ୍ରାଙ୍କ । ସହରୀ ସଭ୍ୟତାର ଜୀବନ ଦର୍ଶନ ସହରୀ ମଣିଷଟିକୁ କରିଦେଲା ଅନ୍ତଃସାରଶୂନ୍ୟ । ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ପୂର୍ବର ମୁକ୍ତ ମଣିଷ ପରିଣତ ହୋଇଗଲା ଏକ କଳ ମନୁଷ୍ୟରେ । ଆଧୁନିକ ଉପନ୍ୟାସ ଆଧୁନିକ ଜୀବନର ପ୍ରତିଛବି । ଆଧୁନିକ ସଭ୍ୟତାର ସ୍ୱାଦ ପ୍ରଥମେ ସହରୀ ମନୁଷ୍ୟ ହିଁ ଚାଖୁଥାଏ । ଆଧୁନିକ ନଗର କୈନ୍ଦ୍ରିକ ଜୀବ ନଯାପନରେ ନାରୀ ପୁରୁଷଙ୍କ ବ୍ୟକ୍ତିଗତ ଜୀବନଧାରା ବିଶେଷଭାବରେ ଉପନ୍ୟାସରେ ହେଲା ରୂପାୟଣ । ବ୍ୟକ୍ତିଗତ ଜୀବନର ଅସଫଳତାର କାହାଣୀ ସହରୀ ମନୁଷ୍ୟ ଉପନ୍ୟାସ ମାଧ୍ୟମରେ ଦେଖି ପାରିଲା । ତେଣୁ ସହରୀ ମନୁଷ୍ୟ କିଛି ମାତ୍ରାରେ ସାନ୍ତ୍ୱନା ପାଇଲ ଉପନ୍ୟାସ ପାଠକରି । ତେଣୁ ସ୍ୱାଧୀନତୋର କାଳରେ ରଚିତ ବହୁ ଉପନ୍ୟାସ ହୋଇଉଠିଛି ନଗର କୈନ୍ଦ୍ରିକ । ଅନ୍ତଃସାର ଶୂନ୍ୟତା, ବିଚ୍ଛିନ୍ନତା ବୋଧ, ଯୌନ କ୍ଷୁଧା, ବିଫଳ ଦାମ୍ପତ୍ୟ ଜୀବନ, ସାଂସ୍କୃତିକ ଅବକ୍ଷୟ ପ୍ରଭୃତି ହୋଇଛି ଉପନ୍ୟାସର ବିଷୟବସ୍ତୁ । ସହରୀ ମନୁଷ୍ୟଟି ଅଧୁନା ହୋଇଛି ଅସହାୟ ଓ ମୃତପ୍ରାୟ । କମଳାକାନ୍ତ, କାହ୍ନୁଚରଣ, ଗୋପୀନାଥ, ସୁରେନ୍ଦ୍ର, ଶାନ୍ତନୁ, ବିଭୂତି ପଟ୍ଟନାୟକଙ୍କ ସମେତ ବହୁ ଔପନ୍ୟାସିକଙ୍କ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସ ମାନଙ୍କରେ ଆଧୁନିକ ନଗର କୈନ୍ଦ୍ରିକ ଜୀବନଯାପନ ଓ ତା'ର ବିଷୟରେ ସଫଳ ସମ୍ପର୍କରେ ବାସ୍ତବ ବର୍ଣ୍ଣନା ରହିଛି ।

କାହ୍ନୁ ଚରଣ ମହାନ୍ତି 'ଝଞ୍ଜା' ସହରୀ ଜୀବନର ଯନ୍ତ୍ରଣା, ନୈରାଶ୍ୟ, ଛଳନା, ଦୁଃଖ, ଲୋଲୁପତା ଓ ଅନୈତିକତାକୁ ପ୍ରକାଶ କରିଛି । ଉଚ୍ଚଶିକ୍ଷିତ ଚାକିରିହୀନ ଅନ୍ଧ ସ୍ୱାମୀ ତୁଷାରକାନ୍ତିଙ୍କ ପରାମର୍ଶରେ ସ୍ତ୍ରୀ କ୍ଷଣପ୍ରଭା ଅରକ୍ଷ ନିବାସ ପାଇଁ ଅର୍ଥ ସଂଗ୍ରହ ନିର୍ମିତ ସହରର ବଡ଼ ବଡ଼ ପ୍ରତିଷ୍ଠିତ ଧନୀ ବ୍ୟବସାୟୀ, କଂଟ୍ରାକ୍ଟର ଓ ପୁଞ୍ଜିପତିମାନଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ, ସେମାନେ ଲକ୍ଷ ଲକ୍ଷ ଟଙ୍କା ଦାନ କରିଛନ୍ତି କେବଳ କ୍ଷଣପ୍ରଭାର ଉଷ୍ଣହାତର ସ୍ପର୍ଶ ଟିକକ ବିନିମୟରେ । ଏହା ସଭ୍ୟ ଶିକ୍ଷିତ ସହରବାସୀଙ୍କ ମାନସିକ ବିକାରର ପରିଚୟ ଦେଇଛି । ସହରୀ ମନୁଷ୍ୟ ଯେ କେତେ ଅସହାୟ ତାହା ଗୋପୀନାଥ ମହାନ୍ତିଙ୍କ 'ଦାନା ପାଣି' ଉପନ୍ୟାସର ବଳିଦାନ ଚରିତ୍ରରୁ ଜଣାପଡ଼େ । ଚାକିରିଜୀବୀ ନିଜର ପ୍ରମୋଶନ ପାଇଁ କିପରି ସମସ୍ତ ଆତ୍ମସମ୍ମାନ ଓ ମାନବିକତାକୁ ବଳିଦିଏ ତାହାର ପ୍ରତୀକ ହେଉଛି ବଳିଦତ୍ତ । ଚାକିରିରେ ଉପରକୁ ଉଠିବା ପାଇଁ ସକଳ ପ୍ରକାର ଖୋସାମତ ସହିତ ତାର ପତ୍ନୀକୁ ମଧ୍ୟ ଅନ୍ୟପୁରୁଷର ବ୍ୟବହାର ପାଇଁ ଉଠାଇ ଦେଇଛି କୁଣ୍ଠାହୀନଭାବରେ । ଦାନାପାଣିର ସଂଗ୍ରହରେ ବଳିଦତ୍ତ ଭୁଲିଛି ତାର ଶିକ୍ଷା, ସଂସ୍କାର, ଧର୍ମ, କର୍ତ୍ତବ୍ୟ, ନୀତି ଓ ନୈତିକତା । ସ୍ତ୍ରୀର ସତୀତ୍ୱ ତା ଆଗରେ ମୂଲ୍ୟହୀନ ହୋଇଯାଇଛି । ଏହା ହେଉଛି ଆମ ସହରୀ ଜୀବନର ବସ୍ତୁବାଦୀ ଭୋଗ ସର୍ବସ୍ୱ ଚଳଣୀର ନିଦର୍ଶନ । ତାଙ୍କର 'ଶରତବାବୁଙ୍କ ଗଳି' ଉପନ୍ୟାସରେ ସହରୀ ଜୀବନର ଅସ୍ୱାଭାବିକତା ପ୍ରକାଶିତ ହୋଇଛି ହଠାତ୍ ରାତିରେ ଆବାସିକ କଲୋନୀରେ କେହି ଟେକା ପକାଇବା ନେଇ । ସଭ୍ୟଶିକ୍ଷିତ ସହରୀ ମନୁଷ୍ୟ ଅତି ସାଧାରଣ ଘଟଣାକୁ ବେଳେବେଳେ ଅତି ଅସାଧାରଣ ଭାବରେ ଗ୍ରହଣ କରିଥାଏ । 'ସପନ ମାଟି' ଉପନ୍ୟାସରେ ଛାତ୍ରନେତା ଯାଦବ ପ୍ରଧାନ ପ୍ରଥମେ ବିପ୍ଳବର ଆହ୍ୱାନ ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଶିଳ୍ପପତି କେ.ସି. ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ ସେଥିରୁ ନିବୃତ୍ତ ରହିବାରେ ଶିକ୍ଷିତ ଯୁବକର ପ୍ରତାରଣା ବିଷୟ ପ୍ରକାଶିତ ହୋଇଛି । ଏଥିରେ ସହରର କଲେଜ ଛାତ୍ରମାନଙ୍କର ଆଦର୍ଶହୀନତା ସହ ପ୍ରେମ, ପ୍ରଣୟ ଓ ଛଳନାର ରୂପ ପ୍ରତିପାଦିତ ହୋଇଛି । ତାଙ୍କର 'ପାହାନ୍ତା' ଉପନ୍ୟାସରେ ପାକିସ୍ତାନୀ ସୈନ୍ୟମାନଙ୍କର ଢ଼ାକା ସହରର ନିରୀହ ଜନସାଧାରଣଙ୍କ ଉପରେ ଅମାନୁଷିକ ଅତ୍ୟାଚାରର କଥା ବର୍ଣ୍ଣନା କରାଯାଇଛି । ବିଶେଷ କରି ଢ଼ାକା ବିଶ୍ୱବିଦ୍ୟାଳୟରେ ସୈନ୍ୟମାନେ ପ୍ରବେଶ କରି ବୁଦ୍ଧିଜୀବୀମାନଙ୍କୁ ଗୁଳିକରିବା, ଛାତ୍ରୀମାନଙ୍କୁ ଧର୍ଷଣ କରିବା ପ୍ରଭୃତି କଳଙ୍କମୟ ଘଟଣା ଏଥିରେ ସ୍ଥାନ ପାଇଛି । ଏହା ମାନବ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଯାଇଛି । ତାଙ୍କର 'ଆକାଶ ସୁନ୍ଦେରୀ'ରେ ବିଜ୍ଞାନର ସଫଳତାରେ ମନୁଷ୍ୟ ଖୁସି ହେଉଥିଲେ ବେଳେ ବେଳେ ମାନବିକତାର ମୃତ୍ୟୁ ଘଟୁଛି । ସଭ୍ୟତା ନାମରେ ସଂସ୍କୃତିକୁ ଧ୍ୱଂସ କରି ଦେଇଛି ଏଇ ସହରୀ ମନୁଷ୍ୟ । 'ଅନଳନନ' ଉପନ୍ୟାସରେ ସହରର ଭୋଗସର୍ବସ୍ୱ ବିଳାସମୟ ଜୀବନ ଶୈଳୀ ସହିତ ହତାଶ, ଯନ୍ତ୍ରଣା, ପ୍ରତାରଣା, ଛଳନା, ବ୍ୟର୍ଥତା ଓ ନୀତିହୀନତାର ରୂପାୟନ ହୋଇଛି । ସହରର ଏକ ମଧ୍ୟବିତ୍ତ ଚାକିରିଜୀବୀ ପରିବାରର ବାସ୍ତବ କାହାଣୀ ଆଧୁନିକ ମଣଷ ସ୍ୱରୂପ ଉଦ୍‌ଘାଟିତ କରିଛି । ପୋଷ୍ଟାଲ କିରାଣୀ ବିପ୍ରବାବୁଙ୍କ ସତର ବର୍ଷ ବୟସ୍କା ଶ୍ରେଣୀର ଛାତ୍ରୀ ତ୍ରିପୁର ସୁନ୍ଦରୀର ପ୍ରେମ, ବିବାହ, ବୈଧବ୍ୟ ତଥା ନର୍ସ ଜୀବନର ଅନୁଭୂତି ଏଥିରେ ସ୍ଥାନ ପାଇଛି । ପାଖ ପଡ଼ୋଶୀଙ୍କ ସହାନୁଭୂତିରେ ଅଛି ଛଳନା ଓ

ବିଦ୍ରୂପ । ସବୁଠି ସେ ଲକ୍ଷ୍ୟ କରିଛି ଆତ୍ମପ୍ରବଂଚନା । ଦୁଃଖରେ ମ୍ରିୟମାଣ, ତ୍ରିପୁରସୁନ୍ଦରୀ ପିତା, ମାତା, ସ୍ୱାମୀ, ପୁତ୍ରଙ୍କୁ ହରାଇ ବଂଚିବାର ରାହା ଖୋଜିଛି । ସେ ଅନୁଭବ କରିଛି ଏ ସଂସାର ଏକ ସୁନ୍ଦର ଘର ବଦଳରେ ପାଲଟିଛି କିଛଇ ଯନ୍ତ୍ରଣାର ଯନ୍ତା । ଆଧୁନିକ ସହରୀ ମନୁଷ୍ୟ ହୋଇଯାଇଛି ଏକ କଳମନୁଷ୍ୟ, ଯାହାର ଶରୀର ଅଛି ମାତ୍ର ଆତ୍ମା ନାହିଁ । 'ଲୟ ବିଲୟ' ଉପନ୍ୟାସରେ କଲିକତା ମହାନଗରୀର କୋଳାହଳମୟ, ବିରକ୍ତିକର ମପାଚୁପା ଜୀବନଧାରା ତରୁଣ ରାୟ ମୁଖରେ ପ୍ରକାଶ ପାଇଛି । ଗୋପୀନାଥ ତାଙ୍କ ଉପନ୍ୟାସରେ ସହର ପରିବେଶ ଅପେକ୍ଷା ସହରୀ ମନୁଷ୍ୟର ଅସହାୟତାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସହରୀ ଜୀବନରେ ଯୌନ ବୁଭୁକ୍ଷା କିପରି ଉତ୍କଟ ରୂପ ଧାରଣ କରିଛି ତା'ର ଚିତ୍ର ନିତ୍ୟାନନ୍ଦ ମହାପାତ୍ରଙ୍କ 'ଜଳନ୍ତା ନିଆଁ' ଉପନ୍ୟାସର ବୃଦ୍ଧ ପ୍ରଫେସର ଓ ଛାତ୍ରୀ ତରୁଣୀ ଲଳିତାର ପ୍ରେମ ବ୍ୟାପାରରୁ ସ୍ପଷ୍ଟ ଜଣା ପଡ଼ିଥାଏ । ସେହିପରି ରାଜକିଶୋର ପଟ୍ଟନାୟକଙ୍କ 'ସଞ୍ଜବତୀ'ରେ ବିବାହିତ ପୌଢ଼ ଅଫିସରଙ୍କ ଯୌନ ବିକାର, ଲକ୍ଷ୍ମୀଧର ନାୟକଙ୍କ 'ମୋ ସ୍ୱପ୍ନର ସହର'ର ନାରୀ ଜୀବନର ଯନ୍ତ୍ରଣା, ମହାପାତ୍ର ନୀଳମଣି ସାହୁଙ୍କ 'ତାମସୀ ରାଧା', ଓ ଧରା ଓ ଧାରାରେ ଆଧୁନିକା ଶିକ୍ଷିତା ନାରୀର ଯୌନ ଉଲଗଂତା, କୃଷ୍ଣପ୍ରସାଦ ମିଶ୍ରଙ୍କ 'ସିଂହକଟୀ' ଓ 'ମୃଗତୃଷ୍ଣା'ରେ କଲେଜ ପଢୁଆ ଯୁବକ ଯୁବତୀଙ୍କ ପ୍ରେମ ବ୍ୟାପାର ବର୍ଣ୍ଣିତ ହୋଇଛି । ବିଭୂତି ପଟ୍ଟନାୟକଙ୍କ 'ନାୟିକାର ନାମ ଶ୍ରାବଣୀ'ର କଟକ ନଗରର ବସ୍ତି ଅଂଚଳର ପୂତିଗନ୍ଧମୟ ଜୀବନଯାତ୍ରା ଆମ ମାନସିକ ବିକାରର ଚିତ୍ର ପ୍ରଦାନ କରିଅଛି ।

ଶାନ୍ତନୁ ଆଚର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ ଶିକ୍ଷିତ ଅଶିକ୍ଷିତ, ସଭ୍ୟ ଅସଭ୍ୟ, ଧନୀ ଦରିଦ୍ର, ନାରୀ ପୁରୁଷଙ୍କ ସହରୀ ପରିବେଶରେ ଜୀବନଯାପନ ପ୍ରଣାଳୀର ଚିତ୍ର ଅଙ୍କିତ ହୋଇଛି । ସହରୀ ମନୁଷ୍ୟ, ସହରୀ ଜୀବନ, ସହରୀ ସଂସ୍କୃତି ସହିତ ବିଭିନ୍ନ ବାଦ୍ (ism)ର ସଫଳ ପ୍ରୟୋଗ ତାଙ୍କ ଉପନ୍ୟାସକୁ କରିଛି ଋଦ୍ଧିମନ୍ତ । ଗାନ୍ଧୀ ଦର୍ଶନଠାରୁ ମାର୍କସଙ୍କ ସାମ୍ୟବାଦୀ ଦର୍ଶନକୁ ସେ ସହରୀ ମନୁଷ୍ୟଠାରେ କରିଛନ୍ତି ସଫଳ ପ୍ରୟୋଗ ଓ ତାଙ୍କର 'ନରକିନ୍ନର' ଉପନ୍ୟାସର ମୁଖ୍ୟ ଚରିତ୍ର ଜର୍ଜର ଜନ୍ମ ସହରର ଏକ ଡାକ୍ତରଖାନାର ନର୍ଦ୍ଦମା ମଧ୍ୟରୁ । ସହରର ନାଳ ନର୍ଦ୍ଦମାରେ ଫୋପଡ଼ା ଯାଆନ୍ତି ଏହିପରି କେତେ ଅବୈଧ ଜାରଜ ସନ୍ତାନ ଯେଉଁ ମାନଙ୍କର ଜାତିକୁଳ ଗୋତ୍ର ପିତାମାତଙ୍କ ନାମ ଜଣା ନାହିଁ ଠିକ୍ ଜର୍ଜ ପରି । ଏହି ସଦ୍ୟଜାତ ନିଷ୍ପାପ ରକ୍ତଲଗା ଶିଶୁଗୁଡିକ ଭାସି ଯାଆନ୍ତି ନର୍ଦ୍ଦମାର ଭୂମିକୀଟ ସଙ୍ଗେ । ଭୋଗବାଦୀ ସଭ୍ୟତାରୁ ଜର୍ଜର ଜନ୍ମ । ସହରରେ ଶତ ନିର୍ଯ୍ୟାତନା ଓ ଲାଂଛନା ସହ୍ୟକରି ସେ ବଂଚିବା ପାଇଁ ସଂଗ୍ରାମ କରିଛି । ବଡ଼ ହୋଇ ସେ ବିଦ୍ରୋହ କରିଛି ପୁଞ୍ଜିପତି ସଭ୍ୟତା ବିରୁଦ୍ଧରେ । ସର୍ବତ୍ର ସେ ଅବଲୋକନ କରିଛି କାନ୍ତବତାର ସ୍ୱର । ମାଂସ ପକୁଡି ଛାଣୁଥିବା ଗୋଦରୀ ବୁଢ଼ୀଠାରୁ ଆରମ୍ଭ କରି ମିସ୍ ଆଡ଼ାମ୍ଙ୍କ ପର୍ଯ୍ୟନ୍ତ । ରିକ୍ସାବାଲା ଠାରୁ ଆରମ୍ଭକରି କୋଟିପତି ପର୍ଯ୍ୟନ୍ତ ସମସ୍ତେ ସାଜିଛନ୍ତି ନାରୀ ମାଂସଲୋଲୁପୀ । ଏ ସହର ମାରାତ୍ମକ, ଭୟଙ୍କର ଓ ଆଶ୍ରୟହୀନ ବୋଲି ତା'ର ମନେ ହୋଇଛି । ସଂସାର କହିଲେ ସେ ବୁଝେ ଏଇ ବଡ଼ ସହର କେଉଁଠି ପ୍ରାଚୁର୍ଯ୍ୟ ତଳେ ଆର୍ତ୍ତନାଦ କରେ ସର୍ବହରା ନିରନ୍ତର କାଙ୍ଗାଳ ।

ତା'ର ସୁଖ ସଂପଦ ବେଳେ ତାର ଚତୁଃପାର୍ଶ୍ୱରେ ମେଳାମେଳା ବୁଲିଛନ୍ତି । ହୁଇସ୍କିର ମାକଦକତାରେ ମତୁଆଲା ହୋଇଛନ୍ତି କେତେ କେତେ ମିସ୍‌ନାରୀ ଡାଲିଂ ଡାକି ଡାକି । ତାଙ୍କର 'ଭଗ୍ନାଂଶ' ଉପନ୍ୟାସରେ ଓ୍ୱାସିଂଟନଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ମହାଗରୀରରେ ବଣିକ ସଭ୍ୟତାର ବିଷମୟ ଫଳକଥା ବର୍ଣ୍ଣିତ ହୋଇଛି । ସହରୀ ମନୁଷ୍ୟର ଅସହାୟ ଭାବ ଓ ନିଃସଙ୍ଗତାକୁ ସେଲିଡିଆ, କ୍ରିଷ୍ଟାଲ, ଶ୍ରୀବାସ୍ତବ, ଇସାଡୋରା, ଡଗଲାସ, ଶାଖା, ସୋନିଆ ଓ ତା ମା' ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି । ସହରରେ ବାସ କରୁଥିବା ଶିକ୍ଷିତ ସଭ୍ୟ ଲୋକେ କିପରି ଯୌନ ବିକାରଗ୍ରସ୍ତ ହୋଇପଡୁଛନ୍ତି, ତାର ଚିତ୍ର ପ୍ରସନ୍ନ ମିଶ୍ରଙ୍କ 'ଅସୁର' ଉପନ୍ୟାସର ଡାକ୍ତର ଅନୁପମ ଓ ଲେଡି ଡାକ୍ତରାଣୀ ବିଜୟ ଦେବୀଙ୍କ ଚରିତ୍ରରୁ ଜଣାଯାଏ । ସହରୀ ଜୀବନର ଏହି ଅସ୍ୱାଭାବିକ ଓ ଅନୈତିକ ପୁରାଣ ବଳି ଆମ ସଭ୍ୟତା ଓ ସଂସ୍କୃତି ପ୍ରତି ସୃଷ୍ଟି କରିଛି ବିପଦ । ସହରର ବିଭିନ୍ନ ଆଭିଜାତ୍ୟ ସମ୍ପର୍ଣ୍ଣ ହୋଟେଲ ମାନଙ୍କରେ ଅର୍ଦ୍ଧନଗ୍ନ ତରୁଣୀମାନଙ୍କର ଉଲଗଂନୃତ୍ୟ ଓ ଅଶ୍ଳୀଳ ଆଚରଣ ବର୍ଣ୍ଣନା ସାତକଡି ହୋତାଙ୍କ 'ସ୍ୱପ୍ନା ଶିଉଳି', 'ବ୍ୟାକୁଳ ହୃଦୟ' ଓ ଏତେ ସ୍ୱପ୍ନ ଏତେ ଆଲୋକ' ପ୍ରଭୃତି ଉପନ୍ୟାସରେ କଥିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ 'ବଧୂ ଓ ପ୍ରିୟା', 'ହସଂଗୀତି', 'ନେତିନେତି', ଉପନ୍ୟାସ ଗୁଡ଼ିକରେ ସହରୀ ଜୀବନର ଯନ୍ତ୍ରଣା,

ବ୍ୟକ୍ତି ଜୀବନରେ ନୈରାଶ୍ୟ, ବିଚ୍ଛିନ୍ନତା ବୋଧ, ପ୍ରତାରଣା, ଅସନ୍ତୋଷ, ଅତୃପ୍ତି, ନୀତିହୀନତା ସହିତ ରାଜନୀତିକ ଧପ୍‌ପାବଜାର ବାସ୍ତବ ଚିତ୍ର ହୋଇଛି ରୂପାୟିତ । ଆଜି ସହର ପାଲଟିଛି କଳା ଟଙ୍କାର ଦୁର୍ଗ । ଦଲାଲି ଓ କଳାବଜାରୀ ହୋଇଛି ସହରୀ ଜୀବନର ଲକ୍ଷ୍ୟ ।

ସମସ୍ତେ ଉପାର୍ଜନ ଓ ଉପଭୋଗ ନିମିତ ସଦା ବ୍ୟସ୍ତ । ସହରର ଯୁବକ ଆଜି ବେକାର ହୋଇ ଏଲ୍.ଏସ୍.ଡି, ହାସିସ୍, ଗଞ୍ଜାଇ, ଚରସ, ମେଣ୍ଡେକସ୍, ରମ୍, ହୁଇସ୍କିର ହୋଇଛି ଭକ୍ତ । ପିତାମାତା, ଗୁରୁଜନମାନଙ୍କ ପ୍ରତି ନାହିଁ ସମ୍ମାନ ବା ସେମାନଙ୍କ ପ୍ରତି ନାହିଁ ସ୍ନେହ, ଶ୍ରଦ୍ଧା ଓ ଦୟା । 'ହସଂଗୀତ'ରେ ଦିଲ୍ଲୀ ନଗରୀ କଥା ବର୍ଣ୍ଣନା କରାଯାଇଛି, ଯେଉଁଠି ନଗରବାସୀ ନା ସଂପୂର୍ଣ୍ଣ ଭାବରେ ଗ୍ରହଣ କରିପାରୁଛନ୍ତି ପାଶ୍ଚାତ୍ୟ ସଭ୍ୟତାକୁ ନା ପୂରା ଭାବେ ଛାଡି ପାରୁଛନ୍ତି ନିଜ ସଂସ୍କୃତିକୁ । ତେଣୁ ସେମାନେ ଏକ ତ୍ରିଶଙ୍କୁ ଅବସ୍ଥାରେ ଜୀବନଯାପନ କରୁଛନ୍ତି । ସହରୀ ମନୁଷ୍ୟ ଆଜି ମୂଲ୍ୟବୋଧରେ ବିଶ୍ୱାସୀ ନ ହୋଇ ମୂଲ୍ୟରେ ହୋଇଛି ବିଶ୍ୱାସୀ । ମଣିଷ ଏଠି ମଣିଷକୁ ଦେଖେ ପଶୁ ପରି । 'ଅଚଳାୟନ'ରେ ଋତୁପର୍ଣ୍ଣାର ବେଶଭୂଷା ଆଧୁନିକା ସହରୀ ରମଣୀର ନଗ୍ନତାକୁ ପ୍ରକାଶ କରେ । ସେ ଦେହ ଢ଼ାଙ୍କିବାକୁ ଯାଇ ଦେହକୁ ଦେଖାଇ ଦେଇଛି ଅଧିକ । ଏହା ଆଧୁନିକ ସହରୀ ସଭ୍ୟତାର ଉଲଂଘତା ଓ ନବ୍ୟ ଆରଣ୍ୟକ ମାତ୍ର । ଘରେ ବାପା ମା'ଙ୍କୁ ଡାଡି ମମି ଡାକନ୍ତି ଏମାନେ ଅତି ଆଗ୍ରହରେ । ପୁଅ ଝିଅ ପୋଷାକପତ୍ରରେ ଆଉ ଫରକ ନଥାଏ । ଏମାନେ ୟୁନିସେକ୍ସରେ ବିଶ୍ୱାସୀ । 'ନେତି ନେତା'ରେ କଲିକତାର ବେଶ୍ୟାପଡ଼ା, ମଦୁଆ, ଜୁଆଖେଳ, ଗୁଣ୍ଡାମି ପ୍ରଭୃତିର ବର୍ଣ୍ଣନା ରହିଛି । ସହରୀ ପରିବେଶରେ ଗାଁର ମାତ୍ରା ତା'ର ପରିଚୟ ଖୋଜି ପାଇନାହିଁ ।

କଟକ ସହରର ପୃଷ୍ଠଭୂମିରେ ରଚିତ ଅନାଦି ସାହୁଙ୍କର ଉପନ୍ୟାସ 'ଜଙ୍ଗଲୀ ସହର' । ରାତ୍ରିରେ ବିଦ୍ୟୁତ୍ ଆଲୋକ ଜଳି ଉଠିଲେ କଟକ ସହର ଯେତିକି ସୁନ୍ଦର ଦେଖାଯାଏ, ସେତିକି ହିଂସ୍ର ମଧ୍ୟ ହୋଇଉଠେ । ଅଫିସ ଫେରନ୍ତା ଲୋକଙ୍କ ଭିଡ଼, ସାଇକେଲ ରିକ୍ସାର ଟିଣ୍ ଟିଣ୍ ଧ୍ୱନି, ମଟରଗାଡିର ହର୍ଣ୍ଣ ବୁଲା ବିକାଳିର ଘଂଟି, ମଦ ଦୋକାନ ଓ ସିନେମା ଘର ଗହଳି, ମାଡ଼ପିଟ, ଧସ୍ତାଧସ୍ତି, ପକେଟ୍‌ମାର, ସର୍ବୋପରି ଦିନରେ ଚୁପ୍‌ଚାପ୍ ଥିବା ସହରୀ ଗୁଣ୍ଡାମାନଙ୍କର 'ଦାଦାଚାନ୍ଦା' ଆଦାୟ ଅଭିଯାନ କଟକ ସହରକୁ ସନ୍ଧ୍ୟାରେ କରି ଦିଏ କୋଳାହଳମୟ ଭୟଗ୍ରସ୍ତ ଓ ଯନ୍ତ୍ରଣାଦାୟକ । ରାତିରେ ଟଣିଆ ପରିବହୁ ଅପରାଧୀ ବାହାରି ପଡନ୍ତି ରାସ୍ତା ଉପରକୁ । ହାତରେ ସେମାନଙ୍କର ଥାଏ ଛୁରୀ ଓ ଚେନ୍ । ଦରକାର ପଡିଲେ ହାତ ବୋମାର ବ୍ୟବହାର ମଧ୍ୟ ଏମାନେ କରିଥାଆନ୍ତି ନିର୍ଭୟରେ । କାରଣ ସେମାନେ ଜାଣନ୍ତି ଯେ ପୋଲିସ ସେମାନଙ୍କର କିଛି କରିପାରିବ ନାହିଁ । ସେମାନେ ହେଉଛନ୍ତି ଶାସକ ଦଳର ନେତା ମନ୍ତ୍ରୀଙ୍କର ପୋଷାଗୁଣ୍ଡା । ରାଜଧାନୀ ଭୁବନେଶ୍ୱରର ମନ୍ତ୍ରୀଙ୍କ ବଙ୍ଗଳା ସେମାନଙ୍କ ପାଇଁ ହୋଇଥାଏ ଆଶ୍ରୟସ୍ଥଳ । ପୁନଶ୍ଚ ସହରବାସୀ ଏମାନଙ୍କ ଆତଙ୍କ ଓ ଛୁରାଭୂଷାରେ ଭୟଭୀତ ହୋଇ ଛୁଆ ପିଲାଙ୍କୁ ଧରି ଘର କୋଣରେ ରହିବାକୁ ଶ୍ରେୟ ମଣି ଥାଆନ୍ତି । ତେଣୁ ଏ ସହର ପରିଣତ ହୋଇଯାଏ ଗୋଟାଏ ଜଙ୍ଗଲରେ । ବର୍ତ୍ତମାନ କଟକ ସହର ଯେ ଅସୁରକ୍ଷିତ ତାହା ଔପନ୍ୟାସିକ ବର୍ଣ୍ଣନା କରିଛନ୍ତି ଏହି ଉପନ୍ୟାସରେ ।

ଏତଦ୍ ବ୍ୟତୀତ ବଳରାମ ପଟ୍ଟନାୟକଙ୍କ 'ମହାନଦୀର ଢ଼େଉ', 'ରୁପାଲି ଛକର ଇତିକଥା', ଡ଼ଃ ହରେକୃଷ୍ଣ ମହତାବଙ୍କ '୧୯୬୫', ଗଣେଶ୍ୱର ମିଶ୍ରଙ୍କ 'ସକାଳର ମୁହଁ', ବିପିନ ବିହାରୀ ମିଶ୍ରଙ୍କ ସହର ଉପକଣ୍ଠରେ, ଅମୂଲ୍ୟ କୃଷ୍ଣ ମିଶ୍ରଙ୍କ 'କୁଳବଧୂ' ପଦ୍ମଜ ପାଳଙ୍କ 'ଦୁର୍ଗ ପତନର ବେଳ', ହୃଷୀକେଶ ପଣ୍ଡାଙ୍କ 'ଶୂନ୍ ସଙ୍ଗେ ସାମୟିକ ସନ୍ଧି', 'ସୁନାପୁଟର ଲୋକ' ଓ 'ସୁବର୍ଣ୍ଣ ଦ୍ୱୀପ'(୧୯୯୪) ପ୍ରଭୃତି ଉପନ୍ୟାସରେ ସହରର ଯାନ୍ତ୍ରିକ ଜୀବନଯାତ୍ରାର ସ୍ୱରୂପ ବର୍ଣ୍ଣିତ ହୋଇଛି । ହୃଷୀକେଶ ପଣ୍ଡାଙ୍କ 'ସୁବର୍ଣ୍ଣ ଦ୍ୱୀପ' ଉପନ୍ୟାସରେ ନାୟକ ଅଭିଷେକ ଭାବିଛି, ସେ ଗାଁରୁ ସହରକୁ ଆସି ସବୁ କିଛି ହରେଇ ଦେଇଛି । ନିଜକୁ ପୋକଟି ଭାବି ନିଜେ ଦୁଇଖଣ୍ଡ ହୋଇଯାଇଛି, ଗୋଟିଏ ଖଣ୍ଡ ଆଉ ଖଣ୍ଡକୁ ପାଉନାହିଁ । ଯୋଡି ହେଲେ ସିନା ପୂର୍ଣ୍ଣାଙ୍ଗ ହେବ ସେ ।

ସାଂପ୍ରତିକ ସମାଜ ସହରୀ ଜୀବନଧାରାରେ ହୋଇଛି ଅବକ୍ଷୟ ମୁଖୀ । ପାରିବାରିକ ସ୍ନେହ ଓ ମମତା, ସହୃଦୟତା, ପରୋପକାର, ଶ୍ରଦ୍ଧା, ପତିବ୍ରତା, ସତ୍ୟନିଷ୍ଠା, ଧର୍ମବିଶ୍ୱାସ, ସେବା ପ୍ରଭୃତି ଉଚ୍ଚ ମାନବିକ ଗୁଣାବଳୀର ଅବକ୍ଷୟ ଘଟି ତା ବଦଳରେ ଅନ୍ୟାୟ, ଅନୀତି, ସନ୍ଦେହ, ସ୍ୱାର୍ଥ ପରାୟଣତା, ମିଥ୍ୟା, ଛଳନା,

ପ୍ରତାରଣା, ହିଂସା, ଦ୍ୱେଷ, ଅସୂୟାଭାବ, ହତ୍ୟା, ଲମ୍ପଟତା, ଯୌନକ୍ଷୁଧା, ଅବୈଧ ପ୍ରଣୟ, ଭୃଣହତ୍ୟା, କଳାବଜାରୀ, ଭୋଗବାଦ, ନିଃସଙ୍ଗତା, ଉଦ୍ଭଟ ଚିନ୍ତା, ଅଶାନ୍ତି, ହତାଶା, ନୈରାଶ୍ୟ, ବିଫଳତା, ଭୟ, ଆଶଙ୍କା, ଅନିଶ୍ଚିତତା ପ୍ରଭୃତି ପାଶବିକ, ଘୃଣ୍ୟ ଓ ନୈତିବାଚକ ଗୁଣାବଳୀରେ ସହରଜୀବନ ହୋଇଛି ପରିପୂର୍ଣ୍ଣ । ପୂର୍ବର ଶାନ୍ତ, ସରଳ, ଖୁସି ପାଲଟି ଯାଇଛି ଅନ୍ତଃସାରଶୂନ୍ୟ ଚମ୍ପା ମଣିଷରେ ସହରରେ ରହି । କଳାଟଙ୍କାର କୁବେରପୁରୀରେ ଜୀବିକା ଅଛି ତ ସତ, ମାତ୍ର ଜୀବନ ନାହିଁ ।

## ଉପସଂହାର :

ସ୍ୱାଧୀନତା ପରେ ଓଡ଼ିଶାର ଗ୍ରାମ୍ୟ ଜୀବନରେ ଆସିଛି ନବଜାଗରଣ । ସେମାନଙ୍କ ଚଳଣି ଆଚର ବ୍ୟବହାର, ଶିକ୍ଷା-ଦୀକ୍ଷାରେ ଆସିଛି ପରିବର୍ତ୍ତନ । ପ୍ରତିଟି ବ୍ଲକ୍‌ରୁ ସଡ଼କପଥ ନିର୍ମାଣ କରାଯାଇଛି ଗ୍ରାମକୁ । ଗମନାଗମନ, ଜଳ, ବିଦ୍ୟୁତ୍, କୃଷି ଯନ୍ତ୍ରପାତି, ମନୋରଞ୍ଜନ ପାଇଁ ପ୍ରେକ୍ଷାଳୟ, ରେଡିଓ, ଟେଲିଭିଜନ ପ୍ରଭୃତି ସୁବିଧା ସରକାର କରିଛନ୍ତି । ନିଯୁକ୍ତିର ସୁଯୋଗ ଗ୍ରାମ ଲୋକମାନେ ପାଇଛନ୍ତି, ଲୋକମାନେ ଶୋଷଣର ଶିକାର ହେଉ ନାହାଁନ୍ତି । ସୁବିଧା ସୁଯୋଗ ହାସଲ କରୁଛନ୍ତି । ଗ୍ରାମର ଲୋକମାନେ ଗ୍ରାମମଙ୍ଗଳ କେନ୍ଦ୍ର, ପୌଢ଼ ଶିକ୍ଷାକେନ୍ଦ୍ର ଆଦିରେ ଅନୁଷ୍ଠାନ ଗ୍ରାମ୍ୟ ଜୀବନରେ ଆଣିଦେଲା ନୂତନ ଉତ୍ସାହ ଓ ଉଦ୍ଦୀପନା । ସେହିପରି ସ୍ୱାଧୀନତା ପରେ ସହରୀ ସଭ୍ୟତା ହୋଇ ଉଠିଥିଲା ଉତ୍କଟ ଓ ନୈରାଶ୍ୟ, ସ୍ୱାଧୀନତା ପରେ ଦେଶ ବିଦେଶ ନିମନ୍ତେ ଶିଳ୍ପ ସଭ୍ୟତାର ବିକାଶ ଯୋଗୁଁ ଗ୍ରାମବାସୀ ସହରକୁ ଆସି ସହରୀ ସଭ୍ୟତା ମଧ୍ୟରେ ଯନ୍ତ୍ରଣାରେ ଛଟପଟ ହେବା ସ୍ୱାଧୀନତା ପରବର୍ତ୍ତୀ ସହରୀ ଉପନ୍ୟାସର ଚିତ୍ର । ନଗର ଜୀବନରେ ଦେଖାଦେଇଛି ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାରା । ସ୍ୱାର୍ଥପରତା, ନିଃସଙ୍ଗତା, ଅସଫଳତାର ଗ୍ଲାନି, ଯୌନ କ୍ଷୁଧା, ଦ୍ୱନ୍ଦ, ଆଶଙ୍କା, ଭୟ, ଅଶାନ୍ତି, ଅସନ୍ତୋଷ, ଛଳନା, ହତାଶା, ନୈରାଶ୍ୟର କ୍ଷୋଭ । ଏସବୁକୁ ମୁଣ୍ଡପାତି ସହିଯାଇଛି ସହରୀ ସଭ୍ୟତାରେ ବଢୁଥିବା ମନୁଷ୍ୟ । ବାସ୍ତବରେ ସ୍ୱାଧୀନତା ପରର ଗ୍ରାମ୍ୟ ଓ ନଗରର ଉପନ୍ୟାସ ଗୁଡ଼ିକରେ ଔପନ୍ୟାସିକ ଗଣ ଉନ୍ନତିର ସଫଳତା ଏବଂ ଉନ୍ନତିର ସଫଳତାରେ ଯେଉଁ ଯନ୍ତ୍ରଣା ମିଳେ ତାହା ଛତ୍ରେ ଛତ୍ରେ ଦର୍ଶାଇଛନ୍ତି ।

## ସହାୟକ ଗ୍ରନ୍ଥ ସୂଚୀ :


୧) ସାହୁ, ନାରାୟଣ-ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ୨ୟ ସଂସ୍କରଣ-୨୦୧୮ ।

୨) ସାହୁ, ନୃସିଂହ ଚରଣ- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଶ୍ରୀ ବିଜୟ ଶଙ୍କର ପାତ୍ର, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୭୫୩୦୦୨, ୧ମ ସଂସ୍କରଣ-୨୦୧୧ ।



**ଗବେଷିକା**

**ଭୁବନେଶ୍ୱର-୭୫୧୦୧୫**

**ମୋ-୯୩୩୭୪୫୦୨୧୧**

ISSN -2583-147X(P), Vol.- 8, Issue No. VII, October 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଦାଦନ ଚିତ୍ର

## ବିଭୂତି ଭୂଷଣ ପଧାନ

ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟକୁ ଅନୁଶୀଳନ କଲେ ଦେଖାଯାଏ ଯେ, ସାଂପ୍ରତିକ ସମୟର ସାମାଜିକ ବାସ୍ତବତା ସାହିତ୍ୟରେ ପ୍ରତିଫଳିତ । ଉପନ୍ୟାସ କ୍ଷେତ୍ରରେ ମଧ୍ୟ ଏହି କାଳଖଣ୍ଡରେ ଅନେକ ନୂଆ ନୂଆ ଲେଖକଙ୍କ ଆବିର୍ଭାବ ଘଟି ନିଜର ସୃଷ୍ଟିବଳୟ ମଧ୍ୟରେ ମାନବ ଜୀବନର ନାନାବିଧ ସମସ୍ୟାକୁ ରୂପାୟିତ କରିଛନ୍ତି । ସେହି ଦୃଷ୍ଟିରୁ ଦଙ୍ଗା, ଦାଦନ, ବିସ୍ଥାପନ, ଜଗତୀକରଣ, ଗଣ ଆନ୍ଦୋଳନ, ଦଳିତ ଚେତନା, ବାମାବାଦୀ ତଥା ପର୍ଯ୍ୟାବରଣ ଭିତ୍ତିକ ଭାବଶିଳ୍ପ ପର୍ଯ୍ୟାପ୍ତ ପରିମାଣରେ ପରିଦୃଷ୍ଟ ହୋଇ ଓଡ଼ିଆ କଥାଜଗତକୁ ସମୃଦ୍ଧ କରିଛି । ତନ୍ମଧ୍ୟରୁ ଦାଦନ ସମସ୍ୟା ଏକ ମୁଖ୍ୟ ବିଷୟ ରୂପେ ପ୍ରତୀୟମାନ । ଯେଉଁଥିରେ ନିରୀହ ମଣିଷର ଦୁଃଖ-କଷ୍ଟ, ଦାରୁଣ ଦୁର୍ବିପାକ, ଓ ଅଭାବ-ଅସୁବିଧାର କରୁଣ ଅଭିବ୍ୟକ୍ତି ପ୍ରତିଫଳିତ । ଭାରତ ସ୍ୱାଧୀନତାର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ମଣିଷ ପେଟପାଇଁ ଡହଳବିକଳ, ତେଣୁ ସେ ହୁଏ ଦେଶାନ୍ତରୀ । ଦେଶରୁ ଗୋରା ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଅପସରି ଯାଇଥିଲେ ମଧ୍ୟ ଦେଶୀୟ ସାହୁକାର, ମାଲିକ, ଦଲାଲ ଓ ଧନୀକ ଗୋଷ୍ଠୀ ଶୋଷକଙ୍କ ଦ୍ୱାରା ସରଳ ମଣିଷଙ୍କ ଜୀବନ ଅଧିକ ନିଷ୍ପେଷିତ । ଏହି ଭାବ ଭୂମିକୁ ବହନ କରି ଗଢ଼ି ଉଠିଛି ଅନେକ କାରୁକାର୍ଯ୍ୟ, ସେଥିମଧ୍ୟରୁ ୨୦୦୦ ମସିହା ପରବର୍ତ୍ତୀ ସମୟରେ ପ୍ରକାଶିତ ଉପନ୍ୟାସକୁ ଅଲୋଚନା ପରିସରଭୁକ୍ତ କରିଛି । ପ୍ରମୁଖ ଉପନ୍ୟାସ ଗୁଡ଼ିକହେଲା 'ଦାଦନ' (୨୦୧୬), 'ଦାଗ' (୨୦୧୩), 'ଜାଲ' (୨୦୧୪), 'ଦାଦନ ସୁନ୍ଦରୀ' (୨୦୧୪), 'ଦେଶାନ୍ତର' (୨୦୧୬), 'ଦାଦନ ରାଜ୍ୟ' (୨୦୧୬), 'ବସୁନ୍ଧରାର କୋହ' (୨୦୧୮), 'ମରୁଡ଼ି-୧୯୬୫' (୨୦୨୧) , 'ପ୍ରବାସୀ', ଇତ୍ୟାଦି ଅନ୍ୟତମ ।

ଗୋଟିଏ ମଣିଷ ବା ପରିବାର ଭିଟାମାଟି, ବନ୍ଧୁ, ପରିଜନ ସମସ୍ତ ସମ୍ପର୍କ ଛିନ୍ନ କରି ଦେଶାନ୍ତରୀ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରାକୃତିକ ବିପର୍ଯ୍ୟୟ, ସାହୁକାରଙ୍କ ଶୋଷଣ, ସରକାରଙ୍କ ପ୍ରତାରଣା, ପ୍ରଶାସନର ଦୁର୍ନୀତି ଓ ଅତ୍ୟାଚାର, ନେତା ମନ୍ତ୍ରୀଙ୍କ ଛଳନା ଅନ୍ୟତମ । ସାଧାରଣତଃ ଓଡ଼ିଶାର ଜନତାଙ୍କ ପାଇଁ ବନ୍ୟା, ବାତ୍ୟା, ମରୁଡ଼ି ଚିର ସହଚର । ତା'ର ପ୍ରଭାବରେ ଫସଲ ନଷ୍ଟ ହୋଇ ଏଠିକାର ପ୍ରଜା ଖାଇବାକୁ ମୁଠେ ପାଏ ନାହିଁ, ଅନ୍ୟପଟେ ସାହୁକାରର କରଜ ଅଣ୍ଟା ଭାଙ୍ଗି ଦିଏ । କଳେବଳେ କୌଶଳେ ସାହୁକାରର ବହୁଗୁଣିତ ପ୍ରାପ୍ୟ ଆଦାୟ ଓ କୂଟ ଚକ୍ରାନ୍ତରେ ସର୍ବସ୍ୱାନ୍ତ ହୋଇଯାଏ । ଫଳତଃ ମଣିଷ ଜନ୍ମମାଟି, ସମାଜ, ପରିବାର, ଗାଁ' ଛାଡ଼ି ଚାଲିଯାଏ ଅନେକ ଦୂର । ଏହିସବୁର ନିଛକ ପ୍ରତିଛବି ଅନେକ ଓଡ଼ିଆ ଉପନ୍ୟାସରେ ଲକ୍ଷ୍ୟ କରାଯାଏ । ସେଥିମଧ୍ୟରୁ ସଞ୍ଜୟ କୁମାର ମିଶ୍ରଙ୍କ 'ଦାଦନ ସୁନ୍ଦରୀ' ସ୍ୱତନ୍ତ୍ର । ମରୁଡ଼ି ଯୋଗୁଁ ଅନାହାରରେ ନାୟିକା ତୀରର ବାପା ରୋହିତ ପରାଭୁଏ ଗାଁ'ର ସବୁ ଜମିବାଡି ବିକ୍ରି କରି ସମଗ୍ର ପରିବାର ପ୍ରବାସୀ ଶ୍ରମିକ ସାଜିଛନ୍ତି । ଆନ୍ଧ୍ର ଇଟା ଭାଟିରେ ପହଞ୍ଚିବା ପରେ ତାଙ୍କର ସ୍ୱାଧୀନତା କ୍ଷୁର୍ଣ୍ଣ ହୋଇଛି । ଶ୍ରମିକକୁ ମାଲିକମାନଙ୍କର ପଶୁଭଳି ବ୍ୟବହାର, କାମରେ ଟିକିଏ ହେଳା ହେବାରୁ ମାଲିକ ତାଙ୍କୁ ଅଧିକ ସାତବର୍ଷ ବନ୍ଧାରଖି, କୌଣସି ପର୍ବପର୍ବାଣୀରେ ଗାଁ'କୁ ଯିବାକୁ ନ ଛାଡ଼ିବା । ଦେହ ଖରାପ ହେଲେ ଟିକେ ବିଶ୍ରାମ ପାଇଁ ସୁଯୋଗ ନ ଦେବା । କିଛି ଜାଗାରେ ମାଲିକ ମାଡମାରି ଶ୍ରମିକର ଗୋଡ଼ହାତ ଭାଙ୍ଗି ଦେଉଥିବା ଚିତ୍ର ଦେଖାଯାଇଛି । ଏତେ ସବୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭିତରେ ଦାଦନ ଶ୍ରମିକ ପରିବାର କାଳ କାଟିଛନ୍ତି । ସେମାନଙ୍କ ପରାଧୀନତାକୁ ଔପନ୍ୟାସିକ ଦର୍ଶାଇବାକୁ ଯାଇ କହିଛନ୍ତି- 'ଦିନରାତି କାମ କରି କରି ପଥର ପାଲଟି ଯାଇଥିବା ତାଙ୍କ ଛାତି, ମୁହଁ, ଆଖି, ପିଠି ଓ ବାଳ ସବୁ ଯୁଗ ଯୁଗରୁ ବ୍ୟାକୁଳ ଥିଲେ ପାଇବାକୁ ମଣିଷପଣର ସାନ୍ନିଧ୍ୟ । ତାଙ୍କ ଆତ୍ମା, ଓଠ, ଆନନ୍ଦ, ଆଳସ୍ୟପଣ ସବୁ କାନ୍ଦୁଥିଲେ ମୁଠାଏ ଫଗୁ ରଙ୍ଗର ଧୂସର ଆଲୁଅ ପାଇଁ, ଜଠର ସାରା ଭରି ରହିଥିଲା ଅୟୁତ ଯୁଗର ଭୋକ ।' (ଦାଦନ ସୁନ୍ଦରୀ,ପୃ-୧୩) ରାସବିହାରୀ ବେହେରାଙ୍କ 'ବସୁନ୍ଧରାର କୋହ'ରେ ମଧ୍ୟ ମାଟିଆ ଗାଁର ଅଧିକାଂଶ ପରିବାର ମରୁଡ଼ି ଯୋଗୁଁ ଦଲାଲର ଚକ୍ରାନ୍ତରେ ରାୟପୁର ଯାଇଛନ୍ତି ଓ ସେଠାରେ ବିଭିନ୍ନ

ଦୁର୍ଦ୍ଦିନରେ ଜୀବନ ଧାରଣ କରିଛନ୍ତି । ତାଙ୍କର ଦାରିଦ୍ର୍ୟ ବର୍ଣ୍ଣିବାକୁ ଯାଇ ଔପନ୍ୟାସିକ କହିଛନ୍ତି- "ଦାରିଦ୍ର୍ୟର ଉତ୍କଟତା କେତେ ତୀବ୍ର ତାହା ସହଜରେ ମଣିଷ ବୁଝିବା ସମ୍ଭବ ନୁହେଁ । ସେମାନଙ୍କ ଅବସ୍ଥା ଯେ ଦେଖୁଛି ତାର ହୃଦୟ ବିଦାରିହୋଇ ଯାଉଛି । ଅଭାବୀ ସଂସାରର କରୁଣ କାହାଣୀ ପ୍ରତ୍ୟେକ ଅଞ୍ଚଳରେ ଦେଖିବାକୁ ମିଳୁଛି'' (ବସୁନ୍ଧରାର କୋହ, ପୃ-୧୧୦) ଆଦିତେଶ୍ୱର ମିଶ୍ରଙ୍କ 'ଦେଶାନ୍ତର' ଉପନ୍ୟାସରେ ନାୟକ ବାରଣର ଘରେ ମରୁଡ଼ି ଯୋଗୁଁ ଖାଇବାକୁ ଖୁଦ କଣିକାଟିଏ ବି ନାହିଁ । ଶ୍ରାବଣ ମାସ ମାଟିଫଟା ଖରାରେ ଧାନଗଛ ଜଳି ଯାଉଥିବାର ଦୃଶ୍ୟ । 'ମରୁଡ଼ି-୧୯୬୫' ଉପନ୍ୟାସରେ ସାମୁଏଲ ଦାନୀ, ୧୯୬୫-୬୬ ମସିହାରେ ଅକାଳ ମରୁଡ଼ି ଯୋଗୁଁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳ ଜଳବିହୁନେ ଜଳି ଯାଉଥିବାର ଅଭାବନୀୟ ଦୃଶ୍ୟ ଅତି ଜୀବନ୍ତ ଭାବେ ତୋଳି ଧରିଛନ୍ତି । ବୋଡେନ ସିନାପାଲି ଅଞ୍ଚଳର ଅଧିକାଂଶ ପରିବାର ଗାଁ ଛାଡି ରାୟପୁର ଚାଲି ଯାଇଛନ୍ତି । ଯଦିଓ ପରବର୍ତ୍ତୀ ସମୟରେ ରମାଦେବୀ ଓ ପାର୍ବତୀ ଗିରି ଦୁଇ ମହୀୟସୀ ମହିଳାଙ୍କ ନେତୃତ୍ୱ ଓ ସେବା ବଳରେ ପରିସ୍ଥିତିକୁ ଆୟତ୍ତ କରାଯାଇଛି ।

ସରକାରଙ୍କ ଅସଂଖ୍ୟ ଯୋଜନା ତେଲିଆ ମୁଣ୍ଡରେ ତେଲ ନୀତିରେ ପଥଭ୍ରଷ୍ଟ ହେବା ବେଳେ ପ୍ରଶାସନର ଦୁର୍ନୀତି, ଲାଞ୍ଚଖୋର୍ ପ୍ରବୃତ୍ତି ଅନେକ ସାଧାରଣ ଜନତାଙ୍କୁ ନିଜ ଅଧିକାରରୁ ବଞ୍ଚିତ କରିଛି । ବିଭିନ୍ନ ସରକାରୀ ଯୋଜନାର ବିଫଳ ହେତୁ ପ୍ରକୃତ ଯୋଗ୍ୟ ହିତାଧିକାରୀ ଅବହେଳିତ ହୋଇ ଦଲାଲ ରୂପକ ଜାଲରେ ଛନ୍ଦି ହୋଇଛନ୍ତି । ସାମୁଏଲ ଦାନୀଙ୍କ ' ମରୁଡ଼ି-୧୯୬୫ ' ରେ କଳାହାଣ୍ଡିର ମରୁଡ଼ି ପରିସ୍ଥିତି ନିୟନ୍ତ୍ରଣ ପାଇଁ ସରକାର ରିଲିଫ ପଠାଇ ଥିବାବେଳେ, ତହିଁର ବିଡିଓ ପଣ୍ଡାବାବୁ ବିଦେଶ ଯାଇଥିବା ଶ୍ରମିକ ପରିବାରଙ୍କ ନାମରେ ରିଲିଫ ଉଠାଇ ପରଦେଶୀଆ ବେପାରୀ ମାନଙ୍କୁ ବିକ୍ରି କରିଛନ୍ତି । ଅବିକଳ ଭାବେ 'ଦେଶାନ୍ତର'ରେ ଗୋଟିଏ ହରିଜନ ପରିବାରଙ୍କ ଗରୀବି କଷଣ ପରିଦୃଷ୍ଟ ହୁଏ । ଯେଉଁମାନେ ପେଟର ଭୋକ ହାଡ଼େହାଡ଼େ ହୃଦୟଙ୍ଗମ କରିଛନ୍ତି, ମୁଠାଏ ଦାନା ପାଇ ନାହାନ୍ତି ଖାଇବାକୁ । ଦୁଇଟଙ୍କିଆ ରାସନ କାର୍ଡ଼ ଖଣ୍ଡକ ପଚିଶ ଟଙ୍କାରେ ବନ୍ଧା ପଡ଼ିଛି, ନାୟକର ସ୍ତ୍ରୀ କିଶରୀ ଦୋକାନରେ ଖଣ୍ଡେ କଂସାବାସନ ବନ୍ଧାକରି ଆଣିଥିବା ଚାଉଳ ସରିଯାଇଛି । ଶ୍ରାବଣ ମାସରେ ଟାଣଖରା, ବର୍ଷାର ଦେଖା ନାହିଁ । ଲୋକମାନେ ରଖିଥିବା ବିହନଗୁଡ଼ିକ ବି ଖାଇଦେଲେ । ଏପରି ପରିସ୍ଥିତିରେ ଦାଦନୀ (ବଇନା) ବା ବାହାବନ୍ଧା ହିଁ ତାଙ୍କର ଭରସା ପାଲଟିଛି । ଶ୍ରମିକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ଯାହାକିଛି ଯୋଜନା ଆସିଛି ସବୁ ବଡ଼ବଡ଼ ନେତାମନ୍ତ୍ରୀ ଠିକାଦାରମାନଙ୍କ ବ୍ୟାଗ ଭର୍ତ୍ତିହୋଇଛି । ସମସ୍ତ ଯୋଜନାରେ ସେମାନେ ମେସିନ ଲଗାଇ କାମ କରିଛନ୍ତି । ଫଳରେ ଜଣେ ପରିଶ୍ରମୀ ମଣିଷକୁ ପଙ୍ଗୁ କରି ଦେଉଛି ମେସିନ, ଯଥା- "ସାତ ଆଠ ବଛର ଆଗୁ ଚାଷ ସିଜନରେ ବିନିକା କେନାଲଏରିଆ ଗଲେ ପହ୍ଲାରୁଆ ଧାନ କଟା କାମ ମିଳୁଥିଲା । ଏବେ ତ ପହ୍ଲାରୋପୁଛି, ଧାନ ବି କାଟୁଛି ସେଇ ମେସିନ । ସାରା ପୁର୍ଥୀଟା ଯେମିତି ମେସିନମୟ ହୋଇ ଯାଉଛି । ଶଳା କମିହାଁ ମଣିଷର କାମ ଛଡ଼େଇ ପେଟ ପାଟଣା ମାରି ଦେଉଛି ।" (ଦେଶାନ୍ତର, ସାମ୍ନା ପୂଜା ସଂଖ୍ୟା, ୨୦୧୬, ପୃ-୨୭୬)

ତେଣୁ ଦାଦନ ସୃଷ୍ଟି ହେବାରେ ଜଗତୀକରଣ ମଧ୍ୟ ଦାୟୀ ବୋଲି ଔପନ୍ୟାସିକ ବାରଣ ଚରିତ୍ର ମାଧ୍ୟମରେ ବଳିଷ୍ଠ ସ୍ୱର ଉତ୍ଥାପନ କରିଛନ୍ତି । ନାୟକ ବାରଣ ଏସବୁରେ ଅତିଷ୍ଠ ହୋଇ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଦଲାଲ ଶରତ ଠାରୁ ବଇନା ଆଣିବା ପରେ କରମା ପରଦିନ ତା'ସ୍ତ୍ରୀ ଓ ଛୋଟ ଛୁଆ ଦୁଇଟାକୁ ଧରି ଘର ଛାଡ଼ିଛି । ଦାଦନ ଯାଉଥିବା ଅପରାଧରେ ପୋଲିସର ମାଡ଼ ଖାଇଛି । ତା'ର ସର୍ବାଙ୍ଗ ଶରୀରରେ ଅସହ୍ୟ ଯନ୍ତ୍ରଣା ହେଉଥିଲେ ମଧ୍ୟ ତଥାପି ମନକୁ ବୁଝେଇଛି ଏହା ତ ତାଙ୍କ ଜାତିର ଚିରାଚରିତ ଘଟଣା । ଗାଁ'ରେ ଯାହାର ଯେ କୌଣସି ଜିନିଷ ଚୋରି ହେଲେ, ପୋଲିସ ହରିଜନ ପଡ଼ାକୁ ଆସି ସମସ୍ତଙ୍କୁ ପଚାରେ କୌଣସି ତଥ୍ୟ ନ ପାଇଲେ ବିନା ଦୋଷରେ ଦୁଇଚାରି ବାଡ଼ି ଲେଖାଏଁ ବାଡ଼େଇ ଦିଏ । ଏସବୁ ଭିତରେ ତାକୁ ଜୁଳୁଜୁଳିଆ ଦିଶୁଛି ସାହୁକାର ପାଖରେ ବନ୍ଧା ପଡ଼ିଥିବା ରାସନ କାର୍ଡ଼, ଭଙ୍ଗା ଚାଳଛପର ଘର, ଖୁଁଖୁଁ କାଶୁଥିବା ବୁଢ଼ାବାପ ଓ ଝିଅ ତରାର ବାହାଘର ଚିନ୍ତା । ଏ ସମସ୍ତ ଅବସ୍ଥାର ଆଂଶିକ ସୁଧାର ହିଁ ବଇନା ଟଙ୍କା ।

'ଦେଶାନ୍ତର'ରେ ଔପନ୍ୟାସିକ ଦାଦନ ସୃଷ୍ଟି ହେବା ପଛରେ ଥିବା ଐତିହାସିକ ବିବରଣୀ ପ୍ରଦାନ କରିଛନ୍ତି । ବାରଣର ବାପା ତା ନାତୁଣୀକୁ କହିଛି – ହରିଜନ ଜାତିର ଗୋଟିଏ ସ୍ୱତନ୍ତ୍ର ପରିଚୟ ଥିଲା, ସେମାନେ ବୁଣାକାର କାମରେ ପାରଙ୍ଗମ ଥିଲେ । ତେଣୁ ବର୍ତ୍ତମାନ ମଧ୍ୟ ତାଙ୍କ ଜାତିର ନାଁ ଅନୁସାରେ 'ଡମ ଅଙ୍ଗଛି' ପ୍ରଚଳିତ । ସେମାନେ ପାହାଡ଼ କାଟି ଜମି ତିଆରି ଚାଷବାସ କରି ଖୁସିରେ ରହୁଥିଲେ, ଅଥଚ ରାଜା ଖଜଣା ପାଇବ ବୋଲି ଅନ୍ୟ ଜାତିର ଲୋକମାନଙ୍କୁ ସେହି ଜମି ବାଣ୍ଟି ଦେଲା । ଫଳରେ ଖାଇବାକୁ ନପାଇ ସେମାନେ ବିଦେଶ ଚାଲିଗଲେ । ଏହିପରି ଯୁଗେ ଯୁଗେ ସାଧାରଣ ମଣିଷ ରାଜା ମହାରାଜା ତଥା ଧନୀକ ଗୋଷ୍ଠୀର ପ୍ରତାପରେ ନିଜ ଜୀବନର ସ୍ୱଚ୍ଛନ୍ଦତାକୁ ଜଳାଞ୍ଜଳି ଦେଇଛି । କାଳକ୍ରମେ ରୂପାନ୍ତରିତ ହୋଇଛି ଗୋଟିଏ ନିର୍ଜୀବ ଯାନ୍ତ୍ରିକ ମଣିଷରେ । ଅନ୍ୟ ଏକ କାହାଣୀର ସଂଯୋଜନାରେ

ଦେଖାଯାଏ, କିଛି ଲୋକ ବିଭିନ୍ନ ଅପରାଧ କରି ଜେଲରେ ଥିଲେ, ଗୋରା ସରକାର ରାଜାଙ୍କୁ ଅନୁମତି ମାଗି ସେମାନଙ୍କୁ କୁଲି କାମ କରିବା ପାଇଁ ଆସାମ ଚା' ବାଗାନକୁ ନେଲା ତେଣୁ ଏ ଅଞ୍ଚଳରେ ସେଇ ଦିନଠୁ ଦାଦନ ଯିବା ସୃଷ୍ଟି ହୋଇଛି ବୋଲି ବୁଢାଦଦା କହିଛି, ଯଥା:- "ଯାହାର ମାଇପ ଥିଲା, ଛୁଆପିଲା ଥିଲା ସେଇ ମାଇପ, ଛୁଆପିଲା ଧରି ଦେଶାନ୍ତରୀ ହେଲା । ଏଇଠୁ ତ ଏଇ ମାଟିରେ ଦାଦନୀର ବୀଜ ପଡ଼ିଲା ।"

ମାଟି ମହୁଲ ଛାଡ଼ି ପେଟ ପାଇଁ ଆଉ ଠାଏ ମାଟିକୁ ଯିବା ବାଟ ଫିଟିଲା ।" (ଦେଶାନ୍ତର, ସାମ୍ନା ପୃଜାସଂଖ୍ୟା -୨୭୪ )

ପ୍ରତ୍ୟେକ ଦାଦନ ଶ୍ରମିକଙ୍କ ଦୁଃଖ ଆରମ୍ଭ ହୁଏ ଗୃହତ୍ୟାଗ କରିବା ଠିକ ପରେ । ଦଲାଲମାନେ ଶ୍ରମିକମାନଙ୍କୁ ଅମାନୁଷିକ ବ୍ୟବହାର କରୁଥିବା ଦେଖାଯାଏ । 'ଦେଶାନ୍ତର'ରେ କିଶରୀର ପାଖ ଗାଁର ମଇଲମ ଝିଅ ବାହାଘର ପାଇଁ ନେଇଥିବା ବଇନା ଟଙ୍କା ଶୁଝି ପାରିନି ବୋଲି ଦଲାଲ ତାର ହାତକାଟି ଦେଇ ରାସ୍ତାରେ ଫିଙ୍ଗି ଦେଇଛି । କେହି କେହି ଇଟା ଗଢ଼ି ବଇନା ଶୁଝି ନପାରିଲେ ସେଠ୍ ପରିବାରର ସମସ୍ତଙ୍କୁ ଆଠଦଶ ବର୍ଷ ପର୍ଯ୍ୟନ୍ତ ବନ୍ଧକ ରଖେ । ସେହି ସମୟରେ କିଛି ଲୋକଙ୍କୁ ବାର୍ଦ୍ଧକ୍ୟ ଅତିକ୍ରମ କରି ମୃତ୍ୟୁବରଣ କରନ୍ତି ଅଥଚ ମାତୃଭୂମିର ମୁହଁ ଦେଖି ପାରନ୍ତିନି । ଔପନ୍ୟାସିକଙ୍କ ଭାଷାରେ:- "××× ଦାଦନ ଗଲମାନେ ଆପଣା ମାଟି ମହୁଲକୁ ଫେରିଲ ଯଦି ଫେରିଲ । କର୍ମର ଦେବତା ସେଇ କରମସାନୀ ହିଁ ଦାୟ ××× ସତରେ କ'ଣ ସେ ଦାଦନଗୁତା' ଭିଟାମାଟିକୁ ଜୀବନ ଧରି ଫେରିବ" । (ଦେଶାନ୍ତର, ସାମ୍ନା ପୃଜାସଂଖ୍ୟା -୨୮୨)

ଏସବୁ ଭୟଙ୍କର ଅନୁଭୂତି ଦେଖି କିଶରୀ ଓ ବାରଣ ସେ ସ୍ଥାନ ଛାଡ଼ି ଚାଲି ଆସିଛନ୍ତି । ଭାବିଛନ୍ତି ଘରଦ୍ୱାର ବିକ୍ରିକରି ଶୁଝି ଦେବେ ଦଲାଲର ସବୁ ବଇନା ଅଥଚ ଦଲାଲର ଲୋକମାନେ ତାଙ୍କୁ ପାଇବା ପରେ ବହୁତ ମାଡ଼ ମାରିଛନ୍ତି, ବାରଣର ପ୍ରତ୍ୟେକ ଅଙ୍ଗରୁ ରକ୍ତସ୍ରାବ ହୋଇଛି । ସେ ଚେତା ହରେଇବା ପରେ ତାକୁ ରେଳ ଷ୍ଟେସନରେ ଫିଙ୍ଗି ଦେଇ ତା' ସ୍ତ୍ରୀ ଓ ଛୁଆଙ୍କୁ ଆନ୍ଧ୍ରପ୍ରଦେଶ ନେଇଛନ୍ତି । କିଛିଦିନ ପରେ ବଲାଙ୍ଗିର ଡାକ୍ତରଖାନାରେ ବାରଣ ମୃତ୍ୟୁବରଣ କରିଛି ।

ଦାଦନ ଶ୍ରମିକର ସ୍ତ୍ରୀ କିମ୍ବା ଝିଅ ଦଲାଲ ଦ୍ୱାରା ଅନେକ ଅତ୍ୟାଚାର ହେଉଥିବା ବିଭିନ୍ନ ଉପନ୍ୟାସରେ ଦେଖାଯାଏ । କର୍ମସ୍ଥଳୀ, ଘରଦ୍ୱାର, ରାସ୍ତାଘାଟ ସବୁଥିରେ ତାଙ୍କ ଜୀବନ ଅସୁରକ୍ଷିତ । 'ଦେଶାନ୍ତର'ରେ ଇଟା ଗଢ଼ିବା ପାଇଁ ଯାଉଥିବା ବେଳେ ସମସ୍ତ ପଥୁରିଆ ପରିବାର ଗୋଟିଏ ସ୍ଥାନରେ ବିଶ୍ରାମ ନେଇଛନ୍ତି । ସେଇ ରାତିରେ କିଏ ଜଣେ କିଶରୀକୁ ଧର୍ଷଣ କରିବାକୁ ଆସି ଶାଢ଼ୀ ଖୋଲିବାକୁ ଚେଷ୍ଟା କଲାବେଳେ କିଶରୀର ଲାତ ଖାଇ ସେ ଛାଡ଼ି ଦେଇଛି । ଇଟା କାରଖାନାକୁ ପହଞ୍ଚିବା ପରେ ଦଲାଲ ଶରତ କିଶରୀର ସୁବିଧା ଅସୁବିଧା ବୁଝିବା ପାଇଁ ଆସିଛି, ତା ଜରି ଡିଆରି କୁଡ଼ିଆ ଭିତରକୁ ପଶି କିଶରୀର ଅନେକ କାକୁତି, ବିନତି, ପ୍ରତିରୋଧ ସତ୍ତ୍ୱେ ତାକୁ ଧର୍ଷଣ କରିଛି ।

'ଦାଦନ ସୁନ୍ଦରୀ'ରେ ନାୟିକା ତୀର ଜୀବନରେ ମଧ୍ୟ ଅନେକ ଝଡ଼ଝଞ୍ଜା ବହି ଯାଇଛି । ନିଜ ଅନିଚ୍ଛା ସତ୍ତ୍ୱେ ମାଲିକ ସେଠ୍ ଦଲାଲ ପ୍ରତ୍ୟେକଙ୍କ ଦେହର ଉତ୍ତାପ ମେଣ୍ଟାଇଛି । କେତେବେଳେ କେଉଁ ପୁରୁଷର ଗର୍ଭଧାରଣ କରିଛି, ସେ ନିଜେ ବି ଜାଣିପାରିନି ତଥାପି ଆଗ୍ରହରେ ସେମାନଙ୍କ ପିଲାଙ୍କୁ ଜନ୍ମଦେଇ, ତାଙ୍କୁ ପାଳିଛି ପୋଷିଛି । ଗୋଟିଏ ପଟେ ଜଣେ ଭୋକିଲା ପେଟର ମହନୀୟତା ଦେଖା ଯାଉଥିବା ବେଳେ ଅନ୍ୟପଟେ ଶୋଷକ ସମାଜର ବର୍ବରତା ପରିଦୃଷ୍ଟ ହୁଏ ।

ସ୍ୱପ୍ନା ମିଶ୍ରଙ୍କ 'ଦାଗ' ଉପନ୍ୟାସରେ ନାୟକ ଧୁବଳେ ନିଜ ଗର୍ଭବତୀ ସ୍ତ୍ରୀ ଓ ଛୁଆମାନଙ୍କୁ ଧରି ଇଟା ଗଢିବା ପାଇଁ ଆନ୍ଧ୍ରପ୍ରଦେଶ ଯାଇଛି । ତା ସ୍ତ୍ରୀ ଗର୍ଭବତୀ ଥାଇ ମଧ୍ୟ ଇଟା ଗଢ଼ିବା ଭଳି କଠିନ କାମରେ ନିୟୋଜିତ କରିଛି । ଯେଉଁଠି ମଣିଷ ସମାଜର ଦୟା, କ୍ଷମା, ସହାନୁଭୂତି ସବୁ ଉଭେଇ ଯାଇଛି । କଥାକାର ସୂଚାଇ ଦେବାକୁ ଚାହାନ୍ତି ଯେ ଦାଦନ ଶ୍ରମିକ ପରିବାରରେ ନାରୀର ବାସ୍ତବସ୍ଥିତି । ବିଭିନ୍ନ ସମୟରେ କାମ ତଦାରଖ କରୁଥିବା ମୁନସୀର ଲୋଲୁପ ଦୃଷ୍ଟିର ଶିକାର ହୁଏ ଟେବା । ତା' ଶରୀରକୁ ଉପଭୋଗ କରନ୍ତି ସେଠ୍ ଓ ମୁନସୀ । ସବୁ ଦେଖି ମଧ୍ୟ ଧୁବଳେ କିଛି ପ୍ରତିବାଦ କରିପାରେ ନାହିଁ । ସେ ଶୁଣିଛି ମାଲିକର କୌଣସି କଥାରେ ଅମଙ୍ଗ ହେଲେ ଆହୁରି ଅନେକ କଷ୍ଟ ସହିବାକୁ ପଡ଼େ, ତେଣୁ ନୀରବରେ ସବୁ ଅଦଉତି ଝାଡ଼ିଛି ଟେବା ଦେହରେ ଓ ଇଟାଭାଟିରେ ସ୍ତ୍ରୀ'କୁ ଛାଡି ଚାଲି ଆସିଛି ଘରକୁ । ସେଠ୍ ଦ୍ୱାରା ନାୟିକା ଟେବା ଅତ୍ୟାଚାରିତ ହୋଇ, ଅନ୍ତସତ୍ତ୍ୱା ହେବାରୁ କିଛିଦିନ ପରେ ସେ ତାକୁ ନଷ୍ଟଚରିତ୍ରା କହି ତଡ଼ି ଦେଇଛି । ଅସହାୟ ନାରୀକୁ ଉପଭୋଗ କଲାପରେ ଫିଙ୍ଗି ଦେଉଥିବା ସଭ୍ୟ ସମାଜର ମନସ୍ତାତ୍ତ୍ୱିକ ଚିତ୍ରଣ ମଧ୍ୟ ଏଠାରେ ଔପନ୍ୟାସିକା ସଫଳ କରିଛନ୍ତି । ଏହିପରି ଦାଦନ ଶ୍ରମିକର ସ୍ତ୍ରୀ ଟେବା ବିଭିନ୍ନ ସ୍ଥାନରେ ଅନେକ ପ୍ରତାରଣାର ଶିକାର ହୋଇଛି । ସ୍ୱାମୀକୁ ମୁକୁଳାଇବା ପାଇଁ ଓକିଲ ପାଖକୁ ଧାଇଁଛି କିନ୍ତୁ କିଛି ସୁଫଳ ମିଳିନାହିଁ । ଏଥିରେ ନାୟିକା ଟେବା ଯନ୍ତ୍ରଣାକ୍ଳିଷ୍ଟ ଜୀବନ ବିରୁଦ୍ଧରେ ଲଢ଼ିଲଢ଼ି ପାଗଳି ହୋଇଯାଇଛି । ତାଡାକ ନା ଶୁଣିଛି ପ୍ରଶାସନ ନା ସଭ୍ୟସମାଜ । ମହାଜନର ଗର୍ବ ଅହଂକାର ସବୁ ନିଜେ ହିଁ ଭୋଗିଛି ଅଥଚ 'ଦେଶାନ୍ତର'ରେ କିଶୋରୀ

ଦେହରେ ଅନେକ ଝଡ଼ଝଞ୍ଜା ବହି ଯାଇଥିଲେ ମଧ୍ୟ । ପରବର୍ତ୍ତୀ ସମୟରେ ସେ ନିଜ ପରିବାରକୁ ସମ୍ଭାଳିଛି ଝିଅକୁ ଶିକ୍ଷିତ କରିବାକୁ ଆଶ୍ରମ ସ୍କୁଲ୍‌କୁ ଛାଡ଼ିଛି ଯଦିଓ ଉଭୟ ଦାଦନ ଶ୍ରମିକ ଜୀବନରେ ଅନେକ ସାମ୍ୟ ପରିଲକ୍ଷିତ ହୁଏ । ଏହା ବ୍ୟତୀତ ସାହୁକାର, ମହାଜନ, ଗୌନ୍ତିଆଙ୍କ ଶୋଷଣ ଯୋଗୁଁ ଅନେକ ଗରିବ ପରିବାର ଗାଁ ଛାଡି ଦାଦନ ଶ୍ରମିକ ସାଜୁଥିବାର ଦୃଷ୍ଟିଗୋଚର ହୁଏ ।

ଖାଦ୍ୟପେୟ କ୍ଷେତ୍ରରେ ମଧ୍ୟ ଦାଦନ ଶ୍ରମିକ ହୀନମନ୍ୟତାର ଶିକାର ହେଉଥିବା ଅନେକତ୍ର ପରିଲକ୍ଷିତ । ବାରଣ ଓ ଅନ୍ୟାନ୍ୟ ପଥରିଆମାନେ ଦାଦନ ଯାଉଥିବା ସମୟରେ ଦଲାଲ କାଦୁଅ ପାଣିମିଶା ଚୂଡ଼ା ଖାଇବାକୁ ଦେଇଛି । ଯଥା- "ସେଇ ନାଳର କାଦୁଅ ମିଶା ପାଣିକୁ ଚୂଡ଼ାବସ୍ତାରେ ଢାଳି ତା ଉପରେ ଚିନି ଟିକେ ଟିକେ ଭୁରେଇ ଗୋଟେ ଗୋଟେ ଚଉକିନୀରେ ଜଣକୁ ଜଣ ଧରେଇ ଦେଲା ।" (ଦେଶାନ୍ତର, ସାମ୍ନା ପୂଜା ସଂଖ୍ୟା, ୨୦୧୬, ପୃ-୨୭୯) ଅନ୍ୟତ୍ର ଦେଖାଯାଏ ଶ୍ରମିକମାନେ ଇଟା କାରଖାନାକୁ ପହଞ୍ଚିବା ପରେ ଶେଠ ସମସ୍ତଙ୍କୁ କୁକୁଡ଼ା ଖାଇବା ଖୁଦ, ଆଳୁ ଚାରିଟି ଆଉ କାଠ ଦେଇଛି, ଗୋଟିଏ ସପ୍ତାହ ପାଇଁ ଯାହା ତାଙ୍କର ମହୌଷଧୀ । ଶ୍ରମିକମାନଙ୍କ ପ୍ରତି ହେୟ ମନୋଭାବର ପରିଚାୟକ । ଆଉ ଏଇ କନକୀ ଖୁଦରୁ ମୁକ୍ତି ପାଇଁ ସ୍ୱପ୍ନ ଦେଖୁଥିଲା ତୀର- "କୁକୁଡ଼ାଖିଆ କନକି ଖାଇଖାଇ ନିର୍ଜୀବ ପଣର ସବୁ ସୀମାରେଖା ଡେଇଁ ସାରିଥିଲେ ସଭିଏଁ ।"

(ଦାଦନ ସୁନ୍ଦରୀ, ପୃ-୧୩)

ପ୍ରଶାସନର ଛଳନା, ପ୍ରତାରଣା ଓ ପରିସ୍ଥିତିକୁ ଆୟତ୍ତ କରିବା ପାଇଁ କୁମ୍ଭୀର କାନ୍ଦଣା, ମିଛ ପ୍ରତିଶ୍ରୁତି ଅନେକ ଉପନ୍ୟାସରେ ଦେଖାଯାଏ । 'ଦେଶାନ୍ତର'ରେ ବାରଣର ମୃତ୍ୟୁ ଖବର ଗଣମାଧ୍ୟମରେ ପ୍ରସାରିତ ହେବାପରେ ଜିଲ୍ଲାପାଳ ଆସି କିଶରୀକୁ ସମସ୍ତ ପ୍ରକାର ସୁବିଧା ଦିଆଯିବ ବୋଲି ମିଛ ପ୍ରତିଶ୍ରୁତି ଦେଇଛନ୍ତି । ଆବାସ ଗୃହ ଯୋଜନାରୁ ଦଶହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ଦୁଇହଜାର ଟଙ୍କା ଦେଇ, ଶ୍ରମିକ ବିଭାଗରୁ ଆଉ ଏକଲକ୍ଷ ପରେ ଦିଆଯିବ କହି କିଶରୀ ଗଣମାଧ୍ୟମକୁ ଦେଇଥିବା ସବୁ ତଥ୍ୟ ମିଥ୍ୟା ବୋଲି କହିବା ପାଇଁ ପ୍ରଲୋଭନ ଦେଖାଇଛନ୍ତି । କିଶରୀ ନିଜ ଛୁଆମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନର ପ୍ରରୋଚନାରେ ସବୁ ସତକୁ ମିଛ ବୋଲି ଗଣମାଧ୍ୟମକୁ ପୁନର୍ବାର ବୟାନ ଦେଇଛି । ଏହା ଭିତରେ ଅନେକ ଦିନ ବିତି ଯାଇଥିଲେ ମଧ୍ୟ କିଶରୀକୁ ଟଙ୍କାଟିଏ ମିଳିନି । ସେ ପାଇଥିବା ସହାୟତା ମଧ୍ୟରୁ ଜାତିଭାଇଙ୍କ ଭାଗ ଓ ଅନ୍ୟ ସମସ୍ତ ବାକିଆ ଶୁଝି ସବୁ ଟଙ୍କା ଶେଷ ହୋଇ ଯାଇଛି । ସେ ପୁଣି ଥରେ ନିଜ ପୂର୍ବ ଅବସ୍ଥାକୁ ଫେରି ଆସିଛି । ପ୍ରତିଦିନ ଚାଷକାମ, ଦିନ ମଜୁରୀ କରି ପେଟ ପୋଷିଛି ।

ତାଙ୍କର ଅନ୍ୟ ଏକ ଉପନ୍ୟାସ 'ଜାଲ'ରେ ଏହି ପ୍ରତାରଣା ପ୍ରତ୍ୟେକ ଶିକ୍ଷିତ ଧୋବଧାଉଳିଆ ବ୍ୟକ୍ତିଙ୍କ ଠାରେ ଦେଖାଯାଏ । କଳାହାଣ୍ଡିର ଆଦିବାସୀମାନେ ଯୁଗ ଯୁଗ ଧରି ପିତୃପୁରୁଷର ଭିଟାମାଟିରେ ରହି ଆସୁଥିଲେ ମଧ୍ୟ ସରକାର ତାଙ୍କର ସଂସ୍କୃତି, ପରମ୍ପରା ଓ ମାଟି-ମମତା ସବୁ ଉଜାଡ଼ି ଦେଇ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ଆରମ୍ଭ କରିଛନ୍ତି । ପ୍ରତିବଦଳରେ ଘୋଷଣା କରିଛନ୍ତି ସେଠି ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅସୁବିଧା ଦୂର କରାଯିବ । ଜମି ଓ ଟଙ୍କା ଦେଇ ଥଇଥାନ କରାଯିବ ଅଥଚ ସରକାରୀ ବାବୁମାନେ ସବୁ ଆତ୍ମସାତ କରି ସେମାନଙ୍କୁ ପ୍ରତାରିତ କରିଛନ୍ତି । ପୋଲିସ ଭୟରେ ନିରୀହ ଆଦିବାସୀମାନେ ଘରଦ୍ୱାର ଛାଡ଼ିବା ପରେ ପ୍ରଶାସନଙ୍କ ବିଶ୍ୱାସଘାତକତାର ଶିକାର ହୋଇଛନ୍ତି । ଅମିନ କିମ୍ବା ସରକାରୀ ବାବୁମାନେ କେହି ତାଙ୍କର ଦୁଃଖ ଶୁଣି ନାହାଁନ୍ତି । ସେମାନଙ୍କ ଦୁର୍ଦ୍ଦଶା ଔପନ୍ୟାସିକାଙ୍କ ଭାଷାରେ ଯଥା – "ତେଲୁଣି ପୋକ ପରି ମଲାମଲା (ମାଳମାଳ) ଲୋକ ଅଫିସ୍ ବାରଣ୍ଡାଟାରେ । ସବୁରି ଗୋଟିଏ ରୂପ ସବୁରି ଗୋଟିଏ ଭେକ, ସବୁରି ସମାନ ଦୁଃଖ, ସମାନ ଜୀବନ । କାହାକୁ କାହାର ଦୁଃଖ କହିବା ଲୋଡ଼ା ନାହିଁ, ଆପେ ବୁଝି ହେଇଯାଏ ସେସବୁ ଗାଡୁଆ ଆଖିରୁ, ଠାକରା ଗାଲରୁ, ହାଡୁଆ ଦିହ, ଖାକରା ପେଟରୁ ଫଟା ଗୋଇଠିରୁ, ଗୋଇଠି ଉପରୁ ଆଣ୍ଠୁ ଯାଏ ଉଠି ଆସିଥିବା ସଭ୍ୟତାର ଧୂଳିରୁ ।" (ଜାଲ, ପୃ-୩୩)

ସେମାନଙ୍କ ଗାଁ ଛାଡ଼ିବା ପରବର୍ତ୍ତୀ ଜୀବନ ଅତି ଦୟନୀୟ ହୋଇଯାଇଛି । ବିଦେଶରୁ ଟଙ୍କା ଆସି ବଡ଼ ବଡ଼ ଯୋଜନାର କାମ ହେଇଛି । ସେଥିରେ ରାଜ୍ୟ ବାହାରର ଠିକାଦାର ତାଙ୍କ ଲୋକ ଲଗାଇ କିମ୍ବା ମେସିନରେ କାମ କରିଛନ୍ତି, ଦିନ ମଜୁରୀ କାମ ମଧ୍ୟ ବନ୍ଦ ହୋଇଯାଇଛି । ସରକାରଙ୍କ ଅସଂଖ୍ୟ ଯୋଜନା ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା, ରାସନ୍ କାର୍ଡ କିମ୍ବା ଇନ୍ଦିରା ଆବାସ ଘରଖଣ୍ଡେ କେହି ପାଇ ନାହାନ୍ତି । କିଏ ସରକାରୀ ଚାକିରିଆଙ୍କ ଗୋତି ଖଟିଛି ତ କିଏ ତାଙ୍କ ଘରକାମ, ବାସନ ମାଜିବା, ଛୁଆ ଖେଳେଇବା କାମକୁ ଆଦରି ନେଇଛି । ଅତଏବ ବିଭିନ୍ନ ସ୍ଥାନରୁ ଶିକ୍ଷିତ ଲୋକମାନେ ଆସି ସେଠାରେ ନିଯୁକ୍ତି ପାଇଛନ୍ତି ଓ ସେଥିରୁ ବିସ୍ଥାପିତ ପରିବାର ଏପରି ଅନେକ ଦୁଃଖ-ଦୁର୍ଦ୍ଦଶା ଭୋଗିବା ପରେ ଦଲାଲ ଠାରୁ ବଇନା ଆଣିଛନ୍ତି । ସରଦାର ଗାଡ଼ି ପଠେଇବା ଦିନ ଶୋକର ଛାୟା ଖେଳି ଯାଇଛି ଉକ୍ତ ଅଞ୍ଚଳରେ ସମସ୍ତେ ନିଜ କର୍ମ ଆଦରି ଚାଲି ଯାଇଛନ୍ତି ଆନ୍ଧ୍ର ପ୍ରଦେଶ ଇଟାଭାଟିକୁ ।

ଦଲାଲମାନଙ୍କ ଉପରେ ପ୍ରତିଶୋଧକୁ ନେଇ ରଚିତ ହିମାଂଶୁ ଶେଖର ହୋତାଙ୍କ 'ଦାଦନ ରାଜ୍ୟ' ଏକ ସଂପୂର୍ଣ୍ଣ ଭିନ୍ନ

ଧରଣର ଉପନ୍ୟାସ । ଯେଉଁଥିରେ ଦଲାଲ ଜୀବନର ବିପର୍ଯ୍ୟୟ କାହାଣୀ ବର୍ଣ୍ଣିତ । ନାୟକ ମୁନା ଅନ୍ୟ ରାଜ୍ୟକୁ ଶ୍ରମିକ ଚାଲାଣ କରେ । ସେ ପ୍ରତ୍ୟେକ ଶ୍ରମିକ ପରିବାରକୁ ନିର୍ଦ୍ୱନ୍ଦରେ ନେଇ ସେଠ୍ ପାଖରେ ପହଞ୍ଚେଇ ଦିଏ । ଏହି କାମ କରି କଣ୍ଟାବାଞ୍ଜି ଅଞ୍ଚଳର ଅନେକ ଶିକ୍ଷିତ ବେକାରୀ ଯୁବକ ଲକ୍ଷଲକ୍ଷ ଟଙ୍କା ରୋଜଗାର କରିଥାନ୍ତି । ତେଣୁ ସ୍ନାତକୋତ୍ତର ପଢ଼ି ସାରିବା ପରେ ମୁନା ମଧ୍ୟ ଏହି କର୍ମପନ୍ଥା ଆଦରି ନେଇଛି । କାଳକ୍ରମେ ଅତର୍କିତ ମୁହୂର୍ତ୍ତରେ ଜଣେ ତରୁଣୀକୁ ମୃତ୍ୟୁମୁଖରୁ ବଞ୍ଚେଇବା ପରେ ସେହି ଦିନରୁ ଦୁହେଁ ବିବାହ କରି 'ଜୀବନ୍ୟାସ' ନାମରେ ଗୋଟିଏ NGO ଖୋଲି ଦାଦନ ଶ୍ରମିକମାନଙ୍କୁ ରୋଜଗାର ଦେଇ ବିଦେଶ ଯିବାରୁ ସେମାନଙ୍କୁ ରୋକିବା ଆଦି ବିଭିନ୍ନ ଉନ୍ନୟନ ମୂଳକ କାମ କରିଛନ୍ତି । କିନ୍ତୁ ଦାଦନ ଶ୍ରମିକମାନଙ୍କ ଦୁଃଖ ସେମିତି ହିଁ ରହିଯାଇଛି କୌଣସି ସୁଫଳ ମିଳିନାହିଁ । ଦଲାଲରାଜ ଯୋଗୁଁ ସରକାରଙ୍କ ସବୁ ଯୋଜନା ଅକ୍ଷମ ହୋଇଛି । ଧୀରେ ଧୀରେ NGO ବନ୍ଦ ହୋଇଯିବା ପରେ ମୁନା ପୁଣି ଥରେ ତାର ପୂର୍ବ ବୃତ୍ତିକୁ ଆରମ୍ଭ କରିଛି । ଅନେକ ଦିନ ଧରି ଶ୍ରମିକ ପଠେଇ ନଥିବାରୁ ଉପଯୁକ୍ତ ସୁଯୋଗ ଦେଖି ମାଲିକ ତାକୁ ହତ୍ୟା କରିଛି ।

ଏହା ବ୍ୟତୀତ ଏହି କାଳଖଣ୍ଡରେ ରଚିତ ଅନେକ ଉପନ୍ୟାସରେ ଦାଦନ ଚିତ୍ର ପ୍ରତିଫଳିତ ହୋଇ ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିଛି । କାଳଖଣ୍ଡ, ପରିସର ଓ ପ୍ରମୁଖତାକୁ ଦୃଷ୍ଟିରେ ରଖି ଏହି ଆଲୋଚନା ପର୍ଯ୍ୟବସିତ । ତେଣୁ ଅନେକ ଦାଦନ ସମସ୍ୟାକୈନ୍ଦ୍ରିକ ଉପନ୍ୟାସ ଏଥିରୁ ବାଦ୍ ପଡ଼ିଛି । ସାମଗ୍ରିକ ଭାବେ ଉପନ୍ୟାସ ସାହିତ୍ୟରେ ଦାଦନ ସମସ୍ୟାର ଅଧ୍ୟୟନ ଗବେଷଣା ସାପେକ୍ଷ ।

**ସହାୟକ ଗ୍ରନ୍ଥସୂଚୀ :**


୧) ପଣ୍ଡା ଚିତ୍ତ ରଞ୍ଜନ : ଓଡିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ - ଏ.କେ.ମିଶ୍ର ପବ୍ଲିଶର୍ସ, କଟକ, - ୨୦୨୦

୨) ପଟ୍ଟନାୟକ କଇଳାଶ : ଓଡ଼ିଆ ଉପନ୍ୟାସର ସମାଜତତ୍ତ୍ୱ - ବିଦ୍ୟାପୁରୀ, କଟକ, ୨ୟ ସଂ-୨୦୧୯

୩) ମିଶ୍ର ସ୍ୱପ୍ନା : ଦାଗ - ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର, ୧ମ ସଂ -୨୦୧୩

୪) ମିଶ୍ର ସ୍ୱପ୍ନା : ଜାଲ- ଶ୍ରଦ୍ଧା ପବ୍ଲିକେଶନ, ବାଲେଶ୍ୱର, ୧ମ ସଂ -୨୦୧୪

୫) ମିଶ୍ର ଆଦିତେଶ୍ୱର : ଦେଶାନ୍ତର- ସାମ୍ନା ପୂଜା ସଂଖ୍ୟା- ୨୦୧୬

୬) ହୋତା ହିମାଂଶୁ କୁମାର : ଦାଦନ ରାଜ୍ୟ- ପଶ୍ଚିମା ପବ୍ଲିକେଶନ,ଭୁବନେଶ୍ୱର, ୧ମ ସଂ -୨୦୧୬

୭) ବେହେରା ରାସବିହାରୀ : ବସୁନ୍ଧରାର କୋହ – ଲେଖା ଲେଖି, ଭୁବନେଶ୍ୱର, ୨୦୧୮

୮) ଦାନୀ ସାମୁଏଲ : ମରୁଡ଼ି-୧୯୬୫, କାବ୍ୟଲୋକ, ଭୁବନେଶ୍ୱର, ୨୦୨୧

୯) ମିଶ୍ର ସଞ୍ଜୟ କୁମାର : ଦାଦନ ସୁନ୍ଦରୀ – ଟାଇମ୍‌ପାସ

୧୦) ସାହୁ ସରୋଜିନୀ : ଦାଦନ ୨୦୧୬

୧୧) ମିଶ୍ର ଶରତ ଚନ୍ଦ୍ର – ପ୍ରବାସୀ



ଗବେଷକ

ବିଶ୍ୱଭାରତୀ, ଶାନ୍ତିନିକେତନ(ପ.ବ)

ମୋ- ୯୦୭୮୨୮୦୮୮୭

ISSN -2583-147X(P), **Vol.- 8, Issue No. VII, October 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଗଳ୍ପରେ ଆଦିବାସୀ ଜୀବନାୟନ: ଗାଳ୍ପିକ ରଂଜନ ପ୍ରଧାନ

## ଡ଼. ଚିନ୍ମୟ କୁମାର ବେହେରା

ବିସ୍ତୃତ ବିରାଟ ବନଭୂମି ବେଷ୍ଟିତ ବୃହତ ପର୍ବତରାଜି ବିଶୋଭିତ ଅଂଚଳରେ ବହୁକାଳ ଧରି ଜୀବନ ଜୀଇଁ ଆସୁଥିବା ଆଦିମ ଅଧିବାସୀମାନଙ୍କୁ ଆଦିବାସୀ ବୋଲି ବିଚାର କାରଯାଇଛି । ଆଦିମ ମାନବର ଜୀବନ ଦର୍ଶନ ଦ୍ୱାରା ପ୍ରଭାବିତ ଏମାନଙ୍କ ଜୀବନଶୈଳୀ, ପ୍ରଥା, ପରଂପରା ଓ ବିଶ୍ୱାସ ବୋଧକୁ ନେଇ ସମଗ୍ର ବିଶ୍ୱରେ ଭିନ୍ନ ଭିନ୍ନ ପରିଚୟ ସହ ଏହି ଆଦିବାସୀମାନେ ଏଯାବତ୍ ନିଜର ମୌଳିକତା ବଜାୟ ରଖିଛନ୍ତି । ବିଭିନ୍ନ ସଂପ୍ରଦାୟ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ଏହି ଆଦିମ ଜନଜାତି ସେମାନଙ୍କ ପାରଂପରିକ ସଂସ୍କୃତିକୁ ଜାବୁଡ଼ି ଧରି କାଳାତିପାତ କରି ଆସୁଛନ୍ତି । ଯଦି କେବଳ ଓଡ଼ିଶାର କଥା ବିଚାର କରିବା, ତେବେ ଓଡ଼ିଶାର ମୋଟ୍ ଜନସଂଖ୍ୟାର ପ୍ରାୟ ୨୩ ଭାଗ ହେଉଛନ୍ତି ଏହି ଆଦିବାସୀ । ଓଡିଶାରେ ଦେଖା ଯାଉଥିବା ୬୨ ପ୍ରକାର ଜନଜାତି ସଂପ୍ରଦାୟ, ସେମାନଙ୍କ ନିଜସ୍ୱ କଳା ସଂସ୍କୃତି ପାଇଁ କେବଳ ଭାରତ କାହିଁକି ସମଗ୍ର ବିଶ୍ୱ ଦରବାରରେ ଚର୍ଚ୍ଚିତ । ଏମାନଙ୍କ ଗୀତ-ସଂଗୀତ-ବାଦ୍ୟ-ନୃତ୍ୟ ସାଧାରଣ ଓଡ଼ିଆ ସମାଜ ଜୀବନ କ୍ଷେତ୍ରରେ ଗଭୀର ପ୍ରଭାବ ପକାଇ ପାରିଛି । କେବଳ ସମାଜ ଜୀବନ କାହିଁକି ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହି ଆଦିବାସୀ ଜନଜୀବନର ପ୍ରଭାବ ବେଶ୍ ପରିଲକ୍ଷିତ ।

ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ସ୍ରଷ୍ଟା ଯେତେବେଳେ ଏହି ଆଦିବାସୀମାନଙ୍କ ଜୀବନଚର୍ଯ୍ୟା ଦ୍ୱାରା ପ୍ରଭାବିତ ହୋଇଛି ସେତେବେଳେ ତା'ର ସୃଷ୍ଟିରେ ସ୍ଥାନ ପାଇଛି ଆଦିବାସୀ ଜୀବନ ଚିତ୍ର ଚରିତ୍ରର କଥା ଓ ବ୍ୟଥା । କେତେବେଳେ ସେମାନଙ୍କ ସରଳ ଜୀବନ ବୋଧର ମହନୀୟତା ତ କେତେବେଳେ ସେମାନଙ୍କ ଧର୍ମ ବିଶ୍ୱାସର ଉଦାରତା, କେତେବେଳେ ସେମାନଙ୍କ ଅବହେଳିତ ନିଷ୍ପେଷିତ ଜୀବନ ଯାତନାର ମାର୍ମିକ ବାସ୍ତବତା ତ କେତେବେଳେ ସେମାନଙ୍କ ପ୍ରତି ହେଉଥିବା ସକଳ ଶୋଷଣର ନିଷ୍ଠୁରତା, ଏ ସବୁ ସାହିତ୍ୟର ପରିବ୍ୟାପ୍ତ ପରିସୀମାରେ ପ୍ରକାଶିତ । ସେ କବିତା ହେଉ ବା ନାଟକ, ସେ ଉପନ୍ୟାସ ହେଉ ବା କ୍ଷୁଦ୍ରଗଳ୍ପ; ସାହିତ୍ୟର ବିଭିନ୍ନ ବିଭାଗରେ ଏହି ଆଦିବାସୀମାନଙ୍କ ଚିତ୍ର ଚରିତ୍ର ଖୁବ୍ ଚମତ୍କାର ଭାବରେ ଚିତ୍ରିତ । ଯଦି ଓଡ଼ିଆ କ୍ଷୁଦ୍ରଗଳ୍ପ କଥା ବିଚାର କରିବା ତେବେ ୧୯୨୯ ମସିହାରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ଗାଳ୍ପିକ 'ଭଗବତୀ ଚରଣ ପାଣିଗ୍ରାହୀ'ଙ୍କ ଚର୍ଚ୍ଚିତ ଗଳ୍ପ 'ଜଙ୍ଗଲୀ' ଠାରୁ ଏହି ଆଦିବାସୀ ଜନ ଜୀବନର କଥାଯାତ୍ରା ଆରମ୍ଭ ହୋଇ କ୍ରମେ ସେମାନଙ୍କ ଜୀବନାଧାରିତ ନାନା ପ୍ରସଙ୍ଗ ବହୁ ଗାଳ୍ପିକଙ୍କ କଳା କାରିଗରୀରେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଛି । ଯେଉଁ ଗାଳ୍ପିକମାନେ ଆଦିବାସୀ ଜନଜୀବନକୁ ବେଶି ବେଶି ଆଲୋକିତ କରି ପାରିଛନ୍ତି ସେଇ ମାନଙ୍କ ମଧ୍ୟରୁ 'ଗୋପିନାଥ ମହାନ୍ତି', 'ବିପିନ ବିହାରୀ ମିଶ୍ର', 'ଉତ୍ତମ କୁମାର ପ୍ରଧାନ', 'ହୃଷୀକେଶ ପଣ୍ଡା' ପ୍ରମୁଖ ଯେମିତି ପ୍ରତିଷ୍ଠିତ ସେମିତି ପ୍ରଶଂସନୀୟ । ତେବେ ଏହି ଆଦିବାସୀ ସମାଜ ସଂସ୍କୃତିର କଥା ବର୍ଣ୍ଣନା ଧାରାରେ ଅନ୍ୟ ଏକ ଚର୍ଚ୍ଚିତ ନାମ ହେଉଛି ଗାଳ୍ପିକ ରଂଜନ ପ୍ରଧାନ ।

ଗାଳ୍ପିକ ରଂଜନ ପ୍ରଧାନ (୧୯୭୯) ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱଷ୍ଟ ଅଥଚ ଭିନ୍ନ ଉଚ୍ଚାରଣ । ସେ ସ୍ୱତନ୍ତ୍ର ଶୈଳୀର ଶିକୁଳିରେ ପାଠକର ଚେତନାକୁ ଛନ୍ଦି ପାରୁଥିବା ଜଣେ ନିଆରା କଥା ଯାଦୁକର । ପ୍ରେମପ୍ରୀତି 'ରୁଆରେ ପଶିଥିବା ପ୍ରଚୁର ପାରିଜାତର ପ୍ରଗାଢ଼ ବାସନାରେ ତାଙ୍କ କଥା ଇଲାକା କେବେ ପାଠକକୁ ପ୍ରଣୟର ପାରାବାର ପାରି କରେଇ ନେବାର ପ୍ରତିଶ୍ରୁତି ଦେଇପାରେ ତ କେବେ ଅନୁଭବର ଅସରା ଅମାପ ଅକ୍ଷରାରଣ୍ୟ ଅର୍ପଣ କରିପାରେ । କାମ-କାରୁଣ୍ୟ-କାରିଗରୀର କେମେଷ୍ଟ୍ରି ତାଙ୍କ କଥାକାରନାମାକୁ କରିଛି କମନୀୟ । କଥା ଯାତ୍ରାର ଆଦ୍ୟଭାଗରେ ଯୋଉ ଗଳ୍ପ ସ୍ୱର ଆବେଗ ପ୍ରବଣତାର ପ୍ରବାହମାନତାରେ କଳ୍ପନାଶ୍ରୟୀ ରୋମାଂଚଧର୍ମୀ ଥିଲା କ୍ରମେ ଅନୁଭୂତି ଓ ଅଭିଜ୍ଞତାର ଅଭିଭୂତ ଆବାହନରେ ଅନେକ ନୂତନ

ଉଚ୍ଚାରଣ ଦ୍ୱାରା ଅଧିକନ୍ତୁ ଅତ୍ୟୁତ୍କୃଷ୍ଟ । ଯୁବ ବୟସରେ ଜୁଆରିଆ ଯଉବନର ଜଖମ ଜୁଡୁବୁଡୁ ଯାବତୀୟ ଯାତନା ଓ ଆନନ୍ଦର ଯୁଗ୍ମ ଭାବଧର୍ମୀ କଥାଯାତ୍ରା ଯେଉଁ 'ତନୁଜା ବଳକୁ ନେଇ ଯେତେସବୁ ବେକାରିଆ ଗପ' (୨୦୦୪)ରୁ ଆରମ୍ଭ ହୋଇଥିଲା ତାହା ପୂର୍ବପରି ଭାବାକ୍ଷୁର୍ଣ୍ଣରେ ଭୂରି ଭୂରି ବାଷ୍ପ ସହ ଭାବୋନ୍ମତ୍ତ ହୋଇ ରହିଲା 'ଭିଟାମିନ୍'(୨୦୦୬)ରେ; ମାତ୍ର ତୃତୀୟ ଗଳ୍ପ ସଂକଳନ ବେଳକୁ ସେଇ ସ୍ୱରର ପୂର୍ବ ଭାବ ପରିବର୍ତ୍ତିତ ହୋଇ ଅଭିଜ୍ଞତା ଓ ଅନୁଭୂତିର ଆବେଶିତ ଆଲେଖ୍ୟରେ ଆଣିଲା ଆଲୋଡ଼ନ । ସେଇ ତୃତୀୟ ସଂକଳନ ଥିଲା 'ଡୁମା ଦେବତା ଓ ଅନ୍ୟାନ୍ୟ ଗପ' (୨୦୧୭), ଯାହା ଜଙ୍ଗଲ ଘେରା ଜନଜାତିର ଜୀବନ କାହାଣୀରେ ଜଡ଼ସଡ଼ । ଯୋଉ ସଂକଳନରେ ଆଦିବାସୀମାନଙ୍କ ପୂଜାପାର୍ବଣ ଠାରୁ ଦହନ ଶୋଷଣ ପର୍ଯ୍ୟନ୍ତ ବହୁ କଥା ଓ ବ୍ୟଥାକୁ ନିଜ ଉପସ୍ଥାପନା କୌଶଳରେ ସାର୍ଥକ ରୂପ ଦେଇଛନ୍ତି ଗାଳ୍ପିକ ରଂଜନ ପ୍ରଧାନ ।

ଆଦିବାସୀମାନଙ୍କ ସହ ପ୍ରତ୍ୟକ୍ଷ ଭାବରେ ମିଶି ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇ ସେଇମାନଙ୍କୁ ହିଁ ଗପର ଚରିତ୍ର କରି ବର୍ଣ୍ଣନା କରିଛନ୍ତି ଗାଳ୍ପିକ । 'ଡୁମା ଦେବତା ଓ ଅନ୍ୟାନ୍ୟ ଗପ' ସଂକଳନରେ ଗାଳ୍ପିକ ଆଦିବାସୀ ଅଂଚଳମାନଙ୍କରୁ ସାଉଁଟି ଥିବା ଅଜସ୍ର ଅନୁଭୂତି ସବୁକୁ ଖୁବ୍ ସୁନ୍ଦରରୂପେ ନିଖୁଣ ଭାବରେ ଉପସ୍ଥାପନ କରିପାରିଛନ୍ତି । ଏ ସଂପର୍କରେ କହିବାକୁ ଯାଇ ଗାଳ୍ପିକ ଉଲ୍ଲେଖ କରିଛନ୍ତି, "ମୁଁ ୨୦୦୪ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ନବରଙ୍ଗପୁରରେ ଥିଲି । ଏହାପରେ କେନ୍ଦୁଝରରେ ୨୦୧୦ ରୁ ୨୦୧୫ ପାଂଚବର୍ଷ । ୨୦୧୬ ରୁ ପୁଣି ଏକ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଛି । କୋରାପୁଟ, କେନ୍ଦୁଝର ଓ ମୟୁରଭଞ୍ଜ ଅଂଚଳର ଆଦିମ ଜନଜାତି ଓ ଜୀବନଶୈଳୀକୁ ନେଇ ମୁଁ ବିରଳ ଅନୁଭୂତି ଓ ଅଭିଜ୍ଞତା ହାସଲ କରିପାରିଛି । ଏହିସବୁ ଆଦିବାସୀ ଇଲାକାରେ ସମୟ ସ୍ରୋତରେ ଅନେକ ଘଟଣା ଦୁର୍ଘଟଣା ଘଟିଯାଇଛି । କେଉଁଠି ଜଙ୍ଗଲ ଜମିକୁ ନେଇ ଆଦିବାସୀ ଓ କଂପାନୀ ମଧ୍ୟରେ ଲଢ଼େଇ ହୋଇଛି, ରକ୍ତାକ୍ତ ସଂଘର୍ଷ ଘଟିଛି, କେଉଁଠି ଆଦିବାସୀ ଯୁବତୀକୁ ବିଦେଶରେ ଚାଲାଣ କରି ଦଲାଲ୍‌ମାନେ ମାଲାମାଲ୍ ହୋଇଛନ୍ତି । ପୁଣି କେଉଁଠି କଂଚା ଡାହାଣୀ ସନ୍ଦେହରେ ଆଦିବାସୀ ମହିଳା ଓ ଯୁବତୀକୁ ଉଲଗ୍ନ କରାଯାଇଛି । ନିପଟ ଆଦିବାସୀ ଇଲାକାରେ ସ୍କୁଲ୍ ମାଷ୍ଟରଟି ପିଲାଙ୍କୁ ପାଠ ନ ପଢ଼ାଇ ତେନ୍ତୁଳି, ମହୁଲ, ଶାଳମଞ୍ଜି ବେପାର କରିବା ଭଳି ଫରେଷ୍ଟ, ରେଭିନ୍ୟୁ ବିଭାଗରେ କାର୍ଯ୍ୟ କରୁଥିବା ସରକାରୀ ଅଫିସରଙ୍କର ଆଦିବାସୀମାନଙ୍କ ପ୍ରତି ଜୁଲମ୍, ଅତ୍ୟାଚାର ଘଟଣା ମଧ୍ୟ ମୋ ଗପର ଗୋଟିଏ ଗୋଟିଏ ପ୍ଲଟ୍ ପାଲଟିଛି । ଏ ସଂକଳନଟିରେ ଆଦିବାସୀ ଜନଜୀବନକୁ ନେଇ ସବୁ ଯାକ କାହାଣୀ ରହିଛି । ବିଶେଷ କରି କୋରାପୁଟ, କେନ୍ଦୁଝର ଓ ମୟୁରଭଞ୍ଜ ଅଂଚଳର ଆଦିବାସୀ ସମାଜର ପ୍ରଥା, ପରଂପରା, ପର୍ବପର୍ବାଣି, ପରିବର୍ତ୍ତିତ ଜୀବନ ଶୈଳୀ ଓ ସାମାଜିକ ଅବକ୍ଷୟକୁ ନେଇ ମୋର ଏଇ ପରୀକ୍ଷା ନିରୀକ୍ଷା ।"(ଏଥର ଏକଦମ୍ ସାଦା, ପୃ-୧୪/୧୫/୧୬)

ସୁତରାଂ ଶୀର୍ଷକ 'ଗଳ୍ପରେ ଆଦିବାସୀ ଜୀବନାୟନ' ସଂପର୍କରେ ଆଲୋଚନାକୁ ଆଗେଇ ନେଲା ବେଳେ ନିମ୍ନ ମତେ ବିଭାଗୀକରଣ କରାଯାଉଛି ।

(କ) ଶିଳ୍ପପାଇଁ ବିସ୍ଥାପନ : ମାଟି ମଗ୍ନ ଆଦିବାସୀଙ୍କ ଦହନ

(ଖ) ପୂଜା-ପର୍ବ-ପ୍ରଥା-ପରଂପରା : ଆଦିବାସୀ ଜୀବନଧାରା

(ଗ) ଆଦିବାସୀ ମହିଳାଙ୍କ ଶୋଷଣ : ଅବ୍ୟକ୍ତ କରୁଣ

(ଘ) ଗାଁ ମୋହ - ଚାଷବାସ : ଅଦିବାସୀ ଲୋକବିଶ୍ୱାସ

(ଙ) ଜନଜାତି ଜୀବନ ବିତ୍ତ : ଆଦିବାସୀ ଗୀତ ସଂଗୀତ

**(କ) ଶିଳ୍ପପାଇଁ ବିସ୍ଥାପନ :** ମାଟି ମଗ୍ନ ଆଦିବାସୀଙ୍କ ଦହନ- ବିସ୍ଥାପନ କହିଲେ, ସରକାର ଆବଶ୍ୟକତାନୁସାରେ ଗୋଟିଏ ଅଂଚଳରୁ ଆଉ ଏକ ଅଂଚଳକୁ ବା ଗୋଟେ ପୁରୁଣା ସ୍ଥାନରୁ ଅନ୍ୟ ଏକ ନୂଆ ସ୍ଥାନକୁ ବାଧ୍ୟବାଧକତାରେ ସ୍ଥାନାନ୍ତରିତ କରିବାକୁ ହିଁ ବୁଝାଯାଏ । ଶିଳ୍ପର ପ୍ରତିଷ୍ଠା ପାଇଁ ହେଉ ବା ସାମୂହିକ ବିକାଶାଧାରିତ କୌଣସି ପ୍ରକଳ୍ପ ପ୍ରତିଷ୍ଠା କାରଣରୁ ଏହି ବିସ୍ଥାପନ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଏହି ବିସ୍ଥାପନ ଯେତେ ନୂଆ ପରିକଳ୍ପିତ ସ୍ୱପ୍ନର ଦୁନିଆ ଦେଖାଉ ପଛକେ କିନ୍ତୁ ନିଜ ପୁରୁଣା ଭିଟାମାଟି ଛାଡ଼ି ଯିବାକୁ ବହୁ ସମୟରେ ବିସ୍ଥାପିତ ହେବାର ଥିବା ଲୋକମାନେ ଅମଙ୍ଗ ହୋଇଥାନ୍ତି । ବହୁଦିନ ଧରି ରହି ଆସୁଥିବା ତାଙ୍କର ପ୍ରିୟ ଜନ୍ମମାଟି ପ୍ରତି ଥିବା ମମତା କାରଣରୁ ଅସନ୍ତୋଷ ବ୍ୟକ୍ତ କରନ୍ତି । ବିଶେଷକରି ଖଣିଖାଦାନ ଥିବା ପ୍ରକୃତିକ ଜଙ୍ଗଲିଆ ଅଂଚଳର ଆଦିବାସୀଙ୍କ କ୍ଷେତ୍ରରେ ଏହି ବିସ୍ଥାପନ ଗୋଟେ ମୁଖ୍ୟ ପ୍ରସଙ୍ଗ ଭାବରେ ଉଭା ହୋଇଥାଏ । କେବେ କେବେ ଏହି ଆଦିବାସୀମାନେ ଯୁଗଯୁଗ ଧରି ରହି ଆସୁଥିବା ତାଙ୍କ ଭିଟାମାଟିକୁ ସହଜରେ ଛାଡ଼ି ଆସିବାକୁ ପସନ୍ଦ କରିନଥାନ୍ତି, ଫଳରେ ନାନା ବିଦ୍ରୋହ ଆନ୍ଦୋଳନର ସୂତ୍ରପାତ ହୋଇଥାଏ । ପୁଣି କେବେ ବୁଝାସୁଝାରେ ଆଦିବାସୀମାନେ ରାଜି ହୋଇ ଯାଇଥିବାର ମଧ୍ୟ ନଜର ଆସିଥାଏ । ତେବେ ଶିଳ୍ପ ପାଇଁ ହୋଇଥିବା ବିସ୍ଥାପନରେ ମାଟିମଗ୍ନ ଆଦିବାସୀମାନେ ନାନା ଯାତନା ଭୋଗିଥାନ୍ତି, ଗୋଟେପଟେ ଜନ୍ମମାଟିର ମୋହ ଅନ୍ୟପଟେ ସରକାର, ପ୍ରଶାସନ ବା ସଂବନ୍ଧିତ ସଂସ୍ଥା ପ୍ରତି ବିଶ୍ୱାସର ଅଭାବ ଏହି ଆଦିବାସୀମାନଙ୍କ ଦହନର କାରଣ ପାଲଟି ଯାଏ । ଆଦିବାସୀମାନଙ୍କ ଏଇ ଦହନ, ଆନ୍ଦୋଳନ,

ଆକ୍ରମଣ-ପ୍ରତ୍ୟାକ୍ରମଣ ସ୍ରଷ୍ଟାର ଚେତନାରେ ଗଭୀର ଭାବରେ ରେଖାପାତ କରେ ଫଳରେ ତା'ର ସୃଷ୍ଟିରେ ଏସବୁର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବରେ ରୂପ ପାଏ । ଓଡ଼ିଆ କ୍ଷୁଦ୍ର ଗଳ୍ପରେ ବହୁ ଗାଳ୍ପିକ ଏହି ପ୍ରସଙ୍ଗ ଧାରରେ ଅନେକ ଗପ ଲେଖିଛନ୍ତି, ସେଇ ଧାରାରେ ରଂଜନ ପ୍ରଧାନଙ୍କ କିଛିଗପ ମଧ୍ୟ ବିଚାରଯୋଗ୍ୟ ।

'ଡୁମା ଦେବତା ଓ ଅନ୍ୟାନ୍ୟ ଗପ' ସଂକଳନର ପ୍ରଥମ ଗପ 'ଡୁମା ଦେବତା' ଏହି ପୃଷ୍ଠଭୂମିର ଚମତ୍କାର ଉଦାହରଣ । ଏଥିରେ ନିଶାଣି ମୁଣ୍ଡା ଗାଁ ଛାଡ଼ି ପରଜାମାନଙ୍କୁ ଖାତିଗୁଡ଼ାକୁ ବିସ୍ଥାପନରେ ଯିବାକୁ ହୋଇଛି । ସାତପୁରୁଷର ଭିଟାମାଟି ଛାଡ଼ିବା କଥା ଚିନ୍ତା କଲା ବେଳକୁ ପରଜାମାନଙ୍କ ହଲକ ଶୁଖିଯାଇଛି । ଗାଁର ସବୁ ପରଜାଙ୍କ ମଧ୍ୟରେ ଭାଳେଣି ପଡ଼ିଛି । ସେପଟେ ଓଲଗୁଣି, ଝୋଲାଗୁଡ଼ା, ଗୁରୁମାଇଗୁଡ଼ା, ମାଣ୍ଡିଗୁମା, ଆମଗୁଡ଼ା, କୁକୁଡ଼ାକୁଟା, ବାରିଗୁଡ଼ା, ଦଣ୍ଡାବାଡ଼, ଜଟିଆଗୁଡ଼ା, କନ୍ଧବାଡ଼ିଗୁଡ଼ା, ଗଉଡ଼ ମାଳତିଗୁଡ଼ା, ଟାଙ୍ଗଣି କୋଟ, କାପ୍‌ସିଗୁଡ଼ା, ହିରିଗୁଡ଼ା, ମାଣ୍ଡ୍ରା, ଗୋଠପଦର, ସିଟିକାସିଲି, ବେନ୍ଦେଲା, ନାରଙ୍ଗା, ଚନ୍ଦେଇ ପଦର, ବାଲିଘାଟ, ଢେପଗୁଡ଼ା, ହଲଦିଶିଲ, ଅନ୍‌ଗାରଗୁଡ଼ା, କୋରାଗୁଡ଼ା, ନୂଆ ଜଟିଆଗୁଡ଼ା ଆଦି ଗାଁରୁ ଆଦିବାସୀ ବିସ୍ଥାପିତ ହୋଇସାରି ଥାନ୍ତି । ତେଣୁ ନିଶାଣି ମୁଣ୍ଡାର ଆଦିବାସୀ ପରଜାମାନଙ୍କୁ ତାଙ୍କ ଗାଁ ଛାଡ଼ି ଯିବାକୁ ହେବ । ବିଶ୍ୱ ବ୍ୟାଙ୍କ୍‌ର ପଇସାରେ ଡ୍ୟାମ୍ ତିଆରି କରାଯିବା କାରଣରୁ ପରଜାମାନଙ୍କର ଏପରି ଅବସ୍ଥା । ପ୍ରଥମେ ନିଜ ଭିଟାମାଟି ଛାଡ଼ିବାକୁ ଅମଙ୍ଗ ଥିବା ପରଜାମାନେ ଶେଷରେ ରାଜି ହୋଇ ଯାଇଛନ୍ତି । ଏହି ଗପଟିରେ ଯଦିଓ ଗାଳ୍ପିକ ପରଜାଙ୍କ ପଲ୍ଲୀ ପ୍ରୀତି, ମାଟିମୋହ, ସମାଜ ଓ ସଂସ୍କୃତିର, ଈଶ୍ୱର ବିଶ୍ୱାସ ଆଦିକୁ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି ତଥାପି ଏହି ବିସ୍ଥାପନ ଜନିତ ଶୋକ, ନିରାଶା, ଆଶଙ୍କା ଓ ଦୁର୍ଦ୍ଦଶା ମଧ୍ୟ ସ୍ପଷ୍ଟ ରୂପେ ବର୍ଣ୍ଣିତ ।

ସେହିପରି ସୁନା ପାହାଡ଼ରେ ସୂର୍ଯ୍ୟାସ୍ତ ଗପରେ ବି କେନ୍ଦୁଝର ଜିଲ୍ଲାର ସୁନାପେଣ୍ଠ ଗାଁର ଜୁଆଙ୍ଗମାନଙ୍କ ବିସ୍ଥାପନର ଭୟ ସଂପର୍କରେ ବିଭିନ୍ନ କଥା ସୁନ୍ଦର ଭାବରେ ବର୍ଣ୍ଣିତ । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ଯେ ସେମାନେ ଋଷିପୁତ୍ର, ଆଉ ଏହି ସୁନାପାହାଡ଼ ତାଙ୍କ ପୂର୍ବଜ ଋଷିମାନେ ତାଙ୍କୁ ଦେଇ ଯାଇଛନ୍ତି । ଫଳରେ ସୁନା ପାହାଡ଼ ଓ ମାଙ୍କଡ଼ା ନଈକୁ ନିଜର ବୋଲି ଦାବି ରଖନ୍ତି ଜୁଆଙ୍ଗମାନେ । ଏହି ବିଶ୍ୱାସରେ ବଂଚି ଆସୁଥିବା ଆଦିବାସୀ ଜୁଆଙ୍ଗମାନେ ନିଜ ଭିଟାମାଟିକୁ ଛାଡ଼ି କୁଆଡ଼େ ନ ଯିବାକୁ ପଣ ରଖିଛନ୍ତି । ସୁନାପାହାଡ଼ ଆଉ ମାଙ୍କଡ଼ା ନଈ ଜୁଆଙ୍ଗମାନଙ୍କ ଧାର୍ମିକ ଭାବନା ଓ ଜୀବନଜୀବିକା ସହ ଯୋଡ଼ି ହୋଇ ରହିଛି । ସରକାର ଆଧୁନିକ ପ୍ରଣାଳୀରେ ପାହାଡରୁ, ନଦୀରୁ ସୁନା ବାହାର କରିବାକୁ ଚାହିଁଛନ୍ତି ଫଳରେ ଜୁଆଙ୍ଗମାନଙ୍କ ଗାଁ ସୁନାପେଣ୍ଠ ପ୍ରତି ବିପଦ ଆସିଛି । ସେମାନେ ଆଶଙ୍କିତ ଓ ଆତଙ୍କିତ ହୋପଡ଼ିଛନ୍ତି । ଏହାକୁ ବଂଚେଇବାକୁ ଯାଇ ଆଦିବାସୀମାନେ ଆନ୍ଦୋଳନ କଲେ ହେଲେ କୌଣସି ସୁଫଳ ମିଳିଲାନି । ଶେଷରେ ଆନ୍ଦୋଳନ ବାଟବଣା ହେବା କାରଣରୁ ସୁନାପାହାଡ଼ ଓ ମାଙ୍କଡ଼ା ନଈ ହରାଇ ଆଦିବାସୀ ଜୁଆଙ୍ଗ ବାସ୍ତୁହରା ହେଲେ । ପୋଲିସ୍‌ର ଲାଠି ମାଡ଼ରେ ଅନେକ ଜୁଆଙ୍ଗ ମୃତାହତ ହେଲେ । ଗପଟିରେ ଜୁଆଙ୍ଗମାନଙ୍କ ଦହନ ମାର୍ମିକ ଭାବରେ ଉଲ୍ଲିଖିତ ।

**(ଖ) ପୂଜା-ପର୍ବ-ପ୍ରଥା-ପରଂପରା :** ଆଦିବାସୀ ଜୀବନଧାରା- ଆଦିବାସୀମାନଙ୍କ ଜୀବନଧାରାରେ ପୂଜା, ପର୍ବପର୍ବାଣିର ଗୋଟେ ନିଆରା ମୂଲ୍ୟ ରହିଛି । ପରଂପରାର ବିଶ୍ୱାସବୋଧରେ ଏମାନେ ଜୀବନର ଭିନ୍ନ ସୁଆଦ ପାଆନ୍ତି ଏହି ପୂଜା ପର୍ବ ଆଧାରରେ । ଅପରୂପ ପ୍ରକୃତିର କୋଳରେ ଜୀବନ ଜିଇଁ ଆସୁଥିବା ଏହି ଆଦିବାସୀଙ୍କର ପୂଜା ପର୍ବର ରୀତିନୀତି ହିଁ ତାଙ୍କ ପ୍ରଥା ପରଂପରାର ମହକକୁ ବହୁକାଳ ଧରି ସାଇତି ଆସିଛି । ଗୀତ-ନାଚ-ବଳି-ବିଶ୍ୱାସ ଭିତରେ ସେମାନଙ୍କ ଏହି ପୂଜା ପ୍ରଥା ପରଂପରା ପ୍ରତିଟି ଆଦିବାସୀ ପାଇଁ ଆନନ୍ଦର ଖୋରାକ । ଆଦୀବାସୀମାନଙ୍କ ଜୀବନରେ ବିପଦ ଆସିଲେ, କୌଣସି ମହାମାରୀ ରୋଗ ଆସିଲେ ସେମାନେ ଯେତିକି ବିଶ୍ୱାସ ଡାକ୍ତର କି ଔଷଧ ଉପରେ କରି ନଥାନ୍ତି ତାହାଠାରୁ ଅଧିକ ବିଶ୍ୱାସ କରିଥାନ୍ତି ତାଙ୍କ ଦିଅଁ ଦେବତାଙ୍କ ଉପରେ । ଏ ବିଶ୍ୱାସ ନିର୍ମଳ, ଏ ବିଶ୍ୱାସ ସଫଳତାର ସାକ୍ଷ୍ୟ । ଆଧୁନିକ ଶିକ୍ଷା ଠାରୁ ଦୂରରେ ଥିବା ଏହି ଆଦିବାସୀଙ୍କ ବିଶ୍ୱାସ ଗୋଟେ ପଣେ ତାଙ୍କ ପ୍ରେତ ଡୁମା ଦେବତା ଉପରେ, ପ୍ରକୃତିର ନାନା ଉପାଦାନ ଉପରେ, ପ୍ରତ୍ୟେକ ଶୁଭାଶୁଭ ସେମାନଙ୍କର ଆଶୀର୍ବାଦ । ଯନ୍ତ୍ର-ମନ୍ତ୍ର-ତନ୍ତ୍ର ସାଧନରେ ବିଶ୍ୱାସ ରଖୁଥିବା, ସାଧାରଣ ଜୀବନଯାପନ କରୁଥିବା ଆଦିବାସୀମାନଙ୍କ ଏହି ବିଶ୍ୱାସ ସେମାନଙ୍କୁ ବଂଚେଇ ଆସିଛି ବହୁକାଳ ଧରି । ସେମାନଙ୍କ ଜୀବନର କୌଣସି ସମସ୍ୟା ଆସିଲେ, କୌଣସି ବିପଦ ପଡ଼ିଲେ ସେମାନେ ତାହାର କାରଣ ବୁଝନ୍ତିନି, ଖୋଜନ୍ତିନି ବିପଦ ପଛର ଅସଲ ସତକୁ; ଓଲଟି ଭାବନ୍ତି ଯେ ତାଙ୍କ ଦିଅଁ ଦେବତା ଠାକୁରାଣୀଙ୍କ ରୁଷା ବା ରାଗ ଏବଂ ଏହାର ପ୍ରତିକାର ପାଇଁ ଆରମ୍ଭ କରି ଦିଅନ୍ତି ପୂଜା ଓ ବଳି । ଶିକ୍ଷା-ଦୀକ୍ଷା ଓ ଆଧୁନିକତା ଠାରୁ ଦୂରେ ରହିଥିବା ପ୍ରତିଟି ଆଦିବାସୀ ଏହି ଆଶା, ବିଶ୍ୱାସ, ଭରଷା, ଆରାଧନା ଓ ନିଷ୍ଠାପରତାରେ ଜୀବନ ଅତିବାହିତ କରେ, ଯାହାର ସୁନ୍ଦର ଉଦାହରଣ ରଂଜନ ପ୍ରଧାନଙ୍କ ଅନେକ ଗପରେ ଦେଖିବାକୁ ମିଳେ । ଯୁଗ ଯୁଗ ଧରି ଆଦିବାସୀ ଜନଜାତିଙ୍କ ପାଇଁ

ପର୍ବ ପର୍ବାଣି ଖାଲି ଉତ୍ସବ ନୁହେଁ, ଏହା ସେମାନଙ୍କ ଜୀବନଚର୍ଯ୍ୟାର ଅଂଶ ବିଶେଷ, ଯାହା ରହିଛି ଆଉ ରହିଥିବ କାଳକାଳକୁ ।

'ଡୁମା ଦେବତା' ଗପରେ ଡ୍ୟାମ୍ ନିର୍ମାଣ ପାଇଁ ସ୍ଥାନାନ୍ତରିତ ହେଉଥିବା ପରଜାର ଆଦିବାସୀ ସରକାରଙ୍କ ଏହି ପ୍ରସ୍ତାବର ସତ୍ୟତାକୁ ବୁଝିପାରି ନାହାନ୍ତି, ସେମାନଙ୍କ ବିକାଶ ଓ ପ୍ରଗତୀର ନାରାକୁ ପରତି ଯାଇ ନାହାନ୍ତି; ବରଂ ତାଙ୍କର ଏହି ଗାଁ ଭିଟାମାଟି ଛାଡ଼ି ଯିବାର ପରିସ୍ଥିତି ପାଇଁ ଡୁମା ଦେବତାର ରୋଷ ହିଁ ମୁଖ୍ୟତ ଦାୟୀ ବୋଲି ବିଶ୍ୱାସ କରିଛନ୍ତି । ଡୁମା ଦେବତାକୁ ବିଶ୍ୱାସ କରୁଥିବା ସରଳ ପରଜାମାନଙ୍କ ପୂଜାରୀ(ଦିସାରି) ସଚେତନ କରାଇ ଦେଇଛି, ପରଜାମାନେ ଡୁମା ଦେବତା, ଗୁମାନୀ ମାତାକୁ ହତାଦାର କରିଛନ୍ତି ଯାହା ଫଳରେ ଗାଁକୁ ବିପଦ ମାଡ଼ିଆସୁଛି । ତେଣୁ ପୂଜାକରି ତାଙ୍କୁ ସନ୍ତୁଷ୍ଟ କରିବାକୁ ହେବ । ଗାଳ୍ପିକଙ୍କ ଭାଷାରେ- 'ନିଷ୍ପତ୍ତି ଅନୁସାରେ, ଗାଁର ସମସ୍ତ ରଇତ ଘରୁ ଗୋଟିଏ ଗୋଟିଏ କୁକୁଡ଼ା, ମୁଦୁଲି ଘରୁ ବକଡ଼ା, ନାଏକ ଘରୁ ମେଣ୍ଢା ଆସିବ ଗୁମାନୀ ମାତା, କଲାଦାର୍‌ନୀ ମାତା ଆଉ ଭୀମା ଠାକୁରଙ୍କୁ ପୂଜା କରାଯିବ । (ଡୁମା ଦେବତା,ପୃ- ୨୬)

ଗାଁ ଆକାଶରେ ଘୂରି ବୁଲୁଥିବା ଡୁମା ଦେବତାଙ୍କୁ ଆବାହନ କରାଯିବ ପୂଜା ମାଧ୍ୟମରେ ପରେ ସେମାନଙ୍କୁ ରକ୍ତଦେଇ ସନ୍ତୁଷ୍ଟ କରି ସାରିଲା ପରେ ପରଜାମାନେ ଗାଁ ଛାଡିବେ । ସେଇଆ ହିଁ ହେଲା ପୁର୍ବ ପରଂପରାନୁସାରେ ପୂଜାରୀ ବିଭିନ୍ନ ଜନ୍ତୁକୁ କାଟି ବଳି ଛଡେଇ ବିଭିନ୍ନ ଦେବତାଙ୍କୁ ପୂଜା କଲା । ଶହଶହ କୁକୁଡ଼ା, ଛେଳି, ଘୁଷୁରି, ମେଣ୍ଢାଙ୍କ ରକ୍ତରେ ପୂଜାରୀ ଏକ ପ୍ରକାରେ ଗାଧୋଇ ପଡ଼ିଲା । ପୂଜାର ବିଧି ଅନୁସାରେ ଗାଁର ସମସ୍ତ ପରଜା ମିଳିତ ସ୍ୱରରେ କହିବାକୁ ଲାଗିଲେ-

"ହେ ଆମର ପୂର୍ବପୁରୁଷଙ୍କ ଡୁମା ଦେବତାମାନେ

ହେ ଗୁମାନୀମାତା

ହେ ଭୀମାଠାକୁର

ହେ ଦାର୍‌ନୀ ମାତା

ନିଅ ଏ ରକ୍ତ ଗ୍ରହଣ କର । ମନ ଭରି ପିଅ । ସନ୍ତୁଷ୍ଟ ହୁଅ । ଆମକୁ ଆଶୀର୍ବାଦ କର ।" (ଡୁମା ଦେବତା,ପୃ- ୨୯)

ବଡ଼ ବିଚିତ୍ର ଥିଲା ପରଜାମାନଙ୍କ ଏହି ପୂଜା ପଂରପରା, କେଉଁ ପରଜା ସେଇ ପଶୁବଳିର ରକ୍ତ ରଂଜିତ ମାଟିରେ ମୁଣ୍ଡ ବାଡ଼େଇ କାନ୍ଦିଛି ପୁଣି ସେଇ ରକ୍ତଭିଜା ମାଟିକୁ ଆଣି ନିଜ କପାଳରେ ବୋଳିଛି । କିଏ ପୁଣି ଦୌଡ଼ି ଯାଇ ମହୁଲ ଗଛକୁ କୁଣ୍ଢେଇ ପକାଇ କାନ୍ଦିଛି । ଏହିପରି କିଛି ସମୟ ପରେ ପୂଜା ସରିଛି ଓ ପରଜାମାନେ ଶାନ୍ତ ହୋଇଛନ୍ତି ।

'କୋଣ୍ଡା କାମ୍ୱେରୁରେ ଜହ୍ନରାତି' ଗପରେ ଆଦିବାସୀମାନଙ୍କ ପୁଷୁ ପୂନେଇଁ ପର୍ବର ବର୍ଣ୍ଣନା ବି ଚମତ୍କାର । ଡିଡ଼ାୟୀମାନଙ୍କ ଏହି ପର୍ବପାଇଁ ପ୍ରାୟ ମାସକ ଆଗରୁ ପ୍ରସ୍ତୁତି ଚାଲିଥାଏ । କୁଡୁମୁଲୁଗୁମା ଠାରୁ ମାଲକାନାଗିରି ପର୍ଯ୍ୟନ୍ତ ସବୁଠି ପୁଷପୂନେଇଁ ପାଇଁ ଚଳଚଂଚଳ । ନଅଦିନ ଧରି ଚାଲିବ ପୁଷପୂନେଇଁ ପର୍ବ । ତେବେ ଏହି ପୂନେଇଁ ପର୍ବରେ ପରଂପରାନୁସାରେ ଯେଉଁ ପୂଜାବିଧି ପ୍ରଚଳିତ ତା'ର ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ଲେଖିଛନ୍ତି-

"ଭୋଗ କରିବା ପାଇଁ ଧାଙ୍ଗଡ଼ାମାନେ ଜାଳେଣି କାଠ ଓ ଅନ୍ୟାନ୍ୟ ରୋଷେଇ ସାମଗ୍ରୀ ଜଙ୍ଗଲରୁ ସଂଗ୍ରହ କରି ଇଙ୍ଗିରେ ସାଙ୍ଗ (ଧାଙ୍ଗଡ଼ା ବସା)ରେ ଜମା କରିଦେଇଛନ୍ତି । କୁରୁପା ଜାନି ଶିଆଳିପତ୍ର, ଶାଳକାଠ, ଅରୁଆ ଚାଉଳ, ଗୁଡ଼, ଦୁଧ, ହଳଦି ପ୍ରସ୍ତୁତ କରିସାରିଛି । ଧାଙ୍ଗିଡ଼ିମାନେ ମାଟି କଳସୀ ନେଇ ମାଛକୁଣ୍ଡ ନଦୀରୁ ପାଣି ଆଣି ସାରିଛନ୍ତି । ମାଛକୁଣ୍ଡ ନଦୀରୁ କଳସୀରେ ଅଣାଯାଇଥିବା 'ଡୁମାପାଣି'କୁ ଦେବତାଙ୍କ ଉଦ୍ଦେଶ୍ୟରେ ଅତି ଯତ୍ନରେ ରଖାଯାଇଛି । ପୂନେଇଁ ରାତିରେ ଡୁମାଦେବତାକୁ ଶାନ୍ତି କରିବା ଉଦ୍ଦେଶ୍ୟରେ ଏହି 'ଡୁମାପାଣି' ପ୍ରଦାନ କରାଯିବା ସହ କୁକୁଡ଼ା ବଳି ଦିଆଯିବ । ଏଥିପାଇଁ ଦୁଇଟି କୁକୁଡ଼ା ମଧ୍ୟ ରଖାଯାଇଛି । ଏହି ସହିତ ରାତିରେ 'ପୁଷଚୋରା' ପାଇଁ ଧାଙ୍ଗଡ଼ା ଧାଙ୍ଗିଡ଼ିମାନେ ନିଜନିଜର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ।

ମେଘୁଆ ଆକାଶରେ ସୂର୍ଯ୍ୟ କି ଚନ୍ଦ୍ର ଦେଖା ଯାଉ ନଥିବାରୁ ଦିନ କି ରାତି ଜାଣି ହେଉ ନଥିଲେ ବି ଧାଙ୍ଗଡାମାନେ ବଡ଼ବଡ଼ କାଠଗଣ୍ଡିରେ ନିଆଁ ଲଗାଇ ପୁଷ୍ ପୂନେଇଁ ଭୋଗୀ ପ୍ରସ୍ତୁତ କରି ସାରିଲେଣି । ପୁଷପୂନେଇଁ ଭୋଗୀ ମାଧ୍ୟମରେ ଡିଡ଼ାୟୀମାନେ ଅଗ୍ନି ଦେବତାଙ୍କୁ ଆବାହନ କରିବେ । ଏହି ଜଳନ୍ତା କାଠଗଣ୍ଡି ଚତୁଃପାର୍ଶ୍ୱରେ ଡିଡ଼ାୟୀମାନେ ଘେରି ବସିବେ । ନିଆଁ ଜଳୁଥିବ ହୁତୁହୁତୁ । ଡୋକରାମାନେ ସାନାସାନ ଧାଙ୍ଗଡ଼ାମାନଙ୍କୁ ପୁରୁଣା ଦିନର ସ୍ମୃତି ବଖାଣିବେ,ଆଉ ଡୋକରୀମାନେ ସେମାନଙ୍କ ପିଲାଦିନର ପ୍ରେମ ଓ ପ୍ରଣୟର କଥା ଧାଙ୍ଗିଡ଼ିମାନଙ୍କୁ କହିବେ ।

ଗାଁରେ ସଲପ, ଲନ୍ଦା, ପେଣ୍ଡମ୍ ପ୍ରସ୍ତୁତ ହୋଇସାରିଥିବ । ଧାଙ୍ଗଡ଼ାମାନେ ଜଙ୍ଗଲରୁ ଧରି ଆଣିଥିବା ଚୁଟିଆ ମୂଷା ଏବଂ ବିଭିନ୍ନ ପ୍ରକାର ପନିପରିବାକୁ ଏହି କାଠ ନିଆଁରେ ପୋଡି ଲନ୍ଦା ସାଙ୍ଗରେ ଖାଇବେ । 'ଚୁଟିଆ ପୁଡ଼୍‌ଗା' ସାଙ୍ଗକୁ ଲନ୍ଦା ପିଇ ଡିଡ଼ାୟୀ ଧାଙ୍ଗଡ଼ା ଧାଙ୍ଗିଡିମାନେ ନୃତ୍ୟଗୀତ କରିବେ । ରାତି ତମାମ୍ ଚାଲିବ ଡିଡାୟୀଙ୍କ ପୁଷ୍ ପୂନେଇଁ ଉତ୍ସବ ।" (କୋଣ୍ଡାକାମ୍ୱେରୁରେ ଜହ୍ନରାତି,ପୃ- ୩୬)

ସେହିପରି ଆଦିବାସୀ ଝିଅମାନଙ୍କର ଯୌବନ ପ୍ରାପ୍ତ ହେଲେ ତାଙ୍କର ପ୍ରଥମ ଋତୁସ୍ରାବ ବା ଯୁଗତ୍‌ମାନ୍‌ରେ ମଧ୍ୟ ଏକ ପୂଜାର ଆୟୋଜନ ହୋଇଥାଏ । ସାହିଭାଇଙ୍କୁ ମଦ କୁକୁଡ଼ା ଦିଆଯାଇଥାଏ ଆଉ ଛୋଟଛୋଟ ପିଲାମାନଙ୍କୁ ଭୋଜିଭାତ, ମିଠାପିଠା ଦିଆଯାଇଥାଏ । ଛଅ ଦିନ ବାରଣରେ ରହିଲା ପରେ ସାତଦିନ ବେଳକୁ ନଡ଼ିଆ, କଦଳୀ, ସଲପରସ, କୁକୁଡ଼ା, ମୟୂର ଅଣ୍ଡା ପୂଜା କରାଯାଇଥାଏ । କେବଳ ସେତିକି ନୁହେଁ ଆମ୍ବ ନୂଆଖିଆ ପର୍ବ ମଧ୍ୟ ହୋଇଥାଏ । ନୂଆ ଯୁବକ ଯୁବତୀଙ୍କ ପାଇଁ ଏଇ ପର୍ବ ଏକ ବିଶେଷ ପର୍ବ । ଏ ପ୍ରସଙ୍ଗରେ କଥାକାର 'ସୁନା ପାହାଡ଼ରେ ସୂର୍ଯ୍ୟାସ୍ତ' ଗପରେ ଲେଖିଛନ୍ତି- "ଆଃ, ଆମ୍ବ ନୂଆଖିଆ ପର୍ବଟି ଯୁବକ ଯୁବତୀଙ୍କ ପର୍ବ । ପ୍ରଥମକରି ଯୌବନ ପ୍ରାପ୍ତ ହେଉଥିବା ଯୁବକ ଯୁବତୀ ପାଇଁ ଏହା ବେଶ୍ ମହତ୍ୱ ରଖିଥାଏ । ଗ୍ରାମଶିରୀଙ୍କ ନିକଟରେ ନୂଆ ଯୌବନ ପ୍ରାପ୍ତ ଯୁବକ ଯୁବତୀଙ୍କର ନାନାପ୍ରକାର ସଂସ୍କାର କାର୍ଯ୍ୟକ୍ରମ ହେବ । ସେଲାନ୍, କଙ୍ଗେର୍‌ମାନେ 'ମଣ୍ଡଘର'ର ସଦସ୍ୟତା ଗ୍ରହଣ କରିବେ । ନୂତନ ଯୁବକ ଯୁବତୀଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ନେଇ 'ମଣ୍ଡଘର'ର ମୁରବି ତଣ୍ଡକାର ବି ପ୍ରସ୍ତୁତ ହୋଇସାରିଲେଣି ।" (ପୃ-୧୫୦)

ଖାଲି କୌଣସି ଅଦୃଶ୍ୟ ଦେବାଦେବୀ ନୁହେଁ ଜଙ୍ଗଲର ପଶୁପକ୍ଷୀଙ୍କୁ ପୂଜିବା ବିଧି ମଧ୍ୟ ନିରିହ ଆଦିବାସୀ ସଂସ୍କୃତିରେ ଦେଖାଯାଏ । ଯେହେତୁ ଜଙ୍ଗଲରେ ରୁହନ୍ତି ତେଣୁ ଜଙ୍ଗଲର ଜୀବଜନ୍ତୁ ବି ଆଦିବାସୀମାନଙ୍କ ନିହାତି ନିଜର ଆଉ ସେମାନଙ୍କ ପ୍ରତି ଏକ ଅହେତୁକ ଆନ୍ତରିକତା ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ । ଯେମିତି କି ଜଙ୍ଗଲର ରାଜା ବାଘଡୁମାର ପୂଜା । ବାଘ ଯଦି ବାରମ୍ବାର ଆଦିବାସୀଙ୍କ ଧନଜୀବନ ନଷ୍ଟ କଲା ତେବେ ବାଘ ରୋଷ କରିଛି ବୋଲି ବିଶ୍ୱାସ କରି ଆଦିବାସୀମାନେ ତାକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ପୂଜା କରିଥାନ୍ତି । ସମସ୍ତେ ଗାଁମୁଣ୍ଡରେ ଏକାଠି ହୋଇ ବାଘଡୁମା ପାଇଁ ପୂଜାର ଆୟୋଜନ କରିଥାନ୍ତି । ଯେମିତି 'ବାଘଡୁମା' ଗପରେ ଗାଳ୍ପିକ ଲେଖିଛନ୍ତି-

"ପରଦିନ ସକାଳୁ ଗାଁ ମୁଣ୍ଡରେ ପରଜାମାନେ ଏକତ୍ର ହେଲେ । ଡୁଙ୍ଗୁଡୁଙ୍ଗା,ଟଇଁଲା ଧରି ଧାଙ୍ଗଡ଼ାମାନେ ପଦାକୁ ବାହାରି ଆସିଲେ । ଧାଙ୍ଗିଡ଼ିମାନେ ସଫା ନାଲି ଓ ଧଳା ରଙ୍ଗର ଗାରଗାରକିଆ କପଡ଼ା ପିନ୍ଧି ନିଜକୁ ପ୍ରସ୍ତୁତ କରିନେଲେ । ଯାନୀ ଏକ ଡାଲାରେ ଅରୁଆ ଚାଉଳ,ସିନ୍ଦୂର,ଧୂପ,ଦୀପ, ଦୁଧ,ଗୁଡ଼ ,ଶିଆଳି ପତ୍ର,ହଳଦିଗୁଣ୍ଡ ଓ ଅନ୍ୟାନ୍ୟ ପୂଜା ଉପକରଣ ଧରି ଦାର୍‌ନିମାତାଙ୍କ ଶାଳକୁ ବାହାରିଲା । ଗାଁ ମୁଖିଆ ଓ ଆଉ କିଛି ପରଜା ଯୁବକ ଗୋଟିଏ ବଡ଼ ବରିହାକୁ ଘୋଷାରି ଘୋଷାରି ଗାଁ ମୁଣ୍ଡ ଶାଳ ନିକଟକୁ ନେଲେ । ବାଘ ଡୁମାକୁ ଶାନ୍ତ କରିବା ପାଇଁ ବରିହାକୁ ସେଠାରେ ପୂଜା କରାଯିବ । ଚଇତୁ ଦେଇଥିବା ନୂଆ କପଡ଼ା ପିନ୍ଧି ପୂଜାରୀ ବାଘଡୁମାକୁ ଆବାହନ କଲା ।"(ବାଘଡୁମା,ପୃ-୫୭/୫୮)

ପୁଷ୍ ପୂନେଇଁ ପରି ଚଇତି ପରବ ବି ଆଦିବାସୀଙ୍କ ଏକ ଅନନ୍ୟ ପର୍ବ । ପ୍ରତିବର୍ଷ ଏହି ଚଇତି ପର୍ବରେ ଆଦିବାସୀମାନଙ୍କ ଆନନ୍ଦ କହିଲେ ନସରେ । ଏହି ଚଇତି ପର୍ବରେ ଦେଶିଆ ନାଟ ହୋଇଥାଏ । ଦିନଯାକ ନିଜନିଜ କାମ ସାରି ଆଦିବାସୀମାନେ ସଂଜବେଳକୁ ମନଖୁସିରେ ବିଭିନ୍ନ ବିଷୟର ଦେଶିଆ ନାଟ ଦେଖିଥାନ୍ତି । ଗାଳ୍ପିକ 'ଶର୍ଗିଫୁଲ' ଗପରେ ଲେଖିଛନ୍ତି- "ଚାରିଆଡ଼େ ସୁଲୁସୁଲିଆ ଚଇତି ବାଆ । ଚଇତି ପରବ୍ ପାଇଁ ଆଦିବାସୀ ଗାଁ ଗୁଡ଼ିକ ଉତ୍ସବ ମୁଖର । ମାଇଜି ଡୋକାରୀମାନେ ମାଟିକାନ୍ଥରେ ଝୋଟି ଚିତା ପକାଇ ଘରଦ୍ୱାର ଅଗଣାକୁ ସଜେଇ ସାରିଲେଣି । ଧାଙ୍ଗଡ଼ିମାନେ ଗଭାରେ କୁରେଇ ଫୁଲ ଖୋସି, ଖୋସାରେ ଟୋଲାତେଲ ବୋଳି, ମୁଣ୍ଡରେ ବଡ଼ବଡ଼ ଖୋସା ପାରି,ମୁହଁରେ ପାଉଡର୍ ଲିପିଷ୍ଟିକ ଲଗାଇ ଗାଁରୁ ଡଙ୍ଗର ,ଡଙ୍ଗରରୁ ଝୋଲା, ଝୋଲାରୁ ମହୁଲବଣ ପଇଁତରାମାରୁଛନ୍ତି ।"(ଶର୍ଗିଫୁଲ,ପୃ-୭୨)

ତେବେ ଏହି ଚଇତି ପର୍ବ ଧାଙ୍ଗଡାଧାଙ୍ଗିଡିଙ୍କ ପାଇଁ ଏକ ବିଶେଷଦିନ । ଚଇତି ପର୍ବର ନାଟ ଦେଖିସାରି ଯିଏ ଯାହାର ସାଥି ବାଛି ନେବେ । ଏହା ଆଦିବାସୀମାନଙ୍କର ଏକ ଅଲିଖିତ ପରଂପରା । କାହିଁ କେଉଁ କାଳରୁ ଗତି କରିଆସୁଛି ଏହି ବିଧି । ନିଜର ମନର ସାଥୀ ବାଛିବା ପାଇଁ ଏହି ପର୍ବ ଏକ ଅନନ୍ୟ ଅନୁଭୂତିର ପୁଲକ ଆଣେ ଉଭୟ ଧାଙ୍ଗଡା ଆଉ ଧାଙ୍ଗିଡିମାନଙ୍କ ପାଇଁ ।

'ଠାକୁରାଣୀ' ଗପରେ ବି ଆଦିବାସୀମାନଙ୍କ ପୂଜା ଆରାଧନା ବିଶ୍ୱାସର କଥା ସୁନ୍ଦର ଭାବରେ ବର୍ଣ୍ଣିତ । ପୂଜାରେ ବଳି ପ୍ରଥାର ଉଦାହରଣ ଏଥିରେ ରହିଛି । ଗାଁରେ ଝାଡ଼ାବାନ୍ତି ବ୍ୟାପିଛି ମାତ୍ର ସରଳ ବିଶ୍ୱାସୀ ଅନଗ୍ରସର ଆଦିବାସୀ ଠାକୁରାଣୀ ମାର୍ଜନାରେ ସମୟ ବିତାଇଛନ୍ତି । ସେହିପରି 'ଲକ୍ଷ୍ମୀପାଙ୍ଗ୍ଣୀ, ଏଥରର କଉର୍‌କ୍ଷୋରି' ଗପରେ ନିରିହ ଆଦିବାସୀ ମହିଳା ଲକ୍ଷ୍ମୀର ଅସହାୟତା ଓ ଶୋଷଣକୁ ଗାଳ୍ପିକ ବର୍ଣ୍ଣନା କରିଥିଲେ ବି ଏହି ଗପରେ ମନ୍ତ୍ରତନ୍ତ୍ର ସାଧନା, ଗୁଣିଗାରେଡିର ସନ୍ଦେହରେ ଦଣ୍ଡର କାରୁଣ୍ୟ ସ୍ପର୍ଶ ଚମତ୍କାର । କନ୍ଧ ନାରୀ ଲକ୍ଷ୍ମୀ ଡାହାଣୀ ବୋଲି ମିଛରେ ପ୍ରଚାର କରି ତାକୁ ନିର୍ମମ ଭାବରେ ନିର୍ଦ୍ଦୋଷ ଥାଇ ବି ଦଣ୍ଡିତ କରାଯାଇଛି । କନ୍ଧ ଗାଁର ପ୍ରଥାନୁସାରେ ଯଦି କେହି ନାରୀ ଡାହାଣୀ ବୋଲି ଜଣା ପଡ଼େ ତେବେ ତାକୁ ବହୁତ କଷ୍ଟ ଦେଇ ମୃତ୍ୟୁଦଣ୍ଡ ଦିଆଯାଏ । ଅମାବାସ୍ୟା ରାତିର ଅନ୍ଧାର ଭିତରେ ଡାହାଣୀ

ବୋଲି ଜଣା ଯାଇଥିବା ମହିଳାକୁ ପିଟିପିଟି ମାରି ଦେବାର ପ୍ରଥା କନ୍ଧମାନଙ୍କର ରହିଛି, ଯାହାର ଏକ ଉଦାହରଣ ଏହି ଗପରେ ଗାଳ୍ପିକ ଦେଇଛନ୍ତି । କାନ୍ଦୁଲବେଡାର ଲକ୍ଷ୍ମୀ ପାଙ୍ଗ୍ଣୀକୁ ମିଛରେ ଅନ୍ୟାୟପୂର୍ଣ୍ଣ ଭାବରେ ଦଣ୍ଡିତ କରାଯାଇଛି । ଏହି ଦଣ୍ଡରେ କନ୍ଧମାନଙ୍କ ପୂଜା ପ୍ରଥା ପରଂପରାର ବର୍ଣ୍ଣନା ଦେବାକୁ ଯାଇ ଗାଳ୍ପିକ ଉଲ୍ଲେଖ କରିଛନ୍ତି-"ବହୁ ପ୍ରତୀକ୍ଷା ପରେ କାନ୍ଦୁଲବେଡା ଗାଁରେ ଅମାବାସ୍ୟା ରାତି ଆସିଥିବ । ଆଜି ରାତିରେ ଲକ୍ଷ୍ମୀକୁ ମୃତ୍ୟୁଦଣ୍ଡ ମିଳିବ । ଗାଁ ମୁଖିଆ କନ୍ଧଯାନି ଗୋଟିଏ କାଳି ଗାଈ ଯୋଗାଡ କରି ସାରିଥିବ । ନିଶାର୍ଦ୍ଧରେ କଲାଦାରନୀ ମାତାଙ୍କ ନିକଟରେ ଏହି କାଳିଗାଈପୂଜା ହେବ । ଦିସାରୀ, ପୂଜାରୀ ଆସି ଠାକୁରାଣୀ ପିଠରେ ଉପସ୍ଥିତ ହେଉଥିବେ । ସେଇଦିନ ସଂଧ୍ୟା ଯାଇ ରାତି ହେଉଥିବ । ଗ୍ରାମବାସୀ ଗାଁର ଶେଷ ମୁଣ୍ଡରେ ଥିବା ଏକ ମହୁଲ ଗଛ ମୂଳେ ଏକତ୍ରିତ ହେଉଥିବେ । ସମସ୍ତେ ହାତରେ ଖଣ୍ଡେଖଣ୍ଡେ ବାଡି ଧରିଥିବେ । ଲକ୍ଷ୍ମୀପାଙ୍ଗ୍ଣୀକୁ ଗୋଟିଏ ଧଳା ଲୁଗା ପିନ୍ଧାଇ ବନ୍ଦିନୀ ଅବସ୍ଥାରେ ଗାଁ ସଦର ଦାଣ୍ଡରେ ଉପସ୍ଥିତ କରାଯାଉଥିବ । ଏହା ପରେ ପୂଜାରୀ ଲକ୍ଷ୍ମୀ ଦେହରୁ ବନ୍ଧା ଯାଇଥିବା ଦଉଡି ଖୋଲି ଦେଉଥିବ । ପରେ ଲକ୍ଷ୍ମୀକୁ ବିବସ୍ତ୍ର କରାଯାଉଥିବ । ଗାଁ ପୂଜାରୀ ମୁଣ୍ଡକୁ ଭିଷଣ ବେଗରେ ହଲେଇ ଭୂମି ଉପରେ ଉଦଣ୍ଡ ନାଚିବାକୁ ଆରମ୍ଭ କରିଦେବ । ଗାଁର ରଇତ, ଦିସାରୀ, ଚାଲାଣ, ଧାଙ୍ଗଡା, ଧାଙ୍ଗିଡି ସେଠାରେ ଠିଆ ହୋଇ ସମତାଳରେ ନାଚିବା ଆରମ୍ଭ କରି ଦେଉଥିବେ । ଏହାପରେ ପୂଜାରୀ ହାତରେ ଧରିଥିବା ଲାଠିରେ ଲକ୍ଷ୍ମୀ ଉପରେ ପ୍ରହାର କରୁଥିବ ଆଉ କିଳିକିଳି ହୋଇ ପ୍ରଳାପ କରୁଥିବା ।"(ପୃ-୧୦୦)

ଆଦିବାସୀ ମାନଙ୍କର ସନ୍ତାନ ସନ୍ତତି ନହେଲେ ସେମାନେ ବିଭିନ୍ନ ପୁଜାଅର୍ଚ୍ଚନା ମଧ୍ୟ କରିଥାନ୍ତି । ମାନସିକ କରି ବିଭିନ୍ନ ଜୀବଜନ୍ତୁର ବଳି ଦେଇ ସନ୍ତାନ ପ୍ରାପ୍ତିର କାମନା କରିଥାନ୍ତି । ସେମାନଙ୍କ ସରଳ ବିଶ୍ୱାସରେ ଗ୍ରହ କୋପରୁ ସନ୍ତାନ ସୁଖ ପ୍ରାପ୍ତ ହୁଏନାହିଁ ବୋଲି ଧାରଣା ରହିଥିବାର ଜଣାଯାଏ । 'ମାଲ୍‌କି ଟୁନ୍ଦରୀ ଓ ଗ୍ରହ ଦେବତାର ପୂଜା' ଗପରେ ଏହି ବିଶ୍ୱାସର ବର୍ଣ୍ଣନା ରହିଛି । ନାୟକ 'ମାଲ୍‌କି' ଓ ନାୟିକା 'ଟୁନ୍ଦ୍ରୀ'ର ବିବାହକୁ ଅନେକ ଦିନ ବିତି ଯାଇଥିଲେ ବି ସେମାନେ ସନ୍ତାନ ସୁଖ ପାଇପାରି ନାହାନ୍ତି ଫଳରେ ଅନ୍ୟ ଆଦିବାସୀ ଭାଇମାନେ ସେମାନଙ୍କ ମୁଖ ଚାହିଁନାହାନ୍ତି ଏକଘରକିଆ କରି ଦେଇଛନ୍ତି । ତେଣୁ ଏହି ଆଦିବାସୀ ଦଂପଂଗିଂ ସେମାନଙ୍କ ପ୍ରଥାନୁସାରେ ଗଣ୍ଡ ପୂଜା କରିବାକୁ ଯୋଜନା କରିଛନ୍ତି । ଗାଳ୍ପିକଙ୍କ ଭାଷାରେ – "ଗ୍ରହ ଦେବତା ରିସା କରିଛି । ଗଣ୍ଡ୍ ପୂଜା କରିବାକୁ ପଡିବ । କୋଡ଼ି, ଆମେୟା, ଆମାଆମା, କୟୁ, ପିୟାୟୁ ଆଦି ଯୋଗାଡ କରିବାକୁ ପଡିବ ବୋଲି ଦିଶାରୀ ଦେବତା କହିଯାଇଛି ।"(ପୃ-୧୦୨)ସେହିପରି ପୂଜା ପଦ୍ଧତି ଓ ପୂଜାରୀ ବା ଦିଶାରିର ମନୋଭାବ ସଂପର୍କରେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି- "ମାଲ୍‌କିର ବାପା ଏକ ଛୋଟ ରୁମ ଉଠିନଥିବା ପ୍ରାୟ ପାଂଚଛଅ ଦିନର କୁକୁଡ଼ା ଛୁଆକୁ ପୂଜା ସ୍ଥଳକୁ ଆଣି ଦିଶାରିଙ୍କୁ ଦେଲେ । ତା'ପରେ ସେଇ କୁକୁଡ଼ା ଛୁଆ ଦେହରେ ନାଲି ରଙ୍ଗ ବୋଳି ଦିଆଗଲା, ସେଇ କୁକୁଡ଼ା ଛୁଆ ଆଗରେ କିଛି ଅରୁଆ ଚାଉଳ ପକାଗଲା । ସେ ଟିକି ଛୁଆଟି ସେଇ ଅରୁଆ ଚାଉଳରୁ ଚାରିପାଂଚଟା ଖୁଂଟିଖୁଂଟି ଖାଇଲା । ତା'ପରେ ଦିଶାରି କହିଲା ତମ କଥା ଗ୍ରହଦେବତା ଶୁଣୁଛନ୍ତି ଏବଂ ପୁଣି କହିଲା: ଯଦି ସେଇ ବଚ୍ଚା କୟୁ ଚାଉଳ ଖୁଂଟି ଖାଇ ନଥାନ୍ତା ତେବେ ଗ୍ରହ ଦେବତା ତମମାନଙ୍କର ଉପରେ ରିସାରେ ଅଛନ୍ତି ବୋଲି ଜାଣିଥାନ୍ତି ।"(ପୃ-୧୦୫)

ସେହିପରି କନ୍ଧ ଆଦିବାସୀମାନଙ୍କ ବିବାହ ପ୍ରଥା ସଂପର୍କରେ ମଧ୍ୟ ଗାଳ୍ପିକ ଉଲ୍ଲେଖ କରିଛନ୍ତି- "ବଡ଼ ଧୂମ୍‌ଧାମ୍‌ରେ ମାଲ୍‌କି ଓ ଟୁନ୍ଦ୍ରୀ ମଧ୍ୟରେ ବାଦି ଘର୍ ହୋଇଥିଲା । ସେତେବେଳେ ବଜାରରେ ମାଲ୍‌କି ଟୁନ୍ଦରୀର ବାପାକୁ ପାଂଚ ହଜାରବ ଜଲା ଟଙ୍କା ଦେଇ ଟୁନ୍ଦରୀକୁ ଘର୍‌କୁ ଆଣିଥିଲା । ବିଭାଘର ବେଳେ ଚାରିଟା କୋଡ଼ି (ଗାଈ), କୋଡିୟେଟା କୟୁ (କୁକୁଡ଼ା), ତିନିଟା ଆମାଆମା(ମେଣ୍ଢା), ଚାରିଟା ଆମେୟା (ଛେଳି) କାଟିଥିଲା । ବିଶେଷକରି ତାର ବାହାଘର ବେଳେ ଗୋଟେ ପିୟାୟୁ (ମାଙ୍କଡ଼) ମଧ୍ୟ କଟା ଯାଇଥିଲା । (କନ୍ଧ ଆଦିବାସୀ ବାହାଘର ମାନଙ୍କରେ ଯେଉଁ କନ୍ଧ ମାଙ୍କଡ଼ କାଟି ତାର ମାଂସ କନ୍ଧମାନଙ୍କୁ ଦେଇ ପାରିଲା ତାହା ବାହାଘରକୁ ସେତେ ବଡ଼ ବାହାଘର କୁହାଯାଏ ।) ଏହା ସହିତ ସାତ ଡବା ମନ୍ଦ୍ ମଧ୍ୟ ଖର୍ଚ୍ଚ କରିଥିଲା ମାଲ୍‌କି ।" (ପୃ-୧୦୩) ଏହିପରି ଆଦିବାସୀମାନଙ୍କ ଜୀବନ ଧାରାରେ ପୂଜା ପ୍ରଥା ପରଂପରାର ନିଆରା ମୂଲ୍ୟ ରହିଛି ଯାହା ସେମାନଙ୍କ ମୌଳିକତାକୁ ବ୍ୟକ୍ତ କରିଛି ।

**(ଗ) ଆଦିବାସୀ ମହିଳାଙ୍କ ଶୋଷଣ :** ଅବ୍ୟକ୍ତ କରୁଣ – ଆଦିବାସୀ ଜନଜାତି ସମାଜରେ କୋଉଠି ନା କୋଉଠି ନାରୀମାନେ ପୁରୁଷମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବାର ନଜରକୁ ଆସିଥାଏ । ପୁରୁଷମାନଙ୍କର ଅହଂକାର, ଦମ୍ଭ, ଜିଦି ଓ ମନମୁଖିତା ନିକଟରେ ଅବହେଳିତ ହୋଇଥାନ୍ତି ଆଦିବାସୀ ମହିଳା । ଆଦିବାସୀ ମହିଳା ଉପଯୁକ୍ତ ଶିକ୍ଷାର ଅଭାବରୁ ହେଉ ବା ଅର୍ଥ, କ୍ଷମତା ଓ ସମ୍ମାନ ଅଭାବରୁ ହେଉ ଅନେକ ସ୍ଥାନରେ ଶୋଷିତ ହୋଇଥାନ୍ତି । 'ଗରିବ ମାଇପ ସବୁରି ଶାଳୀ' ନ୍ୟାୟରେ ଏ ଆଦିବାସୀ ମହିଳା ଅନେକ କ୍ଷେତ୍ରରେ ନିକ୍ଷେପିତ ଓ ଶୋଷିତ । କେବେ ନିଜ ଆଦିବାସୀ ସମାଜ ଦ୍ୱାରା ତ କେବେ ସଭ୍ୟ ସମାଜର ଦ୍ୱାରା ଏମାନେ ଅତ୍ୟାଚାରିତ ଓ ଶୋଷିତ ହୋଇଥିବାର ନଜରକୁ

ଆସିଥାଏ । ଆଦିବାସୀ ମହିଳାଙ୍କ ଏହି ଶୋଷଣ କେବେ ପାଶବିକ ଦୈହିକ କାମନା ଲାଳସା ଯୋଗୁ ତ କେବେ ଆଦାବାସୀ ସମାଜର ନିଷ୍ଠୁର ନିୟମ ଯୋଗୁ । 'ଡୁମା ଦେବତା' ସଂକଳନର 'କେଣ୍ଡାକାମ୍ଭେରୁରେ ଜହ୍ନରାତି', 'ଶର୍ଗିଫୁଲ', 'ଲକ୍ଷ୍ମୀପାଙ୍ଗଣୀ; ଏଥରର କଭରଷ୍ଟୋରି', 'ଚଂପାପୁରର ପାଗଳବାବା', 'ମହୁଲବଣର ରାଣୀ', 'ସୁନା ପାହାଡରେ ସୂର୍ଯ୍ୟାସ୍ତ' ଆଦି ଗପରେ ଆଦିବାସୀ ମହିଳାଙ୍କ ଶୋଷଣର ଚିତ୍ର ଯେମିତି କାରୁଣ୍ୟ ସେମିତି ମାର୍ମିକ ।

'ଲକ୍ଷ୍ମୀପାଙ୍ଗଣୀ; ଏଥରର କଭରଷ୍ଟୋରି' ନିରିହ ଲକ୍ଷ୍ମୀ ପାଙ୍ଗଣୀକୁ ମିଛରେ ଡାହାଣୀ ବୋଲି ପ୍ରଚାର କରି ତାକୁ ପିଟିପିଟି ମାରି ଦେବାର ଯେଉଁ କରୁଣ ଚିତ୍ର ରହିଛି ତାହା ହୃଦୟ ବିଦାରକ । ସମାଜରେ ଯିଶୁଦାନ୍ ଆଉ ଫଗୁନ୍ ଦିସାରୀ ପରି ପ୍ରଭାବଶାଳୀ ଅସାଧୁ ଲୋକଙ୍କ କୁଚକ୍ରାନ୍ତରେ ଲକ୍ଷ୍ମୀପାଙ୍ଗଣୀ ପରି ସାଧାରଣ ମହିଳାମାନଙ୍କର ଶୋଷଣକୁ ଗାଳ୍ପିକ ସୁନ୍ଦର ଭାବରେ ଆଲୋକପାତ କରିଛନ୍ତି । ଲକ୍ଷ୍ମୀର ସ୍ୱାମୀ ବୁଣ୍ଡ୍ରା ଯାନିର ଅନୁପସ୍ଥିତରେ କାମାଶକ୍ତ ଖ୍ରୀଷ୍ଟିୟାନ୍ ଡମ୍ବ ଯିଶୁଦାନ୍ ଲକ୍ଷ୍ମୀକୁ ଭିଡ଼ାଓଟରା କରିଛି ଏହାର ପ୍ରତିବାଦରେ ଲକ୍ଷ୍ମୀ ଯିଶୁଦାନ୍‌ର ହାତକୁ କାମୁଡ଼ି ଦେଇଛି ଓ ତାର ଅଣ୍ଡକୋଷକୁ ଗୋଇଠାମାରି ତାକୁ ଅଚେତ କରିଦେଇଛି । ଏହି ଅପମାନର ପ୍ରତିଶୋଧ ନେବାକୁ ଯାଇ ଖ୍ରୀଷ୍ଟିୟାନ୍ ଡମ୍ବ ଯିଶୁଦାନ କନ୍ଧ ଗାଁ କାନ୍ଦୁଲ ବେଡାର ବେତାଳ ସାଧକ ମହାତାନ୍ତ୍ରିକ ଫଗୁନ୍ ଦିଶାରି ସହ ମିଶି ଲକ୍ଷ୍ମୀକୁ ପାଙ୍ଗଣୀ ବୋଲି ଗାଁ ମୁଖିଆ କନ୍ଧ ଯାନି ଆଗରେ ମିଛଟାରେ ବିଶ୍ୱାସ ଜନ୍ମାଇଛି ଆଉ ଏହାର ଫଳସ୍ୱରୂପ ବିଚରା ନିରୀହ ଲକ୍ଷ୍ମୀ ପାଙ୍ଗଣୀକୁ ମୃତ୍ୟୁଦଣ୍ଡ ମିଳିଛି । ଯଥା 'ଲକ୍ଷ୍ମୀ ଉପରେ ପାହାର ପରେ ପାହାର ବର୍ଷି ଚାଲିଥିବ । ବିଚରା ଲକ୍ଷ୍ମୀ ଜୀବନ ବିକଳରେ ଏଣେ ତେଣେ ଧାଉଁଥିବ । ନିଜକୁ ରକ୍ଷା କରିବାକୁ ଚିତ୍କାର କରୁଥିବ । ଯେତେ ଚେଷ୍ଟାକରି ବି ଗାଁ ଲୋକଙ୍କ କବଳରୁ ନିଜ ଜୀବନକୁ ବଂଚାଇ ପାରିନଥିବ । ଶେଷରେ ଲକ୍ଷ୍ମୀର ରକ୍ତାକ୍ତ ମୃତ ଦେହ ମହୁଲ ଗଛ ତଳେ ଖୋଲା ପଡ଼ିଆରେ ଲୋଟୁଥିବ । ଗୋଟିଏ ମାତାଲ୍ ଅନ୍ଧାରରାତିର ଅପମୃତ୍ୟୁ ଘଟୁଥିବଓ କଅଁଳ ଶିଶୁ ପରି ନିରୀହ ସକାଳ କୁଆଁ କୁଆଁ ରାବ କରୁଥିବ କନ୍ଧ ଗାଁରେ ।'(ପୃ-୧୦୦)

'କେଣ୍ଡାକାମ୍ଭେରୁରେ ଜହ୍ନରାତି'ଗପରେ ନାରଙ୍ଗ ଝଲା ଗାଁର ନିରିହ 'ଉଲିଆ' ଚିରିତ୍ରର କଥା ମଧ୍ୟ ଏଠାରେ ବିଚାର କରାଯାଇପାରେ । ନବମ ଶ୍ରେଣୀରେ ପଢୁଥିବା ଏହି ବାପା ମା' ଛେଉଣ୍ଡ ନିରିହ ଆଦିବାସୀ ବାଳିକା ଜଣେ ହେଡ୍‌ମାଷ୍ଟରଙ୍କ ଦ୍ୱାରା ଶାରୀରିକ ଶୋଷଣର ଶିକାର ହୋଇଛି । ପ୍ରତି ମୁହୂର୍ତ୍ତରେ ଧର୍ଷିତା ହୋଇଛି ଏହି ନିରୀହ ନାବାଳିକା । ହେଡ୍‌ମାଷ୍ଟ୍ରେ ଗାଁ ଲୋକଙ୍କୁ ପର୍ବ ବେଳେ କୁକୁଡ଼ା, ମେଣ୍ଢା, ଛେଳି ଦେଇ ଓ ଗାଁ ମୁଖିଆକୁ ସଲପ ଦେଇ ନିଜ ସପକ୍ଷରେ ରଖିଛି, ଯାହାର ଆଢୁଆଳରେ ନିରୀହ ଆଦିବାସୀ ନାବାଳିକାମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇଛି । ଏହିପରି ପ୍ରଭାବଶାଳୀ ଚରିତ୍ରମାନଙ୍କ ଯୌନ ଶୋଷଣ ଯୋଗୁ ଉଲିଆ ପରି ନିରୀହ ଆଦିବାସୀ ନାବାଳିକା ଗର୍ଭବତୀ ହୋଇ ଅକାଳରେ ଆଖି ବୁଜିଛନ୍ତି । ଉକ୍ତ ଗପ ଏହି ସ୍ଥିତିର ଏକ ନିଖୁଣ ଉଦାହରଣ ।

ସେହିପରି 'ଶର୍ଗି ଫୁଲ' ଗପରେ ନାୟିକା ଟୁମ୍‌ସାର ଜୀବନ ଦହନ ବି ସେମତି ନାରୀ ଶୋଷଣର ଚିତ୍ର ବହନ କରିଛି । ଟୁମ୍‌ସା ଓ ନାୟକ ରିସ୍କୁ ମଧ୍ୟରେ ସୁନ୍ଦର ପ୍ରେମ ସଂପର୍କ ଗଢିଉଠିଛି, ମାତ୍ର ଟୁମ୍‌ସାର ଡୋକରା ମଦୁଆ ବାପା ଡାକ୍ତରବାବୁ ଠାରୁ ଦୁଇଶହ ଟଙ୍କା ରିସ୍‌ପତ୍ ନେଇ ଟୁମ୍‌ସାକୁ ବିକ୍ରି କରିଦେଇଛି । ଡାକ୍ତରବାବୁ ଏହି ଆଦିବାସୀ ମହିଳାକୁ ନେଇ ଜଣେ ସାଉକାରକୁ ବିକି ଦେଇଛି । ଏହାର ଦୁଇମାସ ପରେ ସେଇ ସାଉକାର ଟୁମ୍‌ସା ପୁରୁଣା ହୋଇଯିବାରୁ ତାକୁ ଅଧା ଦାମ୍‌ରେ ଆଉ ଜଣେ ସାଉକାରକୁ ବିକି ଦେଇଛି । ପୁଣି ଦୁଇ/ଦୁଇ ମାସ ପରେ ଆଉ ଦୁଇଜଣ ସାଉକାର ଏମିତି ଚାରିଜଣ ସାଉକାର ଦ୍ୱାରା ଶୋଷିତ ହୋଇଛି ନିରିହ ନିର୍ଦ୍ଦୋଷ ଆଦିବାସୀ ମହିଳା ଟୁମ୍‌ସା । 'ଚଂପାପୁରର ପାଗଳବାବା' ଗପରେ ତନ୍ତ୍ରମନ୍ତ୍ର ଜାଣିଥିବା ବାବାଙ୍କ ଆଦିବାସୀ ଗାଁରେ ମହିଳାମାନଙ୍କୁ ବିଭିନ୍ନ ଆଳରେ ଯୌନଶୋଷଣର ବର୍ଣ୍ଣନା ମଧ୍ୟ ରହିଛି । ସେହିପରି 'ମହୁଲବଣର ରାଣୀ'ଗପରେ ଆଦିବାସୀ ମହିଳା ସୁନ୍ଦ୍ରୀର ଶୋଷଣ ବି ସୁନ୍ଦର ଭାବରେ ବର୍ଣ୍ଣିତ । ଫରେଷ୍ଟ୍ ରେଞ୍ଜର୍ ଓ କଲେକ୍ଟରଙ୍କ ଶକ୍ତି ଆଗରେ ନିରୀହ ସାଧାରଣ ଆଦିବାସୀ ମହିଳାର ଜୀବନ ଜୀବିକା ଯେ କେତେ ମାତ୍ରାରେ ନିଃସହାୟ ତାହାର ଆକଳନ ଯେମିତି ଅନ୍ତର ସ୍ପର୍ଶୀ ସେମିତି ଅନୁଗ୍ରହପୂର୍ଣ୍ଣ ।

**(ଘ) ଗାଁ ମୋହ - ଚାଷବାସ :** ଆଦିବାସୀ ଲୋକ ବିଶ୍ୱାସ- ଆଦିବାସୀମାନେ ଜନ୍ମ ବେଳୁ ଯେଉଁ ଗାଁରେ ବଢି ଆସିଥାନ୍ତି ସେଇ ଗାଁ ପ୍ରତି ତାଙ୍କର ଥାଏ ଅସୀମ ଆନ୍ତରିକତା । ଗାଁ-ମାଟି ମୋହରେ ବନ୍ଧା ସେମାନଙ୍କ ଜୀବନସୂତା । ଗାଁର ମାଟି-ପାଣି-ପବନରେ ସେମାନେ ସବୁ ଦୁଃଖ ଯାତନା ଭିତରେ ଥାଇ ହସିଖେଳି ବଡ଼ ହୁଅନ୍ତି ଆଉ ତାକୁ ହିଁ ଜୀବନର ସବୁ ପୁଞ୍ଜି ବୋଲି ବିଚାର କରନ୍ତି । ପାହାଡ଼ କାଟି ସେଥିରେ ଚାଷ କରନ୍ତି ଆଉ ଛୋଟ କୁଡିଆ ଘରେ ଛୋଟ ଛୋଟ ସ୍ୱପ୍ନ ନେଇ ଜୀଅଁନ୍ତି ଆଦିବାସୀ । ତେଣୁ ସେଇ ଆଦିବାସୀ ମନେକରନ୍ତି, 'ଯେତେ ଯାହା ହେଲେ ଆମ ଗାଁ ଡୁମା ଆମର । ଆମ ଗାଁର ଆକାଶ ଆମର । ଆମ ଗାଁର

ମାଟି ଆମର । ଆମ ଗାଁର ଝୋଲା ଆମର । ଆମ ଗାଁର ଡଙ୍ଗର, ଆମ ଗାଁର ସୁଲୁସୁଲିଆ ପବନ, ଆମ ଗାଁର ଡେଙ୍ଗା ସଲପ ଗଛ, ଆମ ଗାଁର ମହୁଲ ଗଛର ଶୀତଳ ଛାଇ, ଆମ ଗାଁର ନଈ; ଏମାନେ ସବୁ ଆମର ।'(ପୃ୧୮)

ସେମାନଙ୍କ ଏହି ପ୍ରିୟ ଗାଁରେ ସେମାନେ ପାହାଡ଼ କାଟି ସେଥିରେ ଡିରା (ମାଣ୍ଡିଆ), ହୁଆଁ (ସୁଆଁ), ଗିଆଜ (ମକା), ହଲେଁ (କୋଳଥ), ପେସାଲା (ମୁଗ), ରମିଆ(ବିରି), ଗେବ (ବରଗୁଡ଼ି), ବେଜିରି (ଟମାଟର୍) ଜନା, ଜିନ୍ଦିରି ଆଉ ଅଳସୀ ଚାଷ କରିଥାନ୍ତି ।

ଆଦିବାସୀ ଲୋକବିଶ୍ୱାସ ବି ଚମତ୍କାର । ସେମାନେ ଯେଉଁ ମୁଲକରେ ରହିଥାନ୍ତି ସେଇ ମୁଲକ ବା ଗାଁ ସଂପର୍କରେ କୌଣସି ନା କୌଣସି ଏକ କାହାଣୀ ବା ବିସ୍ୱାସ ଭରା କଥାଟିଏ ତାଙ୍କ ଜନମାନସରେ ବହୁଦିନ ପର୍ଯ୍ୟନ୍ତ ବଂଚି ରହିଥାଏ । ସରଳ ବିଶ୍ୱାସୀ ଆଦିବାସୀ ପଥରକୁ ନିଜର ଡୁମା ଦେବତା ବୋଲି ବିଶ୍ୱାସ କରି ତାରି ଭରସାରେ ନିର୍ଭୟରେ କାଳାତିପାତ କରିଥାଏ । ଯେମିତି କୋଣ୍ଡାକାମ୍ୱେରୁରେ ରହୁଥିବା ଆଦିବାସୀମାନେ ବିଶ୍ୱାସ କରିଛନ୍ତି ଯେ କୋଣ୍ଡାକାମ୍ୱେରୁରେ 'ପୂର୍ବେ କିଛି ବୋଲି କିଛି ନଥିଲା । କୋଣ୍ଡାକାମ୍ୱେରୁ ପାହାଡ ଉପରେ ଥିଲା ଖଣ୍ଡେ ଆକାଶ ଓ କେଇ ମୁଠା ତାରା । ତଳେ ପାଣି ଲହଡି ମାରୁଥିଲା । ଦିନେ ଥଳକୂଳ ନଥିବା ସେଇ ପାଣି ମଧ୍ୟରେ ଏକ ପଥର ମୁଣ୍ଡିଆଟିଏ ଦେଖା ଦେଲା । ଏହି ପଥର ମୁଣ୍ଡିଆଟି କ୍ରମେ ବଢିବଢି ଆଜିର ଏହି ବୁଢା କୋଣ୍ଡାକାମ୍ୱେରୁ ପାହାଡ଼ର ସୃଷ୍ଟି ବୋଲି କହନ୍ତି ତାଙ୍କ ଅଜା, ତାଙ୍କ ଅଜା ଓ ତାଙ୍କର ଅଜା ।'(ପୃ-୪୭)

**(ଙ) ଜନଜାତି ଜୀବନ :** ଆଦିବାସୀ ଗୀତ ସଂଗୀତ- ଆଦିବାସୀ ଜୀବନର ଅସଲ ସଂପଦ ହେଉଛି ତାଙ୍କର ଗୀତ-ସଂଗୀତ-ନୃତ୍ୟ । ଆଦିବାସୀମାନେ ଆଜନ୍ମରୁ ଶାନ୍ତ-କାନ୍ତ-କମନୀୟ ପ୍ରକୃତି ଠାରୁ ହିଁ ଗୀତ-ସଂଗୀତ-ନୃତ୍ୟ ଶିଖିଥାନ୍ତି । ବିଶାଳ ବନରାଜିରେ ବିହଙ୍ଗଙ୍କ କାକଳୀ, ଝରଝର ଝରଣାର କୁଳୁକୁଳୁ ନାଦ, ମତୁଆଲା ମୟୂରର ମନଲୋଭା ମୁକ୍ତପୁଚ୍ଛ ନୃତ୍ୟ, ନେଳିଆ ନେଳିଆ ପାହାଡରେ ବେଶି ବେଶି ନେସି ହୋଇ ଯାଉଥିବା ବଦମାସୀ ବଉଦମାନଙ୍କ ବାଆ ସାଥିରେ ଉଡି ବୁଲିବାର ଦୃଶ୍ୟ ଆଦି ଆଦିବାସୀମାନଙ୍କୁ ପିଲାଟି ବେଳୁ ଗୀତ-ସଂଗୀତ-ନୃତ୍ୟ ପାଇଁ ପ୍ରେରଣା ଦେଇ ଆସୁଥିବା । ତେଣୁ ଏହି ଗୀତ-ସଂଗୀତ-ନୃତ୍ୟ ପାଇଁ ସତେ ଯେମିତି ଆଦିବାସୀମାନେ ସୁଯୋଗର ଅପେକ୍ଷା କରି ବସିଥା'ନ୍ତି । ଯୋଉଠି ଟିକେ ମଉକା ମିଳେ ସେମାନେ ସଦା ପ୍ରସ୍ତୁତ । ଗୀତ-ସଂଗୀତ-ନୃତ୍ୟ ଯେମିତି ତାଙ୍କ ଜୀବନର ଅବିଚ୍ଛେଦ୍ୟ ଅଂଶ । ଫଳରେ ଅନେକ ଆଦିବାସୀ ଗପରେ ଏହି ଗୀତ-ସଂଗୀତ-ନୃତ୍ୟର ବର୍ଣ୍ଣନା ରହିଥାଏ । ଆଲୋଚ୍ୟ ସଂକଳନରେ ମଧ୍ୟ ଏପରି ବର୍ଣ୍ଣନା ରହିଛି । 'କେଣ୍ଡାକାମ୍ୱେରୁରେ ଜହ୍ନରାତି' ଓ 'ଶର୍ଗିଫୁଲ' ଗପରେ ଏହାର ଉଦାହରଣ ବିଦ୍ୟମାନ ।

ଆଦିବାସୀମାନଙ୍କ ପ୍ରଥା ପରଂପରାନୁସାରେ ଅନେକ ଛୋଟବଡ଼ ପର୍ବ ଉତ୍ସବରେ ନାଚଗୀତ ହୋଇଥାଏ । 'କେଣ୍ଡାକାମ୍ୱେରୁରେ ଜହ୍ନରାତି' ଗପରେ ଆଦିବାସୀ କନ୍ୟାର ନବଯୌବନ ପ୍ରବେଶ ବା ପ୍ରଥମ ଋତୁଶ୍ରାବ ବା ଯୁଗତ୍ମାନ ଉତ୍ସବରେ ଧାଙ୍ଗଡା ଧାଙ୍ଗଡ଼ୀମାନେ ଗୀତ ଗାଇ ନାଚ କରିଛନ୍ତି । ସେଇ ଆଦିବାସୀ ଗୀତକୁ ଗାଳ୍ପିକ ଏହି ଗପରେ ଉପସ୍ଥାପନ କରିଛନ୍ତି, ଯଥା-

ପିଟା ଚଂଚତେ, ସେଲାକା ନେରା ଚଂକା
ଆରି ପିଟାନେ ଚଂକ,ଡାକେତ୍ ଓସମାର ନେସାରକା
ସେଲାକେ ସାରି ନେରାସିକା
ଚଙ୍ଗ୍‌ରୀ ନେରା କୁକେ ଉ କୁଇକ୍‌ଟା
ଆରି ପଟାଇ ଓ୍ୱାଡ଼ିକା, ଆରି ପଟାଇ ଓ୍ୱାଡ଼ିକା
ଆରି ଗାଜୁଲ୍ ନେରା ଚଂକା
ଆରି ଲାଣ୍ଡିଆ ରାଙ୍ଗ୍ ନେବକେ
ଆରି ନେଙ୍ଗକା ଆରି ଓସମାର
ନେସରକା ତୁଆ ଣ୍ଡାରଣ୍ଡା
ତାନି ସେଲା କଣ୍ଡାଇକା ବାରିଷ ସଚୁଆ
ଆଏକେ ଡେକେନ୍ ଜାଡ଼କା
ସେଲାଗ୍ ଗନାରେ ଓଏକା ।(ପୃ-୪୧)

ସେହିପରି ଧାଙ୍ଗଡ଼ା ଓ ଧାଙ୍ଗଡ଼ୀଙ୍କ ପ୍ରେମ ନିବେଦନ, ସାଥି ଚୟନ ପୂର୍ବକ ଆନନ୍ଦର ଉଦ୍‌ଘୋଷଣରେ ବି ଗୀତ ନୃତ୍ୟର ସଂଯୋଗ ଦେଖିବାକୁ ମିଳିଥାଏ । ଯାହାର ବର୍ଣ୍ଣନା 'ଶର୍ଗିଫୁଲ' ଗପରେ ଗାଳ୍ପିକ ସୁନ୍ଦରଭାବରେ ଅବତାରଣ କରିଛନ୍ତି । 'ଶର୍ଗିଫୁଲ' ଗପର ନାୟକ ରିସ୍କୁ ନାୟିକା ଟୁମ୍‌ସାକୁ ପ୍ରେମ ନିବେଦନ କରିବାକୁ ଯାଇ ଗୋଟିଏ ପ୍ରୀତି ସଂଗୀତ ବୋଲିଛି-

ସୋନ୍ ପାଉଡର୍
ଚିକନ୍ ଚାକନ୍ ରଙ୍ଗ ତୁଆଲ୍
ତୋର୍ ଡାଲିଆ ଖୋସାକେ
ମଲ୍ଲି ଫୁଲ ଝୁପା ଭାରି ଡଉଲ

ବାଲି ଦେକାଇ ତୋକେ ନେବି ନନୀ
ଛାଲି ପିଟା ଲଗର ଡଙ୍ଗର
ନିଜ କମାଣ୍ଡର୍ ନିଜେ ଡାଇବର୍
ଲୋକକେ ଦେକ୍‌ଲେ ହରନ୍ ମାରିବି
ମୋର୍ ବାଟେ ଛମ୍‌କର୍ ।(ପୃ-୭୩)

ବାସ୍ତବିକ ଆଦିବାସୀମାନଙ୍କ ଜୀବନରେ ଗୀତ ସଂଗୀତର ପ୍ରଭାବକୁ କଥାକାର ଅଳ୍ପ ଗଳ୍ପରେ ସ୍ଥାନ ଦେଇଥିଲେ ବି ସେଥିରେ ତାଙ୍କର ସ୍ୱାତନ୍ତ୍ର୍ୟ ବେଶ୍ ପ୍ରଶଂସନୀୟ ।

ବନ ପର୍ବତ ବିସ୍ତାରିତ ବିଶାଳ ଅଂଚଳରେ ବେଶ୍ ସରଳ ଜୀବନ ଜିଉଁଥିବା ଆଦିବାସୀଙ୍କ ଜୀବନର ନାନା ପ୍ରସଙ୍ଗକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥାକାର ଲେଖନୀ ଚାଳନ କରିଛନ୍ତି । କେବେ କିଏ ଆଦିବାସୀଙ୍କ ଅସହାୟତା ଓ ଶୋଷଣର କଥା ତାଙ୍କ ଲେଖାରେ ଜୀବନ୍ତ ଭାବେ ଉପସ୍ଥାପିତ କରିଛନ୍ତି ତ କେବେ କିଏ ଆଦିବାସୀ ଜୀବନର ଆନନ୍ଦ ବିଷାଦର କଥାକୁ ନିଜ ଶୈଳୀରେ ବର୍ଣ୍ଣନା କରିଛନ୍ତି । ତେବେ ଆଦିବାସୀ ଜୀବନକୁ ନେଇ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସରେ ଯେଉଁ ଗାଳ୍ପିକମାନେ ଚର୍ଚ୍ଚିତ ସେମାନଙ୍କ ମଧ୍ୟରେ  ଗାଳ୍ପିକ ରଂଜନ ପ୍ରଧାନ ଓ ତାଙ୍କ 'ଡୁମା ପ୍ରତିଶ୍ରୁତି ପୂର୍ଣ୍ଣ ପରିଚୟ ଏଥିରେ ସନ୍ଦେହ ନାହିଁ । ପାଠକକୁ ଆଦିବାସୀ ଜନଜୀବନର ନାନା ପ୍ରସଙ୍ଗ ସହ ପରିଚିତ କରାଇବାରେ ଓ ଜନଜାତି ଜୀବନ ସହ ଜଡ଼ିତ ଅନୁଭୂତି ଓ ସ୍ମୃତି ସାଥିରେ ଭେଟ କରାଇବାରେ ତାଙ୍କ ଏ ଗଳ୍ପଗ୍ରନ୍ଥ ନିଶ୍ଚୟ ଏକ ମାଇଲଖୁଣ୍ଟ । ସଂଭବତଃ ସେଇଥିପାଇଁ  ଆମ ସମୟର ଜଣେ ସାର୍ଥକ ସାରସ୍ୱତ ସ୍ରଷ୍ଟା ହରପ୍ରସାଦ ଦାସ ଗାଳ୍ପିକ ରଂଜନ ପ୍ରଧାନଙ୍କ ଆଦିବାସୀ ଜୀବନାଧାରିତ ଗପ ପଢ଼ି ତାଙ୍କ ଉପରେ ଅଲକ୍ଷ୍ୟରେ କଥାକାର ଗୋପିନାଥ ମହାନ୍ତିଙ୍କର ଆଶୀର୍ବାଦ ପଡ଼ିଛି ବୋଲି ମତ ରଖିଥିଲେ  । ତେବେ ଯୁବ ଗାଳ୍ପିକ ରଂଜନ ପ୍ରଧାନ ଆଦିବାସୀ ଜୀବନକୁ ନେଇ ଆଗକୁ ଆହୁରି ଅଧିକଗପ ଲେଖନ୍ତୁ ବୋଲି ଆଶା ଓ ଅପେକ୍ଷା ନିଶ୍ଚୟ ।

**ସହାୟକ ଗ୍ରନ୍ଥ :**

ଡୁମାଦେବତା ଓ ଅନ୍ୟାନ୍ୟ ଗପ, କ୍ରିଏଟିଭ୍ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା, ଓଡ଼ିଶା, ପ୍ର.ସଂ-୨୦୧୭ ।

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ସାଲେପୁର
ମୋ- ୯୮୬୧୭୯୯୭୧୦

ISSN -2583-147X(P), **Vol.- 8, Issue No. VII, October 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ସାମାଜିକ ସମସ୍ୟା

**ମଙ୍ଗରାଜ ମହାପାତ୍ର**

ଏକବିଂଶ ଶତାବ୍ଦୀର ମଣିଷ ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଭୁତପୂର୍ବ ସଫଳତା ଲାଭ କରିଛି । ଦିନେ ମା କୋଳରେ ଜହ୍ନକୁ ମାମୁ ବୋଲି ହାତଠାରି ଡାକୁଥିବା ମଣିଷ ଆଜି ନିଜର ବିଦ୍ୟାବୁଦ୍ଧି ବଳରେ ଜହ୍ନମାମୁ ପାଖରେ ପହଞ୍ଚି ପାରିଛି । ବିଶ୍ୱ ଆଉ ଆମ ନିକଟରୁ ଦୂର ହୋଇ ରହିନାହିଁ । ମୋବାଇଲ୍ ମାଧ୍ୟମରେ ସମଗ୍ର ବିଶ୍ୱକୁ ଦେଖିପାରୁଛି ମନୁଷ୍ୟ । ଜଗତୀକରଣ, ଘରୋଇକରଣ ବିଂଶ ଶତାବ୍ଦୀର ଶେଷଭାଗରେ ଆସିଥିଲେ ମଧ୍ୟ ବର୍ତ୍ତମାନ ସମୟରେ ତାହା ପୂର୍ଣ୍ଣ ବିକାଶ ଲାଭ କରିଛି । ଜଗତୀକରଣ କେବଳ ଆମ ସାମାଜିକ ଜୀବନକୁ ପ୍ରଭାବିତ କରିନାହିଁ । ଏହା ଆମ ସଂସ୍କୃତି ଉପରେ ମଧ୍ୟ ପ୍ରଭାବ ପକାଇଛି । ଶିଳରେ ପିଠଉ, ମସଲା ବାଟୁଥିବା ନାରୀଟି ହାତରେ ଆଜି ଗ୍ରାଇଣ୍ଡର ଶୋଭା ପାଇଛି । ଢେଙ୍କିଶାଳର ଠକ୍‌ଠକ୍ ଶବ୍ଦକୁ ଆଉ ଶୁଣିବା ପାଇଁ ମିଳୁ ନାହିଁ । ସବୁଠି ଆଜି ଗ୍ରାଇଣ୍ଡରର ଉଦଣ୍ଡ ଶବ୍ଦ । ସେହିପରି ପାରମ୍ପରିକ ଧୋତି, ଲୁଗା ଆଦି ବସ୍ତ୍ରକୁ ପରିତ୍ୟାଗ କରି ଆଧୁନିକ ପୋଷାକରେ ନିଜକୁ ସଜାଉଛି ଆଜିର ମଣିଷ । ଝିଅମାନେ ଆଉ ଘର କୋଣରେ ବସୁ ନାହାନ୍ତି । ଉଚ୍ଚତର ଶିକ୍ଷାଲାଭ କରି ସେମାନେ ମଧ୍ୟ ହୋଇ ପାରୁଛନ୍ତି ଶିକ୍ଷାଦାତ୍ରୀ, ପାଇଲଟ, ଇଞ୍ଜିନିୟର, ଡାକ୍ତର, ପ୍ରଶାସନିକ ଅଧିକାରୀ, ସୈନିକ ଏବଂ ଦେଶର ଶାସନ କର୍ତ୍ତା । ହଳଲଙ୍ଗଳ ବଦଳରେ କୃଷକ ଭାଇମାନଙ୍କୁ ଯୋଗାଇ ଦିଆଯାଉଛି ଟ୍ରାକ୍ଟର, ମିନି-ଟ୍ରାକ୍ଟର, ପାଣିପମ୍ପ, ଉନ୍ନତ ମାନର ବିହନ ଏବଂ ତା ସାଙ୍ଗକୁ କୃଷି ଓ କୃଷକର ଉନ୍ନତି ପାଇଁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏବେ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେଉଛି ପକ୍କା ରାସ୍ତା । ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଚାଳଘର ଏବେ ଛାତଘର ହୋଇଗଲାଣି । ମନରେଗା ଯୋଜନାରେ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଉଛି । ସର୍ବଶିକ୍ଷା ଯୋଜନା ମାଧ୍ୟମରେ ପିଲାମାନଙ୍କୁ ମାଗଣାରେ ବହି, ପୋଷାକ, ମଧ୍ୟାହ୍ନ ଭୋଜନ ମଧ୍ୟ ଦିଆଯାଉଛି ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଜଣା ପଡୁଅଛି ଯେ ଏକବିଂଶ ଶତାବ୍ଦୀରେ ଆମ ଦେଶ ସବୁ କ୍ଷେତ୍ରରେ ଉନ୍ନତି ଆଡ଼କୁ ଅଗ୍ରସର ହେଉଛି । ତେବେ ଦେଶ ଏତେ ବିକଶିତ ହେଲାପରେ ମଧ୍ୟ ଆମ ରାଜ୍ୟ ତଥା ଆମ ଦେଶରୁ ଦୂର ହୋଇପାରି ନାହିଁ ଦାରିଦ୍ର୍ୟ, କୃଷି ଓ କୃଷକ ସମସ୍ୟା, ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, ନକ୍ସଲ ଓ ଆତଙ୍କବାଦ ଭଳି ବହୁ ଜାତୀୟ ସମସ୍ୟା । ଆଜି ମଧ୍ୟ ଲୋକମାନେ ଦାଦନ ଖଟିବା ପାଇଁ ନିଜର ଭିଟାମାଟି ଛାଡ଼ି ବିଦେଶକୁ ଯାଉଥିବାର ଦେଖିବାକୁ ମିଳୁଛି । ପେଟର ଭୋକକୁ ସହି ନପାରି ମା ନିଜର ସନ୍ତାନକୁ ବିକ୍ରି କରୁଛି । କନ୍ୟା ଭ୍ରୁଣ ହତ୍ୟାର ମାତ୍ରା ବଢ଼ିବାରେ ଲାଗିଛି । ପ୍ରତିଦିନ ଖବର କାଗଜରେ ନାରୀ ନିର୍ଯ୍ୟାତନାର ଖବର ପ୍ରକାଶ ପାଉଛି । ସରକାରଙ୍କର ବିଭିନ୍ନ ଯୋଜନାସତ୍ତ୍ୱେ ମଧ୍ୟ ଚାଷୀ ଆତ୍ମହତ୍ୟା କରୁଛି । ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଦାନ ମାଝୀ ପରି ଲୋକ ନିଜ ସ୍ତ୍ରୀର ଶବକୁ କାନ୍ଧରେ ଆଣୁଥିବାର ଦୃଶ୍ୟ ଦେଖିବା ପାଇଁ ମିଳୁଛି । ଏହା ସହିତ ସାମ୍ପ୍ରତିକ ସମୟରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ସଂଖ୍ୟା ଯେତେ ଦ୍ରୁତଗତିରେ ବୃଦ୍ଧି ପାଉଛି, ସେତିକି ଦ୍ରୁତଗତିରେ ହ୍ରାସ ପାଉଛି ଜଙ୍ଗଲଏବଂ ପ୍ରଦୂଷିତ ହେଉଛି ପରିବେଶ ।

ଏକବିଂଶ ଶତାବ୍ଦୀରେ ଦେଶ ବିକାଶ ଆଡ଼କୁ ଅଗ୍ରସର ହେଉଥିଲେ ମଧ୍ୟ ଏହିପରି ଅନେକ ସମସ୍ୟା ଆମ ସମାଜରେ ଦେଖିବାକୁ ମିଳୁଛି । ଲେଖକ ସମାଜରେ ବସବାସ କରୁଥିବା ମଣିଷ । ସେ ତା'ର ଦୈନନ୍ଦିନ ଜୀବନରେ ଏହିପରି ଅନେକ ସମସ୍ୟାକୁ ଦେଖୁଛି ଏବଂ ସେଗୁଡିକର ସାମ୍ନା କରୁଛି । ତେଣୁ ସେ ସମାଜର ଏହି ସମସ୍ୟାଗୁଡ଼ିକ ଦେଖି ଆଖିବନ୍ଦ କରି ଦେଉନାହିଁ, ବରଂ ସଚେତନତାର ସହିତ ନିଜ ସାହିତ୍ୟ ଭିତରେ ଏହି ସମସ୍ୟା ଗୁଡ଼ିକୁ ସ୍ଥାନ ଦେଉଛି ଏବଂ ଆବଶ୍ୟକ ସ୍ଥଳେ କେତେକ ସମସ୍ୟାର ସମାଧାନ ପାଇଁ ନିଜ ସାହିତ୍ୟ ମାଧ୍ୟମରେ ସ୍ୱର ଉତ୍ତୋଳନ ମଧ୍ୟ କରୁଅଛି । ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ସମାଜର ଏହି

ସମସ୍ୟା ଗୁଡ଼ିକ କିଭଳି ଭାବରେ ପ୍ରତିଫଳିତ ହୋଇଛି ସେ ସମ୍ପର୍କରେ ନିମ୍ନମତେ ଆଲୋଚନା କରାଯାଇପାରେ ।

**ଦାରିଦ୍ରତା :**

ସାମ୍ପ୍ରତିକ ସମୟରେ ସରକାର ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି । ମାତ୍ର ଦୁଃଖର କଥା ଆଜିବି ଆମ ଦେଶର ଅନେକ ଲୋକଜୀବନ ବଞ୍ଚିବାର ସର୍ବନିମ୍ନ ଆବଶ୍ୟକତା ଯଥା -ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ପାଇପାରୁ ନାହାନ୍ତି, ଯାହାର ପ୍ରମାଣ ଭାରତବର୍ଷରେ ଥିବା ମନ୍ଦିର, ପ୍ଲାଟଫର୍ମ, ଷ୍ଟେସନ ଓ ବସ୍ତି ଅଞ୍ଚଳରୁ ମିଳିଥାଏ । ଏହାର ଏକ ମୁଖ୍ୟ କାରଣ ହେଉଛି ବେକାରୀ ସମସ୍ୟା । ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ୨୦୨୦-୨୧ ବର୍ଷରେ ଭାରତର ଗ୍ରାମାଞ୍ଚଳରେ ବେକାରୀ ସଂଖ୍ୟା ୩.୩% ହୋଇଥିବା ବେଳେ ସହରରେ ଏହା ସଂଖ୍ୟା ହେଉଛି ୬.୭% ।(୧) ଦାରିଦ୍ର୍ୟର ଅନ୍ୟ ଏକ କାରଣ ହେଉଛି ସରକାରୀ ଯୋଜନାର ଅପବ୍ୟବହାର । ସରକାର ଦେଶରୁ ଦାରିଦ୍ର୍ୟ ଦୂର କରିବା ପାଇଁ ଲୋକମାନଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଅତ୍ୟାବଶ୍ୟକ ସୁବିଧା ସୁଯୋଗ ସହିତ ଶ୍ରମ ଯୋଗାଇବାର ବ୍ୟବସ୍ଥା ମଧ୍ୟ କରୁଛନ୍ତି । ମାତ୍ର ତାହା ଜନସାଧାରଣଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚି ପାରୁନାହିଁ । ଦାରିଦ୍ର୍ୟର କରୁଣ ଚିତ୍ର ଆମେ ଦେଖିବା ପାଇଁ ପାଇବା କବି ହୃଷୀକେଶ ମଲ୍ଲିକଙ୍କ'ଜେଜେ ଦେଖି ନଥିବା ଭାରତ' କବିତା ପୁସ୍ତକରେ ସ୍ଥାନିତ 'ଧିକ୍ ସେ ଦେଶ' କବିତାରେ ।" ଧିକ୍ ସେ ଦେଶ / ଯୋଉଠି ପରିତ୍ୟକ୍ତ ଭୁଜାଟୁକୁଳିରେ/ ଏକାଠି ଭୁଞ୍ଜି ବସନ୍ତି ପଞ୍ଚେ ଧେଡିକୁତି/ ଆଉ ଥୋକେ ନଙ୍ଗଳା ପିଲା" । (ଧିକ୍‌ସେ ଦେଶ, ଜେଜେ ଦେଖି ନଥିବା ଭାରତ, ପୃଷ୍ଠା - ୭୬) ସେହିପରି ବଣ ଭିତରୁ ଅମରିଡାଙ୍ଗ ଗୋଟାଉ ଥିବା ସ୍ତ୍ରୀ ଲୋକଟିକୁ ଦେଖି କବି ଚିନ୍ମୟ ବିବେକ କହନ୍ତି– "ତା'ର ବଡ଼ ସ୍ୱପ୍ନ କଣ ଜାଣ/ ଚୂଲିରୁ ବେଙ୍କା ଏଜାଳ/ ହାଣ୍ଡିକୁ କିଲେ ଚାଉଳ/ ଦେହକୁ ଖଣ୍ଡେ ଲୁଗା / ନର୍ଦ୍ଧମା କଡ଼ରେ ଖଣ୍ଡେ କୁଡ଼ିଆ" । (ସ୍ୱପ୍ନ, ଇସ୍ତାହାର, ଅକ୍ଟୋବର- ୨୦୧୦, ପୃ- ୨୮୮) ସ୍ତ୍ରୀଲୋକଟିର ଏହି ସ୍ୱପ୍ନ ଭିତରେ ସ୍ପଷ୍ଟ ଦେଖାଯାଏ ଅଭାବି ମଣିଷର ଜୀବନ । ଯେଉଁଠି ସେ କେବଳ ସ୍ୱପ୍ନ ଦେଖେ ମାତ୍ର ତାକୁ ପୂରଣ କରିପାରେ ନାହିଁ । ବେଳେ ବେଳେ ଅଭାବି ମଣିଷର ପେଟର ଭୋକ ଏତେ ବଢ଼ିଯାଏ ଯେ ମୁଠାଏ ଦାନା ପାଇଁ ସେ ନିଜର ଜନ୍ମ କଲା ସନ୍ତାନକୁ ବିକ୍ରି କରିବା ପାଇଁ ମଧ୍ୟ ପାଛାଏ ନାହିଁ । ତାର ପେଟର ଭୋକ ଆଗରେ ଲୁଚିଯାଏ ରାସ୍ତାକଡ଼ରେ ଲାଗିଥିବା ସରକାରଙ୍କ 'ବେଟି ବଚାଓ' ବିଜ୍ଞାପନ । ଏହାକୁ ଦେଖି କବି ଗାୟତ୍ରୀବାଳା ପଣ୍ଡା କୁହନ୍ତି- "ମାସଟିଏ ଝିଅକୁ ବିକିଲା ବେଳେ/ ରାସ୍ତାକଡ଼ ହୋର୍ଡିଂରେ ଝଲସୁଥାଏ / ବେଟି ବଚାଓ ବିଜ୍ଞାପନ/ ସରକାରର ଝିଅଙ୍କ ପ୍ରତି ସୁରକ୍ଷା ଅଭିଯାନ/ ମାଆ କି ଜାଣେ ସରକାର କିଏ / ବେଟି ବଚାଓ କଣ/ ସର୍ବଗ୍ରାସୀ ଭୋକର ଜ୍ୱାଳାରେ/ ତ ସିଏ ଛଟ ପଟ ଚିରକାଳ" । (ମାଆଟିଏ ଝିଅକୁ ବିକୁଛି, ଇସ୍ତାହାର ଅକ୍ଟୋବର-୨୦୧୫,ପୃ-୨୩୦) ବାସ୍ତବରେ ଦାରିଦ୍ର୍ୟ ସମସ୍ୟାଟିର ସମାଧାନ ସେତେବେଳେ ହୋଇପାରିବ, ଯେତେବେଳେ ଦେଶରୁ ବେକାରୀ ସମସ୍ୟା ଦୂର ହେବ ଏବଂ ସରକାରଙ୍କ ଜନହିତକାରୀ ଯୋଜନା ସମାଜର ସବୁ ଲୋକଙ୍କ ପାଖରେ ସମାନ ଭାବରେ ପହଂଚି ପାରିବ ।

**ବିସ୍ଥାପନ ସମସ୍ୟା :**

୧୯୯୧ ମସିହା ପରେ ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହେବାପରେ ଭାରତ-ବର୍ଷର ବିଭିନ୍ନ ରାଜ୍ୟରେ ହେବାକୁ ଥିବା ବିଭିନ୍ନ ପ୍ରକାର ପ୍ରକଳ୍ପ ଓ କଳକାରଖାନା ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ ମାନ ସଂଗଠିତ ହେଲା । କାରଣ ବିଭିନ୍ନ ପ୍ରକଳ୍ପ ଓ କଳକାରଖାନା ପ୍ରତିଷ୍ଠା ହେବା ଦ୍ୱାରା ଲୋକମାନେ ନିଜର କୌଳିକ ବୃତ୍ତି ହରାଇଲେ ଏବଂ ସେମାନଙ୍କୁ ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ଯିବାପାଇଁ ପଡ଼ିଲା । ଏହି ବିସ୍ଥାପିତ ଲୋକମାନଙ୍କର ଆନ୍ଦୋଳନ ଆମ ଓଡ଼ିଶାରେ ମଧ୍ୟ ଦେଖିବା ପାଇଁ ମିଳିଥିଲା । ଓଡ଼ିଶାର ଜଗତସିଂହପୁର ଜିଲ୍ଲାରେ ଦକ୍ଷିଣକୋରିଆର POSCO କମ୍ପାନୀ ଏକ ପ୍ରକଳ୍ପ କରିବା ପାଇଁ ସରକାରଙ୍କ ସହ ଚୁକ୍ତି ହୋଇଥିଲା । ମାତ୍ର ଏଠାକାର ଲୋକମାନେ ପାନ ବରଜ, ଧାନ ଓ ମୀନକୁ ପ୍ରାଧାନ୍ୟ ଦେଇ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ । ଏହି ଘଟଣାକୁ ନେଇ କବି ହୃଷୀକେଶ ମଲ୍ଲିକ ରଚନା କରିଛନ୍ତି 'ପାନ ଚାଷୀର ଡାଏରୀ' କବିତା । ଏହି କବିତାରେ କବି ଜମି ଅଧିଗ୍ରହଣ କରିବା ପାଇଁ ଆସିଥିବା କମ୍ପାନୀ ତଥା ସରକାରୀ ଲୋକମାନଙ୍କ ପ୍ରତି ବିଦ୍ରୋହ କରି କରି କହିଛନ୍ତି– "ଏମାନଙ୍କୁ / ଛାଡ଼ିଦିଅ ପିଲାଏ/ ଭାଙ୍ଗି ଦିଅନ୍ତୁ ଏମାନେ/ ଆମ ମେହେନତିର ମିନାର, ବରଜ ପିଢ଼ି....../ ପ୍ରତିବାଦ ଏମାନେ ବୁଝନ୍ତି ନାହିଁ/ ଏଠିକି ଆସିବା ଆଗରୁ/ କହି ଦିଆଯାଇଛି ଏମାନଙ୍କୁ / ଫତେ.. ହେବା ଯାଏ କାମ/ପଥର ତମେ / ଦେଖାଇ ଦିଏ ହାତ/ ପିନ୍ଧାନ୍ତୁ ବେଢ଼ି / ଭେଣ୍ଡା ହେଇ ଅନ୍ତତଃ ରହିବାକୁ ଦିଅ / ଲୋକଚକ୍ଷୁରେ ଏ ନେତାମାନଙ୍କୁ" । (ପାନ ଚାଷୀର ଡାଏରୀ, ଜେଜେ ଦେଖି ନଥିବା ଭାରତ - ୨୦୧୫, ପୃ - ୭୦) । ସେହିପରି ନୀଳାଚଳ ଇସ୍ପାତ ନିଗମ ପ୍ରତିଷ୍ଠା ପାଇଁ ୧୯୯୮ରେ ବାସଚ୍ୟୁତ କଳିଙ୍ଗ ନଗର ବାସିନ୍ଦାଙ୍କ ପାଇଁ ଗୋବର ଘାଟିରେ ନିର୍ମିତ ହୋଇଥିଲା ପୁନର୍ବାସ କଲୋନୀ କିନ୍ତୁ ବିସ୍ଥାପନ ବେଳେ ବିସ୍ଥାପିତ ମାନଙ୍କୁ କମ୍ପାନୀ ଓ ସରକାର ଯେଉଁ ଲୋଭନୀୟ ପ୍ରତିଶ୍ରୁତି ସବୁ ଦେଇଥିଲେ ପରେ ତାହା କାର୍ଯ୍ୟକାରୀ ହେଲାନାହିଁ । 'ଗୋବର ଘାଟ' କବିତାରେ କବି

ହୃଷୀକେଶ ମଲ୍ଲିକ ବିସ୍ଥାପିତମାନଙ୍କ ପ୍ରତି କମ୍ପାନୀ ଓ ସରକାରଙ୍କ ଅବହେଳା କଥା ବର୍ଣ୍ଣନା କରି କହିଛନ୍ତି– "ଗୋବର ଘାଟି କହିଲା : କରିଛି କମ୍ପାନୀ / କିଏ କହିଲା କରିନାଇଁ ?/ ପିଠିରେ ଲାଗିଲା ବେଳେ ପେଟ, ମାରିଛି ଗୁଳି/ ଉଠେଇଲା ବେଳେ କୋଦାଳ, କାଟି ନେଇଛି ପାପୁଲି" । (ଗୋବର ଘାଟି -୧, ଜେଜେ ଦେଖି ନଥିବ ଭାରତ, ୨୦୧୫ ପୃ – ୫୩ ) କବି ପିତାମ୍ବର ତରାଇ ଗାଁ ଆକାଶରେ ଉଡୁଥିବା ଉଡ଼ାଜାହାଜକୁ ଦେଖି କୁହନ୍ତି– "ଜାଣିଛନ୍ତି ଅବେଳାରେ ମୁଣ୍ଡ ଉପରେ ଶ୍ୱେତ ଶାଗୁଣା ଉଡ଼ିବା ଯାହା/ ଉଡାଜାହାଜ ଉଡ଼ିଲେ ବି ତାହା, ବିପଦ !/ ଶୁଣିନାକି ଆଞ୍ଚଳିକ ସମ୍ବାଦ ଏଠି ବସିବ ଗୋଟେ ଇସ୍ପାତ ନିଗମ/ ନିଗମର ନୁହେଁ, ଜମିଜାଳ ଜଙ୍ଗଲ ପାଇଁ, ନିଆଁ ଆଉ ନାଟକର ଯମ" । (ଗୋଟେ ଗାଁର ଦୃଶ୍ୟ)

ପ୍ରଗତି ଓ ବିକାଶ ନାମରେ ସାଧାରଣ ଲୋକମାନଙ୍କୁ ନିଜ ଭିଟାମାଟିରୁ ତଡି ଦେବାକୁ କବି ଆଶୁତୋଷ ପରିଡ଼ା ମା କୋଳରୁ ଶିଶୁକୁ ଛଡ଼ାଇ ନେବା ସହ ସମାନ ବୋଲି କୁହନ୍ତି– "ଏହା ଯେପରି/ ମାଆ କୋଳରୁ ଛଡ଼ାଇ ନେବା ଶିଶୁକୁ/ ପକାଇ ଦେବା ସଡ଼କ ଉପରେ/ ମାଟିକୁ ଉପାଡ଼ି ନେଇ ଗଛ/ ରୋଇବାକୁ ଯିବା ମରୁଭୂମିରେ ତତଲା ବାଲିରେ" । (ବିସ୍ଥାପନ, ଦେହ ନଥିବା ଲୋକ) ସେହିପରି କବି ସଦାଶିବ ଦାସଙ୍କ 'ପସ୍କୋ ପ୍ରହେଳିକା', ଆଶୁତୋଷ ପରିଡ଼ାଙ୍କ 'ଉପନିବେଶ', 'ବିସ୍ଥାପନ', ଶତ୍ରୁଘ୍ନ ପାଣ୍ଡବଙ୍କ 'ଖଣି', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ବିସ୍ଥାପିତ', ପିନାକୀ ମିଶ୍ରଙ୍କ 'କେନ୍ଦୁଝର', ବିଜୟାନନ୍ଦ ସିଂହଙ୍କ 'କଳିଙ୍ଗ ନଗର' ଆଦି କବିତାରେ ବିସ୍ଥାପନର ଚିତ୍ର ସ୍ପଷ୍ଟ ବାରି ହୋଇପଡ଼େ । (୨)

ବାସ୍ତବରେ ନୂତନ ରାସ୍ତାଘାଟ, ନଦୀବନ୍ଧ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ଦ୍ୱାରା ଦେଶର ତଥା ସମାଜର ମଣିଷମାନଙ୍କର ଉନ୍ନତି ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ । ମାତ୍ର ଏହି ବିକାଶ ମୂଳକ କାର୍ଯ୍ୟ ପାଇଁ ଭିଟାମାଟି ହରାଉଥିବା ଲୋକମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର ।

**କୃଷି ଓ କୃଷକ ସମସ୍ୟା :**

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏହି ରାଜ୍ୟରେ ପ୍ରବାହିତ ମହାନଦୀ, ଦୟା, ଭାର୍ଗବୀ, ବୈତରଣୀ, ବ୍ରାହ୍ମଣୀ ଆଦି ନଦୀ ଏଠାକାର କୃଷକମାନଙ୍କ କୃଷିକାର୍ଯ୍ୟ ପାଇଁ ଏକାନ୍ତ ଉପଯୋଗୀ ଅଟେ । ଦିନ ଥିଲା ଧାନ ଠାରୁ ଆରମ୍ଭ କରି ଚିନାବାଦାମ ଯାଏଁ ସବୁ ପ୍ରକାରର ଫସଲରେ ଶସ୍ୟଶ୍ୟାମଳା ହୋଇଉଠୁଥିଲା ଓଡ଼ିଶା । ଅତୀତରେ ଟ୍ରାକ୍ଟର ନଥିଲା କିମ୍ବା ଜଳସେଚନ ପାଇଁ ଉନ୍ନତମାନର ପମ୍ପ ମଧ୍ୟ ଗ୍ରାମାଞ୍ଚଳର ଚାଷୀମାନଙ୍କ ପାଖରେ ନଥିଲା । ତଥାପି ସେମାନେ ହଳ ଲଙ୍ଗଳରେ ଚାଷକରି ବିଲରେ କୂପ ଖୋଳି ଟେଣ୍ଡା ସାହାଯ୍ୟରେ ଜମିକୁ ଜଳସେଚନ କରୁଥିଲେ ଏବଂ କ୍ଷେତରେ ସୁନାର ଫସଲ ଫଳାଉ ଥିଲେ । ମାତ୍ର ସମୟ ବଦଳିବା ସହିତ ଆଜି ସବୁକିଛି ବଦଳି ଯାଇଛି । ଏକବିଂଶ ଶତାବ୍ଦୀର ଚାଷୀକୁ ହଳଲଙ୍ଗଳ ବଦଳରେ ଟ୍ରାକ୍ଟର, ଟେଣ୍ଡା ବଦଳରେ ଉନ୍ନତମାନର ପାଣି ପମ୍ପ, ଉନ୍ନତ ମାନର ବିହନ ସାଙ୍ଗକୁ କାଳିଆ ଯୋଜନାରେ ଟଙ୍କା ମଧ୍ୟ ଯୋଗାଇ ଦିଆଯାଉଛି ।ହେଲେ କ୍ଷେତରେ ଆଉ ଫଳୁ ନାହିଁ ପୂର୍ବପରି ସୁନାର ଫସଲ । ଚାଷଜମି ଏବେ କେଉଁଠି ପଡ଼ିଆ ପଡ଼ିଲାଣି ତ ଆଉ କେଉଁଠି ଚାଷଜମି ଉପରେ ଠିଆ ହେଲାଣି ନଭଶ୍ଚୁମ୍ବୀ ପ୍ରାସାଦ । ସରକାରଙ୍କ ଦୁଇଟଙ୍କିଆ ଚାଉଳ ସାଙ୍ଗକୁ କମ୍ପାନୀ ଗୁଡ଼ିକର ଲୋଭନୀୟ ଅର୍ଥ ଶ୍ରମିକମାନଙ୍କୁ ଆଉ ଚାଷଜମି ଆଡ଼େ ଚାହିଁବା ପାଇଁ ଦେଉ ନାହିଁ । ତେଣୁ ଏହାକୁ ଦେଖି କବି ଦିଲୀପ କୁମାର ସ୍ୱାଇଁ କୁହନ୍ତି– "ଅକ୍ଷୀତୃତୀୟା ଦିନ / ବାପାଙ୍କ ଆଖି ଦିଶେ ଲୁହ ଛଳଛଳ । / ବାପା ଯାଆନ୍ତି ନଇ କୂଳ / ସେଇଟା ଆମର ଲକ୍ଷ୍ମୀ ବିଲ । / 'ଟାମାଟିର ଆଁ ଭିତରେ ମିଳେଇ ଯାଏ / ବାପାଙ୍କ ସ୍ୱପ୍ନ / ଏଇ ବିଲରୁ ଧାନ ଗଲେ / ବୋଉ ପକାଏ ହୁଳହୁଳି ମାଣ ଓଷାରେ / ନୂଆଖାଇ ଦିନ ମକର ଚାଉଳ ଦିଏ / ଏଇ ଲକ୍ଷ୍ମୀ ବିଲ / ଦି'ଟଙ୍କିଆ ଚାଉଳ ଖାଇ / ମୂଲ, ମୂଲିଆ ମାଲାମାଲ । / କ୍ଷେତକୁ ପାଣି ନାହିଁ / ବିଲକୁ ବିହନ ନାହିଁ / ବିଲ ନୁହେଁ ବୀମା ବାଣ୍ଟୁଛନ୍ତି ସର୍କାର ।" (ଗୋଟିଏ ଚଷା ଘରର ଦୃଶ୍ୟ, ଧାନଫୁଲ କାନଫୁଲ, ୨୦୧୫, ପୃ-୨୦)

ସମସ୍ତେ ଯେ ଚାଷ ଛାଡ଼ି ଦେଇଛନ୍ତି ତାହା କହିବା ଠିକ୍ ନୁହେଁ । ଆଜି ମଧ୍ୟ ଓଡ଼ିଶାର ଅନେକ ଲୋକ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ମାତ୍ର ଏହି ଅନ୍ନଦାତାମାନଙ୍କୁ ମଧ୍ୟ ଅନେକ ସମୟରେ ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବା ପାଇଁ ପଡ଼ିଥାଏ । କେତେବେଳେ ଲଗାଣ ବର୍ଷା, ବାତ୍ୟାରେ ଫସଲ ନଷ୍ଟ ହୋଇଯାଏ ତ ଆଉ କେତେବେଳେ ବିକ୍ରି ହୋଇ ନ ପାରି ମଣ୍ଡିରେ ଧାନ ପଡ଼ି ପଡ଼ି ନଷ୍ଟ ହୋଇଯାଏ । ଏହା ବ୍ୟତୀତ ପଙ୍ଗପାଳ ପରି କୀଟମାନଙ୍କ ଆକ୍ରମଣରେ ମଧ୍ୟ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଯାଏ । ଏହିସବୁ ସମସ୍ୟାର ସମ୍ମୁଖୀନ ହୋଇ ବେଳେ ବେଳେ ଚାଷୀମାନେ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି । 'NCRB'ରସୂଚନା ଅନୁଯାୟୀ ୨୦୧୫ ମସିହାରୁ ୨୦୧୯ ମସିହା ମଧ୍ୟରେ ଭାରତରେ ୩୪.୫୧୧ ଚାଷୀ ଆତ୍ମହତ୍ୟା କରିଛନ୍ତି । ଏହି ସମୟ ମଧ୍ୟରେ ଓଡ଼ିଶାରେ ସମୁଦାୟ ୩୪୨ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି ।( ୩ ) ଏହି ଚାଷୀ ଆତ୍ମହତ୍ୟା କଥା ଆମ କବିତାରେ ମଧ୍ୟ ପ୍ରତିଫଳିତ ହୋଇଛି । କବି ରଞ୍ଜନ ପ୍ରଧାନ କୁହନ୍ତି- "ଏହା ନିଶ୍ଚୟ ଜଣେ ଚଷାର ଶବ / ଫସଲ ହାନୀ କାରଣରୁ କୀଟ ନାଶକ ପିଇ /

ଆତ୍ମହତ୍ୟା କରିଛି ବିଚରା ଚାଷୀ / ଆହାଃ ଆହାଃ ପ୍ରାଣ କାନ୍ଦି ଉଠୁଛି / ଚାଷୀ ଆତ୍ମହତ୍ୟା ପାଇଁ ଷୋଳଅଣା ସରକାର ଦାୟୀ ।" (ଶବ, ଭାଗବତ ଟୁଙ୍ଗି-୨୦୧୦)

ସେହିପରି ଋଣ ସୁଝି ନପାରି ପୋକମରା ଔଷଧ ପିଇ ଧାନ ବିଲ ମଝିରେ ଆତ୍ମହତ୍ୟା କରି ପଡ଼ିଥିବା ଚାଷୀଟି ସମ୍ପର୍କରେ କବି ଶତ୍ରୁଘ୍ନ ପାଣ୍ଡବ କୁହନ୍ତି- "ଛୋଟ ମୋର ଗାଁ'ଟିର / ଉଜୁଡ଼ା ଯାଇଥିବା ଧାନକ୍ଷେତ ମଝିରେ / ପୋକମରା ଔଷଧ ପିଇ / ଆତ୍ମହତ୍ୟା କରିଥିବା ଚାଷୀଟିର ନିଷ୍କମ୍ପ ଆଖି ଡୋଳାରେ / ଭୋଦୁଅ ସଞ୍ଜଟି ମୋର ନଇଁ ପଡ଼ି / ଦୀପର ପୋଡ଼ି ଯାଉଥିବା ସଳିତା ପରି ଆପେ ଲିଭିଯାଏ ।" (ଭୋଦୁଅ ସଞ୍ଜଟି ମୋର, ଇସ୍ତାହାର, ଅକ୍ଟୋବର, ୨୦୧୬,ପୃ-୨୯୦) ସେହିପରି କବି ଗାୟତ୍ରୀବାଳା ପଣ୍ଡା କୁହନ୍ତି- "ମୁଁ କ'ଣ କୀଟନାଶକ ପିଇ / ଆତ୍ମହତ୍ୟା କରିଥିବା କପାଚାଷୀ / ବିଷାକ୍ତ ଆମ୍ବ ଟାକୁଆଖାଇ / ମରିଯାଇଥିବା ନିରୀହ ଆଦିବାସୀ,/ ଉଜୁଡ଼ି ଯାଇଥିବା ଭିଟାମାଟିରେ ଉଦଣ୍ଡ ନାଚୁଥିବା କାଳିସୀ ।" (ଆମ୍ ଆଦ୍‌ମୀ, ଇସ୍ତାହାର, ଅକ୍ଟୋବର, ପୂଜାସଂଖ୍ୟା- ୨୦୧୨, ପୃ-୨୩୧) ଏଠାରେ ଆମେ କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ ଋଣଗ୍ରସ୍ତ ଚାଷୀଟିର ମୃତ୍ୟୁ ଏବଂ କବି ଗାୟତ୍ରୀବାଳା ପଣ୍ଡାଙ୍କ କବିତାରେ ଚାଷୀ ଆତ୍ମହତ୍ୟା ସହିତ ଖାଦ୍ୟାଭାବରେ ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ କରୁଥିବା ନିରୀହ ଆଦିବାସୀଙ୍କ କଥା ଓ ବିସ୍ଥାପନ ସମସ୍ୟାର କଥାଟି ଦେଖିବାପାଇଁ ପାଇବା ।

ଏଠାରେ ଚାଷୀ ଆତ୍ମହତ୍ୟା ସମ୍ପର୍କରେ ଗୋଟିଏ କଥା କୁହାଯାଇପାରେ ଯେ ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନର ବାଟ ନୁହେଁ । ଚାଷୀ ଭାଇମାନେ ଆତ୍ମହତ୍ୟା ନକରି ଧର୍ଯ୍ୟର ସହ ସମସ୍ୟା ଗୁଡ଼ିକର ସମାଧାନର ବାଟ ଖୋଜିବା ଦରକା । କାରଣ ସେମାନେ ହେଉଛନ୍ତି ଆମର ଅନ୍ନଦାତା । ସେମାନଙ୍କ ଉପରେ ଶହ ଶହ ଲୋକଙ୍କ ଜୀବନ ନିର୍ଭର କରେ ।

**ପରିବେଶ ସମସ୍ୟା :**

ଏକ ସୁସ୍ଥଜୀବନ ବଞ୍ଚିବାକୁ ହେଲେ ଏକ ସୁସ୍ଥ ପରିବେଶ ଏକାନ୍ତ ଆବଶ୍ୟକ । ମାତ୍ର ବର୍ତ୍ତମାନ ସମୟରେ ମଣିଷ ସଭ୍ୟତାର ବିକାଶ ନାମରେ ପରିବେଶକୁ ପ୍ରଦୂଷିତ କରି ନିଜର ବିନାଶକୁ ନିଜେ ନିମନ୍ତ୍ରଣ କରୁଛି । କଳକାରଖାନା, ଜନବସତି ସ୍ଥାପନ, ଖଣି ଖନନ ପାଇଁ ମାତ୍ରାଧିକ ପରିମାଣରେ ଜଙ୍ଗଲ କ୍ଷୟ ହେଉଛି । ଏହାର ପ୍ରଭାବରେ ଜଳବାୟୁରେ ପରିବର୍ତ୍ତନ ଦେଖା ଦେଉଛି । ଯାହାର କୁପ୍ରଭାବ କୃଷି କାର୍ଯ୍ୟ ଉପରେ ପଡୁଛି । ସେହିପରି ଅଧିକ ପରିମାଣରେ ଗଛକଟା ଯିବା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସର ପରିମାଣ ବୃଦ୍ଧି ପାଇ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି । ଆଉ ମାତ୍ର କିଛି ବର୍ଷ ମଧ୍ୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକ ସମୁଦ୍ର ମଧ୍ୟରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ଆକଳନ କରୁଛନ୍ତି ।(୪) ନଦୀରେ ଆଉ ପୂର୍ବଭଳି ପାଣି ଆସୁନାହିଁ । କଳକାରଖାନା ଗୁଡ଼ିକର ବିଷାକ୍ତ ବର୍ଜ୍ୟବସ୍ତୁ ନଦୀ ଜଳରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ହେଉଛି ଏବଂ ଏହାର କୁପ୍ରଭାବ ଜଳଜୀବ ଓ କୃଷିକ୍ଷେତ୍ର ଉପରେ ପଡ଼ୁଛି । ଯଦି ଏହିପରି ଭାବରେ ପରିବେଶ ପ୍ରଦୂଷିତ ହୋଇ ଚାଲିବ, ତେବେ ଅଳ୍ପ ବର୍ଷ ମଧ୍ୟରେ ପୃଥିବୀ ଏକ ଜନଶୂନ୍ୟ ଗ୍ରହରେ ପରିଣତି ହେବ, ଏଥିରେ ସନ୍ଦେହ ନାହିଁ ।

ଏକବିଂଶ ଶତାବ୍ଦୀର ଓଡ଼ିଆ କବିମାନେ ପରିବେଶର ଏହି ସମସ୍ୟା ପ୍ରତି ବେଶ୍ ସଚେତନ ଥିଲାପରି ମନେ ହୁଏ । ତେଣୁ ଅଳ୍ପ ବହୁତ ଭାବରେ ସେମାନଙ୍କ କବିତା ଭିତରେ ଆମେ ପରିବେଶ ସମସ୍ୟାର କଥାଟା ଆମେ ଦେଖିବା ପାଇଁ ପାଇବା । ବେଆଇନ ଭାବରେ ଚାଲୁଥିବା କଠକଟାକୁ ଦେଖି କବି ହରିହର ମିଶ୍ର କୁହନ୍ତି– "ଢାଲୁ ରାସ୍ତା ଗାଁ ଓ ଜଙ୍ଗଲ ଡେଇଁ / ବୁହା ହୁଏ କଟାକାଠ ନାନାଦି ପ୍ରକାର/ ଗଢ଼ା ହେବ କୋଠା ଆମ ଗଢା ହେବ ରଥ" । (ହାଇୱେ, ଇସ୍ତାହାର – ଅକ୍ଟୋବର, ପୂଜା ସଂଖ୍ୟା –୨୦୧୦, ପୃ- ୧୯୮) ବେଳେ ବେଳେ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ହେଉ କିମ୍ବା ଗଛ କଟାଯିବା କାରଣରୁ ହେଉ ଜଙ୍ଗଲ ନଷ୍ଟ ହେଲେ ବନ୍ୟଜନ୍ତୁମାନେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି । ମଣିଷ ସିନା ନିଜର ଦୁଃଖକୁ ଅନ୍ୟ ଆଗରେ ପ୍ରକାଶ କରିପାରେ କିନ୍ତୁ କଥା କହିପାରୁ ନଥିବା ସେହି ନିରୀହ ପ୍ରାଣୀମାନେ କାହାକୁ ବା କହିବେ ନିଜର ଦୁଃଖ ? କେବଳ ଜଣେ ଦରଦୀ ମଣିଷ ହିଁ ସେମାନଙ୍କର ଦୁଃଖକୁ ଅନୁଭବ କରି ପାରିବ । ଯେମିତି ଅନୁଭବ କରିଛନ୍ତି କବି ଫଣିନ୍ଦ୍ର ଭୂଷଣ ନନ୍ଦ ତାଙ୍କ ରଚିତ ଶିମିଳିପାଳ କବିତାରେ– "ଆକାଶର ଆଖିରେ/ ଧୂଳି ଜମିଛି /ପବନ ଦିନ ରାତି କାନ୍ଦୁଛି / ମୁଁ ଭିଡ଼ିଓ ଦେଖୁଛି / ଶିମିଳିପାଳର ଲୁହରେ/ ଜଙ୍ଗଲ ଧୋଇ ସାରିଛି/ ନିଜର ବଦ୍‌କରାକେଶକୁ/ ପଶୁମାନଙ୍କୁ ମୁହଁରେ/ ଆତଙ୍କ ନେଶି ହୋଇଛି/ ହରିଣୀର ଚାହାଣୀରେ/ ରୂପାୟିତ ଦୁର୍ଗ ଭୁଷୁଡ଼ିବାର ମୁହୂର୍ତ୍ତ/ ଏବଂ ଏକ ମାର୍ମିକ ଭୂମିକମ୍ପ" । (ଶିମିଳିପାଳ, ଅରଣ୍ୟର ଡାକ-୨୦୦୦, ପୃ -୬୮)

ସେହିପରି ବେଆଇନ୍ ଭାବରେ ଚାଲିଥିବା ଗଛକଟା, ପାହାଡ଼ର କଟାକୁ ବନ୍ଦ କରିବା ପାଇଁ କବି ବିରଜା ବଳ ତାଙ୍କ କବିତାରେ ଆହ୍ୱାନ କରିଛନ୍ତି–"ସମସ୍ତେ କୁହ/ ଏକ ସାଙ୍ଗରେ କୁହ/ ଗଛକଟା ବନ୍ଦ/ ପାହାଡ କଟା ବନ୍ଦ/ ଭକ୍ଷଣ ବନ୍ଦ/ ବନ୍ଦ ଜନ-ଗଣ-ମନ" । (ବିରଳ ପ୍ରଜାତି)

ପରିବେଶର ଅନ୍ୟ ଏକ ମୁଖ୍ୟ ଉପାଦାନ ହେଉଛି ଜଳ । ଜଳହିଁ ଜୀବନ । ଏକଥାକୁ ଜାଣି ମଧ୍ୟ ଆଜିର ସଭ୍ୟ ବିକଶିତ

ସମାଜ ନିଜ ଜୀବନକୁ ନିଜେ ନଷ୍ଟ କରିବା ପାଇଁ ବସିଛି । କେଉଁଠି ନଦୀ ନାଳରେ କମ୍ପାନୀର ବିଷାକ୍ତ ପାଣିପିଇ ପ୍ରାଣୀମାନେ ମୃତ୍ୟୁମୁଖରେ ପଡୁଛନ୍ତି ତ ଆଉ କେଉଁଠି ସ୍ୱାର୍ଥପର ରାଜନୀତି ନଦୀର ଧାର ଶୁଖାଇ ନଦୀକୁ ସଭ୍ୟତାର ମାନଚିତ୍ରରୁ ନିଶ୍ଚିହ୍ନ କରି ଦେବାକୁ ବସିଲାଣି । ଯାହା ବ୍ୟଥିତ କରିଛି ଆମ କବିମାନଙ୍କୁ ତେଣୁ କବି ଅରୁପାନନ୍ଦ ପାଣିଗ୍ରାହୀ କହୁଛନ୍ତି– "ମୋତେ ବହି ଯିବାକୁ ବାଟ ଦିଅ ପ୍ରଭୋ/ ବିନା ବରଷାରେ, ବିନା ରାଜନୀତିରେ ତୁମ ପତାକା ଯେଉଁଠି ଉଡୁଛି ଉଡୁ / ମୁଁ ମାଟିରେ ମାଟିରେ ବହିଯିବ" । (ଗୋଧୂଳି ଲେନ୍) ବାୟୁ, ମାଟି, ଆକାଶ ପରି ଜଳ ମଧ୍ୟ ଈଶ୍ୱରଙ୍କ ସମ୍ପତି । ମାତ୍ର ଆଜିର ମଣିଷ ଏସବୁକୁ ନିଜ ନାମରେ କରିବା ପାଇଁ ହୀନ ରାଜନୀତି ଚଳାଇଛି । ଏହି ରାଜନୀତିର ପ୍ରଭାବରେ ଧୀରେ ଧୀରେ ଶୁଖିଯିବାକୁ ବସିଲାଣି ନଦୀର ଧାର । କିଏ ଜାଣେ ଆଜି ଆମେ ଦେଖୁଥିବା ନଦୀଟି ଭବିଷ୍ୟତରେ ଦେଖିବା ପାଇଁ ମିଳିବ କି ନାହିଁ ? କବି ବୀଣାପାଣି ଦେବତା ତେଣୁ କୁହନ୍ତି– "ଏବେ ଯେଉଁଠି କବିତା ଅଛି/ ସେଠି ଦିନେ ଥିଲା/ ଏବେ ସିନା ଧୁ ଧୂ ପିଠି ଛାତି ଶୁଖିଲା" । (ଏଠି ଦିନେ ନଦୀ ଥିଲା, ଇସ୍ତାହାର, ଅକ୍ଟୋବର, ପୂଜା ବିଶେଷାଙ୍କ-୨୦୧୮, ପୃ-୩୬୪)

ସେହିପରି ଆଜି ସମଗ୍ର ବିଶ୍ୱରେ ଦେଖା ଦେଇଛି ଜଳ ସଙ୍କଟ । ବର୍ଷାଋତୁକୁ ବାଦ ଦେଲେ ଅନ୍ୟ ସମୟରେ ନଦୀରେ ଆସୁନାହିଁ ପାଣି । ପାଣି ନପାଇ ଚାଷୀଭାଇର ଚାଷଜମି ଫାଟି ଆଁ କଲାଣି । ଏହାର ମୂଳରେ ରହିଛି କମ୍ପାନୀ । ତେଣୁ କବି ଜ୍ଞାନୀ ଦେବାଶିଷ ମିଶ୍ର କୁହନ୍ତି – "ଯୋଉ ବର୍ଷ/ କମ୍ପାନୀ ଆଇଲା ବୋଲି/ ନଦୀ ପାଣିକୁ ହାତୀ ଲୁଚେଇ ଦେଲା ବାବନାଭୁତ/ ତମେ ସେତେବେଳେ କଣ କରୁଥିଲ ଶୁଣେ" । (ଆ-କା-ମା-ବୈ, ଦାଗ, ଟାଇମ୍ ପାସ୍, ୨୦୧୪) ନଦୀ ଆଉ ଆଗ ଭଳି ଦିଶୁ ନାହିଁ । ଜଳ ବିହୁନେ ବଦଳି ଗଲାଣି ନଦୀର ରୂପ । ଏବେ ଖାଲି ସବୁଠି ତାର କଙ୍କାଳ ଦିଶୁଛି । ନଦୀରଏହି ବିକରାଳ ରୂପ ଦେଖି କବି ଦିଲ୍ଲୀପ କୁମାର ସ୍ୱାଇଁ କୁହନ୍ତି– "ବିଧବାର ଧଳାଶାଢ଼ୀ ପରି/ ଦିଶୁଚି କେରାଏ ଝରଣା/ ନଈ ଅଛି ପିଲାଙ୍କ ଚିତ୍ର ଖାତାରେ /ସର୍କାରୀ ନାଲିଫିତା/ କମ୍ପାନୀ କାଠଗଡ଼ାରେ ।/ ଏଠି ତ ନଈର କଙ୍କାଳ/ ମୁହଁ ଲୁଚେଇ କାନ୍ଦୁଛି/ ବାଲି ବିଛଣାରେ" । (ପାଣି ଆଣିବାକୁ ଯାଇଥିବା ମାଇପେ, । ଧାନ ଫୁଲ କାନ ଫୁଲ, ବିଜୟିନୀ ପବ୍ଲିକେଶନ -୨୦୧୫, ପୃ - ୩୯)

ଧୀରେ ଧୀରେ ଭୂ-ପୃଷ୍ଟର ଜଳସ୍ତର କମିକମି ଯାଉଛି ।ଭବିଷ୍ୟତରେ ସମଗ୍ର ବିଶ୍ୱ ଜଳ ସଙ୍କଟର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।ଏକବିଂଶ ଶତାବ୍ଦୀର ମଣିଷ ଟଙ୍କା ଦେଇ ପାଣିର ବ୍ୟବହାର କରିବା ଆରମ୍ଭ କଲାଣି । ଭବିଷ୍ୟତରେ ଆଉ ମାଗଣା ଜଳ ମିଳିବ ନାହିଁ । ସମସ୍ତେ ଟଙ୍କା ଦେଇ ପାଣି କିଣିବେ । ଏକଥା ଅନୁମାନ କରି କବି ଜ୍ଞାନୀ ଦେବାଶିଷ ମିଶ୍ର କୁହନ୍ତି– "ସବୁ ନଈରେ ତ ଝୁଲୁଛି ଗୋଟେ ଡ୍ୟାମର ଛାଇ/ ସବୁ ପୋଖରୀରେ ତ ସରକାରୀ ଜାଆଁଳ/ ସବୁ ନଳକୂପରୁ ହ୍ୟାଣ୍ଡେଲ୍ ଚୋରେଇ/ ବିକି ଦେଲେନି ଦଳେ/ ପାଣି କେବଳ ମ୍ୟୁନିସିପାଲିଟି ଦବ/ ମାସକୁ ଚଉତିରିଶ ଟଙ୍କା ଦେଲେ/ ନ ହେଲେ ଗରିଆ ବାଲଟିନ୍ ଧରି/ ଠିଆ ହୋଇଥା ଧାଡ଼ିରେ/ ପାଳି ପଡ଼ିବ ଯେ !" (ଆ-କା-ମା-ବୈ, ଦାଗ, ଟାଇମ୍ ପାସ୍,୨୦୧୪, ପୃ - ୬୫) ବାସ୍ତବରେ ବର୍ତ୍ତମାନ ସମୟରେ ପାଣିର ଯେଉଁଭଳି ଭାବରେ ଅପବ୍ୟବହାର କରାଯାଉଛି ଏବଂ ଯେଉଁ ପରିମାଣରେ ଜଙ୍ଗଲ କାଟି ଜଳବାୟୁରେ ପରିବର୍ତ୍ତନ କରାଯାଉଛି ଏଥିରୁ ସ୍ପଷ୍ଟ ଜଣାପଡୁ ଅଛି ଯେ କବିଙ୍କ କଥା ନିଶ୍ଚିତ ଭାବରେ ସତ ହେବ । ଭବିଷ୍ୟତରେ ମଣିଷ ପାଣି ପାଇଁ ହନ୍ତସନ୍ତ ହେବ । ପାଣି ମୂଲ୍ୟ ଚଉତିରିଶ ଟଙ୍କାରୁ ଚଉତିରିଶ ଗୁଣ ବଢ଼ି ଯାଇଥିବ । ତେଣୁ ଏକବିଂଶ ଶତାବ୍ଦୀର ମଣିଷ ବେଳ ଥାଉ ଥାଉ ସାବଧାନ ହୋଇ ଏ ଦିଗକୁ ଦୃଷ୍ଟି ଦେବା ଦରକାର ।

କବି ଶତ୍ରୁଘ୍ନ ପାଣ୍ଡବଙ୍କ 'ପାଣି ଓ ଅନ୍ୟାନ୍ୟ କବିତା' ପୁସ୍ତକରେ ସ୍ଥାନିତ ପାଣି କବିତାରେ ମଧ୍ୟ ଜଳାଭାବର କରୁଣ ଦୃଶ୍ୟ ଦେଖିବା ପାଇଁ ମିଳେ । "ପାଣି ପାଇଁ ମାଇଲ୍ , ମାଇଲ୍ ଧରି/ ହାଣ୍ଡି ମାଠିଆ ମୁଣ୍ଡାଇ ଯାଉଥିବା ଲୋକଙ୍କ / ଆଖି ଏତେ ଫିକା ଓ ପେଜୁଆ ଦିଶେ ଯେ/ ସେଠି ମରୁଭୂମି ହିଁ ଦୃଶ୍ୟହୁଏ/ ଲାଗୁଛି ଏବେ ମେଘ ମୁନ୍ଦେ ଜକାଇବ ନାହିଁ / ଆକାଶ ଆଖିରେ...ପାଣି ଉଭାନ ହୋଇଯିବ/ କେଉଁଠି ଭୂଇଁ ଭିତରେ / ଫଟାମାଠିଆ ଫଟାକପାଳ / ଫଟା ହୃଦୟକୁ ଧରି ସେମାନେ ଚିତ୍କାର କରିବେ ପାଣି ପାଇଁ?" (ପାଣି, ପାଣି ଓ ଅନ୍ୟାନ୍ୟ କବିତା, ୨୦୧୧, ପୃ- ୧୦) ଏହା ବ୍ୟତୀତ କବି ସଦାଶିବ ଦାସ, ତୁହିନାଂଶୁ ରଥ, ଅରୁପାନନ୍ଦ ପାଣିଗ୍ରାହୀ, ହୃଷୀକେଶ ମଲ୍ଲିକ୍, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗାୟତ୍ରୀବାଳା ପଣ୍ଡା, ବିରଜାବଳ ଆଦିଙ୍କ କବିତାର ଆମ ସମାଜର ଏହି ସମସ୍ୟାଗୁଡ଼ିକ ସ୍ପଷ୍ଟ ପ୍ରତିଫଳିତ ହୋଇଥିବା ପରିମନେ ହୁଏ ।

**• ନକ୍ସଲ ସମସ୍ୟା**

ନକ୍ସଲ ସମସ୍ୟା ଭାରତବର୍ଷର ଏକ ବୃହତ ସମସ୍ୟା ଅଟେ । ନକ୍ସଲ ମାନଙ୍କ ବର୍ବରକାଣ୍ଡ ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି । ସୂଚନା ମୁତାବକ ନିକଟ ଅତୀତରେ ଓଡ଼ିଶା-ଛତିଶଗଡ ସୀମାରେ ନକ୍ସଲମାନଙ୍କ ଗୁଳିରେ ତିନିଜଣ CyPF ଯବାନ ସହୀଦ ହୋଇଥିବାର ଖବର ଦେଖିବା ପାଇଁ ମିଳିଛି ।(୫) ଏହିପରି ବିଭିନ୍ନ ସମୟରେ ନକ୍ସଲମାନଙ୍କ ଆକ୍ରମଣରେ ସୁରକ୍ଷାକର୍ମୀଙ୍କ ସହ ସାଧାରଣ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି । ତେବେ ଏଠାରେ

ପ୍ରଶ୍ନଉଠେ ଏ ନକ୍ସଲମାନଙ୍କୁ ସୃଷ୍ଟି କଲା କିଏ ? ଏହାର ନିର୍ଦ୍ଦିଷ୍ଟ ଉତ୍ତର ପାଇବା ହୁଏତ ଅସମ୍ଭବ ମାତ୍ର ଏତିକି କୁହାଯାଇପାରେ ଯେ, କଳାପୋଷାକ ଧାରୀ ଏ ନକ୍ସଲମାନେ ଆମମାନଙ୍କ ପରି ଜଣେ ଜଣେ ମଣିଷ । ଏମାନେ ମଧ୍ୟ ଆମପରି ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖନ୍ତି, ଏମାନେ ବି ଆମପରି ସୁଖଶାନ୍ତିରେ ବଞ୍ଚିବା ପାଇଁ ଚାହିଥାନ୍ତି । ହେଲେ ପରିସ୍ଥିତି ଏମାନଙ୍କ ସବୁ ସୁଖଶାନ୍ତିକୁ ଛଡ଼ାଇ ନେଇ ଏମାନଙ୍କ ହାତରେ ବୋମା ଓ ବନ୍ଧୁକ ଧରାଇ ଦେଇଛି । ସବୁ ନକ୍ସଲ ଯେ ଖରାପ ତାହା କହିହେବ ନାହିଁ । କିଛି ନକ୍ସଲ ଅଛନ୍ତି ଯେଉଁମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସରକାରଙ୍କ ହାତବାରିସ ସାଜି କାମ କରନ୍ତି ଏବଂ ସାଧାରଣ ଲୋକଙ୍କୁ କ୍ଷତି ପହଞ୍ଚାଇଥାନ୍ତି । ଆଉ କିଛି ନକ୍ସଲ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ନୁହଁ, ବରଂ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଥାନ୍ତି । ଗରିବ ନିରୀହ ଆଦିବାସୀ ମାନଙ୍କୁ ତଥା ସମାଜର ଦଳିତ ନିଷ୍ପେସିତ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ, ସେମାନଙ୍କ ଶୁଖିଲା ଓଠରେ ହସ ଫୁଟାଇବା ପାଇଁ ଏମାନେ ସଂଗ୍ରାମ କରନ୍ତି । ଯେମିତି ସଂଗ୍ରାମ କରିଛନ୍ତି କବି ହୃଷିକେଶ ମଲ୍ଲିକଙ୍କ 'ମାଓବ୍ୟାଡ଼ର' କବିତାର ନକ୍ସଲ ତଥା ମାଓବାଦୀ ମାନେ ।" ସଳଖ ଜବାବ ଦିଅ/ ମୁଁ ପଚାରୁଥିବା ପ୍ରଶ୍ନର/ ନଈ, ପାହାଡ଼, କାହା ବୋପାର ନୁହେଁ/ ବୁଲା ବେପାରୀଙ୍କୁ ଟେକି ଦେବ/ ବିନା ପଚାର/ ବିନା ଉଚାର/ ହାତରେ ମୋର ବନ୍ଧୁ ସଦା ତୟାର/ ମୁଁ ମାଓବ୍ୟାଡ଼ର" । (ମୁଁ ମାଓବ୍ୟାଡ଼ର, ଜେଜେ ଦେଖି ନଥିବା ଭାରତ, ୨୦୧୫, ପୃ- ୧୫) ନକ୍ସଲମାନଙ୍କ ସମାଜ ବିରୋଧି ହିଂସାତ୍ମକ କାର୍ଯ୍ୟକଳାପ ମଧ୍ୟ କବିଙ୍କ 'ନକ୍ସଲ ଝିଅ' କବିତାରେ ଦେଖିବାକୁ ମିଳେ ।" ମାଆ କୋଳରୁ/ କଅଁଳା ଛୁଆକୁ ଭିଡ଼ି ଆଣି/ ଗଡ଼ଗଡ଼୍ କରି ଦିଆଯିବ ତାଲୁଆର/ ଦିଶା ଘେରି ହସି ଶିଖିବ ନକ୍ସଲ/ ରଡ ନିଆଁରେ ଜିଅନ୍ତା ମାଛ ପରି/ ବସ୍ ଭିତରେ କିଲବିଲ ହେଉଥିବା ସ୍କୁଲ ପିଲାଏ" । (ନକ୍ସଲ ଝିଅ, ଜେଜେ ଦେଖି ନଥିବା ଭାରତ-୨୦୧୫, ପୃ- ୨୨)

ସେହିପରି କବି ହରିହର ମିଶ୍ର ନକ୍ସଲ ମାନଙ୍କର କାର୍ଯ୍ୟକଳାପ ସମ୍ପର୍କରେ କୁହନ୍ତି– "ଏବେ/ ବନ୍ଦ ରାଜପଥ/ କେଉଁଠି ପୋଲ ଉଡ଼େଇ ଦେଲେଣି/ ନୂତନ ସନ୍ତ୍ରାସବାଦୀ ସ୍ୱଦେଶର, ଅସ୍ତ୍ରର ପୂଜାରୀ/ କେଉଁଠିଟି ଓ ଫାଶି ଜଳିଲାଣି/ ପଣବନ୍ଦୀ ରକ୍ଷୀ ଓ ଆରକ୍ଷୀ/ ଧ୍ୱସ୍ତରାଜ ପଥ" । (ହାଇୱେ ୪, ଇସ୍ତାହାର, ଅକ୍ଟୋବର-୨୦୨୦, ପୃ- ୧୯୮)

ସାମ୍ପ୍ରତିକ ସମୟରେ ସରକାର ନକ୍ସଲ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଥିଲେ ମଧ୍ୟ ଦେଶରୁ ସଂପୂର୍ଣ୍ଣ ରୂପେ ନକ୍ସଲ ସମସ୍ୟା ଦୂରହୋଇ ପାରିନାହିଁ । ଯଦି ସମାଜର ସବୁ ଶ୍ରେଣୀର ଲୋକଙ୍କ ପାଖରେ ସରକାରଙ୍କ ସୁବିଧା ସୁଯୋଗ ସମାନ ଭାବରେ ପହଞ୍ଚି ପାରିବ ଏବଂ ଦଳିତ, ନିଷ୍ପେସିତ ଲୋକମାନଙ୍କୁ ସେମାନଙ୍କର ଅଧିକାର ମିଳିଯିବ ତା'ହେଲେ ଆମ ଦେଶରୁ ନକ୍ସଲ ଭଳି ସମସ୍ୟା ନିଶ୍ଚିତ ଭାବରେ ଦୂର ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

**ଦାଦନ ସମସ୍ୟା :**

ଓଡ଼ିଶାର ବିଭିନ୍ନ ସମସ୍ୟା ମଧ୍ୟରୁ ଦାଦନ ସମସ୍ୟା ଅନ୍ୟତମ । ଲୋକମାନଙ୍କୁ ନିଜ ନିଜ ଅଞ୍ଚଳରେ କର୍ମ ନିଯୁକ୍ତି ଦେବା, ପଞ୍ଚବାର୍ଷିକ ଯୋଜନାର ଏକ ଲକ୍ଷ୍ୟ ଥିଲା । ମାତ୍ର ଏହା ପୂରଣ ହୋଇପାରିଲା ନାହିଁ । ଆଜି ମଧ୍ୟ ଆମ ରାଜ୍ୟର ଅନେକ ଲୋକ ନିଜର ଅଞ୍ଚଳରେ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଚାଲି ଯାଉଛନ୍ତି । ଦାଦନ ସମସ୍ୟା କଥାଟି ଆମ ସାହିତ୍ୟର ଅନ୍ୟ ବିଭାଗ ଗୁଡ଼ିକ ଭଳି କବିତା କ୍ଷେତ୍ରରେ ମଧ୍ୟ ଦେଖିବା ପାଇଁ ମିଳେ । କବି ଦିଲୀପ କୁମାର ସ୍ୱାଇଁ କୁହନ୍ତି– "କୂଳ ଗୋବିନ୍ଦ ଦାଦନ ଯିବା ଗାଁ ଛାଡ଼ି / କେତେ ବର୍ଷର ହିସାବ ବାକି ଅଛି / ସୁଧ ବାବଦକୁ ମାଗିବ ପୁଅର କଟାମୁଣ୍ଡ / ନାତିଟୋକାର ନିର୍ମଳ କଳିଜା ।" (ହାତୀ ଖାଇଗଲା ପାଚିଲା ଧାନ, ଧାନଫୁଲ କାନଫୁଲ, ପୃ- ୨୪) କବି ହୃଷିକେଶ ମଲ୍ଲିକ ମଧ୍ୟ 'କେମିତି କାଟିଲା ନୂଆ ବର୍ଷ-୧' କବିତାରେ କୁହନ୍ତି– "ଶୁଣିଲି, ଦାଦନରୁ ଫେରୁ ଫେରୁ / ବାଟରେ ଚାଲିଗଲେ / ତମସାନ କକା, ସତ ନା ଉଡ଼ା ଖବର ।" (କେମିତି କାଟିଲା ନୂଆବର୍ଷ, ଜେଜେ ଦେଖି ନଥିବା ଭାରତ-୨୦୧୫, ପୃ-୩୬)

ବାସ୍ତବରେ ଜନସଂଖ୍ୟା ବୃଦ୍ଧି ଯେଉଁ ପରିମାଣରେ ଘଟୁଛି ସେହି ପରିମାଣରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଉନାହିଁ । ଫଳରେ କାମ ନ ପାଇ ଲୋକମାନେ ବାହାରକୁ ଦାଦନ ଖଟିବା ପାଇଁ ଚାଲି ଯାଉଛନ୍ତି । ନିଯୁକ୍ତିରେ ବୃଦ୍ଧି ଘଟିଲେ ହୁଏତ ଏ ସମସ୍ୟାର ସମାଧାନ ହୋଇପାରନ୍ତା ।

**ଦୁର୍ନୀତି :**

ଆଜି ଆମ ସମାଜର ସବୁଠାରେ ଦୁର୍ନୀତି ଭରି ରହିଛି । ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି ପର୍ଯ୍ୟନ୍ତ ସବୁଠି ଆଜି ଦୁର୍ନୀତିର ଛାଇ । ସାଧାରଣ ଲୋକଙ୍କ ପାଇଁ ଆସୁଥିବା ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚି ପାରୁନାହିଁ । ଏହାର କାରଣ ସମ୍ପର୍କରେ କବି ଦିଲୀପ କୁମାର ସ୍ୱାଇଁ କୁହନ୍ତି– "ଚାଉଳ, ଚିନି, ଜବ୍‌କାର୍ଡ/ ବନ୍ଧା ପଡ଼ିଛି ୱାର୍ଡମେମ୍ବର ଘରେ/ ତା' ଭାଗ୍ୟ ବଦଳେଇବାକୁ" (ଏମାନେ ସମସ୍ତେ ଭାରତୀୟ, ଧାନଫୁଲ କାନଫୁଲ-୨୦୧୫, ପୃ-୯୯)

ସେହିପରି କ୍ଷମତା ଆଉ ଅର୍ଥ ପାଖରେ ଆଇନ କିପରି ଅସହାୟ ହୋଇପଡ଼େ ତା'ର ସ୍ପଷ୍ଟ ଚିତ୍ର ଦେଖିବା ପାଇଁ ମିଳେ କବି ହୃଷୀକେଶ ମଲ୍ଲିକଙ୍କ 'ନାଚାର ଆଇନ ବହି' କବିତାରେ–

"ହାକିମ କହନ୍ତି, ଅର୍ଡର, ଅର୍ଡର / ପ୍ରମାଣ ଅଭାବରୁ ଦୋଷୀ ଖଲାସ / ନାଚାର ଆଇନ ବହି / ଦୀର୍ଘଶ୍ୱାସ ପକାଇ କହେ / ବେକୁବ ଅକ୍ଷର ଜନ୍ମରୁ / ପ୍ରଭୁ! ମୋର ମୁକ୍ତି କେବେ?" (ନାଚାର ଆଇନ ବହି, ଜେଜେ ଦେଖି ନଥିବା ଭାରତ-୨୦୧୫, ପୃ-୩୦)

ବାସ୍ତବରେ ଦେଶରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲୋକମାନଙ୍କ ଅସୁବିଧା ବୁଝିବା ପାଇଁ ଆଇନ ବ୍ୟବସ୍ଥା ସୃଷ୍ଟି ହୋଇଛି ମାତ୍ର ତାହା ଯଦି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନପାରିବ, ତେବେ ବିଚରା ମଣିଷ କାହାକୁ ବା କ'ଣ କହିବ?

**ନାରୀ ନିର୍ଯ୍ୟାତନା :**

ସାମ୍ପ୍ରତିକ ସମୟରେ ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରୁଛି ନାରୀ ନିର୍ଯ୍ୟାତନାର କରୁଣ କାହାଣୀ। କେତେବେଳେ ଯୌତୁକ ପାଇଁ ନାରୀଟି ଉପରେ ଅତ୍ୟାଚାର କରାଯାଉଛି ତ ଆଉ କେତେବେଳେ ନାରୀଟିର ଦୁର୍ବଳତାର ସୁଯୋଗ ନେଇ ତାକୁ ଧର୍ଷଣ କରାଯାଉଛି। ନିଜର କାମନା ବାସନାକୁ ଚରିତାର୍ଥ କରିବା ପାଇଁ ରାକ୍ଷାସରୂପୀ ପୁରୁଷମାନେ କୋମଳମତି ଝିଅମାନଙ୍କୁ ମଧ୍ୟ ଛାଡ଼ନ୍ତି ନାହିଁ। ନାରୀମାନଙ୍କ ଉପରେ ହେଉଥିବା ଏହି ଅମାନୁଷିକ ଅତ୍ୟାଚାରକୁ ଦେଖି ମର୍ମାହତ ହୋଇପଡ଼ିଛନ୍ତି କବି ହୃଷୀକେଶ ମଲ୍ଲିକ ଏବଂ କ୍ଷୋଭ ପ୍ରକାଶ କରି କହିଛନ୍ତି- "ଭାବୁଛି, ଛାଡ଼ି ଦେବି କବିତା ଲେଖା / କ'ଣ ହେବ ଏ କବିତା? / କୋଡ଼ିଏ ବର୍ଷ ଲେଖା ପରେ ବି / ଯଦି ବର୍ତ୍ତି ପାରିଲା ନାହିଁ / ଏତେ ଗହଗହରେ ମାରଣା-ମଇଁଷି ସିଙ୍ଗ-ମୁନରୁ / ସାନ ବକଟେ ସଙ୍ଗୀତା।" (କେମିତି କଟିଲା ନୂଆବର୍ଷ (୩), ଜେଜେ ଦେଖି ନଥିବା ଭାରତ-୨୦୧୫, ପୃ-୩୮)

ଭୁଲ ଥାଉକି ନଥାଉ ପ୍ରତି ମୁହୂର୍ତ୍ତରେ ପୁରୁଷ ସମାଜ ଦ୍ୱାରା ନିର୍ଯ୍ୟାତିତ ସ୍ତ୍ରୀଲୋକଟିର ଦୁଃଖ ସହିପାରି ନାହାନ୍ତି କବି ଅପର୍ଣ୍ଣା ମହାନ୍ତି। ସ୍ତ୍ରୀଲୋକଟିର ଦୁଃଖକୁ ବର୍ଣ୍ଣନା କରି କବି କୁହନ୍ତି- "କଥା କଥାକେ / କିଛି କଥା ନ ଥାଇବି / ମାଡ଼ ଖାଇବା / ସେମିତି କିଛି / ବଡ଼ କଥା ନୁହେଁ / ସ୍ତ୍ରୀଲୋକ ପାଇଁ / ଭୁଲ୍ କଲେ ମାଡ଼ / ନ କଲେ ମାଡ଼ / ଦେହ ଦେଲେ ମାଡ଼ / ନ ଦେଲେ ମାଡ଼ / ହସିଲେ ମାଡ଼/ ନ ହସିଲେ ମାଡ଼।" (ମାଡ଼ ଖାଉଥିବା ସ୍ତ୍ରୀଲୋକ, ଇସ୍ତାହାର, ଏପ୍ରିଲ୍-୨୦୦୯, ପୃ-୧୧୫)

ପ୍ରକୃତରେ ସମାଜ ଗଠନରେ ନାରୀ ଓ ପୁରୁଷ ଉଭୟଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାରୀ ସଶକ୍ତିକରଣ ପାଇଁ ସରକାର ବିଭିନ୍ନ ପ୍ରକାରର ପଦକ୍ଷପ ନେଉଛନ୍ତି। ମାତ୍ର ଯେ ପର୍ଯ୍ୟନ୍ତ ପୁରୁଷ ସମାଜର ନାରୀ ପ୍ରତି ଥିବା ମାନସିକତାରେ ପରିବର୍ତ୍ତନ ନ ଆସିଛି, ସେ ପର୍ଯ୍ୟନ୍ତ ନାରୀ ଜାତିର ବିକାଶ ହୋଇପାରିବ ନାହିଁ। ତେଣୁ ନାରୀମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେବା ଦରକାର।

**ଉପସଂହାର :**

ଏକବିଂଶ ଶତାବ୍ଦୀର ମଣିଷ ସବୁକ୍ଷେତ୍ରରେ ବିକାଶ ଆଡ଼କୁ ଅଗ୍ରସର ହେଉଛି। ସରକାର ମଧ୍ୟ ଲୋକମାନଙ୍କର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ପାଦରେ ପାଦ ମିଶାଇ ମଣିଷ ଆଜି ବିକାଶ ପଥରେ ଆଗେଇଛି। ତଥାପି କେତେକ କାରଣରୁ ଆମ ସମାଜରେ ଦାରିଦ୍ର୍ୟ, ବେକାରୀ, ଦାଦନ, ବିସ୍ଥାପନ, ପରିବେଶ ପ୍ରଦୂଷଣ, ଦୁର୍ନୀତି, ନାରୀ ନିର୍ଯ୍ୟାତନା ଆଦି ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଉଛି। ସମାଜର ଏହିସବୁ ସମସ୍ୟା ପ୍ରତି ଆମ କବିମାନେ ବେଶ୍ ସଚେତନ ଅଛନ୍ତି। କବିମାନେ କେବଳ ତାଙ୍କ କବିତାରେ ସମାଜରେ ଘଟୁଥିବା ସମସ୍ୟାଗୁଡ଼ିକର କଥା କହି ନାହାନ୍ତି, ବରଂ ଆବଶ୍ୟକ ସ୍ଥଳେ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ମଧ୍ୟ ଉଠାଇଛନ୍ତି। ଏକବିଂଶ ଶତାବ୍ଦୀର କବିତାରୁ ଆମ କବିମାନଙ୍କର ସମାଜ ପ୍ରତି ଥିବା ଦାୟିତ୍ୱବୋଧ, ଆନ୍ତରିକତା ଓ ଭଲପାଇବା ସ୍ପଷ୍ଟ ବାରିହୋଇ ପଡ଼େ।

**ପ୍ରାନ୍ତ ଟୀକା :**


୧. sramabala sarbekhyan.2020-2021, drishti as.com

୨. ବାରିକ ଶ୍ରୀକାନ୍ତ, ସାମ୍ପ୍ରତିକ ଓଡ଼ିଆ କବିତାରେ ଶିଳ୍ପ ସଙ୍କଟ ଓ ବିସ୍ଥାପନର ଚିତ୍ର, ଇସ୍ତାହାର -ଅକ୍ଟୋବର, ପୂଜା ସଂଖ୍ୟା, ୨୦୧୮, ପୃ -୧୮୪

୩. ପାଞ୍ଚସାଲମେ ୩୪.୫ ହଜାର କିଷାନୋନେ କି ଆତ୍ମହତ୍ୟା, www.tv9 hindi. Com

୪. Special story madives may submrey in water by the End of this centrury,

୫. Naxal attack in odisha news # odisha tv#otv



ଗବେଷକ, ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 8, Issue No. VII, October 2022
Bastabatara Pariprakash Prachee
*Peer Reviewed and Referred Research Journal*

# କେନ୍ଦୁଝର ଗଣ୍ଡଜନଜାତିର ଠାକୁରାଣୀ ଓଷା : ଏକ ଅଧ୍ୟୟନ

**ଉଜସ୍ୱିନୀ ନାଏକ**

ଶକ୍ତିକୁ ଉପାସନା କରିବା ଏହି ଠାକୁରାଣୀ ଓଷାର ଏକ ମୁଖ୍ୟ ଉଦ୍ଦେଶ୍ୟ । ମାତା ବିଶିରୀ ଠାକୁରାଣୀ ବା ମନସା ଦେବୀ ଏହି ପୂଜାର ଆରାଧ ଦେବୀ ଅଟନ୍ତି । ଆମ ଦେଶ ଭାରତବର୍ଷରେ ବିଭିନ୍ନ ଧର୍ମର ଲୋକବାସ କରନ୍ତି । ତେଣୁ ଏଠାରେ ଶକ୍ତି ପୂଜା ବହୁ ମାତ୍ରାରେ ପ୍ରଚଳିତ ହୋଇ ଆସୁଛି । ପୂର୍ବରୁ ଭିନ୍ନ ଭିନ୍ନ ମାଧମରେ ମଙ୍ଗଳ ଓ ଅମଙ୍ଗଳକାରିଣୀ ଦେବୀମାନଙ୍କୁ ପୂଜା କରାଯାଉଥିଲା । ପୂର୍ବରୁ ମଧ ଲୋକବିଶ୍ୱାସ ରହିଛି ଯେ ଦେବୀମାନଙ୍କୁ ପୂଜା କଲେ, ଦେବୀ ଆଶୁ ଫଳପ୍ରଦାୟିନୀ ହୁଅନ୍ତି । ପୁଣି ଏହି ଦେବୀମାନେ ସମୟାନୁକ୍ରମେ ପୌରାଣିକ କଥାବସ୍ତୁର ଗୋଟିଏ ଗୋଟିଏ ମାଧମ ଅଟନ୍ତି । ଏହି ମାତୃକାମାନଙ୍କୁ ପୂଜାକଲେ ବହୁ ଆର୍ଶୀବାଦପ୍ରାପ୍ତି ହୋଇଥାଏ । ଏହି ବିଶିରୀ ଠାକୁରାଣୀଙ୍କ ପୂଜା କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମମାନଙ୍କରେ ଅତି ପ୍ରାଚୀନ । ଦେବୀଙ୍କର ଗୁଣଗାନ ଏବଂ ଆର୍ଶୀବାଦ ପ୍ରାପ୍ତି ପାଇଁ ପ୍ରାୟତଃ ସମସ୍ତ ଗାଁମାନଙ୍କରେ ଗାଁ ଲୋକମାନେ ଠାକୁରାଣୀ ଓଷା କରି ଥାଆନ୍ତି । ବର୍ଷର ମାର୍ଗଶିର ମାସ ଆରମ୍ଭରୁ ପୌଷ ମାସ ଶେଷ ପର୍ଯ୍ୟନ୍ତ ଯେକୌଣସି ଗୁରୁବାର ଦିନ ଏହି ଓଷା ଆରମ୍ଭ ହୋଇଥାଏ । କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅର୍ନ୍ତଗତ କଟରାବେଢ଼ା ଗ୍ରାମରେ ଏହି ଓଷା ଏକ ନିର୍ଦ୍ଦିଷ୍ଟ ବଂଶ ପିଢ଼ିପରେ ପିଢ଼ି ଅନୁଯାୟୀ କରି ଆସୁଛନ୍ତି କେଉଁ କାଳରୁ । ବର୍ତ୍ତମାନ ମଧ ଏହି ଗ୍ରାମରେ ଗଣ୍ଡଜନଜାତିର ଲୋକେ ଏହି ଓଷାକୁ ବଞ୍ଚାଇ ରଖିଛନ୍ତି । ଏହି ଠାକୁରାଣୀ ଓଷାରେ ନୃତ୍ୟ, ସଙ୍ଗୀତ, ଅଭିନୟ, ଚିତ୍ରକଳା, ତନ୍ତ୍ର, ଯୋଗସାଧନା ପ୍ରଭୃତି ପରିଲକ୍ଷିତ ହୋଇଥାଏ ।

ଠାକୁରାଣୀ ଓଷା କେନ୍ଦୁଝର ଜିଲ୍ଲାର ଅନେକ ଗ୍ରାମରେ ଗଣ୍ଡଜନଜାତିର ଲୋକେ ବହୁ ଆଡ଼ମ୍ବର ସହିତ କରିଥାଆନ୍ତି । ସାଧାରଣତଃ ଏହି ଠାକୁରାଣୀ ଓଷା ଗାଁମାନଙ୍କରେ ଠାକୁରାଣୀଙ୍କର 'କୋଠୀ ଘର' ଗ୍ରାମର ମଧସ୍ଥଳରେ ରହିଥାଏ । ଝାଟିମାଟି, ଚାଳ ଛପରରେ, ରଙ୍ଗ, ଗୋବର ମାଟିରେ ଲିପାଯାଇ ଝୋଟି ଦିଆଯାଇ ସୁନ୍ଦରକରି ଘରଟିଏ ନିର୍ମାଣ କରାଯାଇଥାଏ । ଏହା ଦେବୀଙ୍କର ଆସ୍ଥାନ ସ୍ଥଳୀ ଅଟେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ଗାଁ ଲୋକଙ୍କର ଏକ ତୀର୍ଥକ୍ଷେତ୍ର ଅଟେ । କୃଷିକର୍ମ ପରେ ମାର୍ଗଶିର ମାସରେ କଟରାବେଢ଼ା ଗାଁର ପଧାନ ବଂଶର କୃଷ୍ଣଚନ୍ଦ୍ର ନାୟକ ଏହି ଓଷାର ମୁଖିଆ ହୋଇଥିବାରୁ ସେ ଦେହୁରିଙ୍କ ପରାମର୍ଶ କ୍ରମେ ଗାଁ ଲୋକଙ୍କୁ ନେଇ ଓଷାର ଆୟୋଜନ କରିଥାଆନ୍ତି । ଦେହୁରି ଉପବାସ ରହି କୋଠୀଶାଳ ପୂଜା କଲାପରେ ଶିଳ୍ପୀ କୁମ୍ଭାର ଘରକୁ ଯାଇ କ୍ଷୀର ଓ ସିନ୍ଦୁର ଦେଇ ଦେବୀଙ୍କର ମୂର୍ତ୍ତି ନିର୍ମାଣ ପାଇଁ ଗୁହାରି କରନ୍ତି । ନିର୍ଦ୍ଧିଷ୍ଟ ଦିନ ଗ୍ରାମବାସୀ ଶୋଭାଯାତ୍ରାରେ ଯାଇ ଦେବୀଙ୍କୁ ପାଛୋଟି ଆଣନ୍ତି । ତା' ପରଠାରୁ ଆଠଦିନ କାଳ ପୂଜା, ନୃତ୍ୟ, ଗୀତ, ଅଭିନୟ ପରେ ନଅ ଦିନରେ ପୂଜା ବିସର୍ଜନ କରିଦିଆଯାଏ । ଦେବୀ ଆସିବା ଦିନଠାରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଝିଅ, ବୋହୂମାନେ ଏକତ୍ରିତ ହୋଇ ଗୀତ ବୋଲିଥାଆନ୍ତି । ଗାଉଣୀ ଜଣକ ଗୀତ ଗାଇଲାପରେ ଝିଅ ବୋହୂ ମିଶି ପାଳି ଧରନ୍ତି ।

କଟରାବେଢ଼ା ଗାଁର ଲୋକଙ୍କ ମୁଖରୁ ଏହି ଓଷାର କିମ୍ବଦନ୍ତୀ ଏହିପରି – ପାତାଳପୁରରେ ଦେବୀ ବିଶିରୀ ଠାକୁରାଣୀଙ୍କୁ ମହି ରାବଣ ପୂଜା କରୁଥିଲା । ଥରେ ହନୁମାନ ତାଙ୍କୁ ଅପହରଣ କରି ସମୁଦ୍ର ଗର୍ଭରେ ଲୁଚାଇଦେଲେ । ଦାସିଆ ନାମକ କେଉଟର ଦୁଇପୁତ୍ର ମାଛ ଧରିଲାବେଳେ ଦେବୀଙ୍କୁ ଭାସିବା ଅବସ୍ଥାରେ ପାଇଲେ ଏବଂ ତାଙ୍କୁ ନେଇ କୁଡ଼ିଆରେ ପୂଜା କଲେ । ପରବର୍ତ୍ତୀ ଅବସ୍ଥାରେ ଏହି କେଉଟ ପରିବାରଟି ଦେବୀଙ୍କ କୃପାରୁ ଧନଜନ ଗୋପ ଲକ୍ଷ୍ମୀରେ ପରିପୂର୍ଣ୍ଣ ହୋଇଗଲା । ସୁବର୍ଣ୍ଣ କଟକର ମନୁଆପୁରର ରାଜା ଚାନ୍ଦ ସୌଦାଗର ଓ ରାଣୀ ସୋବାଲୀସନ୍‌ଙ୍କର କୌଣସି ପୁତ୍ର ନଥିଲେ, ତେଣୁ ଏହି ରାଜା ରାଣୀ ଦୁଃଖରେ ଦିନ କାଟୁଥିଲେ । କେଉଟ ପରିବାର ପୁତ୍ରମାନେ ଦେବୀଙ୍କ ମହିମା ରାଣୀଙ୍କୁ ଜଣାଇଲେ, ରାଣୀଙ୍କ ମନରେ ଆଶ୍ୱସ୍ତି ଦେଖାଦେଲା । ତା' ପରଠାରୁ ରାଣୀ ଠାକୁରାଣୀଙ୍କୁ ତାଙ୍କ ରାଜ ପ୍ରସାଦରେ ବିଜେ କରାଇ ପୂଜା ଅର୍ଚ୍ଚନା କଲେ । ମାତ୍ର ରାଜା ଏହି ସମୟରେ କୈଳାସ ପର୍ବତକୁ ଯାଇ ପୁତ୍ରପ୍ରାପ୍ତି ପାଇଁ ଶିବଙ୍କୁ ତପସ୍ୟା

କରୁଥିଲେ । ରାଜା ଠାକୁରାଣୀ ବିଶିରୀଙ୍କୁ ରାଜ ଉଆସରେ ପୂଜିତ ହେଉଥିବା ଜାଣି ଆସି କ୍ରୋଧାନ୍ୱିତ ହୋଇ ଦେବୀଙ୍କୁ ଗୋଇଠା ମାରି ଦୁଇଖଣ୍ଡ କରିଦେଲେ । ଠାକୁରାଣୀ ଅପମାନ ପାଇ ବାସୁକୀ ରଣିଆ ନାମକ କୁମ୍ଭାର ଘରକୁ ଯାଇ ତାଙ୍କ ତୁଳସୀ ଚଉରା ମୂଳରେ ଆଶ୍ରୟ ନେଲେ । କୁମ୍ଭାରର ଝିଅ ଦେବୀଙ୍କୁ ଦେଖି ମୂର୍ଚ୍ଛା ହୋଇଗଲା । ପରେ ଦେବୀ ସେହି ଝିଅକୁ ଉଠାଇ ତାକୁ ସାନଭଉଣୀର ସ୍ନେହ ଦେଇ କୁମ୍ଭାର ଘରେ ରହିଲେ । କୁମ୍ଭାର ଘରେ ଦେବୀ ହାଣ୍ଡି, ମାଠିଆ, ଆଟିକା, ପଲମ ଗଢ଼ିବାରେ କୁମ୍ଭାରକୁ ସାହାଯ୍ୟ କରୁଥାଆନ୍ତି । ଏପଟେ ରାଜାରାଣୀ ଦୁଃଖରେ କାଳକାଟୁ ଥାଆନ୍ତି । ରାଜ୍ୟରେ ମରୁଡ଼ି ଦେଖାଦେଲା, ରାଜାଙ୍କର ଗୋଦର ଗୋଡ଼ ହୋଇଗଲା । ରାଣୀ କାଳବିଳମ୍ବ ନକରି ବିଶିରୀ ଠାକୁରାଣୀଙ୍କୁ ସ୍ମରଣ କଲେ । ରାଣୀଙ୍କ ଡାକଶୁଣି ମା' ଠାକୁରାଣୀ ରାଜପୁରକୁ ଆସିବାକୁ ରାଜି ହେଲେ । ରାଜା ସେହି ବାସୁକୀ ରଣିଆ କୁମ୍ଭାରକୁ ମାଆଙ୍କ ମୂର୍ତ୍ତି ଗଢ଼ିବାକୁ ଆଦେଶ ଦେଲେ । ସାତତାଳ ପାଣି, ଚଉଦ ତାଳ ପଙ୍କ, ଗରୁଡ଼ଖମ୍ୱର ଅନନ୍ତନାଗ ତଳୁ ମାଟି ଆଣି କୁମ୍ଭାର ମୂର୍ତ୍ତି ଗଢ଼ିଲା । ସେଥିପାଇଁ ମା'ଙ୍କ ପାଇଁ ଗାଉଣୀ କଣ୍ଠରେ ଲୋକ ଗୀତ ଏହିପରି -

"ସୁନା ଚାଉଁରି ମୁଠି, ଦିଅ ଅପୁଡ଼ି ମାଟି
ବାସୁକୀ ରଣିଆ ମାଗୋ ଧୀରେ ଚଳିଲେ
ସାତତାଳ ପାଣି ମା'ଗୋ ଚଉଦତାଳ ପଙ୍କ
ଗରୁଡ଼ଖମ୍ୱ ମା' ଗୋ ଅନନ୍ତର ନାଗ
ଅନନ୍ତର ନାଗକର ତଳୁ ମା'ଗୋ ମାଟି ଆଣିଲେ,
ସୁବର୍ଣ୍ଣ ଚକ୍ରରେ ମା'ଗୋ କଳସ ଗଢ଼ିଲେ ।"

ଗାଉଣୀଙ୍କ ନାମ- ଯୁଧିଷ୍ଠିର ପଲେଇ,
ସ୍ଥାନ - କଟରାବେଡ଼ା

ବାସୁକୀ ରଣିଆ ମୂର୍ତ୍ତି ଗଢ଼ିଲା ସିନା, କିନ୍ତୁ ଦେବୀଙ୍କ ମୁଣ୍ଡଟି ସ୍ଥାପନ କରିପାରିଲା ନାହିଁ । ବହୁ ସମୟ ଗଡ଼ିଯିବାରୁ ରାଣୀ ବ୍ୟସ୍ତ ହେଲେ । ଏପଟେ ମା' ଠାକୁରାଣୀ (ବିଶିରୀ) କୁମ୍ଭାର ଝିଅ ସୁବାଦେଇକୁ ଖୁବ୍ ଭଲପାଉଥିଲେ ତେଣୁ ମା' ସୁବାଦେଇ ରୂପରେ ପୂଜା ପାଇବାକୁ ଇଚ୍ଛା କଲେ । ରାଜା ମଧ୍ୟ କୁମ୍ଭାରକୁ ରାଗିଯାଇ ମୃତ୍ୟୁ ଦଣ୍ଡ ଦେବାକୁ ଆଦେଶ ଦେଲେ । କୁମ୍ଭାର କିଛି ଉପାୟ ନପାଇ ନିଜ ଝିଅ ସୁବାଦେଇର ମୁଣ୍ଡକୁ ସାତଖିଅ ସୂତା ଦ୍ୱାରା ଛେଦନ କରି କଞ୍ଚାକଳସ ଉପରେ ସ୍ଥାପନ କରିବାରୁ ମୂର୍ତ୍ତିଟି ସଂପୂର୍ଣ୍ଣ ହେଲା ।

ରାଜାରାଣୀ ମା'ଙ୍କ କୃପାରୁ ଆନନ୍ଦରେ ଦିନ ଅତିବାହିତ କଲେ । ପୁଣି ରାଜାଙ୍କର ପୂର୍ବପରି କୁକର୍ମ କରିବାର ନୀତି ବଦଳିଲା ନାହିଁ । ଠାକୁରାଣୀଙ୍କୁ ରାଜା ପୁତ୍ର ପାଇସାରିବା ପରେ ଅବହେଳା କଲେ । ମା' ବିଶିରୀ ରାଜା ରାଣୀଙ୍କ ପୁତ୍ର, କନ୍ୟାଙ୍କୁ ଘଡ଼ଘଡ଼ି ବିଜୁଳି ଦ୍ୱାରା ଅପହରଣ କରି ସାନ୍ତାଳୀ ନାମକ ପର୍ବତରେ ନାଗ ରୂପରେ ରଖିଲେ । ଏହାପରେ ରାଜାରାଣୀ ସନ୍ୟାସୀ ହୋଇଗଲେ ଦୁଃଖରେ । ରାଜାଙ୍କ ଗୁଣ ଖରାପ ଥିବାରୁ ସେ ତାଙ୍କ ପ୍ରକୃତି ଛାଡ଼ିପାରନ୍ତି ନାହିଁ । ତେଣୁ ନନ୍ଦ ବୋଲି ଜଣେ ଗଉଡ଼ ପାଖରେ ରାଣୀଙ୍କୁ ବନ୍ଧାପକେଇ କିଛି ଅର୍ଥ ନେଇ ରାଜା ଗଲେ ବାଣିଜ୍ୟ କରିବାକୁ । ବାଣିଜ୍ୟରେ ମା' ବିଶିରୀଙ୍କ କୋପ ଦୃଷ୍ଟିରୁ ରାଜା ବାତ୍ୟାରେ ବହୁ ଅସୁବିଧାର ସମ୍ମୁଖୀନ ହେଲେ । ଏମିତି ଅସହାୟ ଭାବରେ ରାଜା ବୁଲି ବୁଲି ଏକ ହାଟରେ ରାଣୀଙ୍କ ସହିତ ପୁନର୍ବାର ଦେଖାହେଲା ଦୁହେଁ ନିଜ ରାଜ୍ୟକୁ ଫେରିଲେ । କିଛି ଦିନପରେ ରାଣୀ ଗର୍ଭବତୀ ଥିବା ଜଣାପଡ଼ିଲା ରାଜା ରାଣୀଙ୍କୁ ସନ୍ଦେହ କରି ଅଗ୍ନି ପରୀକ୍ଷା ପାଇଁ ଆଦେଶ ଦେଲେ । ରାଣୀ ନିଜ ସତୀତ୍ୱକୁ ବଜାୟ ରଖିବା ପାଇଁ ଅଗ୍ନି ପରୀକ୍ଷାରେ ଉତ୍ତିର୍ଣ୍ଣ ହେଲେ । ଗାଉଣୀଙ୍କ ମୁଖର ଗୀତ :-

"ତୁମେ କାହା ଘର ଝିଅ ମା ଲୋ
କାହା ଘର ଝିଅ
ଅଗ୍ନି ପରୀକ୍ଷା ଦିଅ ମା ଲୋ
ଅଗ୍ନି ପରୀକ୍ଷା ଦିଅ
ସବାରୀରେ ରାଣୀ ମା ଗୋ, ଧୀରେ ଚଳିଗଲେ
ବାର ଭାଇ ରାଜାଙ୍କୁ ମା ଗୋ,
ଡକାଇ ଆଣିଲେ
ଚାରି ଖମ୍ୱେ ବସିଗଲେ
ଚାରି ମନ୍ତ୍ରୀ ବର
ବାକିଂଆ ଖମ୍ୱରେ ବସିଲେ, ରାଜା ଦଣ୍ଡଧର
ନ ପୋଡ଼ିଲା କେଶ ତାଙ୍କ ନ ପୋଡ଼ିଲା ବାସ,
ସେହି ଦିନୁ ରାଣୀ ସତୀ ବୋଲି ରାଜା ଜାଣିଗଲେ ।"

ପରେ ରାଣୀଙ୍କର ପୁତ୍ର ସନ୍ତାନଟି ଜନ୍ମ ନେଲା । ତାଙ୍କ ନାମ ରଖାଗଲା ବୋଳା ଲକ୍ଷ୍ମୀଧର । ଏହି ରାଜପୁତ୍ର ପ୍ରେମ ବିବାହ କରି ସୁଖରେ ଦିନ କାଟୁଥାଆନ୍ତି । ଗାଉଣୀ ମୁଖରେ ରାଜପୁତ୍ରଙ୍କ ବିବାହ ଗୀତ ଏହିପରି-

"ଡ଼ିଗିଡ଼ିଗି ବାଜେ ବାଜା ବାହାରିଲେ ମହାରାଜା
ପ୍ରବଳ ସଇନି ଧରି ସଙ୍ଗେ ପରଜା
ଉଜାଣି ନଗରେ ବିଜେ ହେଲେଣି ରାଜା ।"

ରାଜାରାଣୀଙ୍କର ପୁତ୍ର, ପୁତ୍ର ବଧୂକୁ ଅପହରଣ କରି କାଳେ

ବିଶିରୀ ଠାକୁରାଣୀ ନେଇ ଯିବେ, ତେଣୁ ତାଙ୍କୁ ଲୁହାର ପାଚେରୀ ଘେରାରେ ଉଆସରେ ରଖିଲେ । କିନ୍ତୁ ମାଆଙ୍କର କୋପ ଦୃଷ୍ଟି ରାଜାଙ୍କ ଉପରେ ଥିବାରୁ ପୂର୍ବରୁ ସାପ ରୂପରେ ଥିବା ରାଜାଙ୍କର ପୁଅ ଓ କାଳୀନାଗଙ୍କୁ ମା' ପଠେଇଲେ । ସାପମାନଙ୍କର ଦଂଶନରେ ଲକ୍ଷ୍ମୀଧର (ରାଜପୁତ୍ର)ର ମୃତ୍ୟୁ ଘଟିଲା । ଲକ୍ଷ୍ମୀଧର ମୃତଦେହ ଶ୍ମଶାନରେ ନିଆଁରେ ନ ପୋଡ଼ିବାରୁ ନଦୀରେ ଭସାଇ ଦିଆଗଲା । ଶବଟି ଭାସିଯାଇ ନେତେଇ ନାମକ ଘାଟରେ ଲାଗିଲା । ସେଇ ଘାଟରେ ନେତେଇ ନାମକ ଧୋବଣୀ ଲୁଗା କାଚେ, ତେଣୁ ସେ ଘାଟର ନାମ ନେତେଇ ଘାଟ । ନେତେଇ ଧୋବଣୀ ଲୁଗା କାଚିଲା ବେଳେ ତା'ର ଛୋଟ ପୁଅକୁ ତନ୍ତ୍ର ବଳରେ ନିର୍ଜୀବ କରିଦିଏ କାରଣ ତା' ପୁଅ ତାକୁ ହଇରାଣ ନକରୁ ସେଥିପାଇଁ । ପୁଣି ଧୋବଣୀର କାମ ସରିଲେ ପୁଅକୁ ଜୀବିତ କରି ଘରକୁ ସାଙ୍ଗରେ ନେଇ ଆସେ ସେଦିନ ମଧ୍ୟ ଧୋବଣୀ ଲୁଗା କାଚିଲା ବେଳେ ଲକ୍ଷ୍ମୀଧରର ଶବଟି ଭାସି ଭାସି ସେଇ ଘାଟରେ ଲାଗିଛି । ଏହି ଶବଟିକୁ ଉଦ୍ଧାର କରି ସେ ତା' ଘରକୁ ନେଇଗଲା । ନେତେଇର ଏହି ଅଲୌକିକ ଶକ୍ତି କଥା ଲକ୍ଷ୍ମୀଧରର ସ୍ତ୍ରୀ ଜାଣିପାରି ସ୍ୱାମୀର ଜୀବନ ଦାନ ପାଇଁ ନେତେଇର ଗୋଡ଼ହାତ ଧରି ଗୁହାରି କଲା । ନେତେଇ ଧୋବଣୀ ମାଆ ବିଶିରୀ ଠାକୁରାଣୀଙ୍କ ଆଦେଶ ପାଇ ଲକ୍ଷ୍ମୀଧରକୁ ଜୀବନ୍ୟାସ ଦେଲେ । ଏହି ପ୍ରସଙ୍ଗରେ ଗାଉଣୀ କଣ୍ଠରେ ଝରିଆସେ :-

"ଡ଼ାକ ଦେବ ସଭାର, ଧର୍ମ ହେବ ବିଚାର
ଲକ୍ଷେ ଦେବଗଣଙ୍କର ସଭା ବସିଥିଲା
ନାଗୁଣୀର ପୁତ୍ର ପାସେ ବିହୁଲା କାନ୍ଦିଲା
ଛଅଯୋଡ଼ା ପୁତ୍ରକୁ ମାତା ବାହୁଡ଼ାଇ ଦେଲା
ଯେଉଁ ରୂପଧରି ମା ଗୋ ସର୍ପଘାତ ହେଲା
ସେହି ରୂପଧରି ମା ଗୋ ବିଷ ହରାଇଲା
ବୋଲା ଲକ୍ଷ୍ମୀଧର ପୁତ୍ର ଉଠିଣ ବସିଲା
ଜୀବନ୍ୟାସ ମନ୍ତ୍ର ମାଗୋ ବୋଲା ଯାଉଥିଲା
ଚଂପକ ନଗ୍ରକୁ ବୋଲା ଫେରିଣ ଆସିଲା ।"

ମାତାଙ୍କ କୃପାରୁ ରାଜାରାଣୀ ଭୁଲ ବୁଝିପାରିଲେ । ତାଙ୍କୁ କ୍ଷମାମାଗିଲେ ଏବଂ ମାଆ ବିଶିରୀ ରାଜାଙ୍କୁ କ୍ଷମା କରିଲେ । ଯେଉଁ ପୁତ୍ରକୁ ମାଆ ସାପ କରିଥିଲେ ସେହି ଛଅ ଜଣ ପୁତ୍ରଙ୍କୁ ମଣିଷର ରୂପ ଦେଲେ । ମାଆଙ୍କ ଆର୍ଶିବାଦରୁ ପୂର୍ବପରି ସୁଖ ଶାନ୍ତିରେ କାଳକାଟିଲେ ରାଜାରାଣୀ ନିଜ ପୁତ୍ରମାନଙ୍କୁ ଏବଂ ବୋହୂ ବିହୁଲା ସୁନ୍ଦରୀକୁ ନେଇ । ସେବେଠାରୁ ରାଜପ୍ରସାଦରେ ପ୍ରତ୍ୟେକ ବର୍ଷ ମାର୍ଗଶୀର ମାସରେ ବିଶିରୀ ଠାକୁରାଣୀଙ୍କର ପୂଜା ହୁଏ । ଏହି ଲୋକକଥା ଗୁଡ଼ିକ ଠାକୁରାଣୀ ଓଷାର ମହତ୍ୱକୁ ବଞ୍ଚାଇ ରଖିପାରିଛି । ଠାକୁରାଣୀ ଓଷାର ପୂଜାବିଧି ଅତି ଆକର୍ଷଣୀୟ । ବିଭିନ୍ନ ସମୟରେ ଅଲଗା ଅଲଗା ପୂଜାବିଧି କରିବାର ପ୍ରଥା ରହିଛି । ଏଥିରେ ବଳି ଭୋଗ ଓ ଶୀତଳ ଭୋଗ ଲାଗେ । ଗ୍ରାମର ଝିଅ, ବୋହୂମାନେ ଉପବାସ କରି ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ଓଷାବ୍ରତ କରନ୍ତି । ନୂଆ ବସ୍ତ୍ର ପରିଧାନ କରି ଧୂପଦୀପ, ଫୁଲ, ଅରୁଆ ଚାଉଳ, ନଡ଼ିଆ, କଦଳୀ, ସିନ୍ଦୁର ଏହିପରି ଅନ୍ୟାନ୍ୟ ପୂଜା ସାମଗ୍ରୀ ପୂଜାଡ଼ାଲା ପୂର୍ଣ୍ଣକରି ଓଷାହାରିଣୀମାନେ ଦେବୀଙ୍କ ମଣ୍ଡପରେ ଯୋଗ ଦିଅନ୍ତି । ଦେହୁରି ମନ୍ତ୍ର ଉଚ୍ଚାରଣ କରି ପୂଜା କରେ । ଶଙ୍ଖ, ହୁଳହୁଳି, ବାଦ୍ୟ, ମହୁରୀ, ଢୋଲରେ ସେ ପରିବେଶଟି ମୁଖରିତ ହୋଇଉଠେ । ପ୍ରତ୍ୟେକ ଦିନ ଗାଉଣୀ ଦେବୀଙ୍କର ମହିମା ଗାନ କରନ୍ତି ଏବଂ ଝିଅ, ବୋହୂମାନେ ପାଳିଧରି (ଘୋଷ) ଗୀତ ବୋଲନ୍ତି । ଗାଉଣୀ ମଝିରେ ମଝିରେ ଅଙ୍ଗଭଙ୍ଗୀ କରି ହାସ୍ୟରସର ମଧ୍ୟ ଅବତରଣ କରେ । ଏହିପରି ସାରାରାତି ହସଖୁସିରେ ବିତିଯାଏ । ଓଷାର ଶେଷଦିନ ଅଗ୍ନି ମନ୍ଥନ ପୂଜା ହୁଏ । ଗ୍ରାମରେ ଏକ ଜଙ୍ଗଲ ପାଖ ଜମିରେ ଖନ୍ଦା ନିର୍ମାଣ କରି ଅଗ୍ନି ସଂଯୋଗ କରାଯାଏ । ଦେହୁରୀ, ଧୂପ, ଦୀପ ଓ ରକ୍ତାବଳୀ ଦେଇ ଖନ୍ଦା ପୂଜା କରନ୍ତି । ଖନ୍ଦାର ଅଗ୍ନିକୁ ଜାଳି ରଖିବାପାଇଁ ସେଥିରେ ଖଇ ବିଞ୍ଚି ଦିଆଯାଏ । କାଳିସୀମାନେ ସେହି ନିଆଁରେ ପ୍ରଥମେ ଚାଲନ୍ତି ଏବଂ ପରେ ଯେଉଁମାନେ ମାନସିକ କରି ଥାଆନ୍ତି ସେମାନେ ଚାଲନ୍ତି । ଏହି ଠାକୁରାଣୀ ଓଷାରେ କାଳିସୀ ଆସନ୍ତି । ଏମାନଙ୍କର ଶରୀରରେ ଦେବୀ ଆସି ଥାଆନ୍ତି । ଏହି କାଳିସୀମାନେ ତନ୍ତ୍ର ସାଧନା ମଧ୍ୟ ଜାଣି ଥାଆନ୍ତି । ଏମାନେ ଐଶ୍ୱରିକ ଶକ୍ତି ଥିବା ବ୍ୟକ୍ତି ଆତ୍ମାକୁ ଆବାହକ କରନ୍ତି, ରୋଗ, ବ୍ୟାଧି ଭଲ କରି ପାରନ୍ତି । ଗାଁକୁ ମାଡ଼ି ଆସୁଥିବା ବିପଦକୁ ମଧ୍ୟ ଲୋକମାନଙ୍କୁ ଜଣାଇ ଥାଆନ୍ତି । ବିପଦକୁ ରୋକିବାକୁ ମଧ୍ୟ ବାଟ ବତାନ୍ତି ।

ଏହି କାଳିସୀମାନଙ୍କର ବେଶପୋଷାକ ଏହିପରି ଏମାନେ ମୁଣ୍ଡରେ ସିନ୍ଦୁର, ବେକରେ ଫୁଲମାଳ, ଅଣ୍ଟାରେ ଘାଗୁରି ହାତରେ ଖଣ୍ଡା ଓ ବେତ ଧରି ନୃତ୍ୟ କରନ୍ତି ଓ ମାନସିକ କରିଥିବା ଭକ୍ତମାନଙ୍କର ଶୁଭ ଅଶୁଭ ବାଣୀ ଜଣାଇ ଥାଆନ୍ତି । ଜଳୁଥିବା ନିଆଁରେ ସେମାନେ ଚାଲନ୍ତି ଏବଂ ସମସ୍ତଙ୍କର ସୁରକ୍ଷା ଦାୟିତ୍ୱ ମଧ୍ୟ ନିଅନ୍ତି । ଏହି ଠାକୁରାଣୀ ଓଷାରେ ଗାଉଣୀର ଗୀତ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ସମୂହଗାନ ଗାଁର ଝିଅ ବୋହୁଙ୍କର, ଦେହୁରୀର ମନ୍ତ୍ର ଉଚ୍ଚାରଣ, ସୁଲଳିତ ସଙ୍ଗୀତ, ପଦ୍ୟାତ୍ମକ ସଂଳାପ ଏହାର ବିଶିଷ୍ଟ ବିଭବ । ଗୀତ ମାଧ୍ୟମରେ ଗାଉଣୀ ମା'ଙ୍କର

ମହିମା ଗାନ କରେ । ଶବ୍ଦ, ଧ୍ୱନି, ନାଦ ଓ ସଙ୍ଗୀତ ଲୋକଙ୍କ ହୃଦୟରେ ଆବେଗ ସଂଚାର କରେ । ଏହି ଓଷାର ମହିମା କେବଳ କେନ୍ଦୁଝର ଗଣ୍ଡଜନଜାତିଙ୍କ ନିକଟରେ ବର୍ତ୍ତମାନ ଆବଦ୍ଧ ହୋଇନାହିଁ । ଧିରେ ଧିରେ ଏହା ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଦେଖିବାକୁ ମିଳୁଛି । ଓଷାର ଶେଷରେ ଛେଳି, କୁକୁଡ଼ା, ମେଣ୍ଢା ମଧ୍ୟ ବଳି ଦିଆଯାଏ ମା'ଙ୍କ ନିକଟରେ । ଗଣ୍ଡଜନଜାତିର ଲୋକଙ୍କ ଜୀବନଧର୍ମୀ ସାମାଜିକ ଓ ସାଂସ୍କୃତିକ ଦିଗଟି ପ୍ରକାଶ କରି ଠାକୁରାଣୀ ଓଷା ଲୋକ ସମାଜର ଚିତ୍ର ପ୍ରତିଫଳିତ କରିଛି; ଇତିହାସ ଓ ପରଂପରାକୁ ମନେ ରଖିବାର ସୁଯୋଗ ଦେଇଛି । ସଂପ୍ରତି ଏହି ଓଷାର ମହତ୍ୱକୁ ପ୍ରଚାର କରିବା ପାଇଁ ଭିଡ଼ିଓ ସୁଟିଙ୍ଗ, ରେଡ଼ିଓ, କେନ୍ଦ୍ରରେ ଏହାର ସୁଲଳିତ ସଙ୍ଗୀତ ପରିବେଷଣ ଓ ସାଂସ୍କୃତି ଉତ୍ସବରେ ଆଲୋଚନା ଚକ୍ର ଆୟୋଜନ କରାଯାଉଛି । ଆଧ୍ୟାତ୍ମିକତା, ମନୋରଂଜନ, କର୍ମ ସଂସ୍କୃତି ଓ ସାମାଜିକ ସହାବସ୍ଥାନ ଏହାର ଚିରନ୍ତନ ସ୍ୱରୂପ, ଏହା କେନ୍ଦୁଝର ଗଣ୍ଡଜନଜାତିର ସଂସ୍କୃତି ଓ ପରଂପରାରେ ଏକ ମହାନ ବିଭବ ଅଟେ ।

ଗାଉଣୀ ମୁଖରୁ କିଛି ଗୀତ :-

"ନନ୍ଦ ନନ୍ଦନ ମାଲୋ ବଂଶୀ ବଦନ
ଦେବୀ ମାତା ପଳେଇ ଗଲେ ଇନ୍ଦ୍ରଭୁବନ
ମା'ଲୋ ନନ୍ଦ ନନ୍ଦନ
ଇନ୍ଦ୍ରର ରାଜା ତେଣେ ପଚାରି ବୁଝିଲେ ଯେ
ନନ୍ଦ ନନ୍ଦନ ମାଲୋ ନନ୍ଦ ନନ୍ଦନ
ଦେବୀ ମାତା ପଳେଇ ଗଲେ ଇନ୍ଦ୍ରଭୁବନ
x x x
ଦିନେ ନାଇଁଆସ ଭାଣିଜୀ
ଆସିଲ ବୋଇଲେ ଯେ
ନନ୍ଦ ନନ୍ଦନ ମାଆଲୋ ବଂଶୀ ବଦନ
ଦେବୀ ମାତା ପଳେଇ ଗଲେ ଇନ୍ଦ୍ରଭୁବନ
କାହିଁକି ଆସିଲ ଭାଣିଜୀ କୁହ ଗୋ ବଇଲେ
ନନ୍ଦ ନନ୍ଦନ ମା'ଲୋ ବଂଶୀ ବଦନ
ଦେବୀ ମାତା ପଳେଇ ଗଲେ ଇନ୍ଦ୍ରଭୁବନ
x x x
ମାୟାରେ ଦେବୀ ପୁଣି ବଚନ ଭାବିଲେ
ନନ୍ଦ ନନ୍ଦନ ମାଆଲୋ ବଂଶୀ ବଦନ
ଦେବୀ ମାତା ପଳେଇ ଗଲେ ଇନ୍ଦ୍ରଭୁବନ ।"

ଗାଉଣୀକ ନାମ - ସନାତନ ମହାକୁଡ଼, ଗ୍ରାମ - ଘୁଣ୍ଟୁଝୁରୀ

**ସହାୟକ ଗ୍ରନ୍ଥସୂଚୀ :**


୧) ଦାଶ ସାବିତ୍ରୀ, 'ସାଂସ୍କୃତିକ ପରିବର୍ତ୍ତନ ଓ ଓଡ଼ିଶାର ନୃତ୍ୟ ପରମ୍ପରା, କଣ୍ଢେଇ ଘର, ଆନନ୍ଦ ଆଶ୍ରମ, କୁଟାରିମୁଣ୍ଡା, ଖମାର, ଅନୁଗୋଳ, ପ୍ରଥମ ସଂସ୍କରଣ, ୨୦୦୯, ପୃ- ୪୯ ।

୨) ଗୋଁଡ଼ ସାଂସ୍କୃତିକ ସମାଜ, ଭୁବନେଶ୍ୱର, "ଷଡ଼ବଂଶୀ ନିୟମାବଳୀ" ପ୍ରଥମ ସଂସ୍କରଣ, ୧୯୮୫, ପୃ-୧୫ ।


**ତଥ୍ୟ ସଂଗ୍ରହ :**

ନାୟକ, କୃଷ୍ଣଚନ୍ଦ୍ର, ଗ୍ରା - କଟରାବେଡ଼ା, ଜି - କେନ୍ଦୁଝର
ନାୟକ, ମେନକା, ଗ୍ରା - କଟରାବେଡ଼ା, ଜି - କେନ୍ଦୁଝର
ନାୟକ, ସୁବାସିନି, ଗ୍ରା - କଟରାବେଡ଼ା, ଜି - କେନ୍ଦୁଝର
ପଲେଇ, ଯୁଧିଷ୍ଠିର, ଗ୍ରା- କଟରାବେଡ଼ା, ଜି - କେନ୍ଦୁଝର
ନାୟକ,ନିଶାକର, ଗ୍ରା-ଗୋବରାବେଡ଼ା, ଜି - କେନ୍ଦୁଝର
ମାନସିଂ, ଯଶୋଦା, ଗ୍ରା - ବଡ଼ଜିଉଳି, ଜି - କେନ୍ଦୁଝର
ମହାକୁଡ, ସନାତନ, ଗ୍ରା-ଘୁଣ୍ଟୁଝୁରୀ, ଜି-କେନ୍ଦୁଝର


ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN -2583-147X(P), Vol.- 8, Issue No. VII, October 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷାରେ ଲୋକସାହିତ୍ୟ ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଁଙ୍କ ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ

ଡକ୍ଟର ସନ୍ତୋଷ କୁମାର ନାୟକ

ଲୋକ ସଂସ୍କୃତି (Folklore)ର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ସାଂପ୍ରତିକ କାଳରେ ଏକ ଅତ୍ୟାବଶ୍ୟକ ବିଭାବ (Aspect) ଭାବରେ ଦେଖାଦେଇଛି । ମୂଳ ସଂସ୍କୃତିର ଅସ୍ତିତ୍ୱ ଓ ସ୍ୱରୂପ ଖୋଜିବାକୁ ଯାଇ ଏହି ଅଧ୍ୟୟନ ଜରୁରୀ ହୋଇପଡ଼ିଛି । ପୁଣି ଦେଖିବାକୁ ଗଲେ ଏହି ଅସ୍ମିତା ସଂଧାନ କ୍ଷେତ୍ରରେ ଭାଷାତତ୍ତ୍ୱର ଗୁରୁଦାୟିତ୍ୱ ଓ ଅଂଶୀକରଣ କଥାଟାକୁ ଗୌଣମନେ କରାଯାଇନପାରେ । ଭାଷାତତ୍ତ୍ୱର ଅନ୍ୟତମ ଉପବିଭାଗ ଶବ୍ଦବ୍ୟୁତ୍ପତ୍ତି (Etymology) ବିଜ୍ଞାନ ସହ ଲୋକସଂସ୍କୃତିର ସଂପର୍କ ଅକାଟ୍ୟ, ଅବିଚ୍ଛେଦ୍ୟ ଓ ଅତୀବ ଘନିଷ୍ଠ । ଗୋଟିଏ ଶବ୍ଦର ମୂଳ ରୂପକୁ ବା ମୂଳ ଉତ୍ସକୁ ଖୋଜିଖୋଜି ଗଲାବେଳେ ଆପେ ଆପେ ଲୋକ ସଂସ୍କୃତିର କଥା ତା' ଭିତରକୁ ଆସିଯାଏ । ଏଠାରେ Raven I Mc Davidଙ୍କ ସ୍ୱୀକୃତ ଲୋକ ଭାଷାର ତ୍ରିବିଧ ଧାରା କଥା କୁହାଯାଇପାରେ । ଯଥା (କ) Cultivated Speech (ଖ) Common Speech (ଗ) Folk Speech ଜାକବ୍ ଗ୍ରୀମ୍ ଓ ଉଇଲ୍‌ହେମ୍ ଜର୍ମାନୀ ଭାଷା ଓ ଲୋକସାହିତ୍ୟର ଅନେକ ଉପାଦନା ସଂଗ୍ରହ କରିଥିଲେ । ସେମାନେ ଜର୍ମାନ୍ ଉପଭାଷାଗୁଡ଼ିକ ମଧ୍ୟରେ ଏକାଧିକ ସାମଞ୍ଜସ୍ୟ ପାଇଥିଲେ । ଏହି ସବୁ ସାମଞ୍ଜସ୍ୟ ରୂପ (Morphology), ଶବ୍ଦ, ଧ୍ୱନି ଏପରିକି ରୂପିମ ଓ ବାକ୍ୟସ୍ତରରେ ଥିଲା । ଜର୍ମାନ୍ ଭାଷାର ମୂଳ ଖୋଜି ଖୋଜି ସେମାନେ ପାଖାପାଖି ଅନ୍ୟାନ୍ୟ ଭାଷାଗୁଡ଼ିକୁ ମଧ୍ୟ ଅଧ୍ୟୟନ କରିବାକୁ ଲାଗିଲେ । ତୁଳନାତ୍ମକ ପ୍ରେକ୍ଷାପଟରେ 'ସଂସ୍କୃତି'କୁ ଆଧାର କରି ସେମାନେ ଏସବୁ ଭାଷାର ତୁଳନାତ୍ମକ ଅଧ୍ୟୟନ କଲେ ଓ ଶେଷରେ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର କେନ୍ଟୁମ୍‌ବର୍ଗସ୍ଥ ଟିଉଟନିକ୍ ବା ଜର୍ମାନିକ୍ ଶାଖାକୁ ଆବିଷ୍କାର କଲେ । ବାସ୍ତବରେ ଇଣ୍ଡୋୟୁରୋପୀୟ ଭାଷା ପରିବାରର ଏହି ଶାଖାଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏଥିରୁ ଜାତ ଇଂରେଜୀ ଭାଷା ଆଜି ଆନ୍ତର୍ଜାତିକ ଭାଷା । ଏହି ଶାଖା ନିଜର ଧ୍ୱନି ପରିବର୍ତ୍ତନ ପାଇଁ ପ୍ରସିଦ୍ଧ । ଧ୍ୱନି ପରିବର୍ତ୍ତନ ହେତୁ ଏହା ଅନ୍ୟ ଶାଖାମାନଙ୍କଠାରୁ, ଯଥେଷ୍ଟ ଭିନ୍ନ (୧) ଏହାକୁ ପ୍ରଥମେ ଖିସ୍‌ମସ୍ ରାସ୍କ (୧୭୮୭-୧୮୩୨) ଆବିଷ୍କାର କରିଥିଲେ ଓ ଜାକବ୍ ଗ୍ରୀମ୍ ଏବାବଦରେ ନିୟମ (Grim's Law) ପ୍ରଣୟନ କରିଥିଲେ । କେତେକ ସମାଜତତ୍ତ୍ୱବିତ୍ (Sociologists) ଇଣ୍ଡୋୟୁରୋପୀୟ ଭାଷା ପରିବାରକୁ ଜର୍ମାନୀ ମୂଳ ବୋଲି କହିଥା'ନ୍ତି ।(୨)

ସେହିପରି ଭାରତବର୍ଷର ସଂରଚନାକୁ ଦେଖାଯାଇପାରେ । ଭାରତବର୍ଷରେ ଯେଉଁ Ethnic diversity, Religious diversity ଓ Linguistic diversity ଦେଖାଯାଏ, ସେଗୁଡ଼ିକର କାରଣ ଓ ଫଳାଫଳ (Causes & Consequences) ନିର୍ଣ୍ଣୟ କରିବା ସମୟରେ ଏକ ବିସରଣବାଦୀ ବା ସଂଚରଣବାଦୀ ଚେତନାରେ ଆକ୍ରାନ୍ତ ହେବାକୁ ପଡ଼େ । ଏସବୁ ବୈଷମ୍ୟ ମଧ୍ୟରେ ସାମ୍ୟ ଓ ସୂକ୍ଷ୍ମତଃ ଦେଖିଲେ ପୁଣି ସାମ୍ୟ ମଧ୍ୟରେ ବୈଷମ୍ୟକୁ ଦେଖିହେବ । "Thus all these differences presuppose collective differences or prevalence of variety of groups and cultures." (୩) ବେନ୍‌ଫିଁଙ୍କ ଅଧ୍ୟୟନରେ ଯେଉଁ ଫଳାଫଳ ବାହାରିଥିଲା, ସମାନ ପ୍ରକାରର କଥା ଏଠାରେ ମଧ୍ୟ ଦେଖାଯାଏ । ଭାରତବର୍ଷର ୫୦୦ କିମ୍ବା ୧୦୦୦ ଅଥବା ୫୦୦୦ ବର୍ଷ ତଳର ସାଂସ୍କୃତିକ, ଭାଷିକ, ରାଜନୀତିକ ଓ ସାମାଜିକ ବିବିଧତା / ବୈଚିତ୍ର୍ୟ ସମାନ ନୁହେଁ । ପୁଣି ସେତେବେଳେ ଯେଉଁ ମାତ୍ରାରେ ବିବିଧତା ଦେଖା ଦେଉଥିଲା ତା' ତୁଳନାରେ ବର୍ତ୍ତମାନ ଖୁବ୍ ଅଧିକ ବିବିଧତା ଦେଖାଦେଉଛି । ଅବଶ୍ୟ ସମୟକ୍ରମେ the sense of 'weness' ବା national consciousness ବଢ଼ିବଢ଼ି

ଚାଲିଛି । ତଥାପି ଏହି Evolutionary cum Historic studyରେ ଆମେ ବୈଚିତ୍ର୍ୟର ଅଭିବୃଦ୍ଧିକୁ ହିଁ ପ୍ରତ୍ୟକ୍ଷ କରୁ । Dr. Kar ଯଥାର୍ଥରେ କହନ୍ତି – "The sources of diversity in India may be traced through a variety of ways, the most obvious being the ethnic origins,religions, castes, tribes, languages, social customs, cultural and sub-cultural beliefs, political philosophies and ideologies, geographical variations etc." (୪) ସେ ଏହି ethnicity ଉପରେ ଗୁରୁତ୍ୱ ଦେଇଛନ୍ତି । ଏହା ମଧ୍ୟ ସଂଚରଣବାଦୀ ସିଦ୍ଧାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା । ଭାରତରେ ବିବିଧ ଜାତି ଧର୍ମ, ବର୍ଣ୍ଣ, ଜନଜାତି, ପରଂପରା, ସଂସ୍କୃତି ଓ ଭାଷାଭିତ୍ତିକ ସଂକର ପରିସ୍ଥିତି, ଓ ଏସବୁ ବୈଷମ୍ୟ ମଧ୍ୟରେ ସାମ୍ୟ (Unity in Diversity)ର କାରଣ ଏକପ୍ରକାର ଦେଖିବାକୁ ଗଲେ ଏହି Migration ବୋଲି ପ୍ରମାଣିତ ହୋଇଥାଏ । "India is an ethnological museum. The waves of immigration has drawn the ancestors of the majority of present population into india from the surroundings territories across the Himalayas. Their dispersal into this subcontinent has resulted in the consequent regional concentration of a variety of ethnic element and creation of a social mosaic alongwith ethnic distinctiveness." (୫) Dr. B.S. Guha ଯଥାର୍ଥରେ ଏହି ବୈଷମ୍ୟ ଓ ଭିନ୍ନମୂଳ ମାନବଗୋଷ୍ଠୀ (Heterogenous ethnic group)କୁ ଭାରତବର୍ଷରେ ବିବିଧରୂପରେ ଦେଖିଛନ୍ତି । ଯଥା – (a) The Negrito (b) Proto - Austroloid (c) Mongoloids (d) Mediteranean or Dravidian (e) Western Brachycephals ଏବଂ (f) Nordic Aryans. ସେହିପରି Herbert Risley ଭାରତକୁ ୭ଗୋଟି Racial Foldରେ ବିଭକ୍ତ କରିଥାଆନ୍ତି । ଯଥା : – (i) Turko - Iranian (ii) Indo - Aryan (iii) Scytho Dravidian (iv) Aryo-Dravidian (v) Mongolo - Dravidian (vi) Mongoloid ଏବଂ (vii) Dravidian ତେବେ ସର୍ବୋପରି ମଂଗୋଲୀୟ ଓ ଦ୍ରାବିଡ଼ୀୟ ଗୋଷ୍ଠୀ (Race) ଦ୍ୱାରା ଭାରତ ଗଠିତ ହୋଇଥିଲେ ମଧ୍ୟ ମୋଟାମୋଟି ଭାବରେ ଏଠାରେ ତିନିଗୋଟି ଜାତି (Race)କୁ ଦେଖା ଯାଇପାରେ – Indo-Aryan, Mongolian ଓ Dravidian. (୬) ବର୍ତ୍ତମାନ ପ୍ରଶ୍ନଉଠେ ଭିନ୍ନଭିନ୍ନ ଜାତି (Race) ଏକ ଭୂଖଣ୍ଡରେ ରହିଲେ କିପରି ? ପୁଣି ଜଣେ ଅନ୍ୟଜଣଙ୍କ ଠାରୁ ପ୍ରାଚୀନତର କିପରି ? ଜଣେ ଅନ୍ୟଉପରେ ପ୍ରଭାବ ପକାଇବାକୁ କାହିଁକି ଚାହୁଁଛି, (ଯଦି ସେମାନେ ମୂଳତଃ ଗୋଟିଏ ଭୂଖଣ୍ଡର) ? ପୁଣି Risleyଙ୍କ ବିଭାଗୀକରଣରେ Mixed,Partial, ବା Hybrid Concept ଆସୁଛି କାହିଁକି ? ଏସବୁର ଏକ ସର୍ବସମ୍ମତ ଉତ୍ତର ହେଲା – Migration । Migration ରୁ Struggle, Strogglerୁ Integration, Mutual setting ଓ ଅନ୍ୟାନ୍ୟ Conditional Process ଦେଇ ଏକ ମିଶ୍ର ସଂସ୍କୃତି ପ୍ରସ୍ତୁତ ହୁଏ ।

ବର୍ତ୍ତମାନ ମଧ୍ୟ ତୁର୍କୀ-ଇରାନୀୟ ଜାତି ବେଲୁଚିସ୍ତାନ ଓ ଆଫ୍‌ଗାନିସ୍ତାନ ଅଂଚଳରେ ରହୁଥିବାର ଦେଖାଯାଏ । ଇଣ୍ଡୋ-ଇରାନୀୟ ଜାତିର ଲୋକେ ରାଜସ୍ଥାନ, ପୂର୍ବ ପଂଜାବ ଓ କାଶ୍ମିର ଅଂଚଳରେ ଦେଖାଯାଆନ୍ତି । ସାଧାରଣତଃ ରାଜପୁତ୍, ଖତ୍ରୀ, ଜଟ୍ ପ୍ରଭୃତି ଲୋକେ ଏହି ଜାତି ବା ରେସ୍ (Race) ଅନ୍ତର୍ଭୁକ୍ତ । ସେହିପରି ମଧ୍ୟପ୍ରଦେଶ, କୁର୍ଗ୍ (Coorgs) ଓ ସୌରାଷ୍ଟ୍ର ଅଂଚଳରେ Scythian ଓ Dravidian - ଜାତିଦ୍ୱୟର ଏକ ମିଶ୍ରଜାତି (Mixed Race) ଦେଖାଯାଏ । ଏହାକୁ Scytho-Dravidian Race ମଧ୍ୟ କୁହାଯାଏ । ଉତ୍ତରପ୍ରଦେଶ ଓ ବିହାର ଅଂଚଳରେ ଇଣ୍ଡୋ-ଆର୍ଯ୍ୟ ଓ ଦ୍ରାବିଡ଼ୀୟ ଜାତିର ଏକ ମିଶ୍ରିତ ରୂପ ଦେଖିବାକୁ ମିଳେ । ଏହା ହେଉଛି Aryo - Dravidian Race. । ସେହିପରି ବ୍ରାହ୍ମଣମାନେ ନିଜକୁ ଆର୍ଯ୍ୟ ବୋଲି ଦାବି କରନ୍ତି ଓ ନିମ୍ନଜାତିର ଯଥା ହରିଜନ ପ୍ରଭୃତି ଲୋକେ ଦ୍ରାବିଡ଼ୀୟ ଜାତି (Race) ଅନ୍ତର୍ଗତ । "The inter - mixture of Dravidian and Mongolian race forms the Mongolo - Dravidian racial stock." (୭) ଓଡ଼ିଶାର ବ୍ରାହ୍ମଣ ଓ କ୍ଷତ୍ରିୟ ଓ ବଂଗଦେଶର ଏହି ଦୁଇ ବର୍ଣ୍ଣ ଆଲୋଚ୍ୟ Mongolo - Dravidian culture ଓ Racial Product ମାତ୍ର । ସେହିପରି ଆସାମ ଅଂଚଳରେ (North-Eastern) ମଙ୍ଗୋଲୀୟ ଜାତି ଦେଖାଯା'ନ୍ତି । ମଧ୍ୟପ୍ରଦେଶ ପ୍ରଭୃତି ଦକ୍ଷିଣାଂଚଳରେ ଦ୍ରାବିଡ଼ ଜାତିର ଅସ୍ତିତ୍ୱ ଦେଖାଯାଏ । ଗବେଷକ Risley ଭାରତରେ ନିଗ୍ରୋମାନଙ୍କ ଉପସ୍ଥିତିର ସମ୍ଭାବନାକୁ ଗ୍ରହଣ କରି ନାହାଁନ୍ତି । ପୁଣି ଭାଷା ଓ ଜାତି ଦୁଇଟି ଭିନ୍ନଭିନ୍ନ କଥା, ଏଣୁ Risleyଙ୍କ ବିଭାଗୀକରଣକୁ ଭାଷା ମୂଳକ ବୋଲି ଅଭିହିତ କରନ୍ତି ବିଶିଷ୍ଟ ନୃତତ୍ତ୍ୱବିତ୍ D.N. Majumdar. A.C Haddon ଭାରତର ଭୂଗୋଳକୁ ୫ ଭାଗରେ ଦେଖିଛନ୍ତି । ଭାରତର ଜାତିମାନଙ୍କୁ ନେଇ ସେ କହନ୍ତି ଏହା ୫ପ୍ରକାର ଜାତି (Race)କୁ ନେଇ ଗଠିତ । ଯଥା – ୧) ପ୍ରାକ୍ ଦ୍ରାବିଡ଼ୀୟ ୨) ଦ୍ରାବିଡ଼ୀୟ ୩) ଭାରତୀୟ ଆର୍ଯ୍ୟ ୪) ଇଣ୍ଡୋ-ଆଲ୍‌ପୀୟ (The Indo-Alpine) ୫) ମଂଗୋଲୀୟ ।

ପୂର୍ବରୁ ନିଗ୍ରୋ ଜାତି (Race)ଙ୍କ ସଂପର୍କରେ ଭାରତୀୟ ପରିପ୍ରେକ୍ଷାରେ ଯେଉଁ ଆଲୋଚନା ହୋଇଛି J.H. Hutton ତାହା ସହ ଏକମତ ନୁହେଁ । ତାଂକର ଜାତିଗତ ବିବୃତି ଅଲଗା ପ୍ରକାର ଥିଲା । J.H. Hutton accounts for a succession list of

the races in India. He describes the Negritos as the earliest occupants of India. Then came the Austroloid race. It is also believed that this, 'Austroloid' is often referred to the Pre-Dravidian or Proto-Austroloid race. The lower castes and classes of Indian society may be said to have belonged to this race in a mixed form. Next came an earlier section of 'Mediteranian' race and thereafter another section of the same race migrated into Indian, in a more advanced form. Hutton believes that the later immigrants lived in the Indus valley where the great civilization flourished."(୮) ଅଭିଯାତ୍ରା ଦ୍ୱାରା କାଳକ୍ରମେ କିଭଳି ପରିବର୍ତ୍ତନ ଆସେ ତାହା ଏଠାରେ ଦେଖାଯାଇପାରେ । ଜାତିଗତ ଦୃଷ୍ଟିରୁ, ଜାତି ପୃଷ୍ଠଭୂମିରେ ସଂସ୍କୃତି, ଭାଷା, ପରଂପରା ଓ ଚଳଣି, ବ୍ୟବହାର, ଅଭ୍ୟାସ, ପଦ୍ଧତି, ବିଶ୍ୱାସ ପ୍ରଭୃତି ମିଶ୍ରିତ ହୋଇ, ବିସରିତ ହୋଇ କିପରି ସଂକର ସ୍ଥିତିରେ ପହଞ୍ଚିଛି ତାହା ଦେଖାଯାଇପାରେ । ବିବିଧ ନୃତତ୍ତ୍ୱବିତ୍, ଲୋକତତ୍ତ୍ୱବିତ୍, ସଂସ୍କୃତି ଗବେଷକ ଏ ସଂକ୍ରାନ୍ତରେ କେତେକେତେ ଗବେଷଣା ଲବ୍ଧ ତଥ୍ୟ ଓ ତତ୍ତ୍ୱ ପ୍ରଦାନ କରିଛନ୍ତି । ବିସରଣବାଦୀ ମତବାଦ ବା ସଂଚରଣବାଦୀ ମତବାଦ ବା ଅଭିଯାତ୍ରା ମତବାଦ ପରିପ୍ରେକ୍ଷାରେ ଭାରତ ବର୍ଷରେ ଥିବା ବୈଷମ୍ୟ ମଧ୍ୟରେ ସାମ୍ୟ (Unity in Diversity)ଦେଖାଯାଇପାରେ । ଧୀରେଧୀରେ ଗୋଟିଏ ଜାତି କିପରି ମାଇଗ୍ରେସନ୍ କଳାପରେ ଅନ୍ୟଜାତି ସହ ମିଶି ନୂତନ ରୂପରେଖ ସୃଷ୍ଟିକରେ ତାହା ସାଂପ୍ରତିକ ଭାରତୀୟ ପରିପ୍ରେକ୍ଷା ହିଁ ଦର୍ଶାଏ । The immigration of the mediterranian was succeeded by the immigration of the Armenoids. The Armenoids belong to a branch of the Alpine race who had developed a high standard of civilzation towards the last part of 4th millennium B.C The Brachycephalic race from the west and the Southern Mongoloids from the East succeeded the Armenrids. There after an Indo-Aryan race Comprising of the dolico-cephalic immigrated into the Punjab around 1500 Bc. Many a wave of immigraton followed the Indo-Aryan race." (୯) ଏହି Immigration, Emigration ଓ Migration ଦ୍ୱାରା ହିଁ କେବଳ ଜାତି ବା Racial diffusion ଓ Racial Hybridity ଦେଖାଯାଇନଥାଏ, ଅଧିକନ୍ତୁ ସେହି ଜାତିଗତ (Racial) ସଂସ୍କୃତି, ଭାଷା, ପରଂପରାଦି ମଧ୍ୟରେ ଚୁକ୍ତି ହୁଏ; ମିଳନ, ସଂସର୍ଗ ଓ ସଂଯୋଗ ହୁଏ । ମାକ୍ସମୁଲର୍ ଯେଉଁ ସୌର ପୁରାତାତ୍ତ୍ୱିକ ବା ସୋଲାର ମିଥୋଲୋଜି ସିଦ୍ଧାନ୍ତ ଦେଇଥିଲେ ତାହା ବାସ୍ତବରେ ଏକ କଂକ୍ରିଟ୍ ପୃଷ୍ଠଭୂମି ନିର୍ମାଣ କରିଥିଲା ପରବର୍ତ୍ତୀ କାଳରେ । ସେ ସେଠାରେ କହିଥିଲେ ମିଥ୍ ହେଉଛି ଭାଷାର ବ୍ୟାଧି । ମିଥ୍ ପାଇଁ ଶବ୍ଦ ବା ଭାଷା ହିଁ ଦାୟୀ । ଭାଷା ଉତ୍ପତ୍ତିଗତ ସିଦ୍ଧାନ୍ତ ହେଉ ବା ମାନବର ଚିନ୍ତନ ଓ ଭାଷାଗଠନର ବିକାଶକ୍ରମମୂଳକ ସିଦ୍ଧାନ୍ତ ହେଉ, ସେ ସବୁରେ ମାକ୍ସମୁଲରଙ୍କ ଯୁକ୍ତି ଏକାବେଳେ ଅଯୌକ୍ତିକ ବା ଭିତ୍ତିହୀନ ନୁହେଁ କି ଅକାଟ୍ୟ ମଧ୍ୟ ନୁହେଁ । ସେ କହନ୍ତି ମଣିଷର ଚିନ୍ତାଚେତନାର ବିକାଶ ସାଂଗରେ ଚାରିଟି ପ୍ରଧାନ ଘାଟି ବା ସ୍ତର ବା ପର୍ଯ୍ୟାୟ ଦେଇ ଭାଷା ବଦଳେ ଓ ଏକ ଜଟିଳ ରୂପରେ ଯାଇ ପହଞ୍ଚେ । ଏହାର ଗତିପଥ ସେ ନିର୍ଣ୍ଣୟ କରିଛନ୍ତି । ତାଙ୍କ ମତରେ କ) ପ୍ରଥମେ ଭାଷାର ମୂଳ ବା ଧାତୁ ବା କ୍ରିୟା ଗଠନ ହେଲା, ବ୍ୟାକରଣ ସୃଷ୍ଟି ହେଲା, ରୂପ ନେଲା ଓ ଏହା ଥିଲା ଭାଷାବିକାଶର thematic phase / period. ସେହିପରି ଏହି ବିକାଶ ଉତ୍ତାରେ ଦ୍ୱିତୀୟ ପର୍ଯ୍ୟାୟରେ ଜାତିଗତ କାରକଗୁଡ଼ିକୁ (Racial factors) ନେଇ ଭାଷା ପରିବାର ଓ ଭାଷାଗୋଷ୍ଠୀ ତିଆରି ହେଲା ଓ ଏହାଥିଲା ଭାଷାବିକାଶର Secondary phase ବା Dialectic Period. ତା'ପରେ ଭାଷା ସ୍ୱତନ୍ତ୍ର ହୁଏ । ଜଟିଳ ହୁଏ । ମିଥ୍ ବା ପୁରାଣ ଗଠନ ହୁଏ । ଏହା ଭାଷା ବିକାଶର ତୃତୀୟକ ସ୍ତର ବା Tertiary phase ବା Mythological Period ଅଟେ । ଏଠାରେ ହିଁ ଭାଷା ଜଟିଳ ହୋଇ ମିଥ୍ ରୂପ ଧାରଣ କରେ । ଶେଷରେ ଚେତନା ଜାତୀୟତା ଆଡ଼କୁ ଯାଏ । ଜାତୀୟ ଭାଷା ଗଠନ ହୁଏ । ଏହା ଭାଷା ବିକାଶର Quaternary phase ବା Popular period ଅଟେ । (୧୦) ଏହିଠାରେ ଚେତନା ବୃତ୍ତୀୟ ଉପାନ୍ତ ଅଞ୍ଚଳ (Periphery)ରୁ Centre ବା କେନ୍ଦ୍ର ଆଡ଼କୁ ଆସି ଥାଏ । ଲୋକାଭିମୁଖୀ ବା ଜାତି ଅଭିମୁଖୀ (Race-centric) ହୁଏ । ମାକ୍ସମୁଲର୍‌ଙ୍କ ସିଦ୍ଧାନ୍ତ ପର୍ଯ୍ୟବେସିତ ମିଥ୍‌ର ଉଦ୍ଭବ, ଲୋକକଥା, କିମ୍ବଦନ୍ତୀ, ଲୋକଗୀତି ଆଦି ସଂପର୍କରେ ପ୍ରଦତ୍ତ ତଥ୍ୟ ଗବେଷକମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ବସ୍ତୁତଃ ତୁଳନାତ୍ମକ ଅଧ୍ୟୟନ ଏ କ୍ଷେତ୍ରରେ ଜନ୍ମନେଲା । ତା'ଛଡ଼ା Mythical, Racial Origin ବାବଦରେ ନୃତାତ୍ତ୍ୱିକ ଅଧ୍ୟୟନ ଓ ଅଭିଯାତ୍ରା ମତବାଦର ଆବଶ୍ୟକତା ଦେଖାଗଲା, ଫଳରେ ଏ ଦୁଇ ମତବାଦ ମୁଣ୍ଡ ଟେକିଲେ ।

ମାକ୍ସମୁଲର୍ କହିଥିଲେ – ଭାଷା Stage - 1 ରୁ Stage - 2କୁ ସ୍ଥାନ ୧ – କାଳ – ପାତ୍ର୧ ରୁ ସ୍ଥାନ – ୨, କାଳ – ୨, ପାତ୍ର – ୨ ବା ସ୍ଥାନ – ୩, କାଳ – ୩, ପାତ୍ର – ୩ କୁ ଗଲାବେଳେ ପୂର୍ବ ଅର୍ଥ (Meaning - 1) କୁ ଛାଡ଼ି ନୂତନ ଅର୍ଥ ଧାରଣ କରେ (Meaning - 2/3...) । ଏହି ପରିହାର ଓ ଧାରଣ ମଧ୍ୟରେ ଜଟିଳତା ଆସେ, Confusion ବା ବିଶୃଙ୍ଖଳା ଆସେ ।

ଏହି ମୋଡ଼ରେ ତଥା ବିବର୍ତ୍ତନର ଏହି ପର୍ଯ୍ୟାୟ (Phase)ରେ, ସଂଧି ସମୟରେ ଭାଷା ରୋଗଗ୍ରସ୍ତ ହୁଏ ଓ ଏଇଥିରୁ ମିଥ୍ (Myth) ଜନ୍ମନିଏ । ଲୋକକାହାଣୀ, ଲୋକଗାଥା ଓ କିମ୍ୱଦନ୍ତୀ ଏହିପରି, ଏହି ରୋଗର ପରିଣାମ ଭାବରେ ସୃଷ୍ଟି ହୁଅନ୍ତି । ମାତ୍ର ଏହା ଉତ୍ତରକାଳରେ ବିବିଧ ଗବେଷକମାନଙ୍କ ଦ୍ୱାରା ଖଣ୍ଡିତ ହୋଇଛି । "ଲାଣ୍ଡ, ମାକ୍ସ ମୁଲରଙ୍କ ଏହି ସିଦ୍ଧାନ୍ତ ବିରୋଧରେ ଦୃଢ଼ଯୁକ୍ତି ଉପସ୍ଥାପନ କରି ଏହାର ଅସାରତା ପ୍ରମାଣ କରିଛନ୍ତି ।"(୧୧) ତେବେ ବିଂଶ ଶତାବ୍ଦୀ ବେଳକୁ ଏହି ମତବାଦ ସ୍ତିମିତ ହେଲାଣି ଓ ଅନ୍ୟାନ୍ୟ ମତବାଦ ସବୁ ମୁଣ୍ଡ ଟେକି ଉଠିଲେଣି ।

ମାକ୍ସମୁଲରଙ୍କ ମତେ ଶବ୍ଦଟିଏ ପ୍ରଥମେ ଯେଉଁ ଅର୍ଥଧାରଣ କରିଥାଏ ବା ପ୍ରଥମେ ଯେଉଁ ଅର୍ଥ ପ୍ରକାଶ କରୁଥାଏ, ବହୁବର୍ଷ ପରେ ତାହା ଅନ୍ୟଅର୍ଥ ଧାରଣ କରିଥାଏ । ଏହିପରି ଅର୍ଥାନ୍ତର ବା ଅର୍ଥ ପରିବର୍ତ୍ତନ ଅନେକ ଶବ୍ଦଙ୍କ ଭାଗ୍ୟରେ ଘଟେ । ଏହି ଅର୍ଥ – ୧ରୁ ଅର୍ଥ – ୨ ହେଲାବେଳେ ସହଜରେ ଲୋକେ ଗ୍ରହଣ କରିପାରନ୍ତି ନାହିଁ । ନୂତନ ଅର୍ଥ (ଅର୍ଥ–୨)କୁ ଧରିବା ବା ମାନିବା ଲାଗି ଜଟିଳତା ଅନୁଭବ ହୁଏ । ଖାପଛଡ଼ା ଲାଗେ । ମନ ମାନେନାହିଁ । ଅଥଚ ସାମାଜିକ, ରାଜନୀତିକ, ସାଂସ୍କୃତିକ ବା ନୈମିତ୍ତିକ ଆବଶ୍ୟକତା ମେଣ୍ଟାଇବା ଲାଗି ଏହି ଅର୍ଥାନ୍ତର ବା ଅର୍ଥ ପରିବର୍ତ୍ତନ ଜରୁରୀ ବୋଧହୁଏ । ଭାଷା ଉତ୍ପତ୍ତି ଓ ବିବର୍ତ୍ତନଗତ ବିବିଧ ମତବାଦ ଓ ସିଦ୍ଧାନ୍ତଗୁଡ଼ିକୁ ଏ ବାବଦରେ ଅଧ୍ୟୟନ କରାଯାଇପାରେ । ପ୍ରତୀକପ୍ରୟୋଗ, ରୂଢ଼ି ପ୍ରୟୋଗ, ଗୋଲକଧଂଦା ବା ପ୍ରହେଳିକା (Riddle) ପ୍ରୟୋଗ, ଭାବାବେଗମୂଳକ ପ୍ରୟୋଗ, ଗୋଟିଏ ଶବ୍ଦର ଏକାଧିକ ରୂପ, ଅନ୍ୟ ଭାଷାରୁ ଆହରଣ (ନିଜ ଭାଷାର ଦାବିଦାରୀ, ଅର୍ଥ ଗ୍ରହଣ ପ୍ରବୃତ୍ତି), ସାଦୃଶ୍ୟ (Analogy), ସ୍ଥାନ ବ୍ୟବଧାନ, ସାମାଜିକ ବାତାବରଣ, ପରଂପରା ରକ୍ଷଣ ପ୍ରଚେଷ୍ଟା, ଭୌଗୋଳିକ ବାତାବରଣ, ମୂଳ ଭାଷାଭାଷୀମାନଙ୍କର ଇତସ୍ତତଃ ଗମନ ଓ ବସତି ସ୍ଥାପନ (Permanent Migration) ନୂତନ ବସ୍ତୁର ନିର୍ମାଣ ବା ଆବିଷ୍କାର ଓ ନାମକରଣ ନୂତନ ପଦ୍ଧତି ନାମକରଣ, କାଳବ୍ୟବଧାନ, ସଭ୍ୟତା ଓ ସଂସ୍କୃତି ଭେଦ ଓ ସମନ୍ୱୟ ପ୍ରଚେଷ୍ଟା, ସାଧାରଣୀକରଣ ପ୍ରଚେଷ୍ଟା, ମନୋଭାବ (ଗୋଷ୍ଠୀଗତ ଓ ବ୍ୟକ୍ତିଗତ), ସଂକୀର୍ଣ୍ଣତା ଭିତରେ ବ୍ୟାପକତାର ଆବଦ୍ଧୀକରଣ, ବର୍ଗୀୟ ଅର୍ଥର ସଂକ୍ରମଣ, ପାତ୍ରଭେଦ (୧୨) ପ୍ରଭୃତି କାରଣରୁ ଶବ୍ଦର ଅର୍ଥ ବଦଳିଯାଏ । ଏହାଛଡ଼ା ଅନ୍ୟାନ୍ୟ ଅନେକ ଗୌଣକାରଣ ମଧ୍ୟ ରହିଛି । ଦେବତା ରାକ୍ଷସ ହେବା, ରାକ୍ଷସ ଦେବତା ହେବା ('ଅସୁର' ଶବ୍ଦର ଅର୍ଥ ପରିବର୍ତ୍ତନ ହେବା), 'ହିନ୍ଦୁ' ଶବ୍ଦର ଅର୍ଥ ଗୋଲାମ, କାଫେର୍, ନାପାକ ହେବା, ଦୁହିତା, ଚକ୍ (To walk), ଶାଗ, ସ୍ୟାହି, ତେଲ, ମୃଗ, ସର୍ପ, ଚୁମ୍ୱକ, ରାଷ୍ଟ୍ର, ଦାରୁଣ, ସାହସ, ବଂଦୀ, ସମ୍ଭ୍ରାନ୍ତ, ମନ୍ଦିର, ବିଦଗ୍ଧ, କପଡ଼ା, ନଗ୍ନ, ପାଷାଣ୍ଡ, ଶୋଧିବା, ମହାବ୍ରାହ୍ମଣ, ପିଲା, ନାଟମ୍ (ତାମିଲ୍ ଶବ୍ଦ), ବୃ (ପାରସିକ ଶବ୍ଦ), ସିନ୍ଧୁ, ପଶୁ, ଯୁଗ ପ୍ରଭୃତି ଶବ୍ଦର ଅର୍ଥ ବଦଳିଯିବାର କାରଣ ଏଇୟା ।

କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ବ୍ୟକ୍ତି ବା ଗୋଷ୍ଠୀ ଏହି ଅର୍ଥକୁ (ଅର୍ଥ – ୨) ସହଜରେ ଗ୍ରହଣ କରିବ କିପରି ? ଏହାର ଉତ୍ତର ହେଉଛି 'ମିଥ୍ ଦ୍ୱାରା' । ମିଥ୍, ବା ଲୋକଗଳ୍ପ, କଥା, ଗୀତ ସୃଷ୍ଟିଦ୍ୱାରା ଓ ତା'ର ପ୍ରଚାର, ପ୍ରସାର ଦ୍ୱାରା ଏହି ନବାର୍ଥ ପ୍ରସାରିତ ହୋଇପାରିବ । ନୂଆ ଲୋକକଥା ଓ କାହାଣୀ ବା ଲୋକଗୀତରେ ପୂର୍ବୋକ୍ତ ଅର୍ଥକୁ ଅର୍ଥାତ୍ 'ଅର୍ଥ – ୧'ରୁ ପରିହାର କରି 'ଅର୍ଥ – ୨'ର ପ୍ରୟୋଗ କରିବାକୁ ହୁଏ । କ୍ରମଶଃ ଏହା ପରିଚିତ ହେଲେ ଆପେ ଅର୍ଥ ବଦଳିଯାଏ ଓ 'ଅର୍ଥ – ୧' ସ୍ଥାନରେ 'ଅର୍ଥ – ୨' ପହଞ୍ଚି ସାରିଥାଏ । ତା'ଛଡ଼ା 'ଅର୍ଥ – ୧' ବିସ୍ଥାପିତ ହୋଇ 'ଅର୍ଥ – ୨' ସେଠାରେ ପ୍ରତିସ୍ଥାପିତ ହୋଇସାରିଥାଏ । ଏହାର କାରଣ କ'ଣ ବୋଲି ଚିନ୍ତାକରାଯାଇ ପାରେ । ତାହା ହେଉଛି ବିସରଣ ବା ସ୍ଥାନାନ୍ତରଣ ।

'ଗୋଷ୍ଠୀ – ୧', 'ଗୋଷ୍ଠୀ – ୨' ପାଖକୁ ସ୍ଥାନାନ୍ତରିତ ବା ବିସରିତ ହୋଇଥାଏ । ଗୋଷ୍ଠୀ – ୨ର ସବଳତା ଓ ପ୍ରଭାବଶାଳିତା ଗୋଷ୍ଠୀ – ୧ର ଭାଷା – ସଂସ୍କୃତି ଇତ୍ୟାଦି ଉପରେ ପ୍ରଭାବ ପକାଏ । ଯଦି 'ଗୋଷ୍ଠୀ – ୧', 'ଗୋଷ୍ଠୀ – ୨' ଉପରେ ସ୍ଥାନାନ୍ତରଣ ପରେ ଭାରିପଡ଼େ ବା ଶକ୍ତିଶାଳୀ ବିବେଚିତ ହୁଏ, ତେବେ କଥା ଅଲଗା ହୁଏ । 'ଗୋଷ୍ଠୀ – ୧'ର ଭାଷା – ସଂସ୍କୃତି – ପରଂପରାଦି ସୁରକ୍ଷିତ, ଅକ୍ଷତ, ବିଶୁଦ୍ଧ ବା ଅମିଶ୍ରିତ ରହିବାର ସମ୍ଭାବନା ବଢ଼ିଯାଏ । କିନ୍ତୁ ଏକଥା ମଧ୍ୟ ସତ ଯେ, ଯେତେ ଯାହାହେଲେ ସ୍ଥାନାନ୍ତରିତ ହୋଇଥିବା ଗୋଷ୍ଠୀ, ଭାଷା, ସଂସ୍କୃତି, ସ୍ଥାନୀୟ ଭାଷା–ସଂସ୍କୃତି ଓ ରୀତି–ନୀତି ଦ୍ୱାରା ପ୍ରଭାବିତ ହେବା (ଅଳ୍ପବହୁତେ ହେଲେ ମଧ୍ୟ) ନିଶ୍ଚିତ । ତେବେ ସାଧାରଣତଃ 'ଗୋଷ୍ଠୀ – ୨'ର କର୍ତ୍ତୃତ୍ୱ 'ଗୋଷ୍ଠୀ – ୧'କୁ ଅଧୀନକୁ ଆଣିବା ସହ, ସହାବସ୍ଥାନ କ୍ଷେତ୍ରରେ (ସମୟରେ), 'ଗୋଷ୍ଠୀ – ୧'ର ଭାଷାସ୍ଥ ଶବ୍ଦର ଅର୍ଥ ନିଜଆଡ଼କୁ ଆନତ (Inclined) କରିଥାଏ । ନିଜମତେ ଶବ୍ଦର ଅର୍ଥ ହୁଏ । କାରଣ ଶକ୍ତିଶାଳୀ ଜାତି (Race) ଗୋଷ୍ଠୀ ଟି "ସୁସ୍ଥ ସାର୍ଥକ ଧ୍ୱନି ସମବାୟ" (ଶବ୍ଦ) ଆଉ ଗଢ଼ିବାକୁ ଚାହେଁନି । ବରଂ ସେଇ ଗଢ଼ା ହୋଇଥିବା 'ଶବ୍ଦ' ପାତ୍ର ମଧ୍ୟରେ ନିଜ ଇଚ୍ଛା, ଆକାଂକ୍ଷା, ତଥା ସଂସ୍କୃତି ମତେ ଖାଲି ଅର୍ଥ ଭରିଦିଏ । ଫଳରେ ଅର୍ଥ – ୧ ବିସ୍ଥାପିତ (Displaced) ହୋଇ ଅର୍ଥ – ୨ ପ୍ରତିସ୍ଥାପିତ (Substitute) ହୋଇଥାଏ । ଏହି ଛଦ୍ଦାରେ ବା ସଂଧିକାଳରେ (Junction) ଅର୍ଥର ସ୍ୱାଭାବିକତା ଓ ଗ୍ରହଣଯୋଗ୍ୟତାକୁ ବଢ଼ାଇବାଲାଗି ଏକ ଉପଯୁକ୍ତ (Suitable) Myth, ବା ଲୋକକାହାଣୀ ତଥା ଲୋକଗୀତଟିଏ ଉକ୍ତ ଅର୍ଥ

ମୁତାବକ ସୃଷ୍ଟି ହୁଏ । ଏହା ହିଁ Myth ସୃଷ୍ଟିର କାରଣ ।

ଏଠାରେ ଦୁଇଟି ଜିନିଷ ଦେଖାଗଲା । କ) ମିଥ୍ ସୃଷ୍ଟି ପ୍ରକ୍ରିୟା ଖ) ମିଥ୍ ସୃଷ୍ଟିର କାରଣ ଓ ପରିବେଶୀୟ ପରିସ୍ଥିତି । "ମାକ୍ସମୁଲର ଓ ତାଂକ ଅନୁଗାମୀଗଣ ଲୋକକାହାଣୀର ଉଦ୍ଭବ ଓ ବିକାଶ ମୂଳରେ ପୁରାଣ ତଥା ଗ୍ରହ ନକ୍ଷତ୍ରମାନଙ୍କର ପ୍ରଭାବ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ସୌରଜଗତ ତଥା ସୂର୍ଯ୍ୟଦେବତାଙ୍କ ସଂପର୍କରେ ବହୁ ଅଲୌକିକ ଘଟଣା ବିଷୟ ଏମାନେ ଉଲ୍ଲେଖ କରିଥିବାରୁ କେତେକ ଏହାକୁ 'ସୋଲାର ମାଇଥୋଲୋଜି' ନାମରେ ଅଭିହିତ କରିଥିଲେ । ଭାରତ ଓ ଇଉରୋପୀୟ ମିଥ୍‌ର ତୁଳନାତ୍ମକ ଅଧ୍ୟୟନ ସମୟରେ ମାକ୍ସମୁଲର କହିଥିଲେ 'ମିଥ୍ ହେଉଛି ଭାଷାର ରୋଗ' (Malady disease of language) । ତାଙ୍କ ମତାନୁଯାୟୀ ଭାଷାର ମୂଳଅର୍ଥ ବିଲୁପ୍ତ ଯୋଗୁଁ ମିଥ୍‌ର ସୃଷ୍ଟି ହୋଇଥାଏ । ଭାଷାର ବିକୃତ ବ୍ୟବହାର ଶବ୍ଦର ଅର୍ଥ ବଦଳାଇ ଦେଇଥାଏ ଓ ତାହା ନୂତନ ଅର୍ଥ ଗ୍ରହଣ କରି ବିକଶିତ ହୋଇଥାଏ ।"(୧୩) ଭାଷାର ଏପରି ଏକ ସଂଧିକ୍ଷଣରେ ମିଥ୍ ଜନ୍ମନିଏ ଯେଉଁଠାରେ ଭାଷା ରୋଗଗ୍ରସ୍ତ ହୁଏ ଓ ଆକ୍ରମଣରୁ ରକ୍ଷା ପାଇବା ଲାଗି ଚୁକ୍ତିକରେ ଅଥବା ଅଧିକୃତ (Dominated) ହିସାବରେ ଅଧିକାରୀ (Dominant)ର ଚୁକ୍ତିପତ୍ରରେ ଚୁପ୍‌ଚାପ୍ ଦସ୍ତଖତ କରେ । ଭାଷାକୁ ପରିବର୍ତ୍ତିତ ଅର୍ଥ ନାଁରେ କରଦିଏ । ନୂଆ ଅର୍ଥ ଆସେ । ନୂଆ ଅର୍ଥ ନାଁଆରେ ଉଇଲ୍ କରାଯାଏ । ମିଥ୍ ଆସେ । ଏହିଠାରେ ତୁଳନାତ୍ମକ ଅଧ୍ୟୟନ କଥା ଯେପରି ଆସୁଛି, ଅଭିଯାତ୍ରା ଜନିତ ମିଥ୍ ପରିବର୍ତ୍ତନ ମଧ୍ୟ ସେତିକି ସଂଗତ ଲାଗୁଛି ।

ଜର୍ମାନ୍ ପ୍ରାଚ୍ୟତତ୍ତ୍ୱବିତ୍ ଥିଓଦର୍ ବେନ୍‌ଫି (Theoder Benfey) ଯଦିଓ ମୁଲର (Muller)ଙ୍କ ଦ୍ୱାରା କିଛିଟା ଅଭିପ୍ରେରିତ ହେଲେ, ତେବେ ତାଂକ ମନରେ କେତେକ ପ୍ରଶ୍ନ ଉଠିଲା ଯାହାର ଉତ୍ତରବାବଦରେ ମାକ୍ସମୁଲରଙ୍କ ସିଦ୍ଧାନ୍ତ ଓ ମତବାଦ ଏକାନ୍ତ ନିରବ ଥିଲା । ଭାରତର ବିଷ୍ଣୁ ଶର୍ମାଙ୍କ ସଂପାଦିତ 'ପଞ୍ଚତନ୍ତ୍ର' କଥାଗ୍ରନ୍ଥର ଅନୁବାଦ ସେ ଲାଟିନ୍ ଭାଷାରେ କରିଥିଲେ । ଏହି ଅନୁବାଦ କାଳରେ ସେ ଭାରତୀୟ ଓ ଜର୍ମାନୀୟ କାହାଣୀ ମଧ୍ୟରେ ସାମ୍ୟ ଦେଖିଥିଲେ । ତାଙ୍କ ଦୃଷ୍ଟିରେ ଆତ୍ମିକ ଓ ଆଂଗିକ କ୍ଷେତ୍ରରେ ଏସବୁ ମଧ୍ୟରେ ସାମଞ୍ଜସ୍ୟ ଥିଲା ପ୍ରବଳ । ଏହାକୁ ସେ ଲକ୍ଷ୍ୟକଲେ ଓ ଏହାର କାରଣ ଜାଣିବାକୁ ଚେଷ୍ଟାକଲେ । "ଏହି ସାମଞ୍ଜସ୍ୟର କାରଣ କେବଳ ମାନବର ଅନୁବଂଶିକ ସଂପର୍କ ହେତୁ ନୁହେଁ, ବରଂ ଐତିହାସିକ ଓ ସାଂସ୍କୃତିକ କ୍ଷେତ୍ରରେ ଗଭୀର ସଂପର୍କ ହେତୁ ଏହା ସମ୍ଭବ ହୋଇଅଛି ବୋଲି ସେ କହିଥିଲେ ।"(୧୪) ସ୍ଥାନାନ୍ତରଣ ଓ ଅଭିଯାତ୍ରା ହେତୁ ଦୁଇଟି ଭିନ୍ନଭିନ୍ନ ଦୂରବର୍ତ୍ତୀ ସ୍ଥାନର ଭାଷାରେ ଦେଖାଯାଉଥିବା କାହାଣୀ ମଧ୍ୟରେ ସାଦୃଶ୍ୟ (Analogy) ବା ସାମଞ୍ଜସ୍ୟ (Similarity) ଦେଖାଯାଏ । ପୁଣି ଏଥିରୁ ଏହା ମଧ୍ୟ ଆଭାସ ମିଳେ ଯେ, ଏହି ସାମଞ୍ଜସ୍ୟ ଅନୁକୃତିକ । ସେଥିପାଇଁ ଏହାକୁ Theory of Borrowing ବା ଉଧାର ଗ୍ରହଣ ସିଦ୍ଧାନ୍ତ ବା ଅଭିଯାତ୍ରା ସିଦ୍ଧାନ୍ତ (Migrational Theory) ବୋଲି କୁହାଯାଏ । "ଯୁଦ୍ଧ ଦିଗ୍‌ବିଜୟ ଯାଯାବର ଭାବେ ସ୍ଥାନାନ୍ତରଣ ଦ୍ୱାରା ସଂସ୍କୃତିର ବିସରଣ ହୋଇଥାଏ । ବେନ୍‌ଫିଙ୍କ ବିସରଣବାଦୀ ସିଦ୍ଧାନ୍ତ ଏହି ଅବଧାରଣାଦ୍ୱାରା ପରିପୁଷ୍ଟ ।"(୧୫) ଲୋକସଂସ୍କୃତି, ଲୋକପରଂପରା ପ୍ରଭୃତିର ଜୀବନ ହେଉଛି 'ଲୋକ' ସମୂହ, ବ୍ୟକ୍ତି ଓ ଗୋଷ୍ଠୀ ଉଭୟ । ଏହା ଲୋକମାନଙ୍କ ଦ୍ୱାରା ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ସୃଷ୍ଟ । ଏହା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ନିଜର ହେପାଜତ୍ ବା ଆନନ୍ଦ ବା ସୁରକ୍ଷା ହେତୁ ଏପରି ସାଂସ୍କୃତିକ ବା ପାରମ୍ପରିକ ବିଧିବ୍ୟବସ୍ଥା କରିଥାଆନ୍ତି । ଏଣୁ ଏହା ଲୋକମାନଙ୍କର ମଧ୍ୟ । ଏହା ଲୋକମାନଙ୍କ ନିମିତ୍ତ, ଲୋକମାନଙ୍କ ଦ୍ୱାରା ସୁଚିନ୍ତିତ, ସୃଷ୍ଟ ଓ ପରିଚାଳିତ । ଲୋକ ବିନା ଏ ସଂସ୍କୃତିର ସ୍ଥିତି କଳନା କରିବା ଅସମ୍ଭବ । ଏଣୁ କୌଣସି ଗୋଷ୍ଠୀ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରଣ କଲାପରେ ସେଠାରେ ଦୁଇଟି ଗୋଷ୍ଠୀର ଆପସି ସାମ୍ନା ହୁଏ । ଯୁଦ୍ଧ ହୁଏ, ବୁଝାମଣା ମଧ୍ୟ ହୁଏ, ବୈବାହିକ ଓ ସାଂସ୍କୃତିକ ସଂପର୍କ ପ୍ରତିଷ୍ଠା ହୁଏ । କଳା, କୌଶଳ, ବିଦ୍ୟା,ପରାକ୍ରମ ଓ ଅନ୍ୟାନ୍ୟ ଚର୍ଯ୍ୟାର ଆଦାନପ୍ରଦାନ ହୁଏ । ଏହାଦ୍ୱାରା ସାଂସ୍କୃତିକ ବିନିମୟ ସମ୍ଭବ ହୁଏ । ଶହଶହ ବର୍ଷ ଉତ୍ତାରେ ସଂପୃକ୍ତ ଏହି ଦୁଇ ସ୍ଥାନର ଲୋକସଂସ୍କୃତି ଓ ସାହିତ୍ୟ ମଧ୍ୟରେ ଅଧ୍ୟୟନ ଯେତେବେଳେ ହୁଏ, ସେତେବେଳେ ସାମ୍ୟ ଦେଖାଯାଏ । ବେନ୍‌ଫି ନିଜର ଅଧ୍ୟୟନ ଓ ଗବେଷଣା ଉତ୍ତାରେ ଏହି ନିଷ୍କର୍ଷରେ ଉପନୀତ ହୋଇଥିଲେ ଯେ, ଭାରତର କାହାଣୀ ଭୂମଧ୍ୟସାଗର ଦେଇ ସୁଦୂର ପଶ୍ଚିମକୁ ସଂଚରିତ ହୋଇଛି । ଏହାର ଅର୍ଥ ଭାରତରୁ କିଛି ମୂଳ ବାସିନ୍ଦା ଭୂମଧ୍ୟସାଗର ଦେଇ ସୁଦୂର ପଶ୍ଚିମକୁ ଯାଇ ଥାଇପାରନ୍ତି । ସ୍ପେନ୍, ଗ୍ରୀସ୍‌ର ଦୀପପୁଞ୍ଜ ଓ ୟୁରୋପର ବିଭିନ୍ନ ଅଂଚଳକୁ ଏହି ସଂସ୍କୃତି ବିସରିତ ହୋଇଛି । "The basic reservoir from which the European people drew materials for poetic creations was seen to be ancient India." (୧୬) ଏହି ସିଦ୍ଧାନ୍ତ ଆଧାରରେ ଅଧ୍ୟୟନ କାଳରେ ଆମେ ତୁଳନାତ୍ମକ ଦୃଷ୍ଟି ଓ ଦର୍ଶନ ଘେନି ଅଗ୍ରସର ହେବା କଥା । ତୁଳନାତ୍ମକ ପଦ୍ଧତିର ମୌଳିକ ସିଦ୍ଧାନ୍ତଗୁଡ଼ିକ ଏହି ଅଭିଯାତ୍ରାର ପଥନିର୍ଣ୍ଣୟ ନିମନ୍ତେ ସହାୟକ ହୋଇଥାଏ । ବିଶେଷ କରି ତୁଳନାତ୍ମକ ପଦ୍ଧତିର ପ୍ରଥମ ଆଧାର ବା ନିୟମ ଏଠାରେ ଗୁରୁତ୍ୱପୂର୍ଣ୍ଣ । ଫିନ୍‌ଲାଣ୍ଡର ଗବେଷକ Elias Lonnrot, ଡେନମାର୍କର ଗବେଷକ Axel Otrick ଓ ସ୍ୱିଡ଼େନର W. Vonsydow ପ୍ରମୁଖଙ୍କ ଗବେଷଣା ଲବ୍ଧ ସିଦ୍ଧାନ୍ତ ହେଉଛି ଏହି ତୁଳନାତ୍ମକ ପଦ୍ଧତି ବା ଫିନିଶ୍ ପଦ୍ଧତି । ଏହାର ଅନ୍ୟ ଏକ ନାମ ମଧ୍ୟ ଅଛି । ସେହି ନାମଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି – ଐତିହାସିକ – ପୁନର୍ଗଠନ ପଦ୍ଧତି (Hitorical Reconstruction Method) । ଏଠାରେ ସାମଞ୍ଜସ୍ୟ ଥିବା ଏକାଧିକ କାହାଣୀର ପରିସଂଖ୍ୟାନତ୍ମକ ସାରାଂଶ ବାହାର କରିବା ସହିତ ଏହାର ଯାତ୍ରାପଥ ବା ସଂଚରଣ ପଥ ନିରୂପଣ କରାଯାଇଥାଏ । ପୁଣି ଗଳ୍ପର ଅଂଶକୁ

ଆଧାର କରି କେତେକ ବିଶେଷ 'ଆଶୟ' ବା ଟ୍ରେଟ୍‌ରେ ବିଭକ୍ତ କରାଯାଇଥାଏ । ଦର୍କାର ପଡ଼ିଲେ 'ଆଶୟ' ମଧ୍ୟରେ ଏକାଧିକ 'ଉପାଶୟ' ବା ସବ୍‌ଟ୍ରେଟ୍ ମଧ୍ୟ ରହିପାରେ ବା ଏହାର କଳ୍ପନା ମଧ୍ୟ କରାଯାଇପାରେ । ଏସବୁ ଟ୍ରେଟ୍ ଓ ସବ୍‌ଟ୍ରେଟ୍‌କୁ ନେଇ ଭିନ୍ନଭିନ୍ନ ସ୍ଥାନ ବା ଆଂଚଳିକତାକୁ ଆଧାର କରି ଯଥାକ୍ରମରେ ସଜାଇ ପୁଣି ଏକ ସ୍ୱତନ୍ତ୍ର ଅନୁକ୍ରମ ସୃଷ୍ଟି କରାଯାଏ । ଏହାପରେ ଗବେଷକର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆରମ୍ଭ ହୁଏ । ପ୍ରତିଟି ଆଶୟ ବା ଟ୍ରେଟ୍ ମଧ୍ୟସ୍ଥ ପରିକଳ୍ପିତ ଆଦିରୂପ (Hypothetical Archetype)କୁ ସ୍ଥିର କରାଯାଏ ଏହିଠାରେ । ତା'ପରେ ସମଗ୍ର କାହାଣୀଟିର ମୂଳ ଆର୍କିଟାଇପ୍‌କୁ ମିଶାଇ ଏକ ରୂପାଙ୍କନ ବା ନକ୍‌ସାଙ୍କନ (Degign) କରାଯିବ । ସେହି ଡିଜାଇନ୍‌ରୁ ପୃଥିବୀର ବିଭିନ୍ନ ଲୋକକାହାଣୀ ମଧ୍ୟସ୍ଥ ସାମ୍ୟ ବୈଷମ୍ୟ ନିରୂପଣ କରିପାରିବା ସହିତ ଲୋକକାହାଣୀର ଟାଇପ୍ ବା କଥାରୂପ ଓ ମୋଟିଫ୍ ବା କଥାଭିପ୍ରାୟ ନିର୍ଣ୍ଣୟ କରାଯାଇପାରିବ । ହାନ୍ଦୁ ତାଙ୍କ Folklore : An Introduction ପୁସ୍ତକରେ ତୁଳନାତ୍ମକ ପଦ୍ଧତିର ବିଭିନ୍ନ ସ୍ତରଗୁଡ଼ିକ ବାବଦରେ ବେଶ୍ ପ୍ରାମାଣିକ ଓ ବ୍ୟବସ୍ଥିତ ଧାରଣା ପ୍ରଦାନ କରିଛନ୍ତି । ଲୋକକାହାଣୀଗୁଡ଼ିକର Variations ଓ Variants ମାନଙ୍କ ପରିସଂଖ୍ୟାନ, ଯାତ୍ରାପଥ ନିରୂପଣ, ସଜ୍ଜୀକରଣ, ଟ୍ରେଟ୍, ସବ୍‌ଟ୍ରେଟ୍ ନିରୂପଣ, ଡିଜାଇନ୍ ବା ମଡ଼େଲ୍ ପ୍ରସ୍ତୁତିକରଣ, ହାଇପୋଥେଟିକାଲ୍ ଆର୍କିଟାଇପ୍ ସ୍ଥିରୀକରଣ ଓ ମୂଳ ସମ୍ଭାବ୍ୟ ଆର୍କିଟାଇପ୍‌ର ଏକତ୍ରୀକରଣ ପର୍ଯ୍ୟନ୍ତ ସବୁକିଛି (୧୭)ର ବର୍ଣ୍ଣନା ଏଠାରେ ରହିଛି । "କିନ୍ତୁ ତୁଳନାତ୍ମକ ପଦ୍ଧତିର ପ୍ରଧାନ ଦୁର୍ବଳତା ହେଉଛି – ଏହା ଗୋଟିଏ ବିନୟର ସୌନ୍ଦର୍ଯ୍ୟତତ୍ତ୍ୱକୁ ଅବହେଳା କରେ । ତା'ଛଡ଼ା ବିଷୟର କଥନଶୈଳୀ, ପଟ୍ଟଭୂମି (Context) ଓ ପ୍ରଦର୍ଶନ (Performance)କୁ ଯେହେତୁ ଗୁରୁତ୍ୱ ଦିଏନାହିଁ, ଏହା ଏକଦେଶଦର୍ଶୀ ବୋଲି କୁହାଯାଏ ।" (୧୮) ଆମେରିକାର ଷ୍ଟିଥ୍ ଥମ୍‌ସନ୍ ଓ ମାରିଆ ଲିଚ୍ ଏହି ପଦ୍ଧତିରେ ଯଥେଷ୍ଟ ଗବେଷଣା କରିଛନ୍ତି । ଏହାକୁ ଲୋକପ୍ରିୟ କରିଛନ୍ତି ଓ ଏତଦ୍ୱାରା ଟାଇପ୍ ଓ ମୋଟିଫ୍ ନିରୂପଣ ମଧ୍ୟ କରିଛନ୍ତି । ଏଠାରେ କହି ରଖିବା ଉଚିତ୍ ଯେ, ତୁଳନାତ୍ମକ ପଦ୍ଧତିରେ ଏହି ଟାଇପ୍ ଓ ମୋଟିଫର୍ ଗୁରୁତ୍ୱ ଢେର୍ ଅଧିକ । ପୁଣି ମୋଟିଫ୍ ହେଉଛି ଯେକୌଣସି ଲୋକ ଉପାଦାନର କ୍ଷୁଦ୍ରତମ ଏକକ (Unit) । ୧୯୫୫ରୁ ୫୮ ମଧ୍ୟରେ ଷ୍ଟିଥ୍ ଥମ୍‌ସନ୍ ଏହି ମୋଟିଫ୍‌ଗୁଡ଼ିକର ଏକ ଅନୁକ୍ରମଣିକା ବା ସ୍ଥିରାଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି, ଯାହାକି ଛଅ ଖଣ୍ଡରେ ବିଭକ୍ତ । ଏହି ବିରାଟ ଗ୍ରନ୍ଥର ନାମ ହେଉଛି Motif Index of Folk-Literature. ସେହିପରି ଥମ୍‌ସନ୍‌ଙ୍କ ଅନ୍ୟତମ ପ୍ରସିଦ୍ଧ ଗ୍ରନ୍ଥ The Folk - taleରେ ସେ ନିଜେ ମୋଟିଫର୍ ସଂଜ୍ଞା ନିରୂପଣ କରିବାକୁ ଯାଇ କହନ୍ତି – "A motif is the smallest element in a tale having a power to persist in tradition. In order to have this power it must have something unusual and striking." ତେବେ ବିବିଧ ଲୋକଗଳ୍ପ ଅଧ୍ୟୟନ କଲେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ସମୟରେ ଗଢ଼ି ଉଠିଥିବା ଲୋକଗଳ୍ପସ୍ଥ ମୋଟିଫ୍‌ମାନଙ୍କ ମଧ୍ୟରେ ଢେର୍ ତାଳମେଳ ବା ସାମ୍ୟ ଓ ସାଦୃଶ୍ୟ ଦେଖାଯାଏ । ଓଡ଼ିଆ, ବଂଗଳା ଓ ଅସମୀୟା ଲୋକଗଳ୍ପ ମଧ୍ୟରେ ବା ଇଟାଲୀ ଓ ଜର୍ମାନୀ ଲୋକଗଳ୍ପ ମଧ୍ୟରେ ଅଥବା ସୁମାତ୍ରା ଓ ଓଡ଼ିଆ ଲୋକଗଳ୍ପ, ନାଇଜେରୀୟ ଓ ଓଡ଼ିଆ ଲୋକଗଳ୍ପ, ଏପରିକି ଚୈନିକ, ଆମେରିକୀୟ, ଭାରତୀୟ, ଆଫ୍ରିକୀୟ, ବାଲିଦ୍ୱୀପ, ବର୍ଣ୍ଣିଓ, ଋଷୀୟ, ନାଇଜେରୀୟ, ଇଜିପ୍‌ଟୀୟ ଓ ଫ୍ରାନ୍‌ସ (ଫରାସୀ) ଲୋକଗଳ୍ପଗୁଡ଼ିକ ମଧ୍ୟରେ ଅତ୍ୟନ୍ତ ବିସ୍ମୟକର ଭାବରେ ସାମ୍ୟ ଓ ସାଦୃଶ୍ୟ ଦେଖାଯାଏ । ଲୋକଚିନ୍ତା, ଲୋକଚେତନାରେ ଏପରି ସାମ୍ୟ ଗବେଷକମାନଙ୍କୁ ଖାଲି ଚକିତ କରେନି ବରଂ ବେଳେବେଳେ ବାଟବଣା କରିପକାଏ । କିନ୍ତୁ ଗବେଷକମାନଙ୍କ ନିରନ୍ତର ଅଧ୍ୟୟନ, ମନନ ଓ ଗବେଷଣା ଏସବୁ ମଧ୍ୟରେ ମୁଣ୍ଡଟେକି ଉଠୁଥିବା ପ୍ରଶ୍ନଶତେକର ଉତ୍ତର ଦେଲା । ଗୋଷ୍ଠୀବିଶେଷର ଅଭିଯାତ୍ରା ଓ ସଂସର୍ଗ (ଅନ୍ୟସ୍ଥାନରେ ଅନ୍ୟ ଭୂଖଣ୍ଡର ଅନ୍ୟ ସଂସ୍କୃତିର ଲୋକଙ୍କ ସହ) ଏହି ସାଦୃଶ୍ୟ ପାଇଁ ଦାୟୀ । ଶବର ଓ ଅସୁର ସଭ୍ୟତା ମଧ୍ୟରେ ଓ ଉଭୟଙ୍କ ସାଂସ୍କୃତିକ ରୀତିନୀତି ମଧ୍ୟରେ ଦେଣନେଣ ହେଲାପରେ ଏକ ମିଶ୍ର ସଂସ୍କୃତି ଗଢ଼ିଉଠିଛି । ଏହାର ପ୍ରମାଣ ଯଥେଷ୍ଟ । ପଣ୍ଡିତ ନୀଳକଣ୍ଠ ଦାସ ତାଂକର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପୁସ୍ତକର ପ୍ରଥମ ଭାଗ – ଦ୍ୱିତୀୟ ଅଧ୍ୟାୟରେ ଏହାର ସ୍ପଷ୍ଟୀକରଣ ରଖିଛନ୍ତି । ସିଂଧୁ, ଟାଇଗ୍ରସ୍, ଇଉଫ୍ରେଟିସ୍ ପ୍ରଭୃତି ସ୍ଥାନରେ ଗଢ଼ି ଉଠିଥିବା ସଭ୍ୟତାର ଅଧିବାସୀଙ୍କ ସହ 'ତାମିଳ'ଙ୍କ ସଂପର୍କ ଘନିଷ୍ଠ । ସେହିପରି ଏମାନଙ୍କର (ଅସୁର) ସଂପର୍କ ଶବର ମାନଙ୍କ ସହ ମଧ୍ୟ କାଳକ୍ରମେ ଘନିଷ୍ଠ ହୋଇଛି । ଭାରତଠାରୁ ଆମେରିକାଯାଏଁ ବ୍ୟାପିଥିବା ବିବିଧ ଛୋଟ ବଡ଼ଦ୍ୱୀପ, ପେରୁ, ମେକ୍‌ସିକୋ, ମାୟା, ୟୁକାଟାନ୍, ଏପରିକି ବାବିଲୋନ୍, ଇଜିପ୍‌ଟ୍, ଏସିଆ ମାଇନର୍, ସିରିଆ, ଗ୍ରୀସ୍, ରୋମ୍, ଫ୍ରାନ୍‌ସ, ଚୀନ, ତିବ୍‌ବତ ପ୍ରଭୃତି ଜାଗାରେ ଶବର ସଂସ୍କୃତି ଓ ସଭ୍ୟତା ମୂଳତଃ ଥିଲା । କ୍ରମେ ଅଭିଯାତ୍ରା ଦ୍ୱାରା ସଂସ୍କୃତିର ସଂଚରଣ, ସଂକ୍ରମଣ ଓ ପାରସ୍ପରିକ ପ୍ରଭାବ ହେତୁ ବିସରଣ ହୋଇଛି । ପ୍ରାଚୀନ ପ୍ରାଚ୍ୟତତ୍ତ୍ୱବିତ୍ H.R.Hall ସାହେବଙ୍କ ସିଦ୍ଧାନ୍ତ ଓ ଆପେକ୍ଷିକ ଅନୁମାନ ଏ ଦିଗରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସତ୍ୟତାକୁ ସାମ୍ନାକୁ ଆଣେ । ମାକ୍‌ସ୍ ମୁଲର, ବେନ୍‌ଫି, ଭନ୍‌ସାଇଦୋ, ଏକ୍‌ସେଲ୍ ଓଲ୍ରିକ୍, ଏଲିଆସ୍ ଲୋନ୍‌ଟ୍, କାର୍ଲକ୍ରୋନ୍, ଜୁଲିଅସ୍ କ୍ରୋନ୍, ଫ୍ରାନ୍‌ଜ୍ ବୋୟାସ୍, ଏଡ଼ୱାର୍ଡ଼ ଟାଇଲର, ମଲିନୋସ୍କି, ଜେମ୍‌ସ ଫ୍ରେଜର, ଆଣ୍ଡ୍ର୍ୟୁଲାଙ୍ଗ୍, ରାଲଫ୍ ପିଡ଼ିଙ୍ଗଟନ୍, ରାଡ଼କ୍ଲିଫ୍ ବ୍ରାଉନ୍, ଉଇଲିୟମ୍ ଆର.ବାସକମ୍, ଭ୍ଲାଦିମିର ପ୍ରପ୍, ଲେବିଷ୍ଟ୍ରସ୍, ନିକିଫୋର୍ବ, ଚମସ୍କି, ଡେଲହାଇମସ୍, ଡନ୍‌ବେନ୍ ଆମ୍‌ସ ପ୍ରଭୃତି ଭିନ୍ନଭିନ୍ନ ଦୃଷ୍ଟିରୁ ଲୋକକାହାଣୀଗୁଡ଼ିକୁ ଅଧ୍ୟୟନ କରିଛନ୍ତି ଓ ନୂଆନୂଆ ପଦ୍ଧତିକୁ ଆଲୋକକୁ ଆଣିଛନ୍ତି । ତେବେ ଏଥିରୁ ଲୋକସଂସ୍କୃତିର ସ୍ଥାନ ଭେଦରେ ଥିବା ସାଦୃଶ୍ୟ ଓ ସାମ୍ୟ ପଶ୍ଚାତରେ ଆଲୋଚ୍ୟ କାରଣ ଓ କ୍ରିୟାଗୁଡ଼ିକ ଥିବାର ସ୍ପଷ୍ଟୀକରଣ ମିଳିଥାଏ ।

ଅଭିଯାତ୍ରା ବା ପ୍ରବାସନ (Migration) ହେତୁ ସଂସ୍କୃତି ଓ ପରଂପରା ସଂରଚିତ ବା ସଂକ୍ରମିତ ହୋଇଥାଏ । ଜର୍ମାନ୍ ପ୍ରାଚ୍ୟତତ୍ତ୍ୱବିତ୍ ଥିଓଡ଼ର ବେନ୍‌ଫି ଏନାଧିକ୍ ଭିନ୍ନଭିନ୍ନ ଲୋକଗଳ୍ପ ବିବିଧ ସ୍ଥାନରୁ ସଂଗ୍ରହ କରି ଅଧ୍ୟୟନ କରିଥିଲେ । ବିଶେଷ କରି ସଂସ୍କୃତ ଲୋକଗଳ୍ପ ଓ ୟୁରୋପୀୟ ଲୋକଗଳ୍ପଗୁଡ଼ିକୁ ଅଧ୍ୟୟନ କରି ସେସବୁ ମଧ୍ୟରେ ଭୌଖଣ୍ଡିକ ଭିନ୍ନତା ସତ୍ତ୍ୱେ ଚେତନାସ୍ତରରେ, ଚିନ୍ତାଧାରା ତଥା ସାଂସ୍କୃତିକ ମାନସିକତା ସ୍ତରରେ ବହୁ ସାଦୃଶ୍ୟ ଏପରିକି ସାମ୍ୟ ମଧ୍ୟ ଲକ୍ଷ୍ୟ କରିଥିଲେ । ସେ ମତ ଦେଲେ ଯେ, "ମଣିଷର ବାସଭୂମି ପରିବର୍ତ୍ତନ ହେତୁ ଲୋକଗଳ୍ପ ବିଭିନ୍ନ ଅଞ୍ଚଳକୁ ସଂଚରଣ କରିଥାଏ । ଯୁଦ୍ଧ, ରାଜ୍ୟଜୟ ଓ ଭ୍ରମଣ ମଧ୍ୟରେ ଲୋକଗଳ୍ପର ଆଦାନ ପ୍ରଦାନ ହୋଇଥାଏ । ଇଉରୋପରେ ପ୍ରଚଳିତ ବହୁ ଲୋକଗଳ୍ପ ଭାରତରୁ ଯାଇଛି ବୋଲି ତାଙ୍କର ମତ । (୧୯) ଭାରତରୁ କେଉଁ କେଉଁ ବାଟଦେଇ ଏହି ଗଳ୍ପ ସବୁ ୟୁରୋପକୁ ଯାଇଛି ତାହା ମଧ୍ୟ ବେନ୍‌ଫି ନିର୍ଦ୍ଦେଶ କରିଛନ୍ତି । ଭୂମଧ୍ୟସାଗର ଅଂଚଳ, ସ୍ପେନ୍, ଗ୍ରୀସ୍ ପ୍ରଭୃତି ଜାଗାଦେଇ ୟୁରୋପୀୟକୁ ସଂରଚିତ ହୋଇଛି ବୋଲି ସେ ନିଜ ଅଧ୍ୟୟନରେ ନିଷ୍କର୍ଷ ପାଇଥିଲେ । ଫିନ୍‌ଲାଣ୍ଡର କେତେକ ବିଶିଷ୍ଟ ଗବେଷକ ବେନ୍‌ଫିଙ୍କ ପଦ୍ଧତିକୁ ଆଧାର କରି ଗବେଷଣାର ସାଂଦ୍ରତା ବଢ଼ାଇ ଦେଲେ । "ଲୋକ ଉପାଦାନ (କାହାଣୀ)ର ମୂଳରୂପ ଆବିଷ୍କାର କରିବା ଓ ତା'ର ସଂରଚଣ ପଥ ନିର୍ଦ୍ଦେଶ କରିବା ଥିଲା ଏମାନଙ୍କ ଲକ୍ଷ୍ୟ ।"(୨୦) କାର୍ଲକ୍ରୋନ୍, ଜୁଲିସ୍ କ୍ରୋନ୍, ଓଲରିକ୍ ପ୍ରମୁଖ ଗବେଷକ ଏଦିଗରେ ବିଶେଷ କରି ଇତିହାସ ଓ ଭୂଗୋଳକୁ ଆଧାର କରି ଗବେଷଣା ଚଳାଇଲେ । ଏହା ପରବର୍ତ୍ତୀ କାଳରେ ଏକ ସ୍ୱତନ୍ତ୍ର ପଦ୍ଧତିର ସ୍ୱୀକୃତି ମଧ୍ୟ ପାଇଲା – ଐତିହାସିକ ଭୌଗୋଳିକ ପଦ୍ଧତି ବା ଫିନିଶ୍ ପଦ୍ଧତି ବା କ୍ରୋନ୍‌ଙ୍କ ପଦ୍ଧତି । ଏଠାରେ ଗବେଷକ ଗୋଟିଏ ନିର୍ଦ୍ଦିଷ୍ଟ ଗଳ୍ପର ଯେତେ ପ୍ରତିରୂପ (Version) ଯେତେଯେତେ ଜାଗାରେ ପାଇଲା ସେ ସବୁକୁ ସଂଗ୍ରହ କରି, ସେଗୁଡ଼ିକୁ ଭାଂଗି ତା'ର ଅଂଶଗୁଡ଼ିକୁ ଅଲଗା କରି ସଜାଇ ରଖିଲା । ପୁଣି ସେସବୁକୁ ଯୋଡ଼ି ପୁନର୍ନିର୍ମାଣ କଲା । ଏହିଥିରୁ ପରିବର୍ତ୍ତନ ଓ ସ୍ଥାନୀୟ ବିଶେଷତା ଆଧାରରେ ଗଳ୍ପଟିର ଗତିପଥ ମଧ୍ୟ ନିରୂପଣ ହୋଇପାରେ । ସେହିପରି ଏହି ଲୋକସାହିତ୍ୟ ଅଧ୍ୟୟନରେ ନୃତତ୍ତ୍ୱ (Anthropology)ର ଅବଦାନ କିଛି କମ୍ ନୁହେଁ । ମଣିଷର ପ୍ରକୃତି ଓ ମାନସିକତାକୁ ଆଧାର କରି ନୃତତ୍ତ୍ୱ ଆଧାରରେ ମୋଟାମୋଟି ଭାବରେ ଲୋକଗଳ୍ପର ମୂଳ ଅନ୍ୱେଷଣ ଓ ଅନ୍ୟାନ୍ୟ ବିଶେଷତ୍ୱ ନିରୂପଣ କରାଗଲା । ଏଡ଼ୱାର୍ଡ଼ ଟାଇଲର୍ ଓ ଆଣ୍ଡ୍ରୁ ଲାଙ୍ଗ୍ ଏ ଦିଗରେ ବିଶେଷ ଗବେଷଣାତ୍ମକ କାମ କରିଛନ୍ତି । ସେହିପରି ଭ୍ଲାଦିମିର୍ ପ୍ରପ୍‌ଙ୍କ **ସିଣ୍ଟାଗ୍ମେଟିକ୍ ଅଧ୍ୟୟନ ପଦ୍ଧତି** ଓ ଲେବିଷ୍ଟ୍ରସ୍‌ଙ୍କ **ପାରାଡ଼ିଗମାଟିକ୍ ଅଧ୍ୟୟନ ପଦ୍ଧତି** ଲୋକଗଳ୍ପକୁ ବିବିଧ ଦୃଷ୍ଟିରେ ଦେଖେ ଓ ବିବିଧ ବିଶେଷତ୍ୱ ନିର୍ଣ୍ଣୟ କରିଥାଏ । ପ୍ରପ୍‌ଙ୍କ ଯୁଗାନ୍ତକାରୀ ପୁସ୍ତକ Morphologia skazki (1982) ଓ ଷ୍ଟ୍ରସ୍‌ଙ୍କ Structural **Anthro - pology** (1964) ପୁସ୍ତକ ଦ୍ୱୟ ଏଦିଗରେ ଅଗ୍ରଣୀଭୂମିକା ନିର୍ବାହ କରିବା ସହିତ ଯଥେଷ୍ଟ ଦୃଢ଼ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ଭାରତୀୟ ପ୍ରେକ୍ଷାପଟ୍ଟରେ କିଛି ସାଂସ୍କୃତିକ ସାମ୍ୟ-ବୈଷମ୍ୟ କଥା ଏଠାରେ ଆଲୋଚନାଭୁକ୍ତ କରାଯାଉ ।

ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଂଗ, ଆସାମ ପ୍ରଭୃତି ରାଜ୍ୟର ଲୋକସଂସ୍କୃତି ମଧ୍ୟରେ ଅଭୂତପୂର୍ବ ସାମ୍ୟ ଦେଖିବାକୁ ମିଳେ । ଏହାର ଐତିହାସିକ ପ୍ରମାଣ ମଧ୍ୟ ଅନେକ ଯେ, ଅନେକଥର ଗୋଷ୍ଠୀ, ଜାତି ଓ ସମଷ୍ଟି ସ୍ଥାନାନ୍ତରିତ ହୋଇଛନ୍ତି । ରାଜ୍ୟଜୟ ହେଉ କି ଭ୍ରମଣ ହେଉ ଅଥବା ଅନ୍ୟ ଯେକୌଣସି କାରଣରୁ ହେଉ ପଛକେ ସଭ୍ୟତା ବା ଗୋଷ୍ଠୀର ସ୍ଥାନାନ୍ତରଣ ଓ ସଂଚରଣ ଫଳରେ ସଂସ୍କୃତି ସଂଚରିତ ଓ ସଂକ୍ରମିତ ହୋଇପାରିଛି । ସେହିପରି ଭାରତରୁ ଲୋକ ଭାରତ ବାହାର ଭୂଖଣ୍ଡକୁ ଯାଇଛନ୍ତି ଓ ଏହାର ଠିକ୍ ଓଲଟା କଥା ମଧ୍ୟ ଇତିହାସରେ ଘଟିଛି । ଇତିହାସ ପୂର୍ବରୁ ମଧ୍ୟ ଏହା ଘଟିଥିବାର ନୃତତ୍ତ୍ୱ ସ୍ତରରେ ପ୍ରମାଣିତ ହୋଇଛି । ଆଫ୍ରିକା, ବର୍ଣ୍ଣିଓ, ଆମେରିକା, ଗ୍ରୀସ୍, ଶ୍ରୀଲଂକା ପ୍ରଭୃତି ଅଞ୍ଚଳ ସହ ଭାରତର ସଂପର୍କ ରହିଛି । ଏହି ସାଂସ୍କୃତିକ ସଂପର୍କ କଥା ଆଗରୁ ମଧ୍ୟ କୁହାଯାଇଛି ।

ମୋଟିଫ୍ ହେଉ ବା ସଂପୂର୍ଣ୍ଣ ଘଟଣାପ୍ରବାହ ହେଉ ବେଳେବେଳେ ଏକାଧିକ ସ୍ଥାନର ଭିନ୍ନଭିନ୍ନ ଲୋକକାହାଣୀ ମଧ୍ୟରେ ଏହି ସାମ୍ୟ ଦେଖାଯାଇଥାଏ । ଇଜିପଟ୍‌ର ମରଶରୀରକୁ କବର ଦେବା ଓ ତା'ର ପସନ୍ଦର ଜିନିଷକୁ ସାଂଗରେ ପୋତିବା ପ୍ରଥା ଭାରତ ଓ ଓଡ଼ିଶାରେ ଦେଖାଯାଏ । ଆତ୍ମା ଥିବା ଧାରଣା, ଆତ୍ମାର ପୁନର୍ଜନ୍ମ ଧାରଣା, ଆତ୍ମାର ଉନ୍ନତି, ପରଜନ୍ମ ସଂପର୍କିତ କଳ୍ପନାଜଳ୍ପନା, ବଂଧୁବାଂଧବ, ସାଂଗ-ସାଥୀ, ଭାଇ-ଭଉଣୀ, ବାପା-ମାଆ ପ୍ରଭୃତି ସଂପର୍କ ପୂର୍ବ ନିର୍ଦ୍ଦିଷ୍ଟ ଓ ସ୍ୱଚୟନ ମୂଳକ, ସ୍ୱେଚ୍ଛାମୂଳକ ପ୍ରଭୃତି ଭାବନା କେବଳ ଇଜିପଟ୍, ଆଫ୍ରିକା ବା ସ୍ପେନ୍ ପ୍ରଭୃତି ସ୍ଥାନରେ ନାହିଁ ଭାରତବର୍ଷରେ ଓ ଏପରିକି ଓଡ଼ିଶାରେ ମଧ୍ୟ ଦେଖାଯାଏ । ସେଇଭଳି 'ଜୀବନନାଟି' ସଂପର୍କରେ ଆଶ୍ଚର୍ଯ୍ୟଜନକ ଭାବରେ ଭିନ୍ନଭିନ୍ନ ଦୂରଦୂରାନ୍ତର ସ୍ଥାନମାନଙ୍କର ଅଧିବାସୀମାନଙ୍କ ମଧ୍ୟରେ ସାଦୃଶ୍ୟମୂଳକ ବା ସମାନଧାରଣା ଥାଏ । ଗଳ୍ପଟିର କୌଣସି ଏକ ଚରିତ୍ରର ଜୀବନ ତା' ନିଜ ଭିତରେ ନଥାଏ । ତାହା ଅନ୍ୟ କେଉଁ ଜୀବ-ଜନ୍ତୁ, ବୃକ୍ଷ-ଲତା ବା ଜଡ଼ ବସ୍ତୁ ମଧ୍ୟରେ ଥାଏ । ବୁଢ଼ୀ ଅସୁରୁଣୀର ଜୀବନ ନିର୍ଦ୍ଦିଷ୍ଟ କେଶବିଶେଷରେ ଥିବା କଥା ଓ ତାହା ଉପୁଡ଼ିଗଲେ ତା'ର ପ୍ରାଣବାୟୁ ଉଡ଼ିଯିବା କଥା ଅଥବା ଅସୁରର ଜୀବନ, ସାତତାଳ ପାଣି ତଳର ସାତତାଳ ପଙ୍କ ଓ ତା' ଭିତରେ ସିନ୍ଦୁକରେ ସାଇତା ହୋଇ ରହିଥିବା ଫରୁଆ ଭିତରର କଳାଭଁଅରରେ ରହିବା କଥା ଓ ଭଁଅର ମଲେ ଅସୁର ଆପେ ଆପେ ମରିଯିବା କଥା ଆମ ଓଡ଼ିଆ ଲୋକ ଗଳ୍ପରେ ସାଧାରଣ ଓ ଜଣାଶୁଣା । ଅନୁରୂପ ପରଂପରା ଆଫ୍ରିକା,

ନାଇଜେରିଆ, ଇଜିପଟ୍ ଓ ଭାରତ ଭିତରେ ପଶ୍ଚିମବଂଗ, ଅସମୀୟା, ଝାଡ଼ଖଣ୍ଡ ପ୍ରଭୃତି ସ୍ଥାନରେ ଦେଖାଯାଏ ।ନାଇଜେରିଆ, ଆଫ୍ରିକା ପ୍ରମୁଖ ଅଞ୍ଚଳର ଅଧିବାସୀମାନେ ଭାବନ୍ତି ଯେ, ମଣିଷର ଆତ୍ମା ତା'ଠାରେ ନଥାଏ । କୌଣସି ମଣିଷର, ମୃତ୍ୟୁ ହେଲେ ତା'ର କାରଣସ୍ୱରୂପ ସେମାନେ ଭାବନ୍ତି ଯେ, ସେହି ମଣିଷର ଆତ୍ମା ବାରହା, ହରିଣ ବା ସିଂହ ଦେହ ଭିତରେ ଥିଲା । ସେମାନଙ୍କର ମୃତ୍ୟୁ ହେତୁ ଏଠାରେ ଉକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଥାଏ । ସେମାନଙ୍କର ଗଭୀର ବିଶ୍ୱାସ ଯେ, "ମନୁଷ୍ୟର ସ୍ୱାସ୍ଥ୍ୟ, ସଂପଦ ଓ ବିପଦ ଏହି ପଶୁର ଭାଗ୍ୟ ସହିତ ଜଡ଼ିତ । ଆଫ୍ରିକାର ସ୍ୱର୍ଣ୍ଣ ଉପକୂଳରେ ଲୋକେ ବିଶ୍ୱାସ କରନ୍ତି, ଶିଶୁଟିଏ ଜନ୍ମ ହେବା ସଂଗେ ସଂଗେ କୁମ୍ଭୀରଟିଏ ଜନ୍ମହୁଏ; କୁମ୍ଭୀର ଗୋଟିକର ମୃତ୍ୟୁହେବା ସଂଗେ ସଂଗେ ଜଣେ ମଣିଷ ମୃତ୍ୟୁ ମୁଖରେ ପଡ଼େ । କାରଣ ଏହି କୁମ୍ଭୀର ଭିତରେ ମଣିଷର ଆତ୍ମା ଥାଏ । ଜୁଲୁମାନଙ୍କର ବିଶ୍ୱାସ, ମୃତ ବ୍ୟକ୍ତିର ଆତ୍ମା ଶାର୍ଦ୍ଦୂଳ, ସର୍ପ ଅଥବା ହିପୋପଟାମାସ୍ ରୂପରେ ଭାବୀ ବଂଶଧରଙ୍କୁ ରକ୍ଷାକରେ । ଏହି ସବୁ ପଶୁମାନଙ୍କୁ ବଧକରିବା ସେ ଅଞ୍ଚଳରେ ନିଷିଦ୍ଧ । ଏହି ପଶୁବଧକୁ ନରହତ୍ୟା ସଂଗେ ସମାନ ବୋଲି ବିଚାର କରାଯାଏ । କାମେରୁନ୍‌ର ଲୋକେ ବିଶ୍ୱାସ କରନ୍ତି । ପ୍ରତି ବ୍ୟକ୍ତିର ଏକାଧିକ ଆତ୍ମା ବିଦ୍ୟମାନ । ଅପରିଣତ ବୟସରେ କେହି ମୃତ୍ୟୁ ମୁଖରେ ପଡ଼ିଲେ ଏମାନେ ମନେ କରନ୍ତି, ବାଘ, ବାରହା ବା ସିଂହ ଆଦି ପ୍ରାଣୀର ମୃତ୍ୟୁରେ ଏହି ଅପମୃତ୍ୟୁ ଘଟିଥାଏ, କାରଣ ଏହି ପ୍ରାଣୀଦେହରେ ହିଁ ସେହି ମଣିଷର ଆତ୍ମା ଥାଏ । ନାଇଜେରିଆର ମତ୍ସ୍ୟଜୀବୀ ମାନେ ମନେକରନ୍ତି ଯେ, ସେମାନଙ୍କ ଆତ୍ମା କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ମତ୍ସ୍ୟ ଦେହରେ ଥାଏ ।"(୨୧) ଭିନ୍ନ ଭିନ୍ନ ଦେଶରେ ଭିନ୍ନଭିନ୍ନ ଭୂଖଣ୍ଡରେ ବଡ଼ ଆଶ୍ଚର୍ଯ୍ୟଜନକ ଭାବରେ ମୋଟିଫ୍‌ଗୁଡ଼ିକର ହାବଭାବ ସମାନଥାଏ । "ଇଉରୋପୀୟ କାହାଣୀରେ ଅଣ୍ଡା ଭିତରେ ନାୟକର ଜୀବନଥାଏ । ଋଷିଆ ଗଳ୍ପର ନାୟକ କୋଶ୍ଚି (Koschi) କହିଥିଲା – ଗଭୀର ସମୁଦ୍ର ଭିତରେ ଗୋଟିଏ ଦ୍ୱୀପ, ଦ୍ୱୀପରେ ଗୋଟିଏ ଓକ୍ ଗଛ, ଏହି ଗଛର ଚେର ତଳେ ଗୋଟିଏ ଲୁହାସିନ୍ଦୁକ, ସିନ୍ଦୁକ ଭିତରେ ଗୋଟିଏ ଝୁଡ଼ି, ଏହି ଝୁଡ଼ି ଭିତରେ ଗୋଟିଏ ଠେକୁଆ, ଠେକୁଆ ଭିତରେ ଗୋଟିଏ ହଂସ,ହଂସ ପେଟରେ ଗୋଟିଏ ଅଣ୍ଡା – କେହି ଦୁଃସାହସିକ ବ୍ୟକ୍ତି ଯଦି ସେହି ଅଣ୍ଡାଟିକୁ ଭାଂଗିଦେଇପାରେ, ତାହେଲେ କୋଶ୍ଚିମରିବ ।" (୨୨) ଏଠାରେ ପୂର୍ବୋକ୍ତ ଓଡ଼ିଆ ଲୋକକାହାଣୀଗୁଡ଼ିକୁ ତୁଳନାର୍ଥେ ସ୍ମରଣ କରାଯାଇପାରେ । ପୁଣି କଥାସରିତ ସାଗରରେ ସ୍ଥାନିତ ଏକ ଗଳ୍ପରେ ଭୟଂକର ଯାଦୁକରର ଜୀବନନାଟିକା ଠିକ୍ ଏହିପରି ରହିଛି ଅନ୍ୟସ୍ଥଳରେ, ଏକ ଦୁର୍ଗମ-ଅଗମ୍ୟ ସ୍ଥାନରେ । ଭୟଂକର ଅସୁରଟିଏ ଜଗିଥିଲା ଏକ ପୋଖରୀକୁ । ସେ ପୋଖରୀର ଚାରିପାଖରେ ଅଗମ୍ୟ ଅରଣ୍ୟବେଷ୍ଟିତ । ଦୁର୍ଭେଦ୍ୟ ତାଳଗଛ ଓ ଅନ୍ୟାନ୍ୟ ଗଛ ଭର୍ତ୍ତି ବଣଘେରା ସେ ପୋଖରୀ । ସେ ପୋଖରୀ ଭିତରେ ପଂଜୁରୀ । ପଂଜୁରୀ ଭିତରେ ଶୁଆ । ସେଇ ଶୁଆ ଭିତରେ ଥିଲା ଯାଦୁକରର ଜୀବନ । ସେ ଭୟଂକର ଅସୁର ଓ ଦୁର୍ଗମ ଲକ୍ଷ୍ୟ ଭେଦପରେ ହିଁ ଯାଦୁକରର ଜୀବନ ଯିବ । ଏସବୁ ସାଦୃଶ୍ୟମୂଳକ ଭିନ୍ନଭିନ୍ନ ସ୍ଥାନର ଲୋକକାହାଣୀ ଗୁଡ଼ିକୁ ନେଇ ଅଧ୍ୟୟନ କରାଯାଇପାରେ ।

ବଂଗଦେଶର ଲୋକକାହାଣୀରେ ଏହି ଜୀବନ ନାଟିକୁ ନେଇ ଅନେକ ପ୍ରକାରର ବିଧତା ଦେଖାଯାଏ । ଅସୁରଟିର ଜୀବନ ଏକ ଖମ୍ବ ମଧ୍ୟରେ ଲୁକ୍‌କାୟିତ ମହୁମାଛି ମଧ୍ୟରେ ଥିବା କଥା ଓଡ଼ିଆ ବା ନାଇଜେରିୟ ଗଳ୍ପ ସଂଗେ ସମାନତା ରକ୍ଷା କରିଥାଏ । କିନ୍ତୁ ବିନା ରକ୍ତପାତରେ ଉକ୍ତ ମାଛିକୁ ମାରିବାକୁ ପଡ଼ିଥାଏ । କାରଣ ଉକ୍ତ ମାଛିର ଏକ ବୁନ୍ଦା ରକ୍ତରୁ ହଜାର ହଜାର ଅସୁର ଜାତ ହୋଇ ଆକ୍ରମଣକାରୀକୁ ହତ୍ୟା କରନ୍ତି । ଏଣୁ ଏପରି ସାବଧାନତା ସହିତ ଉକ୍ତ ରାକ୍ଷସକୁ ମାରିବାକୁ ହୁଏ । ଏଠାରେ ରକ୍ତବୀର୍ଯ୍ୟ ରାକ୍ଷସବଧ ପୌରାଣିକ ଆଖ୍ୟାନ ଓ ମାତା ଶ୍ମଶାନକାଳୀଙ୍କ ଆବିର୍ଭାବ ଓ ଅସୁର ନିପାତନ କଥା ମନେପଡ଼େ । ସେଇପରି ଭୟଙ୍କର ଅସୁରୁଣୀର ଜୀବନ ଏକ ନିର୍ଦ୍ଦିଷ୍ଟ କେଶ ବା ନିର୍ଦ୍ଦିଷ୍ଟ ସ୍ଥାନ, ଅଗମ୍ୟ କଷ୍ଟଲଭ୍ୟ ବସ୍ତୁ ବା ଜୀବଠାରେ ରହିବା କଥା ଓଡ଼ିଆ ଗଳ୍ପରେ ସୁଲଭ । "ଓଡ଼ିଆ ଗଳ୍ପରେ ସାଧାରଣତଃ ଅସୁରର ଜୀବନନାଟି ଥିବା କଥା ବର୍ଣ୍ଣିତ । ମଣିଷ ଜୀବନନାଟିରୁ ଗୋଟିଏ ମାତ୍ର ଦୃଷ୍ଟାନ୍ତ ଡାଳିମ୍ବକୁମର ଗଳ୍ପରୁ ମିଳେ । ଏହା ସଂସ୍କୃତରୁ ଆହୃତ । ସମୁଦ୍ର ମଧ୍ୟରେ ରାଘବ, ତା' ପେଟରେ ଫରୁଆ, ଫରୁଆ ଭିତରେ ଡାଳିମ୍ବହାର ରହିଥାଏ । ତାକୁ ଆଣି ରାଣୀ ପିନ୍ଧିବାମାତ୍ରେ ସେ ମରିଯାଏ ଓ ଘରେ ରଖିଦେଲେ ସେ ଜୀଇଁ ଉଠେ । ଏହି ହାର ହିଁ ହେଉଛି ଡାଳିମ୍ବକୁମରର ଜୀବନନାଟି ।"(୨୩) କୃଷ୍ଣାଙ୍କୁର ଋଷିଙ୍କ ଭୟରେ ଇନ୍ଦ୍ର ନିଜ ପଞ୍ଚଆତ୍ମାକୁ ସ୍ଥାପନା କରିବା ଓ ପଞ୍ଚଆତ୍ମା ପାଣ୍ଡବ (ପାଞ୍ଚଜଣ) ରୂପେ ଶରୀର ଧାରଣ କରିବା କଥା ସାରଳା ମଧ୍ୟ ମହାଭାରତରେ କହିଛନ୍ତି । ଏଣୁ ଏ ଲୋକବିଶ୍ୱାସ ସେ କାଳରେ ଓଡ଼ିଶାରେ ଥିଲାବୋଲି ଏଥିରୁ ସ୍ପଷ୍ଟ ସୂଚନା ମିଳିଥାଏ । ଏହା ସହ ଅନ୍ୟ ଏକ କଥା ଅବଶ୍ୟ ସ୍ପଷ୍ଟ ହେଲା ଯେ, ମାଛିର ରକ୍ତରୁ ଅସୁର ସୃଷ୍ଟି ହେବା ଓ ଇନ୍ଦ୍ରଙ୍କ ପଞ୍ଚଆତ୍ମା ସ୍ଥାପନ ପ୍ରଭୃତି କଥାରୁ ପୁରାଣ (ଲିଖିତ) ସୃଷ୍ଟି ହୋଇ ଥାଇପାରେ । ଅର୍ଥାତ୍ ମୌଖିକ ମିଥିରୁ ଲିଖିତ ମିଥ୍ ସୃଷ୍ଟି ହୋଇଥାଇ ପାରେ ।

ଏହାଛଡ଼ା ଭାରତରେ ବସବାସ କରୁଥିବା ତଥା ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନଜାତି ଶବର, କୋନ୍ଧ, ପରଜା, ସଉରା, ସାନ୍ତାଳ ଓ ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ବା ସମାଜର ଏକ ଏକ ପାରଂପାରିକ ବିଶ୍ୱାସ ରହିଛି । ସେମାନେ ସେହି ବିଶ୍ୱାସରେ ବଦ୍ଧମୂଳ । ଆଣ୍ଡମାନ୍ ଓ ନିକୋବର ଦ୍ୱୀପରେ ରହୁଥିବା ଜାରୱା, ସେଣ୍ଟିନେଲି ଓ ଅନ୍ୟାନ୍ୟ ଜନଜାତିର ଲୋକେ ନିଜର, ସ୍ୱତନ୍ତ୍ର ପରଂପରା ଓ ଲୋକସଂସ୍କୃତିରେ ବଂଚନ୍ତି । ଭାରତର ମୂଳଭୂଖଣ୍ଡଗତ ବିବିଧ ସ୍ଥାନର ଜନଜାତି ହେଉ ଅଥବା ମୂଳଭୂଖଣ୍ଡଠାରୁ ବିଚ୍ଛିନ୍ନ

ଭୂଖଣ୍ଡର ସଂସ୍କୃତି ଓ ଲୋକପରଂପରା ହେଉ - ଏସବୁ ମଧ୍ୟରେ ଏକ ଗଭୀର ସାମ୍ୟ ଓ ସାଦୃଶ୍ୟ ପରିଲକ୍ଷିତ ହୋଇଥାଏ । ମଣିଷର ଆତ୍ମା ବାଘ ହେବା, ଖରାପ ଆତ୍ମା ଡୁମା ହେବା ଓ ଭଲ ଆତ୍ମା ଦେବତା ହେବା, ଆତ୍ମାମାନେ (ପୂର୍ବପୁରୁଷ) ଆମକୁ ନିରନ୍ତର ଲକ୍ଷ୍ୟ କରିବା, ବଳିଦେବା ଦ୍ୱାରା ପୂର୍ବପୁରୁଷ ତୃପ୍ତ ହେବା, ଦେହକୁ କାଟି ଚିତାକୁଟାଇବା ଦ୍ୱାରା ଈଶ୍ୱର, ପୂର୍ବପୁରୁଷ ପ୍ରସନ୍ନ ହେବା, ପୁରୁଷମାନେ ନାରୀମାନଙ୍କୁ ଓ ନାରୀମାନେ ପୁରୁଷମାନଙ୍କୁ ଅଧିକ ପସନ୍ଦ କରିବା ପ୍ରଭୃତି ଅନେକ ଧାରଣା ଭିନ୍ନଭିନ୍ନ ସ୍ଥାନରେ ଦେଖାଯାଏ । ପୁଣି ସେସବୁ ଭିନ୍ନଭିନ୍ନ ସ୍ଥାନରେ ହୋଇ ମଧ୍ୟ ତା' ମଧ୍ୟରେ ଅଭୂତପୂର୍ବ ଓ ଆଶ୍ଚର୍ଯ୍ୟଜନକ ମେଳ ରହିବା ନିହାତି ବିସ୍ମୟକର ଓ କୌତୁହଳପ୍ରଦ । ଏହି କୌତୁହଳ ହିଁ ଆମର ଆଲୋଚ୍ୟ ପ୍ରସଂଗରେ ଉତ୍‌ଥିତ ଅନେକ ପ୍ରଶ୍ନର ସିଧାସଳଖ ସରଳ ସମାଧାନମୂଳକ ଉତ୍ତର ପ୍ରଦାନ କରିଥାଏ ଓ ସଂଚରଣ ମତବାଦକୁ ସ୍ୱୀକୃତି ଦିଏ ।

ଲୋକଗୋଷ୍ଠୀର ଅଭିଯାତ୍ରା ଓ ସାଂସ୍କୃତିକ ବିସରଣ ବାବଦରେ ପୃଥିବୀର ବିବିଧ କୋଣରେ ପ୍ରଚଳିତ ଏକପ୍ରକାରର ଲୋକବିଶ୍ୱାସକୁ ଏଠାରେ ଉଦ୍ଧାର କରାଯାଇପାରେ । "ପିଲାଟିଏ ଜନ୍ମହେବା ସଂଗେ ସଂଗେ ବୃକ୍ଷଟିଏ ଲଗାଯାଏ । ଗଛଟିର ବୃଦ୍ଧି ଉପରେ ଶିଶୁଟିର ମଂଗଳ ଜଡ଼ିତ । ଗଛଟି ଯଦି ଭଲ ଭାବରେ ବଢ଼େ, ତେବେ ଶିଶୁ ବଡ଼ ହେବ ବୋଲି ଆଶା କରାଯାଏ । ଗଛଟି ଯଦି ଭଲ ନବଢ଼େ ବା କେହି ତାକୁ ଯଦି ନଷ୍ଟକରେ, ତେବେ ଶିଶୁର ପୀଡ଼ା ଓ ମୃତ୍ୟୁ ନିଶ୍ଚିତ ବୋଲି ମନେକରାଯାଏ । ଏହିପରି ଜନ୍ମବୃକ୍ଷ ରୋପଣର ବୃଦ୍ଧି ଇଉରୋପରେ ବିଶେଷତଃ ଜର୍ମାନୀରେ ବିଶେଷ ଭାବେ ପ୍ରଚଳିତ । ସୁଇଜରଲାଣ୍ଡରେ ପୁତ୍ର ଜନ୍ମ ହେଲେ ଆପେଲ୍ ଗଛ ଓ କନ୍ୟା ଜନ୍ମହେଲେ ପିଅର ଗଛ ଲଗାଯାଏ । ଫିନ୍‌ଲାଣ୍ଡରେ କନ୍ୟା-ପୁତ୍ର ନିର୍ବିଶେଷରେ ଫିର୍ ଗଛ ଲଗାଯାଏ । ଯଦି ଦୈବାତ୍ ଏହି ଗଛର ଡାଳ ଭାଂଗିପଡ଼େ ତେବେ ଶିଶୁଟିର ଦୁର୍ଭାଗ୍ୟ ବା ମୃତ୍ୟୁର ଶଂକା କରାଯାଏ । ବାଲିଦ୍ୱୀପରେ ନଡ଼ିଆ ଓ ବର୍ଣ୍ଣିଓ ଦ୍ୱୀପରେ ତାଳ ଶିଶୁର ଜନ୍ମ ସମୟରେ ଲଗାଯାଏ । ଏହି ଗଛର କୌଣସି କ୍ଷତି ସାଧିତ ହେଲେ ଶିଶୁର କ୍ଷତି ହୁଏ ବୋଲି ସେମାନଙ୍କର ବିଶ୍ୱାସ । ପଶ୍ଚିମ ଓ ପୂର୍ବ ଆଫ୍ରିକାରେ ପ୍ରତ୍ୟେକ ଉପଜାତିଙ୍କର ସ୍ୱତନ୍ତ୍ର ଜନ୍ମବୃକ୍ଷ ରହିଥାଏ ।" (୨୪) ଯୋଡ଼ାଏ ଗଛମୂଳେ ପାଣିଦେଇ ସଯତ୍ନେ ତାକୁ ବଢ଼ାଯାଏ । ଏହାର ସ୍ୱାସ୍ଥ୍ୟ ଅସ୍ତିତ୍ୱରେ ବ୍ୟକ୍ତିର (ସଂପୃକ୍ତ) ସ୍ଥିତି ଓ ସ୍ୱାସ୍ଥ୍ୟ ଅବସ୍ଥା ରହିଥାଏ । ମାଓରିମାନେ ନୂଆକରି ଜନ୍ମଥିବା ଶିଶୁର ନାଭିକାଟି ମାଟିରେ ଯେଉଁ ସ୍ଥାନରେ ପୋତନ୍ତି, ସେଠାରେ ସେ ଗଛଟିଏ ଲଗାନ୍ତି । କଲମ୍ବିଆର ଏକ ଗଳ୍ପରେ ଅସୁରୁଣୀର ଜୀବନନାଟି ଗଜେଇ ଗଛରେ ରହିଛି । ଓଡ଼ିଆ ଗଳ୍ପରେ ଅସୁରୁଣୀ ଆତ୍ମା ଲାଉରେ ଓ ବଂଗଳା ଗଳ୍ପରେ ଅସୁରୁଣୀର ଆତ୍ମା ଲେମ୍ବୁରେ ଥିବା କଥା ବର୍ଣ୍ଣିତ । ରାଜା-ରାଣୀ ଗଳ୍ପ ହେଉ କି ଅସୁର-ଅସୁରୁଣୀ ଗଳ୍ପ ହେଉ, ସବୁଥିରେ ଆତ୍ମା ଓ ପୁନର୍ଜନ୍ମକୁ ନେଇ ଯେଉଁପରି ଚିନ୍ତାଧାରା ରହିଆସିଛି, ବାସ୍ତବରେ ତାହା ଏ ମର୍ମରେ ଅନୁଶୀଳନୀୟ । ଉପରୋକ୍ତ କ୍ରମେ ଆମେ ସର୍ବଭାରତୀୟ ପରିପ୍ରେକ୍ଷୀରେ ସଂଚରଣ ସିଦ୍ଧାନ୍ତର ସ୍ଥିତି-ବ୍ୟାପ୍ତି, ତତ୍ତ୍ୱ-ପ୍ରୟୋଗ ତଥା ଲୋକତାତ୍ତ୍ୱିକ ଅନ୍ୟାନ୍ୟ ସିଦ୍ଧାନ୍ତ ସହ ସଂପର୍କ ନିରୂପଣାଦି ବାବଦରେ ସ୍ପଷ୍ଟ ହୋଇପାରୁ ।

ଲୋକ ସାହିତ୍ୟକୁ ଅଧ୍ୟୟନ କରିବାଲାଗି ବିବିଧ ତାତ୍ତ୍ୱିକ ଦିଗ ରହିଛି । ବିବିଧ ଆଲୋଚକ, ଗବେଷକ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ଅଧ୍ୟୟନ ଲାଗି ଏକାଧିକ ପଦ୍ଧତି ନିର୍ଣ୍ଣୟ କରାଯାଇଛି । ସମୟକ୍ରମେ ଅଧ୍ୟୟନର ସୁବିଧା, ଅସୁବିଧା, ଆବଶ୍ୟକତା ଓ ଔଚିତ୍ୟକୁ ଲକ୍ଷ୍ୟ କରି ଧୀରେ ଧୀରେ, ଅନେକ ପଦ୍ଧତି ଆସିଛି । ଯଥା : ୧) ସୌର ପୁରାତାତ୍ତ୍ୱିକ ପଦ୍ଧତି, ୨) ତୁଳନାତ୍ମକ ପଦ୍ଧତି, ୩) ସଂଚରଣ ବା ଅଭିଯାତ୍ରା ପଦ୍ଧତି, ୪) ନୃତାତ୍ତ୍ୱିକ ପଦ୍ଧତି, ୫) ମନସ୍ତାତ୍ତ୍ୱିକ ପଦ୍ଧତି, ୬) ଐତିହାସିକ ଭୌଗୋଳିକ ପଦ୍ଧତି ବା ଫିନିଶ୍ ପଦ୍ଧତି, ୭) ପ୍ରକାର୍ଯ୍ୟ ପଦ୍ଧତି (Functional Method),୮) ଆଦର୍ଶବାଦୀ ପଦ୍ଧତି (Ideological Method), ୯) ଐତିହାସିକ ପୁନର୍ଗଠନ ପଦ୍ଧତି (Historical Reconstruction), ୧୦) ବାଚିକ ସୂତ୍ର ପଦ୍ଧତି (Oral Formulaic Method), ୧୧) ଆନ୍ତଃସାଂସ୍କୃତିକ ପଦ୍ଧତି (Cross Cultural Method)୧୨) ଅର୍ଦ୍ଧଗୋଲକ ପଦ୍ଧତି (Hemispheric Method) ୧୩) ପ୍ରସଂଗଭିତ୍ତିକ ଅଧ୍ୟୟନ (Contexual Method), ୧୪) ଲୋକ ସାଂସ୍କୃତିକ ପଦ୍ଧତି (Folkcultural Method), ୧୫) ସାମୂହିକ ସାଂସ୍କୃତିକ ପଦ୍ଧତି (Mass Cultural Method), ୧୬) ସଂରଚନାତ୍ମକ ପଦ୍ଧତି (Structural Method), ୧୭) ନନ୍ଦନତାତ୍ତ୍ୱିକ ପଦ୍ଧତି (Aesthetic Method) ପ୍ରଭୃତି ଅନ୍ୟାନ୍ୟ ଅନେକ ପଦ୍ଧତି । ଲେଭିଷ୍ଟ୍ରସ୍, ଭ୍ଲାଦିମିର୍ ପ୍ରପ୍‌ଙ୍କ ଯଥାକ୍ରମେ ପାରାଡ଼ିଗ୍‌ମାଟିକ୍ ଓ ସିଣ୍ଟାଗମେଟିକ୍ ପଦ୍ଧତି ଏ ଦିଗରେ ଯଥେଷ୍ଟ ସହାୟକ । କିନ୍ତୁ ବିଶେଷ କରି ଏସବୁ ସତ୍ତ୍ୱେ ଯେଉଁ କେତୋଟି ମୂଳ ଆଧାରକୁ ପରିଶେଷରେ ଧରାଯାଏ, ତାହା ହେଉଛି - ୧) ନୃତତ୍ତ୍ୱ ୨)ତୁଳନା ଓ ୩) ଅଭିଯାତ୍ରା / ପ୍ରବାସନ ।

ଲୋକକାହାଣୀ ବା କୌଣସି ଲୋକ ଉପାଦନାକୁ ସଂଗ୍ରହ କରିବାବେଳେ ଯେଉଁସବୁ ତାତ୍ତ୍ୱିକ ଦିଗ ଉପରେ ଗବେଷକକୁ ଧ୍ୟାନ ଦେବାକୁ ହୋଇଥାଏ, ତାହା ଏଠାରେ ସଂକ୍ଷେପରେ କୁହାଯାଉଛି । ପ୍ରଥମତଃ ଲୋକସାହିତ୍ୟର (ଲୋକକାହାଣୀ, ଲୋକଗୀତ, ଲୋକ ନାଟ୍ୟ, ପ୍ରବାଦ-ପ୍ରବଚନ) କୌଣସି ପ୍ରାମାଣିକ ବା ବିଧିବଦ୍ଧ ଲିଖିତ ରୂପ ନାହିଁ । ଏହା ମୁଖରୁ ମୁଖକୁ ସଂରଚିତ ହୋଇଚାଲେ । ଏହି ସଂଚରଣର ସୀମାନାହିଁ । କିନ୍ତୁ ଏଠାରେ ଏକ ଲକ୍ଷ୍ୟ କରିବାର କଥା ଯେ, ଠିକ୍ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିବେଶ, ପରିସ୍ଥିତି ବା ସୀମା ଲଂଘି ଲୋକକାହାଣୀ ବା ନିର୍ଦ୍ଦିଷ୍ଟ ଉପାଦାନଟି ବାହାରକୁ ଅର୍ଥାତ୍ ନୂତନ ଏକ ପରିବେଶକୁ ଚାଲିଯାଏ, ସେଠାରେ ଏହା ମୂଳରୂପକୁ ଶତପ୍ରତିଶତ ବିଶୁଦ୍ଧ

ଭାବରେ ଧାରଣ କରିପାରେ ନାହିଁ । ଉକ୍ତ ଭୂଖଣ୍ଡର ଭାଷା-ସଂସ୍କୃତି-ପରିବେଶ, ତାପମାତ୍ରା, ଜଳବାୟୁ ଓ ପରିସ୍ଥିତି ଆଧାରରେ ମୂଳ ଲୋକ ଉପାଦାନଟି ମଧ୍ୟରେ କିଛିଟା ପରିବର୍ତ୍ତନ ଆସେ । ଏହା କାଳକ୍ରମିକ ଓ ସ୍ଥାନାନୁସାରୀ ପରିମାର୍ଜନ ମାତ୍ର ଅଟେ । ଏଣୁ ଲୋକକାହାଣୀ ବା ଗୀତ ବା ଲୋକ ଉପାଦାନ ସଂଗ୍ରହ କରିବା ପୂର୍ବରୁ ବ୍ୟକ୍ତିକୁ ବା ଗବେଷକକୁ ସତତ ସତର୍କ ରହିବାକୁ ପଡ଼ିଥାଏ । ତଥ୍ୟ ପ୍ରକୃଷ୍ଟ ହେଲେ ହିଁ ଉତ୍ତର କାଳରେ ହୋଇଥିବା ଅଧ୍ୟୟନ ଯୁକ୍ତିଯୁକ୍ତ, ସତ୍ୟାଶ୍ରିତ ଓ ବଳିଷ୍ଠ ହୋଇଥାଏ । ପ୍ରକୃତରେ ଲୋକଗଳ୍ପ ବା ଲୋକଗୀତ ସଂଗ୍ରହ କରିବାବେଳେ ସଂଗ୍ରାହକ ଏକାବେଳେ ହଠାତ୍ ସଂଗ୍ରହ କରିବା ଉଚିତ୍ ନୁହେଁ । ବରଂ ସଂଗ୍ରାହକ ବା ଗବେଷକ ଭିନ୍ନ ଭିନ୍ନ ସମୟରେ ଗୋଟିଏ ସ୍ଥାନରୁ, ଗୋଟିଏ ଗୋଷ୍ଠୀ ବା ଅଞ୍ଚଳର ଭିନ୍ନଭିନ୍ନ ସୂତ୍ରରୁ, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରୁ, ବିଶେଷ କରି ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ତଥ୍ୟ ଗ୍ରହଣ କରିବା ଉଚିତ୍ । ପୁଣି ଏହି ଲୋକଗଳ୍ପଗୁଡ଼ିକ ମଧ୍ୟରେ ପାଠାନ୍ତରକୁ ଲକ୍ଷ୍ୟରଖି ଉକ୍ତ ଅଂଚଳର ସଂସ୍କୃତି, ପରଂପରା, ଚଳଣି-ରୀତିନୀତିକୁ ଆଖି ଆଗରେ ରଖି ଉଚିତ୍ ପାଠଟିକୁ ଗ୍ରହଣ କରିବା ଉଚିତ୍ । ଲୋକ ଉପାଦାନ ସଂଗ୍ରହ କଥାବେଳେ କଂଚାମାଲ୍ (ମୂଳ, ଅପରିବର୍ତ୍ତିତ, ଅକ୍ଷତ ଲୋକଗଳ୍ପ)କୁ ଅକ୍ଷତ ଭାବରେ ଉଦ୍ଧାର କରିବାକୁ ପ୍ରଯତ୍ନଶୀଳ ହେବା ଉଚିତ୍ । ଏହା ପୂର୍ବରୁ ଗବେଷକକୁ ସଂପୃକ୍ତ ଅଂଚଳର ସାଂସ୍କୃତିକ, ଧାର୍ମିକ, ପାରଂପାରିକ ଜ୍ଞାନରେ ସିଦ୍ଧିଲାଭ କରିବାକୁ ହୁଏ । ଲୋକଗଳ୍ପ ସଂଗ୍ରହ କଲାବେଳେ ଉକ୍ତ ଗଳ୍ପର ଗୁଣ, ସଂଗ୍ରହ ପଦ୍ଧତି ଓ ବିବିଧ ତତ୍ତ୍ୱକୁ ଆଖିଆଗରେ ରଖି ଅଗ୍ରସର ହେବା କଥା । ତେବେ ଏଥିରୁ କେଉଁଟିକୁ ଗୁରୁତ୍ୱ ଦିଆଯିବ, ତାହା ନିର୍ଣ୍ଣୟ କରିବା କାର୍ଯ୍ୟ ଗବେଷକର । ବିଭାଗୀକରଣ କଲାବେଳେ ଆମ ଅଧ୍ୟୟନ ଓ ସଂଗ୍ରହ ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରୀୟ କରିବା ଉଚିତ୍ । ଗଳ୍ପ ସଂଗ୍ରହ କଲାପରେ ତା'ର କଥାରୂପ (ଟାଇପ୍) ନିର୍ଣ୍ଣୟ କରିବା ଉଚିତ୍ । ଆର୍ଣ୍ଣିଆନେ, ଏଚ୍.ଜେ.ଉଥର ଓ ଷ୍ଟିଥ୍ ଥମ୍ସନ୍‌କୃତ 'The Types of the Folktale' ଗ୍ରନ୍ଥାନୁସାରେ ଦିଆଯାଇଥିବା ବିଭାଗ ଓ ଉପବିଭାଗ ଅନୁସାରେ ସଂଗୃହୀତ ଗଳ୍ପଟିର ଟାଇପ୍, ସବ୍‌ଟାଇପ୍ ନିର୍ଣ୍ଣୟ କରିବା ଉଚିତ୍ । ATU-Index ଅନୁସାରେ ଯେଉଁ ପାଞ୍ଚ ପ୍ରକାରର ଗଳ୍ପର ନିର୍ଦ୍ଦେଶ ରହିଛି, ତାହା ହେଉଛି – ୧) Animal Tales (ଜୀବଜନ୍ତୁ ଗଳ୍ପ) (୧-୨୯୯) ୨) Ordinary Tales (ସାଧାରଣ କଥା)(୩୦୦-୧୧୯୯) ୩) Jokes and Arecdtes (ହାସ୍ୟମୂଳକ ଓ ବାସ୍ତବ ଘଟଣାକୈନ୍ଦ୍ରିକ ଉପାଖ୍ୟାନ / ରଂଗକଥା (୧୨୦୦-୧୯୯୯) ୪) Formula Tales (ସୂତ୍ର ଗଳ୍ପ) (୨୦୦୦-୨୩୯୯) ୫) Unclassified Tales (ଅବିଭକ୍ତ ବା ଅବର୍ଗୀକୃତ ଗଳ୍ପ) (୨୪୦୦-୨୪୯୯) । ଏହି AT Index ରେ ପ୍ରତିଟି ଗଳ୍ପ ଲାଗି କଥାରୂପ / ଭେଦାନୁସାରେ ଏକ ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରଦତ୍ତ । ବିଭାଗ ଓ ଉପବିଭାଗ ଅନୁସାରେ ଦଶମିକ ଚିହ୍ନ ଦେଇ ଏକ ସ୍ୱତନ୍ତ୍ରାତିସ୍ୱତନ୍ତ୍ର ସଂଖ୍ୟା ନିର୍ଦ୍ଦେଶ କରାଯାଇଛି । ସେହିପରି ଏହି ବିଭାଗ-ଉପବିଭାଗ ଅନୁସାରେ ଉଦ୍ଧୃତ ଗଳ୍ପଟିର ଟାଇପ୍ ସବ୍‌ଟାଇପ୍ ଓ ଅନ୍ୟାନ୍ୟ ଅନେକ ସବିଶେଷ ତଥ୍ୟ ମିଳିଥାଏ । ଏଣୁ ଗଳ୍ପ ସଂଗ୍ରହବେଳେ ଗବେଷକ ଏହି କୋଡ୍ ନିର୍ଦ୍ଦେଶ କରିବା ଉଚିତ୍ ।


ସେହିପରି ଗବେଷଣାକୁ ଆନ୍ତର୍ଜାତୀୟ ସ୍ତରର କରିବା ଲାଗି ମୋଟିଫ୍ ଇଣ୍ଡେକ୍ସର କୋଡ଼ୟକୁ ଅନୁସରଣ କରିବା ଉଚିତ୍ । ଏଣୁ ପ୍ରତିଟି ସଂଗୃହୀତ ଗଳ୍ପର ମୋଟିଫ୍‌କୁ ନେଇ ମୋଟିଫ୍ ଇଣ୍ଡେକ୍ସ ଅନୁସାରେ ସଜାଇବାକୁ ହେବ ଓ encode କରିବାକୁ ହେବ । ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ବିବିଧ ମୋଟିଫ୍‌ର ସଂପ୍ରସାରଣକୁ ଆଖିଆଗରେ ରଖିଲାପରେ ଗଳ୍ପଟିର ସଂଚରଣ ମାର୍ଗ, ଦିଗ ଓ ମୂଳସ୍ଥଳ ଜଣାପଡ଼ିଥାଏ । କିନ୍ତୁ ଏପରି ଅଧ୍ୟୟନରେ ଗଳ୍ପଟିର ସୌନ୍ଦର୍ଯ୍ୟ, ସୌକର୍ଯ୍ୟ, ଭାସ୍କର୍ଯ୍ୟ, ସଂରଚନା ଶୈଳୀ, ସାଂସ୍କୃତିକ ପରିଚୟ, ସାମାଜିକ ପରିବେଶ, କଥକର ପ୍ରତିଭା, ଅଭିଜ୍ଞତା, ଲୋକପ୍ରିୟତା, ଜାତୀୟ ସଂସ୍କୃତି ପ୍ରଭାବ ପ୍ରଭୃତିକୁ ଦର୍ଶାଇ ଦିଆଯାଇପାରେ ନାହିଁ । ଏହା ହିଁ ଏ ପଦ୍ଧତିର ଏକ ଦୋଷ ଓ ଦୁର୍ବଳତା ।

ସେହିପରି ରାଷ୍ଟ୍ରୀୟ ଲୋକସାହିତ୍ୟତତ୍ତ୍ୱ ବା ପଦ୍ଧତି ଅନୁସାରେ କୌଣସି ରାଷ୍ଟ୍ରର ଜୀବନୀ ଶକ୍ତି ପରୀକ୍ଷା କରାଯାଇପାରେ । ରାଷ୍ଟ୍ରୀୟ ଲୋକ ପରଂପରା, ବୈଶିଷ୍ଟ୍ୟ ପ୍ରଭୃତି ସଂପୃକ୍ତ ଲୋକଗଳ୍ପରେ କିପରି ପ୍ରତିଫଳିତ ହୋଇଥାଏ, ତାହା ଏଠାରେ ବ୍ୟକ୍ତ । ରାଷ୍ଟ୍ରୀୟତା ବା ଜାତୀୟତାକୁ ଅବବୋଧ କରିବା ଲାଗି ଗଳ୍ପର ପ୍ରାଣଶକ୍ତିରେ ସେ ଉପାଦାନକୁ ଖୋଜିବା ଦର୍କାର । ଗବେଷକ ବା ସଂଗ୍ରାହକ ଏପରି ପଦ୍ଧତି ଆଧାରରେ ଅଧ୍ୟୟନ କରିବା ଜରୁରୀ । ଲୋକ ଉପାଦାନ ସଂଗ୍ରହ ଓ ଅଧ୍ୟୟନର ଆଉ ଏକ ବିଶେଷ ମାର୍ଗ ହେଉଛି ମାନବ ବିଜ୍ଞାନ ତତ୍ତ୍ୱମାର୍ଗ । ଏଥିରେ ଗବେଷକ ସଂପୃକ୍ତ ଗଳ୍ପର ପରିବେଶ ଓ ପରିସ୍ଥିତି, ବିଶେଷ କରି ସାଂସ୍କୃତିକ ଓ ସାମାଜିକ ସ୍ଥିତିର ବିଶ୍ଳେଷଣ ପୂର୍ବକ ପାରିବେଶିକ ଚିତ୍ର ପ୍ରଦାନ କରିଥାଆନ୍ତି । ଏକ ସାମାଜିକ ପରିପ୍ରେକ୍ଷାରେ ଗବେଷକ ଉକ୍ତ ଗଳ୍ପକୁ ଏ ପଦ୍ଧତିରେ ଅଧ୍ୟୟନ ଓ ଅନୁଶୀଳନ କରିଥାଏ । ଏଠାରେ ଗବେଷକକୁ ସଂପୃକ୍ତ ସମାଜର ଇତିହାସ ବାବଦରେ କିଛିକିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାର ସମ୍ଭାବନା ମଧ୍ୟଥାଏ । କିନ୍ତୁ ଏଠାରେ ମଧ୍ୟ ଲୋକଗଳ୍ପଟିର ବା ଗୀତଟିର ନାନ୍ଦନିକ ବୈଶିଷ୍ଟ୍ୟ ବା ସୌନ୍ଦର୍ଯ୍ୟତତ୍ତ୍ୱ ବିଶେଷ ଉଖୁରାଯାଇ ନଥାଏ । ଲୋକୋକ୍ତି ହେଉ ବା ହେଉ ଲୋକକାହାଣୀ ବା ଲୋକଗୀତଟିଏ, ଏଥିରୁ କୌଣସିଟି ଦେଶ-କାଳ-ପାତ୍ର ଊର୍ଦ୍ଧ୍ୱରେ ନୁହେଁ । ଏଠାରେ ଗବେଷକକୁ ଲୋକ ଉପାଦାନର ପ୍ରଚ୍ଛନ୍ନ ଇଂଗିତକୁ

(ଯଦି କିଛି ଥାଏ) ମଧ୍ୟ ବୁଝିବାକୁ ହୁଏ ।

ଲୋକ ସାହିତ୍ୟ ଅଧ୍ୟୟନ କାଳରେ ଗବେଷକ ନିଶ୍ଚିତରୂପେ ନିର୍ଦ୍ଦିଷ୍ଟ ସ୍ଥାନର ସଂସ୍କୃତି ଓ ପରଂପରା-ପରିବେଶ ସହ ପରିଚିତ ହୋଇ ସାରିଥାଏ । ତେଣୁ ତାକୁ ସଂପୃକ୍ତ ଲୋକମାନସର ସାଂସ୍କୃତିକ ମନସ୍ତତ୍ତ୍ୱ ବା ସାମୂହିକ ମନସ୍ତତ୍ତ୍ୱକୁ ଗ୍ରହଣ କରିବାକୁ ହୁଏ । ମନୋବିଜ୍ଞାନର ତତ୍ତ୍ୱ ଓ ମୌଳିକ ଧାରଣା ଅନୁସାରେ ସଂସ୍କୃତିକୁ ବୁଝିବାକୁ ହୁଏ । ଗଳ୍ପର ମୋଟିଫ୍ ଓ ମନସ୍ତତ୍ତ୍ୱ ସମାନ୍ତରାଳ ଭାବରେ ଗବେଷକ ଆଗରେ ଚାଲନ୍ତି । ଗବେଷକ ସେମାନଙ୍କ ନୈକଟ୍ୟ (Closeness) ନିର୍ଣ୍ଣୟ କରିଥାଏ । ଏଣୁ ମନସ୍ତାତ୍ତ୍ୱିକ ପଦ୍ଧତିରେ ଲୋକସାହିତ୍ୟ ଅଧ୍ୟୟନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । କାରଣ ଗୋଟିଏ ଲୋକକଥା ବା ଲୋକଗୀତ ଅଥବା କ୍ଷୁଦ୍ର ଏକ ଲୋକୋକ୍ତିରେ ମଧ୍ୟ ଗୋଟିଏ ଜାତିର, ଗୋଟିଏ ରାଷ୍ଟ୍ରର ବା ଗୋଷ୍ଠୀର ତଥା ସମୂହର ଆଶା-ଆକାଂକ୍ଷା-ଇଚ୍ଛା-ପ୍ରକୃତି-ପ୍ରବୃତ୍ତି ପ୍ରଭୃତି ପ୍ରତିଫଳିତ ହୋଇଥାଏ । ୟୁଂଗ୍ ଯେଉଁପରି ମନସ୍ତାତ୍ତ୍ୱିକ ଅଧ୍ୟୟନର ମାର୍ଗନିର୍ଦ୍ଦେଶ କରିଛନ୍ତି, ଲୋକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଅବିକଳ ମୌଳିକ ମନୋବିଜ୍ଞାନ ପରି ନହେଲେ ମଧ୍ୟ ଅଳ୍ପାଧିକେ ସେହିପରି ପଦ୍ଧତି ଗୃହୀତ ହୋଇଛି । ବସ୍ତୁତଃ ଲୋକ ତତ୍ତ୍ୱବିଦ୍‌ମାନେ ବା ଗବେଷକମାନେ ମିଥ୍ ବା ଲୋକ କାହାଣୀ ବା ଲୋକୋକ୍ତି ମଧ୍ୟରେ ସାମାଜିକ / ସାମୂହିକ ଅବଚେତନ ମନର ସଂଧାନ କରନ୍ତି ।

ସେହିପରି ପ୍ରସଂଗଭିତ୍ତିକ ଅଧ୍ୟୟନର ଗୁରୁତ୍ୱ ଏ କ୍ଷେତ୍ରରେ ଯଥେଷ୍ଟ । ମିଲ୍‌ମାନ୍ ପ୍ୟାରୀ, ଆଲବର୍ଟ, ବି.ଲର୍ଡ଼, ଡନ୍‌ବେନ୍ ଆମ୍‌ସ୍, ଡେଲହାଇମସ୍ ପ୍ରଭୃତି ଏହି ପଦ୍ଧତିର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ଏଠାରେ Text ଅପେକ୍ଷା Context ଗୁରୁତ୍ୱପୂର୍ଣ୍ଣ । ଏହି Contextual Study ଦ୍ୱାରା ତା'ର ପରିବେଶ, ପରିସ୍ଥିତି, ସଂସ୍କୃତି, ପୃଷ୍ଠଭୂମି ପ୍ରଭୃତି ସବୁକିଛି ଜାଣିହେବ । ବସ୍ତୁତଃ ଲୋକସାହିତ୍ୟ ଅଧ୍ୟୟନ କାଳରେ ଆଲାନ୍ ଜାଣ୍ଡିସ୍‌ଙ୍କ ଉକ୍ତି ସ୍ମରଣୀୟ । କେବଳ ପାଠ/ ବିଷୟ (Text)କୁ ନୁହେଁ, ବରଂ ଏହାର ଭାଷାଗତ ଦିଗ ବା Texture ଓ ପ୍ରସଂଗ (Context)କୁ ମଧ୍ୟ ଅଧ୍ୟୟନ କରିବା ଜରୁରୀ ଅଟେ । ଫାଳେ ଭାଷାବିଜ୍ଞାନୀଙ୍କ ହାତରେ ଫାଳେ ମାନବବିଜ୍ଞାନୀଙ୍କ ହାତରେ ଛାଡ଼ିଦେଇ କେବଳ Text analysis କରିଦେଲେ ଚଳିବ ନାହିଁ । ଏହି ତିନିଗୋଟି ଦିଗପ୍ରତି ସମାନ ଭାବରେ ଦୃଷ୍ଟି ଦେବା ଜରୁରୀ । ତେବେ ଯାଇ ଅଧ୍ୟୟନଟି ସୁସ୍ଥ ହୋଇପାରିବ । ଏହାଛଡ଼ା ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ (Dialectical Materialism), ମାର୍କ୍‌ସବାଦ, ବାସ୍ତବବାଦ ପ୍ରଭୃତି ଅନୁକୋଣରୁ ବିଚାର କରିବା ଲୋକ ସାହିତ୍ୟତତ୍ତ୍ୱବିଦ୍‌ମାନଙ୍କର ଏକ ଏକ ସ୍ୱତନ୍ତ୍ର ଆବେଦନ ହେଲାଣି । କିନ୍ତୁ ଏସବୁ ସତ୍ତ୍ୱେ ଆମକୁ ଅଭିଯାତ୍ରା ସିଦ୍ଧାନ୍ତକୁ ମଧ୍ୟ ସ୍ୱୀକାର କରିବାକୁ ହେବ । ଲୋକଗଳ୍ପକୁ କିପରି କେଉଁ ଆଧାରରେ ବିଚାର ବିଶ୍ଳେଷଣ କରାଯିବ, ତାହା ନିମ୍ନରେ ଦେଖାଯାଇପାରେ । ଲୋକଗଳ୍ପଟିର ସଂରଚନା କିପରି ହୋଇଛି ଜାଣିଲେ ହିଁ ତା'ର ପ୍ରକୃଷ୍ଟ ଅଧ୍ୟୟନ କରାଯାଇପାରେ । ବିଶେଷକରି ଗଳ୍ପଟିର ଟାଇପ୍, ମୋଟିଫ୍ (କଥାଭିପ୍ରାୟ) ଓ ଫଙ୍କ୍‌ସନ୍‌କୁ ଜାଣିଲେ ହିଁ ସେସବୁର ମୌଳିକ ଧାରଣାପୂର୍ବକ ଅଧ୍ୟୟନ ସମ୍ଭବ ହେବ । କୌଣସି ଏକ ଲୋକକାହାଣୀ ଟାଇପ, ମୋଟିଫ୍‌ ଫଙ୍କ୍‌ସନ୍‌କୁ ଛାଡ଼ି ନିଜର ଅସ୍ତିତ୍ୱ ଜାହିର କରିପାରେ ନାହିଁ । ଏଇ ତିନିଗୋଟି ଉପାଦାନ ବା ନିୟମଦ୍ୱାରା ବସ୍ତୁତଃ ସମସ୍ତ ଲୋକଗଳ୍ପ ନିୟନ୍ତ୍ରିତ ହୋଇଥାଏ । ଏଣୁ ଗଳ୍ପର ଏକ ସାଧାରଣ ମଡ଼େଲ୍ ପ୍ରସ୍ତୁତ କରାଯାଇ ପାରେ । ସେହି ଆଦର୍ଶମଡ଼େଲ୍‌ଟି ଏହିପରି –




ଏଠାରେ ସୂଚନା ଥାଉକି ଏସବୁ ପ୍ରକ୍ରିୟା ଦ୍ୱାରା ଓ ଉପାଦାନ ଦ୍ୱାରା ଲୋକଗଳ୍ପଟି ଗଠିତ ହୋଇଥାଏ । ଏଣୁ ଏହିସବୁ ଉପାଦାନକୁ ଅଧ୍ୟୟନ କଲେ ହିଁ ଲୋକଗଳ୍ପଟିର ଜାତକ ବାବଦରେ ପୁଙ୍ଖାନୁପୁଙ୍ଖ ତଥ୍ୟ ମିଳିପାରିବ ।

ସଂସ୍କୃତି, ପରଂପରା, ଧାରଣା ଓ ଲୋକବିଶ୍ୱାସ କେଉଁଠାରୁ କିପରି କେତେବେଳେ କେଉଁଠାକୁ ଯାଇଛି ଜାଣିବାଲାଗି ଏସବୁ ଉପାଦାନ ପର୍ଯ୍ୟବେସିତ ଅଧ୍ୟୟନ ଜରୁରୀ । ଅଭିଯାତ୍ରା ଦ୍ୱାରା ବା ପ୍ରବାସନ ଦ୍ୱାରା ହିଁ ସଂସ୍କୃତି ବିସରିତ ହୋଇଥାଏ । ଅତଏବ ତୁଳନା ହେଉ ବା ସଂରଚନା ହେଉ ବା ପ୍ରସଂଗଭିତ୍ତିକ ଅଧ୍ୟୟନ ହେଉ ଏହା ଦ୍ୱାରା କେବଳ ଲୋକକାହାଣୀର ପ୍ରକୃତି, ପ୍ରବୃତ୍ତି, ଗତି, ସ୍ଥିତି, ବ୍ୟାପ୍ତି, ଦୀପ୍ତି-ଦ୍ୟୁତି, ସ୍ୱର ଓ ସ୍ୱରୂପ ନିର୍ଣ୍ଣୟ କରାଯାଇପାରେ ।

ଭାରତୀୟ ପ୍ରେକ୍ଷାପଟ୍ଟରେ ଦକ୍ଷିଣ ଭାରତୀୟ, ଉତ୍ତର ଭାରତୀୟ, ପୂର୍ବଭାରତୀୟ, ମଧ୍ୟଭାରତୀୟ ଓ ପଶ୍ଚିମଭାରତୀୟ ସ୍ଥାନଗୁଡ଼ିକର ଲୋକ ସଂସ୍କୃତି ଓ ପରଂପରା ମଧ୍ୟରେ ଆଶ୍ଚର୍ଯ୍ୟଜନକ ସାମ୍ୟ ଯେପରି ଦେଖାଯାଏ, ସେହିପରି ଚକିତ କଲାପରି ତଥ୍ୟ ଆନ୍ତଃରାଷ୍ଟ୍ରୀୟ ଲୋକସଂସ୍କୃତି ଅଧ୍ୟୟନ କାଳରେ ଦେଖାଯାଏ । ଏପରିକି ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧର ସଂସ୍କୃତି ମଧ୍ୟରେ ସାଦୃଶ୍ୟ ଓ ବେଳେବେଳେ ସାମ୍ୟ ମଧ୍ୟ ଦେଖାଯାଏ । ଏହାର ଏକ ବଳିଷ୍ଠ

ଓ ଯୁକ୍ତିଯୁକ୍ତ କାରଣ ହେଉଛି ଅଭିଯାତ୍ରା । ମୂଳଭୂଖଣ୍ଡର ବାସିନ୍ଦା-ମାନଙ୍କ ଅଭିଯାତ୍ରା ହେତୁ ହିଁ ଏହି ସାଂସ୍କୃତିକ ସାମ୍ୟ ପରିଲକ୍ଷିତ ହୁଏ । ଅତଏବ ବେନ୍‌ଫିଙ୍କ ଏହି ସାଂସ୍କୃତିକ ବିସରଣବାଦୀ ପଦ୍ଧତିର ଯୌକ୍ତିକତା ଓ ଯଥାର୍ଥତାର ତୁଳନା ନାହିଁ । ଲୋକସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଏହି ପଦ୍ଧତି ଯଥାର୍ଥରେ ଏକ ବଳିଷ୍ଠ ସିଦ୍ଧାନ୍ତ ଅଟେ ଓ ଅନେକ ନୂତନ ତଥ୍ୟ ସଂଧାନ କରିପାରିବାର ଦକ୍ଷତା ତଥା ଲୋକଗଳ୍ପଟିର ଆମୂଳାନ୍ତ ସ୍ୱରୂପ ପ୍ରଦାନ କରିବାର ସାମର୍ଥ୍ୟ ଏହି ସିଦ୍ଧାନ୍ତର ରହିଛି । ଦେଖିବାକୁ ଗଲେ ଏହା ଲୋକଗଳ୍ପର ଯାତ୍ରାପଥ, ଉନ୍ମେଷ ପ୍ରଭୃତି ଉପରେ ଗୁରୁତ୍ୱ ଦେଲାବେଳେ ଅନ୍ୟାନ୍ୟ ସିଦ୍ଧାନ୍ତ ଲୋକଗଳ୍ପର ଅନ୍ୟାନ୍ୟ ଦିଗ ଉପରେ ଧ୍ୟାନ ଦିଅନ୍ତି । ଏଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ତାତ୍ତ୍ୱିକ ସିଦ୍ଧାନ୍ତର ସ୍ଥାନ ଅଧିକାର କରିପାରିଛି ଓ ଭବିଷ୍ୟତରେ ମଧ୍ୟ ଏହା ହିଁ ସର୍ବଗୁରୁତ୍ୱ ସ୍ଥାନାଧିକାର କରିବ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ।

## ପୃଷ୍ଠଟୀକା :

୧) ସାହୁ, ଡକ୍ଟର ବାସୁଦେବ (୨୦୦୧) ପୃଥିବୀର ଭାଷା ପରିବାର ପରିଚୟ ଓ ପରିସର, ବାଲୁବଜାର, କଟକ : ବିଦ୍ୟା ପ୍ରକାଶନ, ପୃ.୪୨ ।
୨) ତତ୍ରୈବ – ପୃ. ୩୧ ଦ୍ରଷ୍ଟବ୍ୟ ।
୩) Kar, P.K. (2000), Indian Society, Ludhiana : Kalyani Publishers. Pg - 01
୪) Ibid - Pg,02
୫) Ibid - Pg,02
୬) Ibid - Pg,02
୭) Ibid - Pg,02
୮) Ibid - Pg,03
୯) Ibid - Pg,03
୧୦) Handoo, J. (1978), Current Trends in Folklore, My sore : CIIL, Pg.5
୧୧) ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର, (୨୦୧୧), ଲୋକସାହିତ୍ୟ : ତତ୍ତ୍ୱରୂପ ଓ କଳାରୂପ, କଟକ, ଓଡ଼ିଶା : ବିଦ୍ୟାପୁରୀ, ପୃଷ୍ଠା – ୬୯ ।
୧୨) ସାହୁ, ଡକ୍ଟର ବାସୁଦେବ, (୨୦୦୫), ଭାଷା ବିଜ୍ଞାନର ରୂପରେଖ, କଟକ, ଓଡ଼ିଶା : ଫ୍ରେଣ୍ଡସ୍ ପବ୍ଲିଶର୍ସ, ପୃ- ୨୧୧-୨୫ ।
୧୩) ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର : (୨୦୧୧) ପୂର୍ବୋକ୍ତ ଗ୍ରନ୍ଥ – ପୃ.୬୮ ।
୧୪) ମିଶ୍ର, ଡକ୍ଟର ମହେନ୍ଦ୍ର କୁମାର : (୧୯୯୬), ଲୋକସଂସ୍କୃତି ପରିକ୍ରମା, କଟକ, ଓଡ଼ିଶା : ଗ୍ରନ୍ଥମନ୍ଦିର, ପୃ.୪୦ ।
୧୫) ତତ୍ରୈବ – ପୃ. ୪୦-୪୧ ।
୧୬) Sokolov, Y.M. : (1950), Russian folklore, New york - Pg.79 .
୧୭) Handoo, J. (1989), Folklore : An Introduction, Mysore : CIIL - Pg 46.
୧୮) ମିଶ୍ର, ଡକ୍ଟର ମହେନ୍ଦ୍ର : (୧୯୯୬), ପୂର୍ବୋକ୍ତ ଗ୍ରନ୍ଥ – ପୃ. ୪୩ ।
୧୯) ମହାପାତ୍ର, ଡକ୍ଟର ଶ୍ୟାମସୁନ୍ଦର : (୨୦୧୧), ଲୋକସାହିତ୍ୟ ତତ୍ତ୍ୱ, କଟକ : ଓଡ଼ିଶା ବୁକ୍‌ଷ୍ଟୋର, ପୃ- ୨୫ ।
୨୦) ତତ୍ରୈବ – ପୃ. ୨୫ ।
୨୧) ଦାଶ, ପ୍ରଫେସର କୁଂଜବିହାରୀ – 'ଓଡ଼ିଆ ଲୋକଗଳ୍ପରେ ପ୍ରଚଳିତ ମୋଟିଫ୍ : ଜୀବନନାଟି', ଓଡ଼ିଆ ଲୋକସାହିତ୍ୟ (୨୦୧୪) (ସଂପା). – ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ର – କଟକ : ଗ୍ରନ୍ଥମନ୍ଦିର, ପୃ. ୨୯ ।
୨୨) ତତ୍ରୈବ – ପୃ. ୩୦ ।
୨୩) ତତ୍ରୈବ – ପୃ.୩୧ ।
୨୪) ତତ୍ରୈବ – ପୃ.୩୧-୩୨ ।

ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ, ଓ. ଶି. ସେ-୧
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଲେଶ୍ୱର-୭୫୬୦୦୧, ଓଡ଼ିଶା
ଭ୍ରାମ୍ୟଭାଷ- ୮୩୨୮୯୦୯୧୫୭
ଇମେଲ୍-santoshonly123@gmail.com

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ